Split by PDF Splitter

REGISTERED NO. 1

77

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ଶ
ସଂ ୧୬ ସଂଖ୍ୟା

ତା ୨୦ ଏଣ ମାହେ ଅପ୍ରେଲ ସନ ୧୮୭୮ ମସିହା । ମୁ । ବୈଶାଖ ଦ ୧୦ ହ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଇଁ ଡାକମାସୁଲ ଟ୧୰

ରୁଷିୟା ଓ ଇଂଲଣ୍ଡ ମଧ୍ୟରେ ବାସ୍ତବରେ ଯୁଦ୍ଧ ହେବ କି ନାହିଁ ତାହା ନିଶ୍ଚୟ ଜଣାଯାଉ ନାହିଁ । ଏକ୨ ଦିନ ଏକ୨ ପ୍ରକାର ସମ୍ବାଦ ତାରଡାକଯୋଗେ ଆସୁଅଛି । କେଉଁ ସମ୍ବାଦରେ ଯୁଦ୍ଧର ଆଶଙ୍କା ଓ କାହିଁରେ ବା ଶାନ୍ତି ରକ୍ଷାର ସମ୍ପୂର୍ଣ୍ଣ ଭରସା ହେଉଅଛି । ଉଭୟପକ୍ଷ ବଳବାନ୍ ଏହାଙ୍କ ମଧ୍ୟରେ ଯୁଦ୍ଧ ହେବା ଅଳ୍ପ କଥା ନୁହଇ ଏଥିରେ ପୃଥିବୀ ଟଳମଳ ହେବ ଶାନ୍ତି ହେବା ସର୍ବତୋଭାବରେ ବାଞ୍ଛନୀୟ ଅଟଇ । ଇଂଲଣ୍ଡ ରଣ କରିବାକୁ ସର୍ବପ୍ରକାରରେ ପ୍ରସ୍ତୁତ ହେଉଅଛି ଓ ପାର୍ଲିମେଣ୍ଟ ତହିଁରେ ସମ୍ମତ ହୋଇଅଛନ୍ତି । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଯୁଦ୍ଧର ଆଶଙ୍କା ଦେଖି ସୀମାସ୍ଥଳ, ଦୁର୍ଗ ଓ ବନ୍ଦରମାନ ଦୃଢ଼ କରିବାର ବନ୍ଦୋବସ୍ତ କରୁଅଛନ୍ତି ଓ ସୈନ୍ୟସମ୍ପର୍କୀୟ କର୍ମଚାରୀଙ୍କ ଛୁଟି ଦେବାର ନିୟମ ରହିତ ହୋଇଅଛି ।

---

ଗତ ମଙ୍ଗଳବାର ପ୍ରଶ୍ୱରାଜା ଓ ତାହାଙ୍କ ସଙ୍ଗୀ ଅପରାଧିଙ୍କର ଅପୀଲ ହାଇକୋର୍ଟରେ ଦାଖଲ ହେଲା । ଶ୍ରୀଯୁକ୍ତ ଇବାନ୍ସ ସାହେବ ସେଠାରେ ମଧ୍ୟ ରାଜାଙ୍କର ବାରିଷ୍ଟର ହୋଇଅଛନ୍ତି ଏବଂ କେତେଜଣ ଉକିଲ ତାହାଙ୍କ ସଙ୍ଗରେ ଅଛନ୍ତି । ଅପୀଲର ଫଳ ପରିକୁ ଯାହା ହେବ ବର୍ତ୍ତମାନ ଅପୀଲ ନିଷ୍ପତ୍ତି ପର୍ଯ୍ୟନ୍ତ ଦଣ୍ଡ ରହିତ ହେବାର ଯେ ଆଜ୍ଞା ହାଇକୋର୍ଟ ଦେଇ ଅଛନ୍ତି ଏଥିରେ ଲୋକେ ବଡ଼ ଆନନ୍ଦିତ ଅଛନ୍ତି । ବାସ୍ତବରେ ରାଜାଙ୍କର ଜେଲଖାନାରେ ଯେପରି କଷ୍ଟ ହେଉଅଛି ତାହା ଶୁଣିଲେ ମନେହୁଅଇ ଯେ ଗବର୍ଣ୍ଣମେଣ୍ଟ ସମ୍ଭ୍ରାନ୍ତ ଓ ସାମାନ୍ୟ ଲୋକ ସକାଶେ ଜେଲଖାନାର ନିୟମ ଏକପ୍ରକାର କରି ଭଲ କରିନାହାନ୍ତି ! ଏକାଦଣ୍ଡରେ ସାମାନ୍ୟ ଲୋକଠାରୁ ସମ୍ଭ୍ରାନ୍ତ ଲୋକଙ୍କୁ ଅଧିକ କ୍ଲେଶ ଭୋଗ କରିବାକୁ ହୁଅଇ । କିନ୍ତୁ ଅନ୍ୟଦିଗ ଭାବିଲେ ଦେଖାଯାଏ ଯେ ଜେଲଖାନା ଦୁଷ୍ଟଲୋକ ସକାଶେ ହୋଇଅଛି ଭଦ୍ରଲୋକ ସକାଶେ ନୁହେ । ସମ୍ଭ୍ରାନ୍ତବ୍ୟକ୍ତିମାନେ ଯେ ସେଠାକୁ ଆସନ୍ତି ଏହାହିଁ ଅତ୍ୟନ୍ତ ଦୁଃଖର ବିଷୟ ଅଟଇ ।

---

ଯେମନ୍ତ ଅନ୍ନକଷ୍ଟ ହେବାରୁ ମହାଜନ ଓ ଚଷାଙ୍କର ଲାଭ ହେଉଅଛି ତେମନ୍ତ ଜଳକଷ୍ଟ ହେଉରୁ ଆଜିକାଲି ଏ ନଗରରେ କୁମ୍ଭାରମାନଙ୍କର ବଡ ଲାଭର ସମୟ ପଡଅଛି ଅଧିକାଂଶ କୂଅରେ ପାଣି ନାହିଁ ଲୋକେ ଜଳପାଇଁ ଏହା ତାହା ଦ୍ୱାରରେ ଅନୁସରଣ କରୁଅଛନ୍ତି । ସଙ୍ଗତିପନ୍ନ ଲୋକେ କୌଣସିମତେ ଆପଣା କୂଅକୁ ଉଣ୍ଡାଇ ବା ନୂଆକରି ନେଉଅଛନ୍ତି କିନ୍ତୁ ଯେଉଁମାନେ ଦିନାକ ଖର୍ଚ୍ଚର ଚାଉଳ ଯୋଗାଇ ପାରୁନାହାନ୍ତି ସେମାନଙ୍କର କୁମ୍ଭାରକୁ ଟଙ୍କା ଦେବାର ବଳ କାହିଁ ? ନଦୀରେ ପ୍ରତିଦିନ ସକାଳୁ ବାରୁଣିଯାତ୍ରାପରି ଲୋକ ଜମା ହେଉଅଛନ୍ତି ତଥାପି ନଗରବାସୀ ସମସ୍ତଙ୍କ ପକ୍ଷରେ ସୁବିଧା ନୁହଇ ଦରିଦ୍ର ଦୁଃଖିଲୋକ ସ୍ନାନ କରିବାକୁ ଯାଇ ମୂଲ ହରାଇବାର ଶଙ୍କାରେ ପଡୁଅଛନ୍ତି । ନଗରର ବଡ଼୨ ପୁଷ୍କରଣୀମାନ ପ୍ରାୟ ଶୁଖିଲା ପଡଅଛି । ଏ ସମୟରେ ଆମ୍ଭମାନଙ୍କ ବିବେଚନାରେ ମିଉନସିପାଲଟିକୁ କିଛି ସାହାଯ୍ୟ କରିବାର ଉଚିତ । ଜଳକଷ୍ଟ ନିବାରଣ କରିବା ମିଉନସିପାଲଟିର ଗୋଟିଏ ପ୍ରଧାନ କାର୍ଯ୍ୟ ଅଟଇ ଓ ନଗରର ନାନା ଭାଗରେ ଦୁଇ ଚାରୋଟି ପୁଷ୍କରଣୀ ଏହି ସମୟରେ ସଂସ୍କାର କରିଦେଲେ ବଡ ଉପକାରର କଥା ହେବ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଗଙ୍ଗାମନ୍ଦିର ପୁଷ୍କରଣୀର ସଂସ୍କାର ସକାଶେ ବିଶେଷ ହେତାହାରି ଏ ନଗରବାସି ଭଦ୍ରଲୋକଙ୍କଠାରୁ ଦୁଇ ତିନିବର୍ଷ ହେବ କେତେ ଟଙ୍କା ସଂଗୃହୀତ ହୋଇ ମିଉନସିପଲ ଫଣ୍ଡରେ ଜମା ଅଛି ଏହିକାଳରେ ସେ ଟଙ୍କା ବ୍ୟୟ କରିବାର ନିତାନ୍ତ ପ୍ରୟୋଜନ ହୋଇଅଛି । ଉକ୍ତ ପୁଷ୍କରଣୀଟି ନଗରର ମଧ୍ୟସ୍ଥଳରେ ଅଟଇ ଓ ଏଥିରେ ଭଲ ଜଳ ହେଲେ ବିସ୍ତର ଉପକାର ହେବ । ଆମ୍ଭେମାନେ ମିଉନସିପଲ କମିସ୍ନର ଓ ମାଜିଷ୍ଟ୍ରେଟଙ୍କୁ ଅତ୍ୟନ୍ତ ଅନୁରୋଧ କରୁଅଛୁଁ ଯେ ଏ ପୁଷ୍କରଣୀର ସଂସ୍କାର ବିଷୟରେ ଆଉ ହେଳା ନ କରି ଏହିମାସରେ କାର୍ଯ୍ୟାରମ୍ଭ କରି ଦେଉନ୍ତୁ । ମିଉନସିପାଲଟିରେ ବର୍ତ୍ତମାନ ଟଙ୍କା ଅଛି ଓ ଜଳକଷ୍ଟ ଘୋର ହୋଇଅଛି ଏ ସମୟରେ ଏ କାର୍ଯ୍ୟଟି ନ କଲେ ଆଉ କେଉଁ କାଳରେ ହେବ । ଅନନ୍ତର ନଗର

Digitized by srujanika@gmail.com

ମଧ୍ୟରେ ଦୁଇ ତିନିଟା ବଡ ପୁଷ୍କରିଣୀ ସର୍ବଦା ଜଳ ଅବସ୍ଥାରେ ରଖିବାର ଉଚିତ ଓ ଯେବେ ଏକାବର୍ଷରେ ସବୁ ହୋଇ ନ ପାରେ ତେବେ ପ୍ରତିବର୍ଷ ଗୋଟିଏ ଲେଖାଁଏ ହେଲେସୁଦ୍ଧା କାର୍ଯ୍ୟ ଚଳିବ ।

---

ସମ୍ପ୍ରତି ଏ ନଗରରେ ଏକ ନୂତନ ପ୍ରକାର ଚୋରି ଆରମ୍ଭ ହୋଇ ଅଛି । ଏମନ୍ତ ଆଶ୍ଚର୍ଯ୍ୟ ଚୋରି ବହୁଦିନ ହେଲା ଏଠାରେ ହେବାର ଶୁଣା ନ ଥିଲା । ଏହି ସପ୍ତାହ ମଧ୍ୟରେ ତିନିଟା ଏପ୍ରକାର ଚୋରି ହେବାର ସଂବାଦ ଅମ୍ଭେମାନେ ପାଇଅଛୁଁ । ପ୍ରଥମ ଚୋରିର ବିବରଣ ଏହି କି ଜଣେ ତେଲିଙ୍ଗାଣୀ ବୁଢ଼ି ସକାଳ ଘ ୫ ଣ୍ଟା ସମୟରେ ସଡ଼କରେ ଗୋବର ଗୋଟାଉ ଥିଲା । ଦୁଇଜଣ ଚୋର ଆସି ତାହାକୁ ଧରି ତାହା ବେକରୁ ସୁନାକଣ୍ଠିହାର ଛିଣ୍ଡାଇ ନେଇ ପଳାଇ ଗଲେ । ବୁଢ଼ି ଅସହାୟ ହୋଇ କାନ୍ଦି୨ ଘରକୁ ଚଳା ଓ ଶୁଣାଇ ନେଲାବେଳେ ଦୁଇ ଗଣ୍ଡା କଣ୍ଠି ତଳେ ଖସି ପଡ଼ିଥିଲା ତେଣିକି ମାତ୍ର ସେ ଗୋଟାଇ ପାଇବାରୁ ତାହାର ଲାଭ ହେଲା ।

ଦ୍ୱିତୀୟ ଚୋରିର ବିବରଣ ଏହି ଯେ ଏ ନଗରର ଜଣେ ପ୍ରଧାନ ମହାଜନ ମଥୁରାଲାଲ ଭଗତଙ୍କ ପୁଅ ଘ ୧୦ ଣ୍ଟା ସମୟରେ ରେଜଷ୍ଟ୍ରୀ ମହଲ୍ଲାର ବିଶ୍ୱନାଥଙ୍କ ବସାକୁ କି କାର୍ଯ୍ୟରେ ଯାଇ ଥିଲେ । ଫେରି ଆସିବା ବେଳେ ବସାରୁ ଦଶ ପନ୍ଦର ହାତ ବାହାରି ଆସିଅଛନ୍ତି ଏମନ୍ତ ସମୟରେ ପାଞ୍ଚ ଛ ଜଣ ମନୁଷ୍ୟ ତାହାଙ୍କ ଚକ୍ଷୁରେ ଧୂଳି ଅବା ଅଉକିସ ପକାଇ ଦେଲେ । ସେ ଯନ୍ତ୍ରଣାରେ ଆଖି ମଳିବାରେ ରହିଲେ ଚୋରମାନେ ତାହାଙ୍କୁ ଧରି ଦେହରୁ ସୁନାର ଅନନ୍ତବୁତ ମୁଦି ଓ ବୋତାମ କାଢ଼ିନେଇ ତାହାଙ୍କୁ ତଳେ ପକାଇଦେଇ ପଳାଇଗଲେ ତାହାଙ୍କ ସଙ୍ଗରେ ଜଣେ ଚାକର ଥିଲା ତାହାକୁ ମଧ୍ୟ ଏକ ଭଣ୍ଡିଅ ଦେଇ ତାହାଠାରୁ ବସ୍ତ୍ରାଦି ଛଡ଼ାଇ ନେଲେ । ଏମାନେ ଡାକପକାନ୍ତେ ଲୋକେ ଦୌଡ଼ିଆସି ଏ ସବୁ ଅବସ୍ଥା ଦେଖିଲେ ମାତ୍ର ତେତେବେଳକୁ ଚୋର କାହାନ୍ତି !

ତୃତୀୟ ଚୋରିଟିର କଥା ଏହିପରି ଶୁଣିଲୁଁ ଯେ ଜଣେ ଯୁବାଠାରେ ପାଞ୍ଚଟଙ୍କା ଥିବାର ଦେଖି ଏକଜଣ ତାହାକୁ ଯାହା ଦେଖାଇବା ବାହାନାରେ ସନ୍ଧ୍ୟାପରେ ଡାକିନେଇ ଗଲା ଜଗନ୍ନାଥବଲ୍ଲଭର ଏକ ଗଳିରେ ତାହାକୁ ମାଡ଼ିବସି ତାହାଠାରୁ ଟଙ୍କା ଛଡ଼ାଇ ନେଉଥିବ ଏମନ୍ତ ସମୟରେ ଉକ୍ତ ଯୁବାର ଚିତ୍କାର ଶୁଣି ପ୍ରତିବାସିମାନେ ଦୌଡ଼ି ଆସିଲେ ଓ ପୁଲିସ ଇନ୍‌ସ୍ପେକ୍ଟରଙ୍କ ଘର ନିକଟ ଥିବାରୁ କନଷ୍ଟବଲ ଆସି ତାହାକୁ ଧରିନେଲା । ଏହି ବ୍ୟକ୍ତି ପୁଲିସଦ୍ୱାରା ଚାଲାଣ ହେବାରୁ ହାଜତରେ ଅଛି ।

ଏକ ନମ୍ବର ଚୋରି ମଧ୍ୟରୁ ଶେଷ ନମ୍ବର ଧରା ପଡ଼ିବା ବଡ଼ ସୁଖର ବିଷୟ ଅଟଇ କାରଣ ଅପର ଚୋରଙ୍କର ଏଥିରେ ଭୟ ହେବ ଅଉ ସଡ଼କଉପରେ ଏବଂ ଲୋକମାନେ ଜଗିଥିବା ଅବସ୍ଥାରେ ଏପ୍ରକାର ଚୋରି କରିବାକୁ କାହାର ସାହସ ହେବ ନାହିଁ । ଯେବେ ଏକନମ୍ବର ସୁଦ୍ଧା ଧରାପଡ଼ି ନ ଥାନ୍ତା ତେବେ ଏପ୍ରକାର ଅତ୍ୟାଚାରର ବେଗ୨ ବୃଦ୍ଧି ହୁଅନ୍ତା । ତଥାଚ ଲୋକେ କହିନ୍ତି ନାହାନ୍ତି ଚୋର ଭୟରେ ଏ ଗ୍ରୀଷ୍ମ କାଳରେ ସୁଦ୍ଧା ଘର ମେଲାକରି ଶୋଇବାର ସାହସ ହେଉ ନାହିଁ । ସାଧାରଣ ଭାବ ଏହି ଯେ ଚାଉଳ ଯେମନ୍ତ ଦୁର୍ମୂଲ୍ୟ ହେଉଅଛି ଚୋରି କରିବାର ତେମନ ସୁଯୋଗ ହେଉଅଛି ଶସ୍ୟକାଳ ନ ହେବା ପର୍ଯ୍ୟନ୍ତ ଚୋରଭୟ ଯିବ ନାହିଁ ।

କଥିତ ହୁଅଇ ଯେ ମୋଫସଲରେ ଆଜି କାଲି ବିସ୍ତର ଚୋରି ହେଉଅଛି ଓ ଚୋରି ସଙ୍ଗେ ଘରପୋଡ଼ି ମଧ୍ୟ ହେଉଅଛି । ଦୁଷ୍ଟଲୋକମାନେ ଧାନ ଚୋରିକରି ନ ପାରିଲେ ଧାନ ଥିବା ବ୍ୟକ୍ତି ଘରେ ନିଆଁ ଲଗାଇ ଦେଉ ଅଛନ୍ତି କେବଳ ଜିଲାରେ ଧାନ ଚାଉଳ ଅଛି ବୋଲି ଗବର୍ଣ୍ଣମେଣ୍ଟ ରପ୍ତାନି ପ୍ରତି ବାଧା ଦେଉ ନାହାନ୍ତି କିନ୍ତୁ ମୋଫସଲରେ ଅନେକଲୋକ ଧାନ ଚାଉଳ କିଣିବାକୁ ଅତ୍ୟନ୍ତ କଷ୍ଟ ପାଉ ଅଛନ୍ତି । ଆଠ ଦଶସେର ଚାଉଳ କିଣି ଦୁଃଖିମାନେ କେତେକାଳ ନିର୍ବାହ ହୋଇ ପାରିବେ? ସ୍ଥାନୀୟ ହାକିମମାନଙ୍କର ଏ ବିଷୟପ୍ରତି ଦୃଷ୍ଟିକରି କିଛି ଭଲ ବନ୍ଦୋବସ୍ତ କରିବା ଅତ୍ୟନ୍ତ ଆବଶ୍ୟକ ହୋଇଅଛି ।

—*—

ଅମ୍ଭେମାନେ ଏକଖଣ୍ଡ ଭାରତବର୍ଷର ସଂକ୍ଷିପ୍ତଇତିହାସ ଉପହାର ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏହା କଟକ କଲେଜର ପ୍ରଧାନଶିକ୍ଷକ ବାବୁ କ୍ଷିରୋଦଚନ୍ଦ୍ର ରାୟ ଚୌଧୁରୀ ଏମ୍, ଏଙ୍କଦ୍ୱାରା ତାହାଙ୍କ ସ୍ୱରଚିତ ବଙ୍ଗଳା ପୁସ୍ତକରୁ ଓଡ଼ିଆଭାଷାରେ ଅନୁବାଦିତ ହୋଇଅଛି । ଏଥିରେ ଆର୍ଯ୍ୟୋପନିବେଶ ସମୟରୁ ଚଳିତ ବର୍ଷର ଆରମ୍ଭ ପର୍ଯ୍ୟନ୍ତ ଭାରତବର୍ଷର ଇତିହାସ ସଂକ୍ଷେପରେ ଲେଖାଅଛି । କ୍ଷିରୋଦବାବୁ ଅତ୍ୟଳ୍ପ କାଳ ହେଲା ଓଡ଼ିଶାକୁ ଆସି ଏଠା ଭାଷାରେ ଖଣ୍ଡିଏ ପୁସ୍ତକ ବାହାର କରିବା ପ୍ରଶଂସାର ବିଷୟ ଅଟଇ ଓ ଯଦ୍ୟପିହ ଇଂରାଜୀ ବିଦ୍ୟାଳୟର ଦ୍ୱିତୀୟ ପଣ୍ଡିତ ଶ୍ରୀଯୁକ୍ତ କୃତ୍ତିବାସ ଶତପଥୀ ଏଥିରେ ବିଶେଷ ସାହାଯ୍ୟ କରିଅଛନ୍ତି ଓ ସେ ହେତୁରୁ ଭାଷା ଭଲ ହେବା ବିଚିତ୍ର ନହଇ ତଥାପି କ୍ଷିରୋଦ ବାବୁ ଓଡ଼ିଆଭାଷା ପ୍ରତି ସମାଦର ଦେଖାଇଅଛନ୍ତି ଏହା ସ୍ୱୀକାର କରିବାକୁ ହେବ ଏବଂ ପୁସ୍ତକର ମୂଲ୍ୟ ଯେପରି ଧାର୍ଯ୍ୟ କରିଅଛନ୍ତି ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ସେ ଅଦୌ ଲାଭର ଆଶାରେ ଏ ପୁସ୍ତକ ପ୍ରଣୟନ କରି ନାହାନ୍ତି । ପୁସ୍ତକର କଲେବର ଡିମାଇ ୧୬ ପେଜୀ ପୃ ୨୨୬ ଷ୍ଠା ଓ ମୂଲ୍ୟ ଟ ୦ ୴ ମାତ୍ର—ଏହା ବିଦ୍ୟାଳୟର ଉପଯୋଗୀ ହୋଇଅଛି ।

---

'ଉତ୍କଳମଧୁପ' ନାମରେ ଏକଖଣ୍ଡ ମାସିକପତ୍ର ଏ ସପ୍ତାହରେ ଉପହାର ପାଇ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ଓଡ଼ିଶାରେ ଏପରି ପତ୍ର ନ ଥିବା ଲଜ୍ଜାର ବିଷୟ ଅଟଇ । ବାଲେଶ୍ୱରରେ ପ୍ରଥମେ ଏଥିର ଚେଷ୍ଟା ହୋଇଥିଲା ମାତ୍ର ତାହା ରହିପାରିଲା ନାହିଁ ଓ ରହନ୍ତା ଅବା କିପରି ସର୍ବସାଧାରଣଙ୍କ ସାହାଯ୍ୟ ଉପରେ ଯାହାର ଅସ୍ତିତ୍ୱ ନିର୍ଭର କରଇ ତାହା ଦୁଇ ଏକ ଜଣର ଚେଷ୍ଟାରେ କିପରି ରହିବ ? ଓଡ଼ିଶା ବଙ୍ଗଳାଠାରୁ ନିର୍ଦ୍ଧନୀ ଓ ଅଶିକ୍ଷିତ ଦେଶ ହେଲେହେଁ ଏଠାରେ ଯେତେ ଦ୍ରବ୍ୟବନ୍ତ ଓ ଶିକ୍ଷିତ ଲୋକ ଅଛନ୍ତି କେବଳ ସେହି ମାନଙ୍କ ସାହାଯ୍ୟରେ ଖଣ୍ଡିଏ ମାସିକ ପତ୍ର ଜୀବିତ ରହିବା କଠିନ ନୁହଇ ବର୍ଷରେ ଟ ୧୫ କା କି ଟ ୨୦ କା ଦେବା କଳ ଲୋକ ଓଡ଼ିଶାରେ ଗଣା ନାହାନ୍ତି ତେବେ ମନ ହେବା ଆବଶ୍ୟକ । ଅମ୍ଭେମାନେ ଆଶାକରୁଁ ଯେ ଉତ୍କଳବାସିମାନେ ଏଥିପୂର୍ବେ ମାସିକ ପତ୍ର ପ୍ରତି ଯେପ୍ରକାର ଅନାଦର ଦେଖାଇଅଛନ୍ତି ବର୍ତ୍ତମାନ ଯେମନ୍ତ ସେପରି କରିବେ ନାହିଁ ଓ ସେପରି ହେଲେ ଓଡ଼ିଶାରେ ଶିକ୍ଷାର ଉନ୍ନତି ହୋଇଅଛି ଏମନ୍ତ ବୋଲିବା ନିତାନ୍ତ ଅଯୌକ୍ତିକ ହେବ । ଅମ୍ଭେମାନେ ପ୍ରଥମ ସଂଖ୍ୟା ପାଠ କରି ଆନନ୍ଦିତ ହୋଇଅଛୁଁ ବାସ୍ତବରେ ଏହା ସୁପାଠ୍ୟ ହୋଇଅଛି ଏବଂ ସାହାଯ୍ୟ ପାଇଲେ ଏହା କ୍ରମେ ଭଲ ହେବ ଏମନ୍ତ ଲକ୍ଷଣ ଦେଖା ଯାଉଅଛି । ପତ୍ରିକା ଖଣ୍ଡି ଦୀର୍ଘଜୀବୀ ହେଉ ଏହି ଅମ୍ଭମାନଙ୍କର ଆଶା ।

---

Split by PDF Splitter
Digitized by srujanika@gmail.com

# ସାପ୍ତାହିକସଂବାଦ ।

ଅସ୍ମମାନଙ୍କ କମିଶନର ଗତ ସୋମବାର ଦିବସରେ ଖୋରଧା ଓ ପୁରୀ ଗସ୍ତ ସକାଶେ ଯାତ୍ରା କଲେ । ଶୁଣାଯାଏ ଛଅ ସପ୍ତାହରେ ଫେର ଆସିବେ ।

ଗତ ଫେବ୍ରୁଏରୀ ମାସରେ କଟକ ବନ୍ଦରଠାରୁ ପ୍ରାୟ ଚାରିଲକ୍ଷ ତେଇଶହଜାର ଟଙ୍କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା ଏଥି ମଧ୍ୟରେ ବାରହଜାର ଟଙ୍କା ଅନ୍ୟାନ୍ୟ ଦ୍ରବ୍ୟ ଓ ଅବଶିଷ୍ଟ ସମସ୍ତ ଧାନ ଚାଉଳ ଅଟଇ ତାହା ମାନ୍ଦ୍ରାଜ ଓ ବମ୍ବେଇ ଓ ମରିଚଦ୍ୱୀପକୁ ଯାଇଥିଲା । ଏମାସରେ ଆମଦାନୀ ଦ୍ରବ୍ୟ ଅଳ୍ପ ଥିଲା ତହିଁର ମୂଲ୍ୟ ଟ ୮୪୭୦୯ ଅଟଇ । ପ୍ରତି ମାସ ଏତେ ଅଧିକ ପରିମାଣରେ ଶସ୍ୟ ରପ୍ତାନୀ ହେଲେ ଏ ପ୍ରଦେଶର ଲୋକଙ୍କୁ ଅନ୍ନ କଷ୍ଟ ହେବ ଏଥିରେ ସନ୍ଦେହ କିଛି ନାହିଁ । ବାସ୍ତବରେ ରପ୍ତାନୀ ହେତୁ ଉଡ଼ିଶ୍ୟାଙ୍କୁ ଦୁର୍ଭିକ୍ଷର କଷ୍ଟ ଭୋଗ କରିବାକୁ ହେଉ ଅଛି ।

ଶୁଣାଯାଏ ଯେ ଏଠାର ସାଧାରଣ ବାରକମାଷ୍ଟରୀ ଅଫିସ ଉଠ ଯାଇ ତହିଁର କାର୍ଯ୍ୟ ସମସ୍ତ ଇରଗେସନ ଏଲାକାର ବାରକମାଷ୍ଟରଙ୍କ ଦ୍ୱାରା ନିର୍ବାହ ହେବାର ସ୍ଥିର ହୋଇଅଛି । ବାରକମାଷ୍ଟରୀ ମହକୁମାରୁ ଅନେକ ବେତନ ହେଉଅଛି କିନ୍ତୁ ପ୍ରକୃତରେ ବିଶେଷ ବ୍ୟୟ ଊଣା ହେବାର ଦେଖା ଯାଉ ନାହିଁ ।

ପୁଲିସର ବନ୍ଦୋବସ୍ତ ଏକପ୍ରକାର ହୋଇଗଲା । ବାବୁ ରଘୁନାଥ ଘୋଷ ଓ ମୁନସି ଅଛଜ ଖାନ ପୂର୍ବ ବେତନ ପାଇବେ ମାତ୍ର ପ୍ରଥମ ବ୍ୟକ୍ତି କୋର୍ଟରୁ ସଦର ଥାନାକୁ ଏବଂ ଦ୍ୱିତୀୟ ବ୍ୟକ୍ତି ଯାଜପୁରକୁ ବଦଳି ହେଲେ । ନୂତନ ପୁଲିସ ଜାରି ହେବା ଦିନରୁ ରଘୁବାବୁ କୋର୍ଟରେ ଥିଲେ ସମ୍ପ୍ରତି ଥାନାର ପରିଶ୍ରମ ଏହାଙ୍କୁ ଭାରି ବୋଧ ହେବ । ମାତ୍ର ସେ ଯେମନ୍ତ ଯୋଗ୍ୟ କର୍ମଚାରୀ ତହିଁରେ ସଂପୂର୍ଣ୍ଣ ବିଶ୍ୱାସ ହୁଅଇ ଯେ ଏହାଙ୍କ ଅଧୀନରେ ପୁଲିସ କାର୍ଯ୍ୟ ସୁନ୍ଦରରୂପେ ଚଳିବ ।

ଗତ ବାରୁଣୀ ଯାତ୍ରାରେ ଯାଜପୁରରେ ପ୍ରାୟ ଅର୍ଦ୍ଧଲକ୍ଷ ଯାତ୍ରୀ ଏକତ୍ରିତ ହୋଇ ଥିଲେ ସୁଖର ବିଷୟ ଯେ କୌଣସି ଚୋରି ଇତ୍ୟାଦି ଅପରାଧ ହୋଇ ନାହିଁ । ପୁଲିସ ସତର୍କ ଥିଲେ ।

ଯାଜପୁରରେ ଟଙ୍କାକୁ ସେ ୮ ର ଲେଖାଁଏ ଚାଉଳ ବିକ୍ରୟ ହେଉଅଛି ଓ ବଣିକମାନେ ନଅଙ୍କ ଦୁର୍ଭିକ୍ଷ ତୁଲ୍ୟ ଏ କାଳକୁ ଜ୍ଞାନ କରୁ ଅଛନ୍ତି ।

ଯାଜପୁର ଇଲାକାସ୍ଥ ଏକ ଆମ୍ବଗଛରେ ଆଶ୍ଚର୍ଯ୍ୟପ୍ରକାର ଆମ୍ବ ଫଳିଥିଲା । ଏକ ପେନ୍ଥାର ମୂଳଭାଗରେ ଦୁଇଗୋଟା ବଡ଼ ୨ ଆମ୍ବ ତଦୂର୍ଦ୍ଧ୍ୱାରୁ କ୍ରମଶଃ ଛୋଟ ୨ ହୋଇ ତଣାପର୍ଯ୍ୟନ୍ତ ଓ ଶେଷରେ କଉଳ ଦେଖାଯାଇ ଥିଲା । ଲୋକେ ଏହାକୁ ଭବିଷ୍ୟତ୍ ଅମଙ୍ଗଳ ଚିହ୍ନ ବୋଲି ଘେନୁଅଛନ୍ତି

ବାଲେଶ୍ୱରରେ ପୁନର୍ବାର ସରବେ ଅଫିସ ଫିଟିଲା ଓ ଶ୍ରୀଯୁକ୍ତ କର୍ଟିସ ସାହେବ ଏକଜିକ୍ୟୁଟିବ ଇଞ୍ଜିନୀୟର ସିରସ୍ତା ଘେନି ସେଠାକୁ ଆସି ଅଛନ୍ତି । କୋଷ୍ଟକେନାଲ ନାମରେ ଯେଉଁ ନୂତନ ନାଳ କଟକରୁ କଲିକତା ପର୍ଯ୍ୟନ୍ତ ହେବାର ସ୍ଥିର ହୋଇଅଛି ସେଥିର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ । ଓ ଏହି ବର୍ଷ ମଧ୍ୟରେ ନାଲ ଖୋଲା ହେବାର ଉଦ୍ୟମ ହେଉଅଛି ।

ଗତ ସପ୍ତାହରେ ବାଲେଶ୍ୱରରେ ଉତ୍ତମ ବୃଷ୍ଟି ହୋଇ ଥିଲା । ଏ ଅଞ୍ଚଳରେ କିଞ୍ଚିତ୍ ବୃଷ୍ଟି ହୋଇଅଛି ମାତ୍ର ତାହା ମନପୂତ ନୁହଇ ।

ବାହକାରୁ ଅବଗତ ହେଲୁଁ ଯେ ବାଲେଶ୍ୱରରେ ମୋଟ ଚାଉଳ ମହଣ ଟ ୨।୵ ଙ୍କା ହୋଇଅଛି ।

ସୁରଟର ଦୋକାନଦାରମାନେ ଯେଉଁ ମେଳ କରି ଥିଲେ ତାହା ଭଙ୍ଗି ଯାଇଅଛି କିନ୍ତୁ ସହଜରେ ନୁହଇ । ଦୋକାନୀମାନେ ମେଳ କରି ଅତ୍ୟାଚାର କରିଥିଲେ ତହିଁରେ ସେଠା ମାଜିଷ୍ଟ୍ରେଟ ଏବଂ ବାରିକମାଷ୍ଟର ଓ ଅନେକ ଦେଶୀୟ ଲୋକ ଆଘାତ ପାଇଲେ । ତାହାଙ୍କ ମେଳ ଭାଙ୍ଗିବା ପାଇଁ ସିପାହୀଙ୍କ ସାହାଯ୍ୟ ନେବାର ପ୍ରୟୋଜନ ହୋଇ ଥିଲା । ସିପାହୀମାନଙ୍କ ଗୋଳି ଛଅ ଜଣଙ୍କ ଦେହରେ ଲାଗିଥିଲା ତହିଁ ମଧ୍ୟରୁ ଜଣେ ମରି ଯାଇଅଛି । ୩୫ ଜଣ ଧୃତ ହୋଇଅଛନ୍ତି । ବମ୍ବେଇର ଆଉ କେତେ ସ୍ଥାନରେ ଏପରି ମେଳ ହୋଇ ଥିଲା ମାତ୍ର ସେ ସବୁ ବିନା ଅନିଷ୍ଟରେ ଭାଙ୍ଗି ଗଲା । ଲାଇସେନ୍ସ ଟାକ୍ସ ଏ ମେଳର କାରଣ ବୋଲି କଥିତ ହୁଅଇ ।

ହିନ୍ଦୁ ପେଟ୍ରିଅଟ ଲେଖିଅଛନ୍ତି କି ରେଲ ଗାଡ଼ିର ଚୋରମାନେ ସାମାନ୍ୟ ଚୋରଠାରୁ ଅଧିକ ଚତୁର ଅଟନ୍ତି । ଜଣେ ମହାଜନ ୭୯ ପିପା ଘିଅ ଇଷ୍ଟଇଣ୍ଡିୟା କମ୍ପାନୀଙ୍କ ରେଲଗାଡ଼ିରେ ପଠାଇ ଥିଲା ତହିଁମଧ୍ୟରୁ ବାଟରେ ୨୦ ପିପାର ଘିଅ ଉଠିଯାଇ ତେଲ ଭରିତ ହୋଇ ଥିବାର ଦେଖା ଗଲା । ମହାଜନ ଷ୍ଟେଟ ଅଦାଲତରେ ନାଲିଶକର କମ୍ପାନୀଉପରେ ଡିକ୍ରୀ ପାଇ ଅଛି ଏତ ସୁଖର ବିଷୟ ଅଟଇ ।

ମାନ୍ଦ୍ରାଜର ଦୁର୍ଭିକ୍ଷ ପୀଡ଼ିତ ସ୍ଥାନ ସମସ୍ତର ଲୋକ ସଂଖ୍ୟା ହୋଇଥିଲା ତହିଁରେ ଦେଖାଯାଇ ଅଛି କି ଯେଉଁ ସ୍ଥାନରେ ଦୁର୍ଭିକ୍ଷ ହୋଇ ନାହିଁ ସେଠାରେ ଲୋକସଂଖ୍ୟା ଶତକଡ଼ା ୧୨ ଜଣ ଲେଖାଁଏ ହାର ହାରରେ ବୃଦ୍ଧି ହୋଇ ଅଛି କିନ୍ତୁ ଦୁର୍ଭିକ୍ଷ ପୀଡ଼ିତ ସ୍ଥାନରେ ଶତକଡ଼ା ୧୦ ଠାରୁ ୨୫ ପର୍ଯ୍ୟନ୍ତ ଊଣା ହୋଇଅଛି ଅର୍ଥାତ୍ ଏକ ଯୁଗର ଅଧିକ କାଳର ବୃଦ୍ଧି ଏକବର୍ଷର ଦୁର୍ଭିକ୍ଷରେ ଅଦୃଶ୍ୟ ହୋଇ ଅଛି !

ରୁଷିୟାରେ ଅଚିରକାଳ ଜ୍ୱର ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇ ଅଛି ଚିକିତ୍ସାଳୟମାନ ରୋଗିରେ ପରିପୂର୍ଣ୍ଣ ଓ ସ୍ଥାନ ନ ପାଇ ରୋଗିମାନେ ପଦାରେ ମରି ଯାଉ ଅଛନ୍ତି । ରୁଷିୟା ପ୍ରତି ବିଧି ଦେବକୁଟ ହୋଇଅଛି କି ?

ରୁଷିୟାର ସୈନିକ ସଂବାଦପତ୍ରମାନଙ୍କରେ ଲେଖାଯାଏ ଯେ ତୁରସ୍କ ଯୁଦ୍ଧରେ ରୁଷିୟାର ସମ୍ରାଟ ନିମ୍ନଲିଖିତ ପଦାର୍ଥମାନ ଜୟ କରି ନେଇଅଛନ୍ତି ଯଥା-୨୭ ପାସା ଓ ୧୪,୫୦୦୦ ସେନା ବନ୍ଦ କରି ଅଛନ୍ତି ଏବ ୪୨୦୦୦ ଘୋଡ଼ା, ୧୨୬୮ ତୋପ, ୨୦,୦୦୦ ଗାଡ଼ି, ୧୮୦,୦୦୦ ବନ୍ଧୁକ ଓ ପିସ୍ତଲ, ୨୦୦,୦୦୦ ରୁପାର ଗିଲିଟ ହୋଇଥିବା ଅଶ୍ୱାରୋହୀଙ୍କ ପିସ୍ତଲ ଏବ ତରବାରି ଏବ ପାଞ୍ଚଲକ୍ଷରୁ ଅଧିକ ବାରୁଦ ଗୋଟା ପାଇ ଅଛନ୍ତି । ଏତେ ଯୁଦ୍ଧ ସାମଗ୍ରୀ ହରାଇଲା ଉତ୍ତାରୁ ତୁରସ୍କ ପରାଜିତ ହେବ ଏଥିରେ ସନ୍ଦେହ କି ଅଛି ? କେତେକାଳର ସଞ୍ଚିତ ଦ୍ରବ୍ୟ ଏକ ଯୁଦ୍ଧରେ ନଷ୍ଟ ହେଲା !

କଥିତ ହୁଅଇ ଯେ ଡିଉକଅବ୍ ଏଡିନବର୍ଗଙ୍କ ରୁଷିୟା ସଙ୍ଗେ ସହାନୁଭୂତି ଥିବାରୁ ତାହାଙ୍କର ଅଧୀନ ସେନାମାନେ ତାହାଙ୍କୁ ସୁଖ ପାଉ ନାହାନ୍ତି । ଶ୍ୱଶୁର ପ୍ରତି ଟିକିଏ ମାୟା ହେବା ସ୍ୱାଭାବିକ ଅଟଇ ।

ମାନ୍ଦ୍ରାଜ ପ୍ରଦେଶରେ ଚାଉଳର ଦର ପୂର୍ବାପେକ୍ଷା ତେଜ ହୋଇଥିବାର ଜଣା ଯାଏ । ପୂର୍ବେ ଦୁଇ ଏକ ଜିଲ୍ଲାରେ ଟଙ୍କାକୁ ସେ ୮ ର ପର୍ଯ୍ୟନ୍ତ ମିଳୁଥିଲା ବର୍ତ୍ତମାନ ସେ ୧୦। ରୁ ଅଧିକ ମିଳୁ ନାହିଁ ଓ ଇସାକପଟ୍ଟନରେ ସେ ୬୲ ହୋଇଅଛି । ଅନ୍ୟାନ୍ୟ ପ୍ରଦେଶରେ ସେ ୭ ରଠାରୁ ସେ ୯ ର ପର୍ଯ୍ୟନ୍ତ ଅଛି ।

ପାୟୋନିୟରରେ ଲେଖାଅଛି ଯେ ମାନ୍ୟବର ଇଡେନ ସାହେବଙ୍କ ପ୍ରସ୍ତାବିତ ମୋଫସଲ ଅଫିଲବେଲ ଶୀଘ୍ର ବସିବାର ସମ୍ଭାବନା ଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



ହେବ୍ରଜଗଞ୍ଜରେ ଚଳିତମାସ ତା ୧୦ ରଖରେ ଘୋର ଶିଳାପଥର ବୃଷ୍ଟି ହୋଇ ଥିଲା । ଗୋଟିଏ ଶିଳାର ବ୍ୟାସ ୨ ୩ ଇଞ୍ଚଠାରୁ ୪ ଇଞ୍ଚ ପର୍ଯ୍ୟନ୍ତ ଅନୁମାନରେ କଇଥଫଳ ପରି ହୋଇଥିବ । ଖପରଲ ଘର ଗୁଲକଣା କରି ଭିତରକୁ ଆସୁଥିଲା । ଏଥିରେ ବହୁତ କ୍ଷତି ହୋଇଅଛି ।

ହାଇକୋର୍ଟର ଜଜ ମାନ୍ୟବର କେମ୍ପ ସାହେବ ଛତିଶବର୍ଷ କର୍ମ ପରିତ୍ୟାଗ କରି ଚଳିତ ମାସ ତା ୧୫ ରଖରୁ ପେନସନ ନେଇ ଅଛନ୍ତି । ଏ ମହାଶୟ ୩୭ ବର୍ଷ କର୍ମ କଲେ । ଏଥିମଧ୍ୟରେ ପ୍ରାୟ ଏକବର୍ଷ ଅବକାଶ ନେଇଥିଲେ । ଅବଶିଷ୍ଟ ୩୫ ବର୍ଷ କାର୍ଯ୍ୟ କରିଥିଲେ । ଏପରି ଦୃଢ଼ଶରୀର ହେବା ଧନ୍ୟ ।

ଦାରଜିଲିଂକୁ ରେଲୱେ ଫିଟିବାରୁ ଏବର୍ଷ ସେଠାକୁ ବହୁତ ଭଦ୍ରଲୋକ ଏହି ଗ୍ରୀଷ୍ମକାଳରେ ଯିବାର ଲକ୍ଷଣ ଦେଖା ଯାଏ । ବର୍ଦ୍ଧମାନର ମହାରାଜା ସେଠାରେ ପ୍ରବେଶ ହେଲେଣି ଓ ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣର ଗତ ଗୁରୁବାର ସେଠାକୁ ଯାତ୍ରା କରି ଅଛନ୍ତି । ସେଠାରେ ବର୍ତ୍ତମାନ ଚାଉଳ ମହଣକୁ ୪ ୫ ହୋଇ ଅଛି । ଏଥି ଉତ୍ତାରୁ ଅଧିକ ବଢିବ । କେବଳ ଶୀତଳବତାସରେ ପେଟର ଜ୍ୱାଳା ନିବାରଣ ହୋଇ ନ ପାରେ ସୁତରାଂ ସାମାନ୍ୟ ଗୃହସ୍ଥ ଓ ଦୁଃଖୀଙ୍କର ବଡ କଷ୍ଟ ହେବ ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ପାରଳୁଦ ଗଡ ଲୁଣ୍ଠ ପ୍ରସାଦଠାରୁ ନିବେଦନ କରୁଅଛୁଁ ଯେ ଅଦ୍ୟରୁ ପ୍ରାୟ ଏକ ମାସ ହେବ ଏ ଅଞ୍ଚଳରେ ବାତୁଳ ଶୃଗାଳମାନଙ୍କର ଅତୀବ ପ୍ରାଦୁର୍ଭାବ ପ୍ରଯୁକ୍ତ ଅତ୍ରସ୍ଥ ନିବାସିମାନେ ଅତିଶୟ ଶଙ୍କା ସହକାରେ କାଳାତିପାତ କରୁଅଛନ୍ତି ଏପରି ଦିବସ ସମୟରେ ବାତୁଳ ଶୃଗାଳମାନେ ଦଳବଦ୍ଧ ହୋଇ ଗ୍ରାମମାନଙ୍କରେ ପ୍ରବେଶ ପୂର୍ବକ ମନୁଷ୍ୟ କିମ୍ବା ଅନ୍ୟାନ୍ୟ ଗ୍ରାମ୍ୟ ଜନ୍ତୁଙ୍କୁ ଦନ୍ତାଘାତ କରୁଅଛନ୍ତି । ମଧ୍ୟ ଉପରୋକ୍ତ କ୍ରୂର ଜନ୍ତୁ ସକଳ ଅହୋରାତ୍ର ନିଃଶଙ୍କ ଚିତ୍ତରେ ମନୁଷ୍ୟମାନଙ୍କର ଶୟନାଗାରରେ ଉପସ୍ଥିତ ହୋଇ କେତେକ ସହଜରେ ପ୍ରାଣ ହରଣ କରୁଅଛନ୍ତି । ଅମ୍ଭେ ଅନୁମାନ କରୁଁ ଯେ ସେମାନଙ୍କର ମୃତ୍ୟୁ ସଂଖ୍ୟା ପ୍ରାୟ ଏକଶତ ହୋଇ ପାରେ ଅତଏବ ଅମ୍ଭେ ଏତାଦୃଶ ଦୁର୍ଘଟନା ନିବାରଣୋଦ୍ଦେଶ୍ୟ ପୂର୍ବକ ଆପଣଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଆପଣଙ୍କ ଯନ୍ତ୍ରାଳୟରେ ଶୃଗାଳର ଦଂଶନର କିଛି ଉପଶମ ଔଷଧ ଥିଲେ କିଞ୍ଚିତ ମାତ୍ର ଦୟାର୍ଦ୍ର ହୋଇ ମୁଦ୍ରିତ ସମ୍ବାଦପତ୍ରରେ ମୁଦ୍ରାଙ୍କନ କଲେ ଅମ୍ଭେ ଚିରବାଧିତ ହେବୁଁ ଅମ୍ଭେ ମଧ୍ୟ ସର୍ପାଦି ଜନ୍ତୁମାନଙ୍କର ଉପଶମ ଔଷଧ ଆପଣଙ୍କର ସାପ୍ତାହିକସମ୍ବାଦପତ୍ରରୁ ଅବଗତ ହୋଇ ପ୍ରାର୍ଥନୀୟ ଔଷଧ ଥିବାର ବୋଧ କରୁଁ । ଯଦି ଥାଏ ତେବେ ଆପଣ କଦାପି ହେଳା କରିବେ ନାହିଁ ଇତି ।

ଗମସ୍ୱାମୀ ବୋଷ

## ପ୍ରୋଷିତଗଣୀଙ୍କର ରୋଦନ ।

ରାଗ ବଙ୍ଗଳାଶ୍ରୀ ।

ଆଜି ରାଜପୁରେ, ଉନ୍ମାଦିନୀ ସମ
ପ୍ରୋଷିତରାଜ ପାଟେଶ୍ୱରୀ ।
ପଡି ମହୀତଳେ, କାନ୍ଦନ୍ତି ବିକଳେ,
ଶୋକେ ବିବଶା ସୁନ୍ଦରୀ ॥
ପାଶେ ରାଜଶିଶୁ, "କାହିଁକି ମା କାନ୍ଦ"
ବୋଲି ଟାଣଇ ଅଞ୍ଚଳ ।
ନ ଶୁଣନ୍ତି ସତେ, ଅସ୍ଥିରହୃଦୟେ
ବର୍ଷନ୍ତି ଅଶ୍ରୁଜଳ ॥
ନିଷ୍ଠୁରବ୍ୟାଧର ତୀକ୍ଷ୍ଣଶରବିଦ୍ଧ
କୁରଙ୍ଗଅଙ୍ଗନା ପରି ।
ଅତନ୍ତେ ଆକୁଳ, ଛଟପଟ ପ୍ରାଣ
ଶୋକେ ବୋଲନ୍ତି ସୁନ୍ଦରୀ ॥
ସତେ କରେ ଆଜ, ଶତନରଗଣ—
ପୂଜ୍ୟ ପ୍ରାଣନାଥ ମୋର ।
କଳଙ୍କେ ଅଙ୍କିଲ, ହୋଇଣ ଲଭିଲେ
ଏ ଦୁଃଖ ଅସହ୍ୟ ଘୋର ॥
ପ୍ରାଣକାନ୍ତ ମୋର, ତରୁଣଯୌବନେ
ଅତି ଦୁଃଖେ ବନ୍ଦୀପୁରେ ।
ନିର୍ଦ୍ଦୟପରାଣ, କାହିଁକି ଅନ୍ତର
ଦହୁଛି ଏ ଅବଳାରେ ॥
ପ୍ରବଳଦଇବ, କରଙ୍ଗ ତୋହର
କାହିଁକି ଏ ବିଡ଼ମ୍ବନା ।
ସୁଖାଶାସଲିଳେ, ଭସାଇ ପଛଲେ
ନୈରାଶ୍ୟକୁଣ୍ଡେ ଗଞ୍ଜନା ॥
ଯେଉଁ ପ୍ରିୟପତି କରପଦ୍ମେ ଦୈବ
ସମର୍ପିଲୁ ମୋ ଜୀବନ ।
ତାଙ୍କ ବିଚ୍ଛେଦରେ, ନୈରାଶ୍ୟଅନଳରେ
ଏ ପ୍ରାଣେ କି ପ୍ରୟୋଜନ ॥
ଯେ ଦୁଃଖଘଟଣା, ଘୋଟି ଆସୁଅଛି
ଘୋରତମିସ୍ର ବେଶରେ ।
ପ୍ରଜ୍ୱଳିତ ଦାହାର, ହେବ କି ରେ ଆଉ
ଥାଉଁ ପ୍ରାଣ ଏ ପିଣ୍ଡରେ ॥
ତେବେ ରେ ଶମନ, ଦୁଃଖ ପ୍ରଶମନ
କରି ଆସି ତୁ ବଦନ ।
ମୋ ପରି ଜନର, ତୁ ଏକା ଭରସା
ସ୍ୱାଗତ ତୋ ଆଗମନ ॥
ସୁଖ-ଆଶା ଯାର, ଏ ମର୍ତ୍ତ୍ୟମଣ୍ଡଳେ
ଭାଗ୍ୟବଳେ ସମୁଜ୍ଜ୍ୱଳ ।
ସେ ସିନା ଡରିବ, ତୋର ଖରଶର
ମୃତ୍ୟୁ ମୋପକ୍ଷେ କୁଶଳ ॥
ଜଗତର ନାଥ, ପତିତପାବନ
ନାଶ ଏ ଦେହବନ୍ଧନ ।
ଏଥୁଁ ମୁକ୍ତ ହୋଇ, ଭ୍ରମିବି ସେଠାରେ
ଯହିଁ ମୋ ଜୀବନଜୀବନ ॥
ଅନ୍ତର କଥାଏ, ଦଣ୍ଡମହାପ୍ରଭୁ
ଜଣାଉଛି ପାଦତଳେ ।
ଶୂରକୁଳ ଯୋଗ୍ୟ, ତନୟ ମୋହର
ହେଉ ତୁମ୍ଭ କୃପାବଳେ ॥

ଶ୍ରୀ ମ——

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି ଯେ, କଟକ ମେଡିକଲ ସ୍କୁଲରେ ତିନୋଟି ବୃତ୍ତି ଖାଲି ଅଛି; ଯେଉଁମାନେ କି ପ୍ରବେଶିକା ମାଇନର ବା ଭର୍ଣ୍ଣାକୁଲର ପାଶ କରିଥିବେ ସେମାନଙ୍କୁ ଗ୍ରହଣ କରାଯିବ । ଏ ଭିନ୍ନ ୧୫ । ୨୦ ଗୋଟି ଅବୈତନିକ ଛାତ୍ର ମଧ୍ୟ ଗ୍ରହଣ କରାଯିବ । ଅତଏବ ଯେଉଁମାନେ ଉକ୍ତ ସ୍କୁଲରେ ଅଧ୍ୟୟନ କରିବାକୁ ମାନସ କରନ୍ତି ସେମାନେ ମେ ମାସ ତା ୨୫ ରଖ ମଧ୍ୟରେ ସାର୍ଟିଫିକେଟ ସହିତ ଆବେଦନପତ୍ର ପ୍ରେରଣ କରିବେ ପୁଣି ଉକ୍ତ ତାରିଖରେ ସ୍ୱୟଂ କଟକ ଜେନରଲ ହସପିଟଲରେ ଉପସ୍ଥିତ ହେବେ । ଇତି ।

୧୫।୪।୭୮ W. D. Stewart.
କଟକ — କଟକ ମେଡିକଲ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ | ଗୋପାଳପ୍ରସାଦ ମିତ୍ର କଟକ କଲେଜ | ଟ ୩୲ |
| ,, | ଜଗବନ୍ଧୁର ଘୋଷ | ଟ ୧୲ |
| ,, | ରାଧାକିଶୋର ଘୋଷ | ଟ ୩୲ |
| ,, | ଦ୍ୱାରିକାନାଥ | ଟ ୩୲ |
| ମୁନ୍ସି | ଅଛଲଖାଁନ | ଟ ୧୲ |
| ,, | ସଜନଫରହୋସେନ କେନ୍ଦ୍ରାପଡା | ଟ ୭।୵ |
| ,, | ସେଖ ଇବ୍ରାହିମ ଉଦ୍ଧବ ଅଗ୍ରିମ | ଟ ୭।୵ |

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ } ତା ୨୭ ରିଖ ମାହେ ଅପ୍ରେଲ ସନ ୧୮୭୮ ମସିହା। ମୁ। ବୈଶାଖ ବ ୧୬ ନ ସନ ୧୨୮୫ ସାଲ ଶନିବାର
ସଂ ୧୭ ସଂଖ୍ୟା

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଇଁ ଡାକମାସୁଲ ଟ୧୫୬

ଆମ୍ଭମାନଙ୍କର ପୂର୍ବ କମିଶନର ଶ୍ରୀଯୁକ୍ତ ରେବନଶା ସାହେବ ଖୋରଧା ବନ୍ଦୋବସ୍ତ ସମ୍ବନ୍ଧେ କେତେପ୍ରକାର ଜମିର କର ନିର୍ଣ୍ଣୟ କରି ଯାଇ ଥିବାର ଶୁଣାଯାଏ। ଯଥା; ଘରଡିହ ଜମି ପ୍ରତିଏକର ( ସରକାରୀ ଏକମାଣ ) କୁ ଟ ୨୩ ଙ୍କା ଲେଖାଏ ଧାର୍ଯ୍ୟ ହେବ ଓ ଧାନଜମି ଉତ୍ପନ୍ନର କଟୋଟରେ ତେରଶ୍ରେଣୀରେ ବିଭକ୍ତ ହେବ କେଉଁ ଶ୍ରେଣୀର କର କେତେ ଆମ୍ଭେମାନେ ନିର୍ଣ୍ଣୟ ଶୁଣି ନାହୁଁ କିନ୍ତୁ ଜଣେ ପତ୍ରପ୍ରେରକର ମତ ଏହି ଯେ ଯେଉଁ ଜମିର କର ପୂର୍ବେ ମାଣପ୍ରତି ଟ ୦ ୧ ପଡୁଥିଲା ବର୍ତ୍ତମାନ ବନ୍ଦୋବସ୍ତରେ ଏକଟଙ୍କାରୁ ଅଧିକ ହେବ। ଏପର ଜମାରେ ବନ୍ଦୋବସ୍ତ ହେଲେ ଖୋରଧା ଜିଲ୍ଲାର ମୋଟ ଜମା ତିନିଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବାର ସମ୍ଭାବନା। କଥିତ ହୁଅଇ ଯେ ଏ ପ୍ରକାର ବନ୍ଦୋବସ୍ତ କଥା ଶୁଣି ଲୋକେ କାତର ଅଛନ୍ତି। ନୂତନ କମିଶ୍ନର ସମ୍ପ୍ରତି ଖୋରଧାର ଅବସ୍ଥା ଦେଖି ଆସିଅଛନ୍ତି ବନ୍ଦୋବସ୍ତ ସମ୍ପର୍କରେ କିଛି ନୂତନ ବିଧାନ କରିଅଛନ୍ତି କି ନାହିଁ ଆମ୍ଭମାନଙ୍କୁ ଜଣା ନାହିଁ ମାତ୍ର ଆମ୍ଭେମାନେ ବୋଧକରୁଁ କି ଏତେ ଘଣି ଜମା ଏକାବେଳକେ ଧାର୍ଯ୍ୟ କଲେ ପ୍ରଜାମାନଙ୍କପ୍ରତି ବଡ କଠିନ ବ୍ୟବହାର ହେବ।

---

ଇଉରୋପୀୟ ଯୁଦ୍ଧସମ୍ପର୍କରେ ଅଦ୍ୟାବଧି କିଛି ନିଶ୍ଚୟ ସମ୍ବାଦ ଜଣା ଯାଇ ନାହିଁ। ଯୁଦ୍ଧ ହେବ କି ନାହିଁ କେହି ନିଶ୍ଚୟ କରି କହି ନ ପାରେ। ଗତସପ୍ତାହରେ ଭାରତବର୍ଷରୁ କେତେକ ପଲଟନ ଦେଶୀୟ ସେନା ମାଲଟାକୁ ଯିବାର ଆଜ୍ଞା ପ୍ରଚାର ହେବାରୁ ଯୁଦ୍ଧ ହେବାର ଆଉ ବିଳମ୍ବ ନାହିଁ ଏମନ୍ତ ଅନୁମାନ ହୋଇଥିଲା। ଫଳତଃ ସୈନ୍ୟ ଯିବାର ଆଜ୍ଞା ରହିତ ହୋଇ ବରଂ ଶୀଘ୍ର ପ୍ରେରଣ କରିବାର ସମସ୍ତ ବନ୍ଦୋବସ୍ତ ବମ୍ବେଇଠାରେ ଲାଗିଅଛି। ଏମାନେ ମାଲଟାରେ ପ୍ରସ୍ତୁତ ରହିଥିବେ ଯେ ଯୁଦ୍ଧ ଲାଗିଲାକ୍ଷଣି ଯୁଦ୍ଧକ୍ଷେତ୍ରକୁ ପ୍ରେରିତ ହେବେ। ବଙ୍ଗଳାର ଏକ ପଲଟନ ଓ ବୋମ୍ବାଇର ଏକ ପଲଟନ ଅଶ୍ୱାରୋହୀ ନ ୨ ମ୍ବର ଗୁରଖା, ବଙ୍ଗଳାର ଦୁଇ ପଲଟନ ବମ୍ବେଇର ଦୁଇ ପଲଟନ ଏବଂ ମାନ୍ଦ୍ରାଜର ଏକପଲଟନ ପଦାତିକ, ବମ୍ବେଇଠାରୁ ଦୁଇପଲଟନ ଗୋଲନ୍ଦାଜ, ବମ୍ବେଇ ଓ ମାନ୍ଦ୍ରାଜରୁ ତିନିକମ୍ପାନୀ ସାପରସ୍ ଓ ମାଇନରସ୍ ସେନା ସମ୍ପ୍ରତି ମାଲଟାକୁ ଯିବାର ଆଜ୍ଞା ପାଇ ଅଛନ୍ତି ଓ ମେଜରଜେନରଲ ରସ ସାହେବ ଏମାନଙ୍କର ସେନାପତି ହୋଇଅଛନ୍ତି।

ପଶ୍ଚାତ୍‌ରେ ଲଣ୍ଡନନଗରରୁ ତା ୧୯ ରିଖରେ ତାରଡାକ ଯୋଗେ ସମ୍ବାଦ ଆସିଅଛି ଯେ ଇଂଲଣ୍ଡ ଓ ରୁଷୀୟା ମଧ୍ୟରେ ଯେଉଁ ମତଭେଦ ହେତୁ ଯୁଦ୍ଧସମ୍ଭାବନା ହେଉଅଛି ତାହା ଜର୍ମ୍ମାନୀର ମଧ୍ୟସ୍ଥତା ସଫଳ ହେବାର ବିସ୍ତର ଆଶା ହେଉଅଛି। ବର୍ଲିନନଗରରେ ସମସ୍ତ ରାଜଦୂତଙ୍କର ଏକ ସଭା ହେବାର ସମ୍ଭାବନା ଅଛି। ସେମାନେ ବସି ସମସ୍ତ ରାଜାଙ୍କ ନିକଟକୁ ଯେ ପତ୍ର ପ୍ରେରିତ ହେବ ତହିଁର ଚିଠା ପ୍ରସ୍ତୁତ କରିବେ ଓ ତହିଁରେ ସନ୍ଧିସମ୍ପର୍କରେ ଇଂଲଣ୍ଡର ଦାବି ରକ୍ଷା କରିବାକୁ ହେବ ଅଥଚ ରୁଷୀୟାର ଭାବ ଗ୍ରହଣ କରିବାକୁ ହେବ। ଏ ସମ୍ବାଦମାନ ସନ୍ଧିର ଅନୁକୂଳ ଅଟଇ କିନ୍ତୁ ତହିଁର ପ୍ରତିକୂଳରେ ଦେଖାଯାଏ ଯେ ତୁରଷ୍କର ସୁଲତାନ ଆପଣା ମନ୍ତ୍ରିମାନଙ୍କ ମଧ୍ୟରେ ଯେଉଁମାନେ ଇଂରାଜଙ୍କ ସହିତ ବନ୍ଧୁଭାବ ରଖିଥିଲେ ସେମାନଙ୍କୁ ବାହାର କରି ଦେଇ ନୂତନ ମନ୍ତ୍ରିସଭା ସ୍ଥାପନ କରିଅଛନ୍ତି। ଏଥିରୁ ବୋଧ ହୁଅଇ ସୁଲତାନ ଇଂରାଜଙ୍କ ସହିତ ସଦ୍ଭାବ ରଖିବେ ନାହିଁ ଓ ତାହା ହେଲେ ସନ୍ଧି ହେବାର କଠିନ ହେବ।

---

ପୁରୀରାଜାଙ୍କର ଅପୀଲ ମକଦ୍ଦମା ଆଗାମୀ ସୋମବାର ହାଇକୋର୍ଟରେ ବିଚାର ହେବାର ଦିନ ସ୍ଥିର ହୋଇଅଛି କିନ୍ତୁ ସେଦିନ ବିଚାର ହେବାର ସମ୍ପୂର୍ଣ୍ଣ ସମ୍ଭାବନା ନାହିଁ। ଯେଉଁ ଦିନ ଅପୀଲ ଦାଏର ହେଲା ସେଦିନ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ବାବୁ ଜଗଦାନନ୍ଦ ମୁଖୁର୍ଯ୍ୟା ଜୁନିୟର ସରକାରୀ ଉକୀଲ କହିଲେ ଯେ ଶୀଘ୍ର ମକଦ୍ଦମା ବିଚାରର ଦିନ ସ୍ଥିର ହେବା ବିରୁଦ୍ଧରେ ସେ ଆପତ୍ତି କରିବାକୁ ଲିଗେଲ ରିମେମ୍ବରନ୍‌ସଙ୍କ ନିକଟରୁ ଅନୁମତି ପାଇଅଛନ୍ତି। ଅଦ୍ୟାବଧି ମକଦ୍ଦମା ସମ୍ପର୍କୀୟ ଏକଖଣ୍ଡ କାଗଜ ତାହାଙ୍କ

Digitized by srujanika@gmail.com

ଅଫିସରେ ପହୁଞ୍ଚି ନାହିଁ ଓ ଜଣେ କୌନ୍‌ସଲ ନିଯୁକ୍ତ କରିବାର କଥା ଅଛି ଅତଏବ କେସ ପ୍ରାକ୍ ସମୟ ନ ମିଳିଲେ କୌଣସି ସୁଯୋଗ ହୋଇ ନ ପାରେ । ଏ କଥା ଶୁଣି ହାଇକୋର୍ଟର ଜଜମାନେ ଆଜ୍ଞା ଦେଇଅଛନ୍ତି କି କୌଣସି ପକ୍ଷ ମହଲତ୍ ପ୍ରାର୍ଥନା କଲେ ତାହା ଦିଆଯାଇ ପାରିବ । ସୁତରାଂ ମକଦ୍ଦମାଟି ନିଶ୍ଚିତ ତା୨୯ଋଶରେ ପଡିବାର ବସ୍ତୁର ସମ୍ଭାବନା ନାହିଁ ।

ଏ ମକଦ୍ଦମାର ବିଷୟ କଲିକତାର ଇଂରାଜୀ ସମ୍ବାଦପତ୍ରମାନଙ୍କରେ ଛପା ହୋଇଅଛି ଏବଂ ଇଣ୍ଡିଆନ୍ ଡେଲିନ୍ୟୁସ ଏ ବିଷୟର ଅନେକ ପ୍ରଶଂସା କରି ଅନ୍ୟାନ୍ୟ କଥା ମଧ୍ୟରେ ଲେଖିଅଛନ୍ତି ଯେ ହାଇକୋର୍ଟରେ ଯେବେ ରାଜା ଅପୀଲ ନ କରିବେ ତେବେ ଭଲ ପରାମର୍ଶର କାର୍ଯ୍ୟ ହେବ । ଅମ୍ଭେମାନେ ଏଥିର ମର୍ମ ବୁଝି ପାରିଲୁଁ ନାହିଁ । ଯାବଜ୍ଜୀବନ କାରାବାସଠାରୁ ଅଧିକ ଦଣ୍ଡ ଆଇନରେ ନାହିଁ ଓ ଯେବେ ସମ୍ପାଦକଙ୍କ ମତରେ ଫାଶୀ ଦଣ୍ଡକୁ ଅଧିକ ବୋଲିବି ତେବେ ଏ ମକଦ୍ଦମାରେ ଫାଶୀ ନ ହେବାର କାରଣ ସେ କିଛି ଲେଖିଅଛନ୍ତି । ଏ ସ୍ଥଳେ ଅପୀଲରେ ଭଲ ଭିନ୍ନ ମନ୍ଦ ହେବାର ଆଶଙ୍କା ନାହିଁ । ପରନ୍ତୁ ସାଧାରଣ ମତରେ ଫାଶୀଠାରୁ ଯାବଜ୍ଜୀବନ କାରାବାସ ଦଣ୍ଡ ସମ୍ଭ୍ରାନ୍ତବ୍ୟକ୍ତି ପକ୍ଷରେ ଗୁରୁତର ଅଟଇ । ଫାଶୀ ବାସ୍ତବରେ ଦଣ୍ଡ ନୁହଇ କେବଳ ଏକ ନିଷ୍ଠୁର ହତ୍ୟାକାଣ୍ଡ ଏଥିପାଇଁ ଅନେକ ସଭ୍ୟଦେଶରେ ଏ ଦଣ୍ଡ ଉଠି ଯାଇଅଛି ଓ ବିଲାତରେ ମଧ୍ୟ କେତେଥର ଉଠାଇ ଦେବାର ପ୍ରସ୍ତାବ ହେଲାଣି । କେବଳ ସର୍ବ ଏକମତ ନ ହେବାରୁ ଉଠିଯାଉ ନାହିଁ ।

---

ପୁରୀ ରାଜାଙ୍କ ମକଦ୍ଦମାରେ ଅସେସରଙ୍କ ମତର ବିରୁଦ୍ଧରେ ଜଜ ସାହେବ ବିଚାର କରିବାରୁ ଇଣ୍ଡିଆନ୍‌ମିରର ଲେଖିଅଛନ୍ତି କି "ଏମନ୍ତ ହେଲେ ଜୁରି ନିୟମ ପ୍ରାୟ ଗୋଟିଏ ହାସ୍ୟାସ୍ପଦ ନିୟମ ରଖିବାର ପ୍ରୟୋଜନ କି ଅଛି ? ମଫସଲର ନିର୍ଦ୍ଦୋଷୀ ଭଦ୍ରଲୋକଙ୍କୁ ଏ ପ୍ରକାର କଷ୍ଟ ଦେବାର ହେତୁ କି ? ସେମାନେ ଏ ଭାବରେ ସାଧାରଣଙ୍କୁ ଖଟିବାର ଉଚ୍ଚାକାଙ୍କ୍ଷା ରଖନ୍ତି ନାହିଁ । ବର୍ତ୍ତମାନ କାଳରେ ସମୟ ଅର୍ଥ ତୁଲ୍ୟ ଅଟଇ ଏପ୍ରକାର କଠିନ କାଳରେ ଯାହାଙ୍କୁ ଅସେସର ହୋଇ କର୍ମ କରିବାକୁ ଅଦାଲତରୁ ଡାକରା ହୁଅଇ ସେମାନଙ୍କ ଅର୍ଥ, ସମୟ ଓ ମାନସିକ ବଳର କ୍ଷୟ ହେତୁ ସେମାନେ ଗବର୍ଣ୍ଣମେଣ୍ଟଙ୍କ ନାମରେ କ୍ଷତିପୂରଣର ନାଲିଶ କରିବାକୁ ସମ୍ପୂର୍ଣ୍ଣ ଅଧିକାର ରଖନ୍ତି ।"

ଇଂଲିସମ୍ୟାନ ନାମକ କଲିକତାର ବିଖ୍ୟାତ ପ୍ରାତ୍ୟହିକ ସଂବାଦପତ୍ର ଉପର୍ଯ୍ୟୁକ୍ତ ମତରେ ଐକ୍ୟ ହୋଇ ତହିଁରୁ ଅଧିକନ୍ତୁ କହୁଅଛନ୍ତି କି "ଯଦ୍ୟପି ଅସେସରଙ୍କ ଆଜ୍ଞା ଚୂଡ଼ାନ୍ତ ନ ହେଲା ତେବେ ସେପରି ନିୟମ ଆଦୌ ରଖିବାର ନୁହଇ । ତହିଁରେ ଅନିଷ୍ଟ ଭିନ୍ନ ଭଲ କିଛି ନାହିଁ । ଏଥିରେ ଅସେସରଙ୍କର ସମ୍ଭ୍ରମ ଊଣା ହୁଅଇ ଏବଂ ଜଜଙ୍କ ବିଷୟ ପ୍ରତି ଲୋକଙ୍କର ଆଦର ଊଣା ହୁଅଇ । ଯେତେ ମକଦ୍ଦମାରେ ଜଜ ଓ ଅସେସରଙ୍କ ବିଷୟ ଭିନ୍ନ ପଡ଼ଇ ସେ ସମସ୍ତ ନ ହେଉ ତହିଁର ଅଧିକାଂଶରେ ଦେଶୀୟ ସର୍ବସାଧାରଣ ଅସେସରମାନଙ୍କୁ ଯଥାର୍ଥ ଓ ଜଜ ସାହେବଙ୍କୁ ଭୁଲ ବିଚାର କରିଥିବାର ବିଶ୍ୱାସ କରନ୍ତି ଓ ସାଧାରଣରୂପେ ଏପ୍ରକାର ମକଦ୍ଦମାରେ ଦେଶୀୟ ଲୋକଙ୍କର ମନ ଅଧିକ ସଂଯୁକ୍ତ ଥିବାରୁ ତହିଁର ଫଳ ଏହି ହୁଅଇ ଯେ ଜୁରିସ୍ଥାର ଯାଗରେ ସୁବିଚାର ବଳ ପ୍ରଦାନ ହୋଇଥିବାର ବିଶ୍ୱାସଟି ଅତ୍ୟନ୍ତ ଦୃଢ଼ ହୁଅଇ । ପୁନଶ୍ଚ ଅସେସରମାନେ ଯେତେବେଳେ ଜାଣିଥିବେ ଯେ ତାହାଙ୍କ ରାୟ ଦେବା କେବଳ ଗୋଟାଏ ମତ ପ୍ରକାଶ କରିବା ଅଟଇ ଜଜ ଆପଣା ଇଚ୍ଛା ମତେ ଘେନିବେ ଅବା ନ ଘେନିବେ ତେତେବେଳେ ତାହାଙ୍କର ମନର ଗତି କି ପରି ହେବ ? ଯେବେ ମାମଲାରେ ତାହାଙ୍କ ମନ ଲାଗି ନାହିଁ ତେବେ ସେମାନେ ସାଧାରଣରୂପେ ଅସାବଧାନ ହେବେ ଓ ଯେବେ ତାହାଙ୍କର ମନ ଲାଗିଅଛି ତେବେ ଆପଣା ଇଚ୍ଛାକୁ ବିଚାରର ଅଧୀନ ରଖିବାର ଦାୟକୁ ଘେନିବେ ନାହିଁ । ଅଥଚ କାର୍ଯ୍ୟ କରିବାର ଜଣ୍ଡ ମର୍ଯ୍ୟାଦାର କ୍ଷୀଣଦ୍ୱାରା ହ୍ରାସ ନ ହୋଇ ତହିଁର ଅନର୍ଥକତାର ବିଶ୍ୱାସରେ ବର୍ଦ୍ଧିତ ହେବ ।"

ଆମ୍ଭମାନଙ୍କ ମତରେ ଇଂଲିସମ୍ୟାନଙ୍କ ଉପର ଲିଖିତ ମନ୍ତବ୍ୟ ଅତ୍ୟନ୍ତ ଯୁକ୍ତିଯୁକ୍ତ ଅଟଇ । ଯେବେ ଅସେସରଦ୍ୱାରା ବିଚାର ହେବାର ନିୟମ ରଖିବା ନିତାନ୍ତ ଆବଶ୍ୟକ ହୁଅଇ ତେବେ ତାହାଙ୍କ ମତ ଚୂଡ଼ାନ୍ତ କରିବାର ଉଚିତ ହୋଇଥିଲେ ସେ ପ୍ରଥା ରଖିବାର ଆବଶ୍ୟକ ନାହିଁ । ଭୁଥକୁ ଭଦ୍ରଲୋକମାନଙ୍କୁ କଚେରିରେ ଧରି ବସାଇବାର ଫଳ କି ? ଏହି ହେତୁରୁ ଅସେସରମାନେ ମକଦ୍ଦମାର ବିଚାର କାରଣ ବସିବାକୁ ସୁଖ ପାନ୍ତି ନାହିଁ ।

---

ଦେଶୀୟ ସମ୍ବାଦପତ୍ର ବିଷୟକ ଆଇନ ।

ଅମ୍ଭେମାନେ ଏ ଆଇନର ମର୍ମ ଏଥିପୂର୍ବେ ପ୍ରକାଶ କରିଅଛୁଁ । ଯଦ୍ୟପି କି ସେ ଆଇନଟି ଏକବୈଠକରେ ଜାରି ହୋଇ ସମ୍ବାଦପତ୍ରର ଅଧିକାରକୁ ମହାଦୁଃଖରେ ପକାଇଅଛି ତଥାଚ ଆମ୍ଭମାନଙ୍କର ଭରସା ଥିଲା ଯେ ଆଇନ ଜାରି କରିବାକୁ ଗବର୍ଣ୍ଣମେଣ୍ଟ ଶୀଘ୍ର ତତ୍ପର ହେବେ ନାହିଁ କିନ୍ତୁ ସେ ଆଶା ଫଳବତୀ ହେଲା ନାହିଁ । ମାରିବାଠାରୁ ଧମକାଇବା ବଡ ବୋଲି ଯେ ପ୍ରବାଦ ଅଛି ଗବର୍ଣ୍ଣମେଣ୍ଟ ତହିଁକି ସୁଦ୍ଧା ଅସ୍ତା କଲେ ନାହିଁ । ଆଇନଟି ତା ୧୪ ଋଶ ମାର୍ଚ୍ଚରେ ପ୍ରଚଳିତ ହେଲା ଓ ଏହିମାସ ତା ୧୬ ଋଶର ବଙ୍ଗଲା ଗେଜେଟରେ ତାହା ପ୍ରକାଶିତ ହୋଇଅଛି । କିନ୍ତୁ ବଙ୍ଗଲା ଗେଜେଟରେ ବାହାରିବା ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ବଙ୍ଗାଳ ସମ୍ଭାଳ ହୋଇ ପାରିଲେ ନାହିଁ । ତହିଁ ପୂର୍ବରୁ ଅନୁମତି ଦେବାରେ କଲିକତାର ପୁଲିସ କମିଶନର ଉକ୍ତ ଆଇନାନୁସାରେ ସହଚର ପୁଲଭ ଓ ସମାଜଦର୍ପଣର ଛାପାକାରଙ୍କଠାରୁ ସମନଦ୍ୱାରା ମୁଚଲିକା ଓ ଟ ୫୦୦ ଟଙ୍କାର ଯାମିନ ତଲବ କଲେ । ଯେମନ୍ତ କି ଏମାନେ ପୂର୍ବରୁ ଦାଗୀ ବୋଲି ଗବର୍ଣ୍ଣମେଣ୍ଟଙ୍କ ଦପ୍ତରଖାନାରେ ରେଜିଷ୍ଟରୀ ହୋଇଥିଲେ । ବାସ୍ତବରେ ସମାଜଦର୍ପଣକୁ ମୁଚଲିକା ତଲବ ହେବାରୁ ଉକ୍ତ ଅନୁମାନ ଦୃଢ ହେଉଅଛି । ଗତ ବର୍ଷାକାଳରେ ଯେତେବେଳେ ମାନ୍ୟବର ଇଡନ ସାହେବ ଦେଶୀୟ ସମ୍ବାଦପତ୍ର ସମ୍ପର୍କରେ ଆପଣା ମତ ପ୍ରକାଶ କଲେ ସମାଜଦର୍ପଣର ସ୍ୱତନ୍ତ୍ର ସମ୍ପାଦକ ସେହି କାଳରୁ ମନ୍ଦକାଳର ସୂଚକ ଦେଖି ବସ୍ତାନି ବାନ୍ଧିଲେ । ଆଠ ଦଶମାସ ହେବ ସେ ପତ୍ରିକା ଆଉ ବାହାରୁ ନାହିଁ ଅଥଚ ତାହା ନାମରେ ସମନ ହେଲା ? ସୁତରାଂ ପୁଲିସକମିଶନରେ ଯେମନ୍ତ ଦାଗିଙ୍କର ରେଜିଷ୍ଟରୀ ଥାଏ ସେପରି ଦାଗିସମ୍ପାଦକଙ୍କର ନାମ ରେଜିଷ୍ଟରୀ ହୋଇ ନ ଥିଲେ ପୁଲିସ କମିଶନର କେଉଁଠାରୁ ମୃତ ପତ୍ରିକାର ନାମ ପାଇଲେ । ଅତଏବ ବୋଧ ହୁଅଇ ଯେଉଁମାନଙ୍କୁ ସମ୍ପ୍ରତି ମୁଚଲିକା ଦେବାପାଇଁ ସମନ ହୋଇଅଛି ସେମାନଙ୍କୁ ପୂର୍ବକର୍ମର ପାପର ସଜା ପ୍ରାୟଶ୍ଚିତ୍ତ କରିବାକୁ ପଡୁଅଛି । ଯାହା ହେଉ ସମନର ପ୍ରଥମ ଫଳ ଏହି ହେଲା ଯେ କଲିକତାର ଗୋଟିଏ ଉତ୍ତମ ସମ୍ବାଦପତ୍ର ସହଚର ଅପମାନଠାରୁ ମୃତ୍ୟୁକୁ ଶ୍ରେୟସ୍କର ମଣି ବିନାଶକୁ ଲଭିଲା । ଉକ୍ତ

Digitized by srujanika@gmail.com

Split by PDF Splitter



ପତ୍ରିକାର ଛାପାକାର କମିଶନରଙ୍କୁ ଉତ୍ତର ଦେଲେ ଯେ ଯାମିନ ଦେବେ ନାହିଁ ଓ ଆଉ ପତ୍ରିକା ବାହାରିବ ନାହିଁ ।

ସୁଲଭସମାଚାରର ଅଧିକାରୀ ଆପଣା ଶିଶୁକୁ ଆପଣା ହାତରେ ବଧ କରିବା ଅତ୍ୟନ୍ତ ନିଷ୍ଠୁର କାର୍ଯ୍ୟ ଜ୍ଞାନ କରି ଯାମିନ ଦେଇ ପତ୍ରିକା ଚଳାଉଅଛନ୍ତି । ସେ କହୁଅଛନ୍ତି କି ପଇସା ଗୋଟାକ ସକାଶେ କାଗଜ ବନ୍ଦ କରିବୁଁ ଏଥିର ମାନ-ସମ୍ଭ୍ରମ କାହିଁ ଯେ ମାନ ରକ୍ଷା କରିବା ସକାଶେ ଆପଣା ବ୍ରତ ଭଙ୍ଗ କରିବୁଁ । ସାଧାରଣ ହିତ ଉଦ୍ଦେଶରେ ପତ୍ରିକା ବାହାର ହୋଇଅଛି ବନ୍ଦ କରିଦେଲେ କାହାର ଲାଭ ନାହିଁ ଅଥଚ ସମସ୍ତଙ୍କର କ୍ଷତିର ସମ୍ଭାବନା । ଏଥିପାଇଁ ସେ ସ୍ଥିର କରିଅଛନ୍ତି ଯେ ଟଣାଟଣି କରି ଶେଷ ପର୍ଯ୍ୟନ୍ତ ଦେଖିବେ ଓ ପଛକୁ ଯେବେ ମୃତ୍ୟୁ ଘଟନା ହେବ ତେବେ ପାଠକମାନେ ମୂଠାଏ ପିଣ୍ଡ ଦେବେ ଏତିକି ଅନୁରୋଧ କରିଅଛନ୍ତି । ଢାକାପ୍ରକାଶ ଓ ହିନ୍ଦୁହିତୈଷିଣୀ ଏହି ପ୍ରକାର ଯାମିନ ଦେଇଅଛନ୍ତି ।

ଏଥିରୁ ପାଠକମାନେ ଦେଖିବେ ଯେ ନୂତନ ଆଇନଟି ସବାଗେ ବଙ୍ଗଳାରେ କଠିନରୂପେ ଜାରି ହୋଇଅଛି । କିନ୍ତୁ ଉତ୍ତରପଶ୍ଚିମର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ଏ ବିଷୟରେ ଗୋଟିଏ ସୁବିଚାର କରିଅଛନ୍ତି । ସେ ଏକାବେଳକେ ଆଇନଟି ଜାରି ନ କରି ପତ୍ରିକାର ଅଧିକାରୀମାନଙ୍କୁ ଏକ ସରକ୍ୟୁଲରର ପତ୍ରଦ୍ୱାରା ସତର୍କ କରି ଦେଇଅଛନ୍ତି । ଭବିଷ୍ୟତରେ କେହି ଆଇନ ଲଙ୍ଘନ କଲେ ଆଇନର ବିଧାନମାନ ତାହା ଉପରେ ଜାରି ହେବ ।

ଏତ ଗଲା ଭାରତବର୍ଷର କଥା । ବିଲାତରେ ଏ ଆଇନ ଯେନ ଭାରି ଭର୍ତ୍ସିତ ହେବ ଏମନ୍ତ ଲକ୍ଷଣ ଦେଖାଯାଉଅଛି । ସେଠାର ପତ୍ର-କାର ସମ୍ପାଦକମାନେ ( କେବଳ ଏକଖଣ୍ଡ ଛଡ଼ା ) ଏ ଆଇନକୁ ମନୋନୀତ କରିଅଛନ୍ତି ତାହାଙ୍କର ମତ ଏହିପରି ବୋଧ ହୁଅଇ ଯେ ସ୍ଥାନୀୟ ଶାସନକର୍ତ୍ତାମାନେ ଏକା ଆପଣା ଅଧୀନସ୍ଥ ଲୋକଙ୍କ ଭାବ ଭଙ୍ଗୀ ବୁଝିବାକୁ ସକ୍ଷମ ଅଟନ୍ତି ଓ ତାହାଙ୍କ ମତରେ ଯେସ୍ଥଳେ ଆଇନ ଜାରି କରିବା ଆବଶ୍ୟକ ହୋଇ ଅଛି ସେସ୍ଥଳେ ତାହା ଅବଶ୍ୟ ଉଚିତ ହୋଇଅଛି ବୋଲିବାକୁ ହେବ । ଏହିରୂପେ ବିଲାତର ସମ୍ବାଦପତ୍ରମାନେ ଗୋଟାଏ କଳ୍ପିତ ହେସାବ ଉପରେ ନିର୍ଭର କରୁଅଛନ୍ତି । କିନ୍ତୁ ସୁଖର ବିଷୟ ଯେ ପାର୍ଲିମେଣ୍ଟ ସଭାର ମତ ସେପ୍ରକାର ନୁହେ । ଆମ୍ଭେ-ମାନେ ଅତ୍ୟନ୍ତ ଆନନ୍ଦ ସହିତ ଭାରତୀୟ ସଂମ୍ବାଦରେ ପାଠକଲୁଁ ଯେ ପାର୍ଲିମେଣ୍ଟ ସଭାର ଜଣେ ମେମ୍ବର ଓଡ଼ନେଲ ସାହେବ କହିଲେ କି ଉକ୍ତ ସଭାର ମତ ପୂର୍ବରୁ ନିଅଯା ନ ଯାଇ ଏପରି ଆଇନ ଜାରି କରିବା ଭାରି ଅନ୍ୟାୟ ହୋଇଅଛି । କୌଣସି ସଭ୍ୟଦେଶରେ ଏମନ୍ତ ସ୍ୱାଧୀନତା ବିରୁଦ୍ଧ ଆଇନ ଜାରି ହେବାର ଦେଖା ନାହିଁ । ଇଂରାଜ ଓ ଖ୍ରୀଷ୍ଟୀୟାନଙ୍କ ବିରୁଦ୍ଧରେ କିଛି କହିଲେ ଦଣ୍ଡ ହେବ ଆଇନର ଏପରି ଭାବ ଅତ୍ୟନ୍ତ ମନ୍ଦ ଅଟଇ । ଗ୍ଲାଡଷ୍ଟୋନସାହେବ କହିଲେ କି ଏ ସମ୍ବାଦ ଶୁଣି ସେ ଦୁଃଖିତ ଅଛନ୍ତି କିନ୍ତୁ ସମସ୍ତ ବିବରଣ ନ ଜାଣି କିଛି କହି ନ ପାରନ୍ତି । ଅମ୍ଭମାନଙ୍କ ପୂର୍ବ ଷ୍ଟେଟଲଟ କେମ୍ବଲସାହେବ କହିଲେ କି ଲର୍ଡ଼ ଲିଟନ ଯାହା କହୁଅଛନ୍ତି କି ଆମ୍ଭେ ଏପରି ଆଇନର ପ୍ରସ୍ତାବ କରିଥିଲୁଁ ତାହା ଭୁଲ ଅଟଇ ଆମ୍ଭେ କେବେହେଁ ଏପରି ପ୍ରସ୍ତାବ କରିବାର ମନେ ପଡ଼ୁ ନାହିଁ । ଆମ୍ଭେ ବହୁତ କଟୁକଥା ସମ୍ବାଦପତ୍ରରେ ଶୁଣିଅଛୁଁ କିନ୍ତୁ ଏପରି ବିଧାନ କରିବାକୁ ଆମ୍ଭର ମନ ବଳ ନାହିଁ । ଏ ବିଷୟଟି ବଡ଼ କଠିନ ଆମ୍ଭ ପଦ ମର୍ଯ୍ୟାଦା ସଙ୍ଗେ ଏହା ଜଡ଼ିତ ଥିବାରୁ ଆମ୍ଭେ ଏଥିରେ ହାତ ଦେଇ ନାହୁଁ । ଏପରି ଆଇନ ଏଡ଼େ ଚଞ୍ଚଳରେ ବିଧିବଦ୍ଧ ହେବା ଦେଖି ଆମ୍ଭେ ଆଶ୍ଚର୍ଯ୍ୟ ହୋଇ ଅଛୁଁ । ଫସେଟସାହେବ କହିଲେ ଏ ବିଷୟ ଅତି ଗୁରୁତର ପକ୍ଷେ ଏଥିର ବିଚାର ହେବ । ଏହିରୂପ ଧାର୍ଯ୍ୟ ହେଲା ଯେ ଉକ୍ତ ଆଇନ ଓ ମନ୍ତ୍ରୀସଭାର ସମସ୍ତ ବକ୍ତୃତା ବିଲାତରେ ପ୍ରବେଶ ହେଲା ଉତ୍ତାରୁ ଏ କଥା ପୁନର୍ବାର ଉତ୍ଥାପନ ହେବ ପାର୍ଲିମେଣ୍ଟ ସଭା ଆପଣାଠାରୁ ଏ କଥା ବାହାର କରିବାରୁ ଆମ୍ଭେ-ମାନେ ତାହାଙ୍କଠାରେ ଅତ୍ୟନ୍ତ କୃତଜ୍ଞ ହେଲୁଁ । ପୁଣି ଭାରତବର୍ଷୀୟ ସଭାରୁ ଏକଖଣ୍ଡ ଆବେଦନ-ପତ୍ର ଶୀଘ୍ର ଉକ୍ତ ସଭାକୁ ଯାଉଅଛି ଏ ସମସ୍ତ ଏକତ୍ରରେ ବିଚାର ହେବ ଏବଂ ଭରସା ହେଉ-ଅଛି ସ୍ୱାଧୀନପ୍ରିୟ ଇଂରାଜମାନେ ଆପଣା ପ୍ରଜାଙ୍କର ସ୍ୱାଧୀନତା ହରଣ କରିବାକୁ କଦାଚ ସମ୍ମତ ହେବେ ନାହିଁ । ସମ୍ବାଦପତ୍ରର ସ୍ୱାଧୀ-ନତା ଆମ୍ଭମାନଙ୍କର ମୌରସିସମ୍ପତ୍ତି ନୁହଇ । ଇଂରାଜଙ୍କ ଶାସନର ନାନା ସୁଫଳ ମଧ୍ୟରେ ଏହାକୁ ଆମ୍ଭେମାନେ ପାଇଅଛୁଁ ଯେବେ ସେହିମାନେ ଆପଣା ପ୍ରଦତ୍ତ ଧନ ହରନ୍ତେ ତେବେ ତହିଁରେ ଆମ୍ଭମାନଙ୍କର ପ୍ରକୃତ କ୍ଷତି କିଛି ନାହିଁ କିନ୍ତୁ କଥାଟା ତାହାଙ୍କୁ ବଡ଼ ଊଣା ହେବ ।

—*—

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏ ନଗରରେ ବୃଷ୍ଟି ନ ହେବାରୁ ଗ୍ରୀଷ୍ମ ଅତ୍ୟନ୍ତ ହୋଇଅଛି ଓ ଜଳକଷ୍ଟ କ୍ରମଶଃ ଅଧିକ ବାଢ଼ି ଅଛି । କେବଳ ବତାସ ବହୁଥିବାରୁ ଗ୍ରୀଷ୍ମର କଷ୍ଟ କିଛି ଊଣା ଅଛି ।

ଶ୍ରୀଯୁକ୍ତ କମିଶନର ସାହେବ ଖୋରଧାରେ ଦୁଇଦିନ କଚେରୀ କରି କଟକୂଳ ରମ୍ଭା ମାଲୌଦ ଓ ପାଣିକୁଦ ଇତ୍ୟାଦି ସ୍ଥାନମାନଙ୍କରେ ଭ୍ରମଣ କରୁଅଛନ୍ତି । କାଲି ପରଦିନ ପୁରୀରେ ପହୁଞ୍ଚିବାର କଥା ଅଛି । ଏସବୁ ଅଞ୍ଚଳର ଲୋକ ଜଳ ବିହୁନେ ବଡ଼ କଷ୍ଟରେ ଅଛନ୍ତି ଚାଉଳ ଟଙ୍କାକୁ ସେ ୭ ରଠାରୁ ସେ ୯ ର ପର୍ଯ୍ୟନ୍ତ ମିଳୁଅଛି ।

ବାଲେଶ୍ୱରର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ବାବୁ ଜଗଦୀଶନାଥ ଗୁପ୍ତ ଟିପୁରାଜିଲ୍ଲାକୁ ବଦଳି ହେଲେ ।

ବାଲେଶ୍ୱରରେ ଉତ୍ତମ ବୃଷ୍ଟି ହୋଇଥିବାର ବାହାରୁ ଜଣା ଯାଏ । ପୋଖରୀମାନଙ୍କରେ ଏକଫୁଟରୁ ଅଧିକ ଜଳ ବଢ଼ିଥିଲା । ଏ ବୃଷ୍ଟି କି ମନୁଷ୍ୟ କି ଗୋରୁ ସମସ୍ତଙ୍କର ଉପକାରୀ ହୋଇଅଛି ।

ବାଲେଶ୍ୱରର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଗନ୍‌ସାହେବ ନଦିଆଜିଲ୍ଲାକୁ ବଦଳି ହେଲେ ।

ଏଫ୍ ଓବେଷ୍ଟରସାହେବ ଚନ୍ଦବାଲି ଓ ବାଲେଶ୍ୱର ବନ୍ଦରର ପୋର୍ଟଅଫିସର ନିଯୁକ୍ତ ହୋଇଅଛନ୍ତି ।

ତଳଲିଖିତ ମହାଶୟମାନେ ଫାମିନ କମିଶନରେ ନିଯୁକ୍ତ ହୋଇଅଛନ୍ତି; ଯଥା—ଜେନରଲ୍ ଷ୍ଟ୍ରାଚି ସଭାପତି, ଇଲିୟଟସାହେବ ସେକ୍ରେଟରୀ, କାର୍ଡ ସାହେବ ମାନ୍ୟବର ବିଚାରପତି କନିଂହାମ, ବାଲଡ ବଟନ୍ ଓ ପିଲ ସାହେବ, ରଙ୍ଗାଚରୁ ଏବଂ କୋଲାପୁରର କାରବାରୀ ଏମାନେ ମେମ୍ବର ହୋଇଅଛନ୍ତି ।

ରୁଷୀୟମାନେ ତୁରସ୍କକୁ ପଚାଶକୋଟି ଟଙ୍କା ଯୁଦ୍ଧର କ୍ଷତିପୂରଣସ୍ୱରୂପ ମାଗୁଅଛନ୍ତି କେହି ପ୍ରସ୍ତାବ କରୁଅଛନ୍ତି କି ଇଂରାଜମାନେ ଏହି ଟଙ୍କା ଦେଇ ତୁରସ୍କ ରାଜ୍ୟକୁ ଗଲସ କରି ନେଲେ ଆଉ ଯୁଦ୍ଧର ପ୍ରୟୋଜନ ହେବ ନାହିଁ । ପରାମର୍ଶଟି ମନ୍ଦ ନୁହେ ।

Digitized by srujanika@gmail.com

ମାନ୍ଦ୍ରାଜରେ ଦୁର୍ଭିକ୍ଷ ବ୍ୟୟ ସମ୍ପର୍କରେ ଏତେ ଗୋଳମାଳ ହୋଇଅଛି ଯେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ହିସାବ ତଦାରଖ ନିମିତ୍ତ ଜଣେ ବିଶେଷକର୍ମଚାରୀ ନିଯୁକ୍ତ କରିଅଛନ୍ତି ।

ବିଲାତରେ ସର୍ପର ଭାରି ସମ୍ମାନ ଅଛି ବୋଲି ସର୍ ମାଧେ.ରାଓ କହିଅଛନ୍ତି । ଇଂରେଜମାନେ ଆପଣା ବଗିଚାରେ ଏକଖଣ୍ଡ ଶୀତଳଘାସ ବଢିଥିବା ଭୂମି ସର୍ପମାନଙ୍କର ଅବାସ ନିମିତ୍ତ ପୃଥକ୍ କରି ରଖି ଦେଅନ୍ତି ଏବଂ ସର୍ପପ୍ରତି ସେଠା ଲୋକଙ୍କ ସ୍ନେହ ଏତେ ଦୂର ବିସ୍ତାର ହୋଇଅଛି ଯେ କେତେ ସମ୍ବାଦପତ୍ରରେ ସର୍ପଜାତିର ଅନ୍ୟାନ୍ୟ ଆନୁଷଙ୍ଗିକ ପଦାର୍ଥସହିତ ସର୍ପସୁଦ୍ଧା ବିକ୍ରୟ ହେବାର ଲେଖା ଯାଇଅଛି । ଏମାନେ ନାଗେଶଗୋଷ୍ଠ ହେବେ କି ? ନା ଏ ଅଞ୍ଚଳରେ ବିଷାକ୍ତସର୍ପ ନାହାନ୍ତି ।

ଅସ୍ମାନଙ୍କର ନୂତନ ରାଜକୀୟ ସେକ୍ରେଟରୀ ଲର୍ଡ ଷ୍ଟେପଲହର୍ଷ୍ଟ ନ୍ ୧୮୧୪ ସାଲରେ ଜନ୍ମଗ୍ରହଣ କରିଥିଲେ ସୁତରାଂ ତାହାଙ୍କର ବୟସ ୬୪ ବର୍ଷ ହୋଇଅଛି । ଏଥିପୂର୍ବେ ସେ ଯୁଦ୍ଧବିଭାଗର ସେକ୍ରେଟରୀ ଥିଲେ ।

ରୁଷୀୟ ସହିତ ଇଂଲଣ୍ଡର ଯୁଦ୍ଧ ହେଲେ ବିଦେଶକୁ ଯାଇ କର୍ମ କରିବା କାରଣ ଲକ୍ଷ୍ନୌର ଏକ ଦେଶୀୟ ପଲଟନ୍ କି ତହିଁ ମଧ୍ୟରେ ମୁସଲମାନ ଅଧିକାଂଶ ଅଛନ୍ତି ପ୍ରାର୍ଥନା କରିଅଛନ୍ତି । ଏପରି ଆଉ ଅନେକ ପଲଟନ୍ ବାହାରି ପାରନ୍ତି ।

ଡେଲିନିୟୁସ ଶୁଣିଅଛନ୍ତି କି ମଧ୍ୟପ୍ରଦେଶର କଚେରିମାନ ଗ୍ରୀଷ୍ମକାଳ ସକାଶେ ଆଗାମିମାସ ତା ୧୫ ରଖଠାରୁ ବନ୍ଦ ହେବ । ପୂର୍ବେ ଶୀତକାଳରେ ଏପରି ଛୁଟୀ ହେଉଥିଲା ।

କଲିକତାରେ ଏଥିମଧ୍ୟରେ ଭାରି ବତାସ ହୋଇ ଅନେକସ୍ଥଳେ କାହୁସର ଭାଙ୍ଗି ଯାଇଅଛି । ପ୍ରାୟ ଏକଘଣ୍ଟା ପର୍ଯ୍ୟନ୍ତ ବତାସ ଓ ତହିଁ ସଙ୍ଗେ ବଡ଼ ୨ କରକାପାତ ହୋଇଥିଲା । କେବଳ ଏକଜଣ ମନୁଷ୍ୟ ମରିପଡିବାର ସଂବାଦ ମିଳିଅଛି ଆଉ ଦ୍ରବ୍ୟାଦି ବସ୍ତୁର ନଷ୍ଟ ହୋଇଅଛି ।

କାଉନଗରର ଠାକୁରସାହେବ ଗାଦିରେ ଅଭିଷିକ୍ତ ହେବାକାଳରେ ତାହାଙ୍କ ପ୍ରଜାମାନେ ପନ୍ଦରହଜାର ଟଙ୍କା ଭେଟି ଦେଇଥିଲେ ଉକ୍ତ ସମସ୍ତ ଟଙ୍କା ସେ ମାନ୍ଦ୍ରାଜ ଦୁର୍ଭିକ୍ଷପୀଡିତ ବ୍ୟକ୍ତିଙ୍କ ସାହାଯ୍ୟ ନିମିତ୍ତ ଦାନ କରିଅଛନ୍ତି । ଏ କାର୍ଯ୍ୟଟି ଅତି ପ୍ରଶଂସନୀୟ ଅଟଇ ।

ଆସନ୍ତା ମଇମାସ ତା ୬ ରଖରେ ଗୋଟିଏ ବିଶେଷ ଘଟନା ହେବ । ଜ୍ୟୋତିଷମାନେ ବହୁକାଳରୁ ଏହାକୁ ଗଣି ବସିଥିଲେ । ସେଦିନ ମଙ୍ଗଳଗ୍ରହ ସୂର୍ଯ୍ୟଙ୍କ ଉପରଦେଇ ଗମନ କରିବେ । ଏହା ଦେଖିବା ସକାଶେ ଫରାସୀ ଗବର୍ଣ୍ଣମେଣ୍ଟ ଦୁଇଜଣ ଜ୍ୟୋତିଷ ଭାରତବର୍ଷକୁ ପଠାଇଅଛନ୍ତି ।

ଡକାଇତମାନଙ୍କର ସାହାସ ଏଣିକି ବହୁତ ବଢିବାର ଦେଖାଯାଏ । ମାନ୍ଦ୍ରାଜର ଏକସ୍ଥାନରେ ରେଲଗାଡ଼ି ଚାଲୁଥିବା ସମୟରେ ଡକାଇତମାନେ ତହିଁଉପରେ ଚଢ଼ିବସି ୨୧ ବସ୍ତା ମାଲ ବାହାରକରି ପକାଇଲେ ତହିଁରୁ କେବଳ ଏକବସ୍ତା ପାଆ ଯାଇଅଛି ମାତ୍ର ଦୁଇଜଣ ଡକାଇତ ଧରା ପଡିଅଛନ୍ତି ।

ବାବୁ ଈଶ୍ୱରଚନ୍ଦ୍ର ମିତ୍ର ବଙ୍ଗଳା ବ୍ୟବସ୍ଥାପକ ସଭାରୁ ନିୟମାନୁସାରେ ବାହାର ଯାଇଅଛନ୍ତି ଏବଂ ତାହାଙ୍କ ସ୍ଥାନରେ ବେହାରର ଡେପୁଟୀ କଲେକ୍ଟର ସୟଦଅମିର୍ ହୋସେନ ନିଯୁକ୍ତ ହୋଇଅଛନ୍ତି ।

ହୋଲକାରର ମହାରାଜା ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ରାଜଭକ୍ତି ରଖିଥିବାର ପ୍ରମାଣସ୍ୱରୂପ ମାଲ୍‌ଆ ଅଖବାର୍ ନାମକ ସଂବାଦପତ୍ରର ସମ୍ପାଦକକୁ ଛଅମାସ କାରାବାସ ଦଣ୍ଡ ଦେଇଅଛନ୍ତି । ଦେଶୀୟ ସଂବାଦପତ୍ର ସମ୍ପର୍କୀୟ ନୂତନ ଆଇନ ଜାରି ହେବା ସଙ୍ଗରେ ଏ ସଂବାଦପତ୍ରର ଲେଖା ପ୍ରତି ଦୋଷ ଦିଆ ଯାଇଥିଲା । ସେହି ଅପରାଧରୁ ଏ ଦଣ୍ଡ ହୋଇଅଛି । ବ୍ରିଟିସରାଜ୍ୟରେ ଥିଲେ ଏ ଲୋକର କାରାଦଣ୍ଡ ହୁଅନ୍ତା ନାହିଁ ।

ଲଣ୍ଡନ ନଗରରେ ଜଣେ ଭିକ୍ଷୁକ, ଅତି ଗରିବ ବାଟେ୨ ଓ ଦ୍ୱାରେ୨ ଭିକ୍ଷା କରି କୌଣସିରୂପେ ଦିନପାତ କରୁଥିଲେ ଏବଂ ଦାତବ୍ୟ ଔଷଧାଳୟକୁ ଯାଇ ଔଷଧ ଆଣୁଥିଲେ ଶେଷରେ ମରିବା ସମୟରେ ଜଣାଗଲା ଯେ ତାଙ୍କର ଘରେ ଉଙ୍କାଟେରି ଗଦ ଭଲେ ୬ ଲକ୍ଷ ଟଙ୍କାର କାଗଜ ମୌଜୁଦ ଅଛି ଏହା ଦୁଇଗୋଟି ସତ୍କାର୍ଯ୍ୟାନୁଷ୍ଠାନ ସଭା ନିମିତ୍ତ ଉଇଲ କରି ତହିଁରେ ଷ୍ଟ୍ରାଷ୍ଟିର ନାମ ଲେଖାଇ ଅଛନ୍ତି । ଧନ୍ୟ କୃପଣ ଭିକ୍ଷୁକ ! ତୁମ୍ଭେ ପରକୁ ସୁଖୀ କରିବା ନିମିତ୍ତ ଏତେ ଦୁଃଖରେ ଦିନପାତ କରୁଥିଲ ।

ବ୍ରହ୍ମଦେଶର ରାଜାର ମନ୍ତ୍ରୀ ଓ କର୍ମଚାରୀମାନେ ଅଫିସକୁ ଆସିବାକୁ ବିଲମ୍ବ କରନ୍ତି ବୋଲି ରାଜା ସେମାନଙ୍କୁ କଷ୍ଟଦନ କଏଦ କରି ରଖିଥିଲେ ।

ଦୁଧ ପରଖ କରିବାର ଆଉ ଏକ ପ୍ରକାର ଉପାୟ ବାହାର ହୋଇଅଛି । ଟୋପାଏ ଦୁଧ ବୁଢାଅଙ୍ଗୁଳୀ ନଖ ଉପରେ ରଖିଲେ ଯଦି ସେଥିରେ ଜଳ ଥାଏ ତେବେ ଗୋଲାକାର ବିନ୍ଦୁ ହେବ ନାହିଁ ବିସ୍ତୃତ ହୋଇ ପଡିବ ଆଉ ଯଦି ନିର୍ମଳା ହୁଏ ତେବେ ଠିକ ଗୋଟିଏ ଗୋଲାକାର ବିନ୍ଦୁପ୍ରାୟ ଠିଆ ହୋଇ ରହିବ । ଏକ ବ୍ୟକ୍ତି ଅନେକ ଥର ପରୀକ୍ଷା କରି ଏହା ପ୍ରମାଣ କରିଅଛନ୍ତି । କିନ୍ତୁ ଯେଉଁ ଗଉଡ ସଙ୍ଗରେ ଜଳ ଦେବାର ବନ୍ଦୋବସ୍ତ ଅଛି ସେଠାରେ କି ହେବ ? ଜଳ ଯେ ଦୁଧର ଅର୍ଦ୍ଧ ଅଙ୍ଗ ତାହା କଲିକତାର ଲୋକମାନେ ସ୍ୱୀକାର କରନ୍ତି ।

NOTICE.

FOR SALE.

No. 1 Bungalow outside of Cantonment and opposite the Telegraph Office now let at Rs. 50. per Month.

Also No. 7 Cantonment Bungalow also let at Rs. 50. per Month.

Apply to Rev. W. MILLER Cuttack.

Cuttack April 19th 1878.

ବିଜ୍ଞାପନ ।

କାନ୍‌ଟନମେଣ୍ଟର ବାହାର ତରଫରେ ଓ ଟେଲିଗ୍ରାଫ କଚେରିର ସାମନାରେ ଥିବା ନ ୧ ସ୍ୱର ବଙ୍ଗଳା କି ଯହିଁରେ ମାସିକ ବର୍ତ୍ତମାନ ଭଡା ଟ ୫୦୲ ଙ୍କା ଅପର ନ ୭ ସ୍ୱର କାନ୍‌ଟନମେଣ୍ଟ ବଙ୍ଗଳା କି ଯହିଁର ମାସିକ ବର୍ତ୍ତମାନ ଭଡା ଟ ୫୦୲ ଙ୍କା ଅଟଇ ବିକ୍ରୟ ହେବ । କଟକ ନଗର ନିବାସୀ ପାଦ୍ରୀ ଡବଲିଉ ମିଲର ସାହେବଙ୍କ ନିକଟରେ ତତ୍ତ୍ୱ କରିବାକୁ ହେବ ।

କଟକ

୧୮୭୮ ସାଲ ୧୯ ଅପ୍ରେଲ

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବଦାସ ମହାନ୍ତି | କଟକ | ବକାୟା | ଟ ୩୲ |
| „ ଜଗବନ୍ଧୁ ଘୋଷ | „ | „ | ଟ ୭୲ |
| „ ନନ୍ଦକିଶୋର ଦାସ | „ | ଅଗ୍ରିମ | ଟ ୫୲ |
| „ କାଳିପଦ ବାନୁର୍ଯ୍ୟା | „ | ବକାୟା | ଟ ୭୲ |
| „ ହରମୋହନ ମିତ୍ର | „ | ଅଗ୍ରିମ | ଟ ୫୲ |
| „ ଜଗମୋହନଦାସ | „ | ବକାୟା | ଟ ୭୲ |
| ଶ୍ରୀ ଚୌଧୁରୀ ବୈଦ୍ୟନାଥଦାସ | „ | „ | ଟ ୭୲ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସ ୧୮ ଖ୍ୟା

ତା ୪ ଘଣ ମାହେ ମଇ ସନ ୧୮୭୮ ମସିହା । ମୂ । ବୈଶାଖ ଦ ୨୪ ଜ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
ମଫସଲପାଁଇ ଡାକମାସୁଲ ଟ୧୫୵

ଇଂଲଣ୍ଡ ଓ ରୁଷିୟାର ମହାନ୍ତର ବିଷୟରେ ଏ ସପ୍ତାହରେ କୌଣସି ବିଶେଷ ସମାଚାର ଆସିନାହିଁ । ପୂର୍ବପ୍ରାୟ କଥାବାର୍ତ୍ତା ଓ ସନ୍ଧି ଲାଗି ରହିଅଛି ଏବଂ ଯୁଦ୍ଧର ସଜ୍ଜା ଉଦ୍ୟମ ହେଉଅଛି । ଦେଶୀୟ ସେନା କି ଯାହାଙ୍କ ମାଲଟା-ଦ୍ୱୀପକୁ ଯିବାର ଆଦେଶ ହୋଇଥିଲା ଗତ ସପ୍ତାହରେ ବମ୍ବେଇରୁ ଯାତ୍ରା କଲେ । ଏମାନଙ୍କୁ ତିନିମାସର ବେତନ ଅଗ୍ରିମ ଦିଆ ଯାଇଅଛି ଏବଂ ସରକାରଙ୍କଠାରୁ ଖୋରାକ ପାଇବେ । ଏମାନେ ଖୁସି ଉତ୍ସାହ ସହିତ ଯାଇ ଅଛନ୍ତି ।

---

ପୁରୀରାଜାଙ୍କ ମକଦ୍ଦମା ଗତ ସୋମବାର ପଡିନାହିଁ । ଶ୍ରୀମତୀ ଗିରଭେନ୍ଦୁସୀଙ୍କ ପକ୍ଷରୁ ମକଦ୍ଦମା ଚଳାଇବା ସକାଶେ ସ୍ୱୟଂ ଆଡଭୋକେଟ ଜେନରଲ ପାଲସାହେବ ନିଯୁକ୍ତ ହୋଇ ଅଛନ୍ତି ଓ ତାହାଙ୍କ ପ୍ରାର୍ଥନାମତେ ହାଇକୋର୍ଟ ଏକସପ୍ତାହ ମହଲତ ଦେଇ ଅଛନ୍ତି । ଆଗାମୀ ସୋମବାର ମକଦ୍ଦମା ପଡିବ ଓ ରାଜାଙ୍କ କପାଳରେ କି ଅଛି ଶୀଘ୍ର ଜଣାପଡିବ । ସମସ୍ତେ ହାଇକୋର୍ଟର ସୁବିଚାରକୁ ଚାହିଁ ବସିଅଛନ୍ତି । ଏ ସମ୍ବାଦ ଲେଖା ହେଲା ଉତ୍ତାରୁ ଅବଗତ ହେଲୁଁ ଯେ ରାଜାଙ୍କ ମକଦ୍ଦମା ହାଇକୋର୍ଟର ଫୁଲବେଞ୍ଚ ଅଧିବେଶନରେ ବିଚାରିତ ହେବ । ପ୍ରଧାନ ଜଜ ଗାର୍ଥସାହେବ ଏବଂ ଅନ୍ୟ ଦୁଇଜଣ ଜଜ ଯାକସନ ଓ ଏନସିଲି ସାହେବ ମକଦ୍ଦମାର ବିଚାର କରିବେ ।

---

ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାକ୍ରମେ କଟକଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ପ୍ରତି ସପ୍ତାହରେ କେନାଲ ଓ ନଦୀବାଟେ ଜାହାଜ ଯାତାୟାତ କରିବାର ବନ୍ଦୋବସ୍ତ ହୋଇଅଛି । ଏ କଥା ଆମ୍ଭେମାନେ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲୁଁ । କେନ୍ଦ୍ରାପଡା କେନାଲ ଫିଟିବାର ପ୍ରାୟ ଦଶବର୍ଷ ହେଲା ଏତାବତ୍‌କାଳ ସାଧାରଣଙ୍କର ଯିବା ଆସିବାର କୌଣସି ବନ୍ଦୋବସ୍ତ ନ ହେବାରୁ ବଡ କଷ୍ଟ ଜଣା ଯାଉଥିଲା ମଧ୍ୟ ଆମ୍ଭେ କେତେଥର ଏ ବିଷୟରେ ପ୍ରସ୍ତାବ କରିଥିଲୁଁ ଯାହା ହେଉ ଏତେଦିନେ ସେପରି ବନ୍ଦୋବସ୍ତ ହେଲା ବଡ ସୁଖର ବିଷୟ ଅଟଇ । ଏ ବନ୍ଦୋବସ୍ତରେ କଟକଠାରୁ କଲିକତାକୁ ତିନିଦିନରେ ଯିବାର ସୁବିଧା ହେଲା । ଏହିମାସ ଆରମ୍ଭରୁ ଏ ନିୟମ ପ୍ରଚଳିତ ହେଲା ଓ ଗତ ବୁଧବାର କେତେଗୁଡିଏ ଯାତ୍ରୀ ନେଇ ଜାହାଜ ଚାନ୍ଦବାଲିକୁ ଗଲା । ଆମ୍ଭେମାନେ ଆଶା କରୁଁ ଯେ ଏଥି ସଙ୍ଗେ ପ୍ରତ୍ୟେକ ଲକ-ସ୍ଥଳଠାରେ ମନୁଷ୍ୟ ନେବାର ଏବଂ ଓହ୍ଲାଇ ଦେବାର ନିୟମ ହେଉ ତାହା ହେଲେ କେନାଲ-ଦ୍ୱାରା ଲୋକଙ୍କର ଅନେକ ଉପକାର ହେବ ଓ କେନାଲର କାର୍ଯ୍ୟକାରିତା ସର୍ବସାଧାରଣ ବିଲକ୍ଷଣ-ରୂପେ ବୁଝି ପାରିବେ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ପାଠକମାନଙ୍କୁ ଜଣାଉଅଛୁଁ ଯେ ଦେଶୀୟ ଭାଷାର ସମ୍ବାଦପତ୍ର ଓ ପୁସ୍ତକସମ୍ବନ୍ଧୀୟ ନୂତନ ଆଇନକୁ ଯେପରି କଠିନରୂପେ ଏଥିପୂର୍ବେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ପ୍ରବଳ କରିଥିଲେ ସେପରି ଆଉ କରିବେ ନାହିଁ । ଗବର୍ଣ୍ଣମେଣ୍ଟ ବଙ୍ଗାଳ ପ୍ରଥମେ ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ଆଜ୍ଞା ଦେଇଥିଲେ ଯେ ସମ୍ବାଦପତ୍ରର ଛାପାକାର ଓ ପ୍ରଚାରକଠାରୁ କେବଳ ମୁଚଲିକା ନିଆଯିବ ନଗଦ ଅମାନତ ନିଆଯିବାର ପ୍ରୟୋଜନ ନାହିଁ କିନ୍ତୁ ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଜ୍ଞା ଦେଇଅଛନ୍ତି କି ଉକ୍ତ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ବିନା ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ନୂତନ ଆଇନାନୁସାରେ କୌଣସି କାର୍ଯ୍ୟ କରି ପାରିବେ ନାହିଁ ଏବଂ ଆଇନ ଜାରି ହେବା ପୂର୍ବ କୌଣସି ସମ୍ବାଦପତ୍ରର ଚରିତ୍ର ପ୍ରତି ଦୃଷ୍ଟି କରି ତାହା ଉପରେ ଆଇନ ଜାରି ହେବ ନାହିଁ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କୁ ଅନୁରୋଧ କରିଅଛନ୍ତି କି ଯେମନ୍ତ ଉତ୍ତର-ପଶ୍ଚିମରେ ହୋଇଅଛି ସେହିପରି ସକଳସ୍ଥାନରେ ଆଇନର ଉଦ୍ଦେଶ୍ୟ ସମ୍ବାଦପତ୍ରର ଅଧିକାରୀ ପ୍ରଭୃତିଙ୍କୁ ଜଣାଇ ସାବଧାନ କରି ଦେବେ । ଆଇନଟି ଯେତେ ମନ୍ଦ ହେଉ କିନା ବର୍ତ୍ତମାନ ଆଜ୍ଞାଦ୍ୱାରା ତହିଁର ଅନିଷ୍ଟକାରିତା ବିଶେଷରୂପେ ନିବାରିତ ହେଲା ସନ୍ଦେହ ନାହିଁ । ଏଥର ସମ୍ବାଦପତ୍ରର ଲେଖକମାନେ ସାବଧାନ ହୋଇ ଚାଲିଲେ ବୋଧ ହୁଏଇ ଏ ଆଇନଟି ଅଲମାରିରେ ବନ୍ଦ ହୋଇ ରହିବ । ଏ ଉତ୍ତାରୁ ବିଲାତର ମହାସଭାରେ ଯେବେ ତାହା ରହିତ

Digitized by srujanika@gmail.com

Split by PDF Splitter

86



ହୋଇ ଯିବ ତେବେ ଅନୁର ଅନେକର ବିଷୟ ହେବ । ସମ୍ବାଦପତ୍ରର ବର୍ତ୍ତମାନ ମାରକବଗାଥା ଧର୍ମ୍ମ ଖଣ୍ଡିଗଲ ସୁଖର ବିଷୟ ଅଟଇ । ଅଇନର ପ୍ରଥମ ଧାରାରେ ବଙ୍ଗଳାର ବିଖ୍ୟାତ ସମ୍ବାଦପତ୍ର ସୋମପ୍ରକାଶ ସହିତର ଓ ଭାରତସଂସ୍କାରକ ମୁଦ୍ରିକୁ ଉଠିଥିଲେ ଏଥର ଏମାନଙ୍କର ପୁନର୍ଜ୍ଜନ୍ମ ହେବ ଏବଂ ସୁଲଭସମାଚାର ତାହା ପ୍ରକାଶ ପ୍ରଭୃତି ଯେତେ ସମ୍ବାଦପତ୍ର ମୁଚଲିକା ଓ ଜାମିନ ଦେଇଥିଲେ ସେ ସବୁ ମୁଚଲିକା ରହିତ ହୋଇ ଜାମିନ ଟଙ୍କା ଫେର ଦିଆ ଯାଇଅଛି ।

---

### ବିଶ୍ୱାମିତ୍ରଙ୍କ ସୃଷ୍ଟି ।

ପାଠକମାନେ ସମସ୍ତେ ଜାଣନ୍ତି ଯେ ବିଶ୍ୱାମିତ୍ରଙ୍କର ସୃଷ୍ଟି ବୋଲି ଗୋଟିଏ ପୌରାଣିକକଥା ଏ ଦେଶରେ ପ୍ରସିଦ୍ଧ ଅଛି । ସ୍ୱଭାବରେ ଯାହା କିଛି ଦେଖାଯାଏ ସେ ସମସ୍ତ ବ୍ରହ୍ମାଙ୍କର ସୃଷ୍ଟି କିନ୍ତୁ ବିଶ୍ୱାମିତ୍ର ବ୍ରହ୍ମାଙ୍କ ସୃଷ୍ଟିରେ ତୃପ୍ତ ନ ହୋଇ ଅଥବା ବ୍ରହ୍ମାଙ୍କଠାରୁ ବଳିବା ମାନସରେ ଆଉ କେତେଗୁଡିଏ ପଦାର୍ଥ ସୃଷ୍ଟି କଲେ ଯଥା; ମେଷ ବଦଳରେ କୁଷ୍ମାଣ୍ଡ, ଘିଅ ବଦଳରେ ତାଳ, ଆମ୍ବ ବଦଳରେ ଅମ୍ବଡା, ମନୁଷ୍ୟ ବଦଳରେ ନଡିଆ ଇତ୍ୟାଦି । ଆଲୋଚନା କରି ଦେଖିଲେ ବିଶ୍ୱାମିତ୍ର ନୂଆ କିଛି କରି ନାହାନ୍ତି କେବଳ ବ୍ରହ୍ମାଙ୍କ ସୃଷ୍ଟ ପଦାର୍ଥର ଅନୁକରଣ କରିଅଛନ୍ତି ଓ ତାହା ମଧ୍ୟ ସର୍ବାଙ୍ଗସୁନ୍ଦର ନ ହୋଇ ବରଂ ଗଭୂ ମାକଡ ବଢିଗଲା ପ୍ରାପ୍ତ ହୋଇଅଛି ଏ ହେତୁରୁ ବୋଧ ହୁଏ ଯେ ବ୍ରହ୍ମାଙ୍କ ସୃଷ୍ଟିକୁ ସ୍ୱାଭାବିକ ଓ ବିଶ୍ୱାମିତ୍ରଙ୍କ ସୃଷ୍ଟିକୁ ଅସ୍ୱାଭାବିକ ବୋଲାଯାଏ । ବାସ୍ତବରେ ସେ ସବୁକୁ ଅସ୍ୱାଭାବିକ ଭିନ୍ନ ଆଉ କି ବୋଲାଯିବ ? କାରଣ ଉଭୟବିଧ ସୃଷ୍ଟପଦାର୍ଥରେ ଅନେକ ବିଷୟରେ ସମତା ଲକ୍ଷିତ ହେଲେହେଁ ପ୍ରଧାନ ଗୁଣରେ ସମ୍ପୂର୍ଣ୍ଣ ବିଭିନ୍ନତା ରହିଗଲା । ଯଥା; କୁଷ୍ମାଣ୍ଡରେ ମେଷର ଅବାଦ ହୋଇ ପାରିଲା ନାହିଁ କିମ୍ବା ନଡିଆ ଗଛରେ ମନୁଷ୍ୟ ଫଳି ଦାଣ୍ଡରେ ଚାଲି ବୁଲି ପାରିଲା ନାହିଁ ତଥାପି ବିଶ୍ୱାମିତ୍ରଙ୍କ ସୃଷ୍ଟିର କାର୍ଯ୍ୟକାରିତା କିଛି ନାହିଁ ଏମନ୍ତ ଅମ୍ଭେମାନେ ବୋଲୁ ନାହୁଁ କିନ୍ତୁ ଇଦ୍ଧାର ଅନ୍ୟ ଯାହା କିଛି ଉପକାର ହେଉ ସେ ସବୁ ହୋଇ ନ ଥିଲେ ଗୋଟିଏ ଲୋକ କୌତୁକରୁ ଜନସମାଜ ବଞ୍ଚିତ ହୋଇଥାନ୍ତେ ଏବଂ ଅମ୍ଭେମାନେ ଅବା ଅଦ୍ୟ ତାହାର କୀର୍ତ୍ତି ସ୍ମରଣ କରି ଦଣ୍ଡେ ଆମୋଦ କରନ୍ତୁ । ଧନ୍ୟ ବିଶ୍ୱାମିତ୍ର ଆପଣଙ୍କର କେଉଁ ଯୁଗରେ ପ୍ରାଦୁର୍ଭାବ ହୋଇଥିଲା ତାହା ଅମ୍ଭମାନଙ୍କୁ ଗୋଚର ନାହିଁ ମାତ୍ର ଅଦ୍ୟାବଧି ଆପଣଙ୍କର ଚେଲା ଏ ରାଜ୍ୟରେ ଅଛନ୍ତି ! ନୋହିଲେ ଏତେପ୍ରକାର ଅନୁକରଣ କରିବାର ପ୍ରବୃତ୍ତି ଏଠାରେ କାହିଁକି ଦେଖାଯାଏ । ଅମ୍ଭେମାନେ ଗତ ଏକ ଯୁଗରେ ଅନେକ ଗୁଡିଏ ଅନୁକରଣ ପଦାର୍ଥ ପ୍ରତ୍ୟକ୍ଷ କରିଅଛୁଁ ଯଥା; ଛାପାଖାନା, ସମ୍ବାଦପତ୍ର, ଭଜନଘର, ସଭା ଇତ୍ୟାଦି । ଏଥି ମଧ୍ୟରୁ କାଳକ୍ରମେ କଏ ଅବା ଲୋପ ପାଇଅଛି ଓ କଏ ମୁମୂର୍ଷୁ ଅବସ୍ଥାରେ ରହିଅଛି । ସଂପ୍ରତି ଗୋଟିଏ ନାଟ୍ୟାଭିନୟ ଦଳ ବାହାରିଅଛି । ଗତ ଶନିବାର ଅମ୍ଭେମାନେ ଏମାନଙ୍କର ପ୍ରକ୍ରିୟା ଦେଖିଥିଲୁଁ । ବାବୁ ହରମୋହନ ମିଶ୍ରଙ୍କ ଘରେ ଅଭିନୟ ହୋଇ ଥିବା ଓ ଦର୍ଶକମଣ୍ଡଳୀ କେବଳ ସ୍କୁଲର ବାଳକ ତହିଁ ମଧ୍ୟରେ ଅଳ୍ପସଂଖ୍ୟକ ବୟସ୍ଥ ଭଦ୍ରଲୋକ ଥିଲେ । ଅଭିନୟ କାର୍ଯ୍ୟ ନିତାନ୍ତ ମନ୍ଦ ହୋଇ ଥିଲା ଅମ୍ଭେମାନେ ଏମନ୍ତ କହୁ ନାହୁଁ କିନ୍ତୁ ଏଥି ପୂର୍ବେ ଏ ନଗରରେ ଯେଉଁ ନାଟ୍ୟାଭିନୟ ପ୍ରଦର୍ଶିତ ହୋଇଥିଲା ତାହାଠାରୁ ସମସ୍ତ ବିଷୟରେ ଊଣା ଥିବାରୁ ଅମ୍ଭମାନଙ୍କ ମନରେ ଏହି ଭାବ ଉଦୟ ହେଲା ଯେ ଏହା ବିଶ୍ୱାମିତ୍ରଙ୍କର ସୃଷ୍ଟି ହେବ ନଚେତ୍ ଏ ଦଳ ବାହାରିବାର ପ୍ରୟୋଜନ କି ଥିଲା ? ଯେବେ ନାଟକ ପ୍ରଦର୍ଶନ ଏ ନଗରରେ ଲାଭକର ବ୍ୟବସାୟ ହୋଇଥାନ୍ତା କିମ୍ବା ବ୍ୟବସାୟୀ ଲୋକ ଏଥିରେ ପ୍ରବୃତ୍ତ ହୁଅନ୍ତେ ତେବେ କାହାର ଆପତ୍ତି ନ ଥିଲା ଓ ଯେବେ ପୂର୍ବଦଳଠାରୁ ଏମାନେ ଉତ୍କୃଷ୍ଟ ହୁଅନ୍ତେ ଅଥବା ସେମାନଙ୍କର ଯେ ସମସ୍ତ ଅଂଶରେ ତ୍ରୁଟି ଥିଲା ତାହା ଏ ଦଳଦ୍ୱାରା ପୂର୍ଣ୍ଣ ହୋଇ ଥାନ୍ତା ତେବେ ଅମ୍ଭେମାନେ ଏହାଙ୍କର ପରିଶ୍ରମ ଓ ଉନ୍ନତିର ବାଞ୍ଛାକୁ ପ୍ରଶଂସା କରନ୍ତୁ । କିନ୍ତୁ ସେପରି କିଛି ହେଲା ନାହିଁ । କେବଳ ଅନର୍ଥକ ଗୁଡିଏ ଅର୍ଥବ୍ୟୟ ଓ ପରିଶ୍ରମ ସାର ହେଲା । ଅମ୍ଭେମାନେ ଏପ୍ରକାର ଅନୁକରଣକୁ ବିଶ୍ୱାମିତ୍ରଙ୍କ ସୃଷ୍ଟି ବିନା ଆଉ କିଛି କହି ନ ପାରୁଁ । ଯେଉଁମାନେ ସରଳଭାବରେ ଦେଶର ଉନ୍ନତି ଲୋଡିବେ ସେମାନେ ଏପ୍ରକାର ଅନୁକରଣ କରିବାକୁ ପ୍ରବୃତ୍ତ ନ ହୋଇ ଦେଶର ଉନ୍ନତି ସକାଶେ ଯେ ସମସ୍ତ କାର୍ଯ୍ୟର ଅନୁଷ୍ଠାନ ହୋଇ ଅଛି ତହିଁର ପୁଷ୍ଟିସାଧନ କରିବାକୁ ଯତ୍ନଶୀଳ ହେବେ ଓ ଯାହା ଅଦ୍ୟ ହୋଇ ନାହିଁ ତାହା କାହାର କରିବାର ଚେଷ୍ଟା କରିବେ କେହି ଏପ୍ରକାର ଅନୁକରଣକୁ ପ୍ରତିଯୋଗିତା ଭ୍ରମରେ ଉନ୍ନତିର ପୁଷ୍ଟିକର ଜ୍ଞାନ କରନ୍ତି ସେମାନେ ଜାଣନ୍ତି ନାହିଁ ଯେ ସବୁ ପ୍ରତିଯୋଗିତା ସ୍ୱାସ୍ଥ୍ୟକର ନୁହେ । ସାଧାରଣ ହିତ ବିଷୟରେ ଏକବ୍ୟକ୍ତି ଯାହା କରିଅଛି ଯେବେ ତାହାଠାରୁ ଅଧିକ କେହି କରି ପାରିବ ତାହାର ପ୍ରତିଯୋଗିତା ଶୋଭାପାଏ ଓ ବାଞ୍ଛନୀୟ ଅଟେ ନୋହିଲେ ବ୍ୟବସାୟରେ ପେଟକଳିୟାଙ୍କର ପ୍ରତିଯୋଗିତାର ଦବାସ୍ଥ ଦେଖା ଯାଉଅଛି ଓ ଏ ସମ୍ପ୍ରଦାୟର ଲୋକ ପୁଣି ପରର କ୍ଷତି ସଙ୍ଗେ ଆପଣାର କ୍ଷତି କରୁ ଅଛନ୍ତି ଏମାନଙ୍କୁ କିଏ ଭଲ କହିବ ।

---

### ନରବଳ ।

ଅନଗୁଳ ଏଲାକାରେ ଗୋଟିଏ ନରବଳ ହୋଇଥିବାର ସମ୍ବାଦ ଅମ୍ଭେମାନେ ଲେଖିଥିଲୁଁ ଅଳ୍ପଦିନ ହେଲା ଉକ୍ତ ମକଦ୍ଦମାର ବୃତ୍ତାନ୍ତ ଅମ୍ଭମାନଙ୍କ ଗୋଚରରେ ଅସିବାରୁ ଜଣାଗଲା ଯେ ନରବଳ କଥାଟି ସମ୍ପୂର୍ଣ୍ଣ ମିଥ୍ୟା । ଏ ମକଦ୍ଦମା ଶ୍ରୀଯୁକ୍ତ ରେବେନ୍ସା ସୁପରିଣ୍ଟେଣ୍ଡେଣ୍ଟ ସାହେବ ବିଚାର କରିଥିଲେ । ତାହାଙ୍କ ରାୟରୁ ଜଣାଯାଏ ଯେ ସେପ୍ଟେମ୍ବର ମାସ ତା ୧୫ ଘଟରେ ମକଦ୍ଦମା ଉଦୟ ହେଲା ଓ ପୁଲିସ ଫାଣ୍ଡିଠାରୁ ପଞ୍ଚାଶ୍ରୁଲ ଏକମାଇଲ କାଟ ଥିବା ପ୍ରତ୍ୟକ୍ଷେ ତା ୨୬ ରିଖ ପର୍ଯ୍ୟନ୍ତ ତହିଁର ସମ୍ବାଦ ପୁଲିସକୁ ଅସିଲା ନାହିଁ । ସେଠାରେ ଖୁବଜାର ଗ.ନ୍ ନେତାନନ୍ଦବଳ ଥିଲା ତେଣୁ ହେଲା ଉଦ୍ଧାରୁ ତା ୨୭ ରିଖରେ ତଦାରକ ଆରମ୍ଭ ହେଲା । ହେଡ଼କନଷ୍ଟବଲ ତଦାରକରେ ନରବଳ କଥାକୁ ଗ୍ରହଣ କଲେ ଓ ପରେ ନାଗର ସିଂହ ଇନ୍ସପେକ୍ଟର ଓ ପୁଲ ସାହେବ ଡିଷ୍ଟ୍ରିକ୍ଟସୁପରିଣ୍ଟେଣ୍ଡେଣ୍ଟ ସରଜମିନ ତଦାରକରେ ସେହି କଥା ସ୍ଥିର କଲେ । ଅନଗୁଳର ତହସିଲଦାର ସେଠାକୁ ଯାଇ ପୁଲିସର କଥାକୁ ଅମୂଳକ ଜ୍ଞାନ କରି ତଦାରକ ଆରମ୍ଭ କଲେ ମାତ୍ର ପୁଲିସ ତାହାଙ୍କର ବିରୋଧୀ ହେଲେ ପରଶେଷରେ ଶ୍ରୀଯୁକ୍ତ ରେବେନ୍ସା ସାହେବ ସେଠାକୁ ଯାଇ ସ୍ୱୟଂ ସବୁ ବିଷୟ ଅବଗତ ହୋଇ ଅନଗୁଳ ଓ କଦମାଳର ତହସିଲଦାରମାନଙ୍କୁ ତଦାରକ ସକାଶେ ନିଯୁକ୍ତ କଲେ । ସାହେବ ସେଠାରେ ଥିବା ସମୟରେ ଏକଦରଖାସ୍ତ ତାହାଙ୍କ ନିକଟରେ ପଡିଲା ଯେ ଅନଗୁଳର ତହସିଲଦାର ଏହି ମକଦ୍ଦମା ସମ୍ପର୍କୀୟ ଏକ

Digitized by srujanika@gmail.com

ବ୍ୟକ୍ତିର ସ୍ତ୍ରୀକୁ ଜୋବାନବନ୍ଦୀ ନେବା ଛଳରେ ତାକୁ ନେଇ ତାହା ସଙ୍ଗେ ମନ୍ଦକର୍ମ କଲେ । ସାହେବ ଏ ଦରଖାସ୍ତ ପାଇ ଉତ୍ତମରୂପେ ତଦାରକ ଓ ଗୁହାମାନଙ୍କ ଜୋବାନବନ୍ଦୀ ନେଇ ବୁଝିଲେ ଯେ ମକଦ୍ଦମା ସମ୍ପୂର୍ଣ୍ଣରୂପେ ମିଥ୍ୟା କେବଳ ତହସିଲଦାରଙ୍କୁ ହେରାନ କରିବା ଉଦ୍ଦେଶ୍ୟରେ ହୋଇଥିବା ଷଡ଼୍‌ଯନ୍ତ୍ରର ଫଳ ଅଟଇ । ଏ ମକଦ୍ଦମାର ତଦାରକ ସମୟରେ ଏମନ୍ତ ମଧ୍ୟ ପ୍ରକାଶ ହେଲା ଯେ ପୁଲିସ ଗୁହାମାନଙ୍କୁ ଶିକ୍ଷା ଦେଇଥିଲେ କି ସେମାନେ ପୁଲିସ ନିକଟରେ ଯାହା କହିଥିଲେ ତହସିଲଦାର ନିକଟରେ ତହିଁର କିଛିମାତ୍ର ବ୍ୟତିକ୍ରମ କରିବେ ନାହିଁ ।

ଯାହା ହେଉ ଶେଷ ତଦାରଖୀ କାଗଜମାନ ଶ୍ରୀଯୁକ୍ତ ଗଡ଼ଜାତ ସୁପରିଣ୍ଟେଣ୍ଟ ଦେଖି ପରିଷ୍କାରରୂପେ ସ୍ଥିର କଲେ ଯେ ନରବଳ କଥା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଖୁନ ମାମଲା ଗୁପ୍ତ କରିବା ଅଭିପ୍ରାୟରେ ଭାରି ଷଡ଼୍‌ଯନ୍ତ୍ର ହୋଇଥିଲା ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଟ ସାହେବ କହୁଅଛନ୍ତି ଯଥା;—

"ତହସିଲଦାରଙ୍କ ନାମରେ ପ୍ରସ୍ତୁତ ହୋଇଥିବା ଦରଖାସ୍ତର ମର୍ମ ନାଗର ସିଂହ ଇନ୍‌ସ୍‌ପେକ୍ଟର ଜାଣିଥିବା ବିଷୟରେ କୌଣସି ପ୍ରମାଣ ନାହିଁ ମାତ୍ର ସେ ତହସିଲଦାରଙ୍କ ମତର ବିରୋଧୀ ହୋଇଥିବା ଓ ଲୁକ୍‌ଚୋରକମେ ଦରୁଆ ମୌଜାର ଲୋକମାନଙ୍କ ବିଷୟରେ ନରବଳର କଥା କି ଯାହା ସ୍ପଷ୍ଟରୂପେ ମିଥ୍ୟା ଓ କୃତ୍ରିମ ବୋଲି ସପ୍ରମାଣ ହୋଇଅଛି ତାହା ସ୍ଥାୟୀ କରିବାକୁ ଇଚ୍ଛା କରିବାର ଉତ୍ତମ ପ୍ରମାଣ ଅଛି ।

ହେଡ୍‌କନଷ୍ଟେବଲ ଗୁଲଜାର ଖାଁ ଏ ଖୁନମାମଲାର ପ୍ରକୃତ ବିଷୟ ଜାଣିବାର ଯେ ସୁଯୋଗ ଥିଲା ଏହା କହିବାର କି ଅଛି ତାହା ନ କରି ସେ ଇଚ୍ଛାପୂର୍ବକ ଅଥବା ଦୋଷଯୁକ୍ତ ନିର୍ବୁଦ୍ଧିତା କ୍ରମେ ହେଉ ନରବଳର ମିଥ୍ୟା କଥାକୁ ଗ୍ରହଣ କଲା କି ତହିଁରେ ଇନ୍‌ସ୍‌ପେକ୍ଟର ଓ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଟ ଭୁଲିଗଲେ ।

ଏ ମକଦ୍ଦମାରେ ପୁଲିସ ଅତ୍ୟନ୍ତ ଅଯୋଗ୍ୟତା ଓ ଅପରାଧ ଧୃତ କରିବା ପକ୍ଷେ ଓ ଗୁହାମାନଙ୍କ ଗୁହାରି ପ୍ରତି ବିଚାର କରି ସତ୍ୟ କଥା ସ୍ଥିର କରିବା ପକ୍ଷେ ସଂପୂର୍ଣ୍ଣ ଅକ୍ଷମତା ପ୍ରଦର୍ଶିତ କରିଅଛନ୍ତି ଓ ଦୁର୍ଭାଗ୍ୟକ୍ରମେ ତାଙ୍କ କାର୍ଯ୍ୟରେ ଯେସବୁ ବେବନ୍ଦୋବସ୍ତ ହେଲା ତଦ୍ଦ୍ୱାରା ଏକି ଅତି ମିଥ୍ୟା ଓ ଗୁରୁତର ଅଭିଯୋଗ ତହସିଲଦାରଙ୍କ ବିପକ୍ଷେ ପ୍ରସ୍ତୁତ ହେବା ପକ୍ଷେ ବହୁତ ସୁଯୋଗ ହେଲା ଓ ତହସିଲଦାର ଅପଣା କାର୍ଯ୍ୟରେ କେବଳ ଯଥାଶକ୍ତି ଅବବେଚନା କରିଥିଲେ ମଧ୍ୟ ଅଦ୍ୟପ୍ରାନ୍ତ ଯଥାର୍ଥ ମାର୍ଗରେ ଓ ଠିକ ବିବେଚନାରେ ଅଛନ୍ତି ।

ମୃତମାଛି ବେଢ଼ି ସମ୍ବନ୍ଧେ ତହସିଲଦାରଙ୍କ ବିପକ୍ଷରେ ଯେଉଁ ଅଭିଯୋଗ ହୋଇଥିଲା ତହିଁରୁ ତହସିଲଦାର ମାନ୍ୟରସହିତ ମୁକ୍ତିପାଇଲେ ଓ ଆମ୍ଭେ ବିଶ୍ୱାସକରୁଁ କି ତାହା ସଙ୍ଗେ ତହସିଲଦାର ଅପଣା ଡେରା ମଧ୍ୟରେ କୁବ୍ୟବହାର କରିଥିବା କମ୍ପା ତାକୁ ବେଇଜ୍ଜତ କରୁଥିବାର ଅଭିଯୋଗ ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଅମୂଳକ । ଇନସ୍‌ପେକ୍ଟର ନାଗର ସିଂହ ଏ ମୋକଦ୍ଦମା ତଦାରଖରେ ବିବେଚନା ଶକ୍ତି ଓ କ୍ଷମତାର ଅତିଶୟ ଅଭାବ ପ୍ରଦର୍ଶନ କରି ଅଛନ୍ତି ଓ ତାଙ୍କଠାରୁ ଜବାବ ତଲବ କରିବା ସକାଶେ ଯଦି ମଧ୍ୟ ଆମ୍ଭେ ଯଥେଷ୍ଟକାରଣ ପ୍ରାପ୍ତ ନ ହେଲୁଁ ତଥାପି ତାଙ୍କର ଏ ବିଷୟରେ ଅନୁପଯୁକ୍ତତା ବିଷୟ ଅଚରଣ ବହିରେ ଲେଖା ହୋଇ ରହିବ ।"

ଏହିରୂପେ ପୁଲିସ ପ୍ରତି ମନ୍ତବ୍ୟ ପ୍ରକାଶ କରି ହେଡ କନେଷ୍ଟବଲକୁ ମାହୁଲ ଓ ଅନ୍ୟ କନେଷ୍ଟବଲମାନଙ୍କୁ ବଦଳିର ଆଜ୍ଞା ଦେଲେ ।

ଏଥି ଉପରେ ଆମ୍ଭମାନଙ୍କର ମନ୍ତବ୍ୟ ବ୍ୟକ୍ତ କରିବା ବାହୁଲ୍ୟ । ଗଡଜାତର ପୁଲିସରେ ଏପରି ଭୟଙ୍କର ଲୋକ ଅଛନ୍ତି ବୋଲି ଜଣା ନ ଥିଲା । ଏକେତ ଗଡଜାତର ଲୋକେ ମୂର୍ଖ ସେଠାରେ ଆଇନ ନାହିଁ ତହିଁରେ ଯେବେ ଏପ୍ରକାର ପୁଲିସ କର୍ମଚାରୀ ସେଠାରେ ରହିଲେ ତେବେ ଆଉ କାହାର ରକ୍ଷା । ଗଡଜାତ ପୁଲିସ ସୁପ୍ରିଣ୍ଟଙ୍କ ଏ ମାମଲାରେ ବିଲକ୍ଷଣ ଦୃଷ୍ଟି ଦେଖା ଯାଇଅଛି ତାହାଙ୍କ ପ୍ରତି ଶ୍ରୀଯୁକ୍ତ ରେଭେନ୍ସା ସାହେବ କି ଧ୍ୟାନ କଲେ କିଛି ଜଣା ନାହିଁ । ଗଡଜାତ ସକାଶେ ଜଣେ ସୁଦକ୍ଷ କର୍ମଚାରୀର ଆବଶ୍ୟକ ।

## ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ କମିଶ୍ନରସାହେବ ଚଳିତମାସ ତା୧୦ ରିଖରେ ଏ ନଗରକୁ ଫେରି ଆସିବାର ସ୍ଥିର ହୋଇଅଛି । ଏହାଙ୍କର ପୁରୀଗସ୍ତି ସଂକ୍ଷେପରେ ନିର୍ବାହ ହୋଇଗଲା । ପୁରୀ କଟକଅପେକ୍ଷା ଶୀତଳବୋଲି ଅନ୍ୟାନ୍ୟ କମିଶ୍ନରମାନେ ପ୍ରାୟ ଏକମାସ ସେଠାରେ ରହୁଥିଲେ ଓ ଅମଲାମାନେ ଚନ୍ଦନଯାତ୍ରା ଦେଖି ସୁଖ ଲାଭ କରୁଥିଲେ । କଥିତହୁଅଇ ଯେ ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ବିଡନସାହେବ ଏକମାସର ଛୁଟି ନେବେ ।

ଉତ୍ତରପଶ୍ଚିମର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଅଳ୍ପଦିନ ତଳେ ବରେଲିକୁ ଭ୍ରମଣ କରିବାକୁ ଯାଇଥିଲେ । ସେଠା ଜେଲଖାନାରୁ ପ୍ରାୟ ଏକଶତ କଇଦିରୁ ଅଧିକ ମୁକ୍ତ କରି ଦେଇ ଅଛନ୍ତି । ଏମାନେ ଦୁର୍ଭିକ୍ଷକାଳରେ ଅପରାଧ କରିଥିବାରୁ ଦଣ୍ଡ ଭୋଗ କରୁଥିଲେ ।

ବଙ୍ଗଳାର ଅନେକ ସ୍ଥାନରେ ଶିଳାବୃଷ୍ଟିଦ୍ୱାରା ଫସଲ ନଷ୍ଟ ହୋଇଅଛି । ଗହମ-କ୍ଷେତ ଓ ଆମ୍ବର ଅଧିକ ଅଧିକ ହୋଇଅଛି ।

ପୁରୀରେ ଲୁଣ ପୋକ୍ତାନ ଓ ଗୋଦାମଜାତ ହେବା ସ୍ଥାନମାନଙ୍କର ପୁଲିସଖର୍ଚ୍ଚା ରହିତ ହୋଇଥିବା ପ୍ରତ୍ୟକ୍ଷେ ଯେବେ ପୁରୀର ଲୁଣ ମହଣପ୍ରତି ଟ ୨୫ ଙ୍କା ଟାକ୍ସ ଦେଇ ଗଞ୍ଜାମରେ ପ୍ରତିମହଣ ଟ ୨୲ ଲେଖାଏ ବିକ୍ରୟ ହେଉଥିବା ଲୁଣ ସଙ୍ଗରେ ତୁଲ୍ୟ ହୋଇ ନ ପାରିଲା ତେବେ ପୁରୀଲୁଣ ବିକ୍ରୟସକାଶେ ଆଉ କିଛି ଛାଡ ଦିଆଯିବାର ଆବଶ୍ୟକ ନାହିଁ ଏପ୍ରକାର ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଲେଖିବାରୁ ବିଲାତର ସେକ୍ରେଟେରି ତାହା ଅନୁମୋଦନ କରି ଅଛନ୍ତି । ଏଥର ପୁରୀର ଲୁଣବେପାରିମାନେ ଆଉ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟର ଆଶା ନ ରଖି ଅପଣା ବାହୁବଳରେ ପାରିଲେ ଅଳ୍ପ ଦରରେ ଲୁଣ ପୋକ୍ତାନ ଓ ବିକ୍ରୟ କରିବାର ଚେଷ୍ଟା କରନ୍ତୁ ।

ଜାପାନବାସିମାନେ ଆଉ ଗୋଟିଏ ବ୍ୟବସାୟ ବାହାର କରି ଅଛନ୍ତି । ସେମାନେ ସମ୍ପ୍ରତି ଉତ୍ତମ ବୋଟଯୁକ୍ତା ପ୍ରସ୍ତୁତକରି ଆମେରିକାକୁ ବିକ୍ରୟ ସକାଶେ ପଠାଉଅଛନ୍ତି । ଏଥିମଧ୍ୟରେ ପ୍ରାୟ ୮୦୦୦୦ ଯୋଡ଼ା ରପ୍ତାନୀ କଲେଣି ଏମାନଙ୍କର ଅନୁକରଣଶକ୍ତି ଅତ୍ୟନ୍ତ ପ୍ରବଳ ଓ ତହିଁପ୍ରସାଦରୁ ଅଳ୍ପଦିନ ହେଲା ଏ ବ୍ୟବସାୟ ବାହାର କରି ଅଛନ୍ତି ।

ଚଳିତବର୍ଷର ଗବର୍ଣ୍ଣମେଣ୍ଟ ବଙ୍ଗଳାଙ୍କ ବଜେଟ କଲିକତା ଗେଜେଟରେ ଛପା ହୋଇଅଛି । ତହିଁରେ ଲେଖାଅଛି ଯେ କେବଳ ଓଡଶାରେ ପୁଲିସ ବ୍ୟୟ ବାର୍ଷିକ ଟ ୬୨୦୦୦୲ ଙ୍କା ଊଣା ହୋଇଅଛି ଏବଂ ସମୁଦାୟ ବଙ୍ଗଳାରେ ଟ ୧୬୫୦୦୦୲ ଙ୍କା ବ୍ୟୟ ଊଣା ହେବାର ଆଶା ଅଛି । ଏତେ ବ୍ୟୟ ଊଣାରେ ପୁଲିସର ବଳ କୌଣସିରୂପେ ଊଣା ହେବାର ସମ୍ଭାବନା ନାହିଁ ଏହିପରି ସବୁ ମହକୁମାପ୍ରତି ଗବର୍ଣ୍ଣମେଣ୍ଟଙ୍କର

Split by PDF Splitter

Digitized by srujanika@gmail.com

Split by PDF Splitter



ଦୃଷ୍ଟି ପଡ଼ଲେ ଲୋକଙ୍କୁ ଟାକ୍ସଘର ସହିବାକୁ ହେବ ନାହିଁ ।

ଅଳ୍ପଦିନହେଲା ହେଉଅଛି ଅଦାଲତର ଅମଲାମାନେ ନିଏ ନିକାର୍ଯ୍ୟ କରଇ ଉହିଁର ବିବରଣ ହାଇକୋର୍ଟରୁ ତଲବ ହୋଇଅଛି । ଏଥିରୁ ଅମଲ କର୍ତ୍ତନ ହେବାର ଭୟ ହୋଇଅଛି । ବାସ୍ତବରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ନିର୍ଦ୍ଧାରଣରୁ ଜଣାଯାଏ ଯେ ଅମଲଙ୍କ ବେତନଗର୍ଭରୁ କିଛି ବଞ୍ଚାଇବା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ଅଟଇ ମାତ୍ର ଏହାସ୍ୱବା ଗବର୍ଣ୍ଣମେଣ୍ଟ କହିଅଛନ୍ତି ଯେ ଅନତିବିଲମ୍ବରେ ମୁନସଫଙ୍କ ସଂଖ୍ୟା ବିସ୍ତର ବୃଦ୍ଧି କରିବାକୁ ହେବ ଏବ ଅପୀଲ ବେଞ୍ଚ ହେବାର ଯେଉଁ ପ୍ରସ୍ତାବ ହୋଇ ଅଛି ତହିଁ ନିମିତ୍ତ କିଛି ଅଧିକାବ୍ୟୟ ହେବ ଏ ଅଧିକାବ୍ୟୟର କିୟଦଂଶ ଅତାହିତ କର୍ମକର୍ତ୍ତାଙ୍କ ନୂତନ ଶ୍ରେଣୀବନ୍ଧଦ୍ୱାରା ନିର୍ବାହ ହୋଇ ପାରିବ । ଗବର୍ଣ୍ଣମେଣ୍ଟ ଏପ୍ରକାର ଉତ୍ତର ଲେଖିଅଛନ୍ତି ।

କାଙ୍କିପୁରର କଂସାଇମାନେ ଲାଇସେନ୍ସ ଟାକ୍ସ ବିରୁଦ୍ଧରେ ଆପତ୍ତି କରିବାର ଚିହ୍ନସ୍ୱରୂପ ଅପଣାର ଦୋକାନ ବନ୍ଦ କରି ଦେଇଥିଲେ । ଏପରି ଆପତ୍ତିରେ କେବଳ ଆପଣାର କ୍ଷତିଭିନ୍ନ କିଛି ହେବାର ନୁହଇ । ଯେବେ ବାସ୍ତବରେ ଟାକ୍ସଭର ଅତ୍ୟନ୍ତ ବାଧୁଅଛି ତେବେ ଆପଣା ଦୁଃଖ ଆବେଦନପତ୍ରଦ୍ୱାରା କର୍ତ୍ତୃପକ୍ଷମାନଙ୍କୁ ଜଣାଉନ୍ତୁ । ଯାହା ସମସ୍ତଙ୍କର କଷ୍ଟକର ହେବ ପ୍ରଜାବତ୍ସଳ ଗବର୍ଣ୍ଣମେଣ୍ଟ ତାହା ରଖିବାକୁ ହଠକରି ଜ୍ଞାନ କରିବେ ନାହିଁ ।

---

## ସାଗରସ୍ଥ ନିର୍ଜନଦ୍ୱୀପବାସୀ ବ୍ୟକ୍ତିର ଭାବନା ।

୧

ଆଉ କି ଅମୂଲ୍ୟଧନ ଦୁଃଖିର ରତନ ।
ସୁଧାଂଶୁ ବଦନ ଶିଶୁ ହେବ ବିଲୋକନ ।
କରିବ ମୁଁ ଆଲିଙ୍ଗନ ସ୍ନେହେଁ ଦେବ ଚୁମ୍ବନ
ତା କୋମଳଗଣ୍ଡସ୍ଥଳେ ଏତ ସ୍ୱର୍ଗ ସ୍ଥାନ ।
ଏ ଜୀବନେ ଘଟିବ କି ତଗତ ଜୀବନ ।
ତାପିତ ପ୍ରାଣ ଶୀତଳ କରିବ ଏ ଦୀନ ।

୨

ଆହା ମୋ ପ୍ରେୟସୀ ବାଳା ଲୋଟି ଭୂମିତଳେ ।
ମୋ ବିରହେ ଦେଇଥିବ କରିକୁ କପାଳେ ।
ନୟନୁ ଲୋତକଧାର ବହୁଥିବ ବାରବାର
ଡାକୁଥିବ ଦୀନନାଥ ! ଦୁଃଖ ଅସମ୍ଭାଳେ ।
ଜୀବିଅ ଜୀବନ ଦୀପ ମୋହର ସହିଲେ ।
ଦୁଃଖିନୀକି ଏ ଦୁର୍ଦ୍ଦଶା ନ ଦିଅ ଶୟନେ ।

୩

ଅହା ମୋ ପ୍ରାଣଦାୟିନୀ ଦୁଃଖିନୀ ଜନନୀ ।
ମୋହପାଁଇ ଝୁରୁଥିବେ ଦିବସ ରଜନୀ ।
କାହିଁଗଲା ପୁତ୍ର ମୋର ଏ ପୁତ୍ର କରି ଅନ୍ଧାର
ଏହିକଥା ରଟୁଥିବେ ହୋଇ ବାଉଳୀ ।
ମଳିନ ବସନା ଆହା ମଳିନ ବଦନା ।
ମତେ ଦେଖି ହେବେ ସତେ ଆନନ୍ଦ ଲକ୍ଷିମୀ ।

୪

ଅହା ମୋର ବୃଦ୍ଧତାତ ଥିବେ ଶଯ୍ୟାଗତ ।
ଅତି ଖରେ ବହୁଥିବ ନିଶ୍ୱାସ ନିୟତ ।
ଡାକୁଥିବେ ଆର୍ତ୍ତସ୍ୱରେ ପ୍ରଭୁ ଶ୍ରୀ ଜଗନ୍ନାଥରେ
ମାଗୁଥିବେ ମୋ ପୁତ୍ରକୁ ଦିଅତେ ତୁରତ ।
ଏମନ୍ତ ସମୟେ ମୁ କି ହେବି ତହିଁ ସ୍ଥିତ ।
କୋଳାଲିଙ୍ଗନର ସେହୁ ହେବେ ଆନନ୍ଦିତ ।

୫

ମୋ ଜୀବନ ଧନ ସବୁ ମୋର ବନ୍ଧୁଗଣ ।
ମୋ ବିହୀନେ ହେଉଥିବ ତାଙ୍କମନ ଛନ୍ନ ।
ପଡୁଥିବ ମୋର ଚିନ୍ତା ଜଳୁଥିବ ହୃଦେ ଚିତା
ଈଶ୍ୱରଙ୍କୁ କରୁଥିବେ ମୋର ନିବେଦନ ।
ଏମନ୍ତ ସମୟେ ତହିଁ କରି ଅଗମନ ।
ଲିବାଇବି ସେହି ଅଗ୍ନି ଦେଇ କି ଦର୍ଶନ ।

୬

ସାଇ ପଡ଼ୋଶୀ ଅବ ଯେ ଗ୍ରାମବାସୀଗଣ ।
ଯେତେ କରୁଥିଲେ ମତେ ସ୍ନେହେ ଦରଶନ ।
ଦଳ ଦଳ ହୋଇ ବସି କହୁଥିବେ ଦବା ଘସି
ଏ ଦୁର୍ଦ୍ଦଶା ଭାଗ୍ୟେ ଆସି କି ଦୁଃଖ ଘଟନ ।
ହେବ କି ଆଉ ତାର ପୁନଃ ଉଦ୍ଧାରଣ ।
ମତେ ଦେଖି ଆଶ୍ଚର୍ଯ୍ୟ ସେ ହେବେ କି ଲକ୍ଷଣ

୭

ଗ୍ରାମ ଉପବନେ ଅଉ କରିବ ଭ୍ରମଣ ।
ମନ୍ଦ ମନ୍ଦ ବହୁଥିବ ଶୀତ ସମୀରଣ ।
ନାନାପୁଷ୍ପ ମକରନ୍ଦ ଘ୍ରାଣେ ଦେଉଥିବ ଗନ୍ଧ
ମର ମର ଶବ୍ଦ କର୍ଣ୍ଣେ ହୋଇବ ଶ୍ରବଣ ।
ଗୁଣ ଗୁଣ ଗାଉଥିବେ ମଧୁକର ଗଣ ।
ଲତା ଗୁଳ୍ମ ହୋଇଥିବେ ନୟନ ରଞ୍ଜନ ।

୮

ସମୁଦ୍ର ବାହିନୀ ଅହା ଗ୍ରାମର ତଟିନୀ ।
କଳ କଳ ଯାଉଜଳ ସଦା କରେ ଧ୍ୱନି ।
କର୍ଣ୍ଣପଥେ ଯାଏ "ଭଞ୍ଜ", ବଞ୍ଚାନ ନିସ୍ତନ ଧର,
ତାରଦୀରେ ସ୍ତମ୍ଭବଲୀ ଅହା କି ଶୋଭନୀ ।
ଘାଟକ ଉପର ମନ ଭିଏ ଯେତେ କଣି ।
ଆଉ କି ଦେଖିବେ ତାହା ମୋ ନୟନ ବେନି

୯

ଗ୍ରାମର ନିକଟବର୍ତ୍ତୀ ଉନ୍ନତ ପର୍ବତ ।
କରନ୍ତି ସତେ ଗଗନ ଯେମନ୍ତ ଦ୍ୱିଖଣ୍ଡିତ ।
ଯାହାଯୋଗେ ଭିଷାରେତ୍ ଦେଶ ବିଦେଶେ ପ୍ରଭେଦ
ପ୍ରକୃତିର ସବୁ ଶୋଭା ଯା ଦେହେଁ ମଣ୍ଡିତ ।
ଯହୁଁ ଜାତ ଝର ହ୍ରଦ ସରସୀ ସରିତ ।
ଆଉ କି ଏଜନ୍ମେ ତାହା ହେବ ବିଲୋକିତ ।

୧୦

ସ୍ୱଦେଶର ରାଜଧାନୀ ମର୍ତ୍ତ୍ୟେ ଅତୁଳିତ ।
ଅଲକାପୁରୀ ଯାହାକୁ ଅଟେ ପରାଜିତ ।
ମଣି ମାଣିକ୍ୟ ଖଚିତ ଅନ୍ତରେ ଐଶ୍ୱର୍ଯ୍ୟାନ୍ୱିତ
ଅପୂର୍ବ ସୁନ୍ଦର ସୌଧମାଳା ବିଗ୍ରହିତ ।
ବୀର, ସୁଜା, ଧନୀ, ମାନୀ, ପଣ୍ଡିତେ ପୂରିତ ।
ଏ ଦୀନ ଲୋଚନ ତହିଁ ହେବ କି ପତିତ ।

୧୧

ମୋ ବିନତି ଶୁଣ ଅହେ ନୀଳରତ୍ନାକର ।
ପୃଥିବୀର ଚତୁଃପାର୍ଶ୍ୱେ ପ୍ରବେଶ ତୁମ୍ଭର ।
ତବଯୋଗେ ନରଗଣ ପାଉଛନ୍ତି ବହୁ ଧନ
ଦେଶର ସଭ୍ୟତାବୃଦ୍ଧି ହୁଏ ନିରନ୍ତର ।
ଥରେ ମାତ୍ର ଏ ଦୁଃଖିକି ତୁମ୍ଭେ ଦୟାକର
ନିଜପଦେ ଉପକୂଳେ ନେଇଣ ଉତ୍ତର ।

୧୨

ମୋର ନିବେଦନ ବାରେ ଶୁଣ ସମୀରଣ ।
ଜଗତ ପ୍ରାଣ ନାମକୁ କରନ୍ତି ଧାରଣ ।
ଏଦୁଃଖିର ରଖ ପ୍ରାଣ ହେବ ତବ ଯଶମାନ
ଉଡାଇ ଆକାଶପଥେ ନିଅ ହେ ବହନ ।
ପର୍ବତ ଉଠାଅ ତୁମ୍ଭେ ଅତି ବଳବାନ ।
ଏନୁହେ କଠିନ, ହେବ ସହଜେ ସାଧନ ।

୧୩

ଅହେ ଦିନକର ମୋର ଶୁଣ ନିବେଦନ ।
ଏହି ନିଶ୍ଚୟଠାରେ ପକାଅ ନୟନ ।
ଦେଖେ ଜଳଗ୍ରସି ଏତ କରୁଛି ଅକାଶେ ସ୍ଥିତ
ସମୁଦ୍ର ସରିତ ସର କରଣ ଶୋଷଣ ।
ମତେ ଦେଖି ଶୋଷି ଥରେ ଉଠାଅ ଗଗନ ।
ପବନ ସାହାଯ୍ୟେ ହେବ ମୋ ଗୃହ ଗମନ ।

୧୪

ନିର୍ଲଜ ତୁ ଅଟୁ ଅଶା କରୁଛୁ ବିନତି ।
ଏ ସବୁ ଜଡ଼ ପଦାର୍ଥ କି ତାଙ୍କ ଶକତି ।
ଯେଣୁ ନିତ୍ୟ ନିର୍ବିକାର ଯେ ଅନ୍ତର୍ଯ୍ୟାମୀ ଠାକୁର
ସନାତନ ନିରଞ୍ଜନ ଅଖିଳର ପତି ।
ଯେବେ ଦୟାବନ୍ତ ଭୋଗେ ଦେବେକରେ ମୁକତି ।
ତେବେ ତୁ ପାର ହୋଇବୁ ଏ ନୀର'ମୁପତି

---

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଶ
ସଂ ୧୯ ଖ୍ୟା

ତା୧୧ରିଖ ମାହେ ମଇ ସନ ୧୮୭୮ ମସିହା । ମୂ । ବୈଶାଖ ଦି ୩୧ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଇଁ ଡାକମାସୁଲ ଟ୧୧୯/

ଅମ୍ଭେମାନେ ଗତ ସପ୍ତାହରେ ଯେଉଁ ନରବଳ ମକଦ୍ଦମାର କଥା ଲେଖିଥିଲୁଁ ସେସମ୍ପର୍କରେ ଖଣ୍ଡିଏ ପତ୍ର ପାଇ ଯଥାସ୍ଥାନରେ ପ୍ରକାଶ କଲୁଁ । ପାଠକମାନେ ଦେଖିବେ ଯେ ପୁଲିସଦ୍ୱାରା ଏ ମକଦ୍ଦମା ବିଗିଡ଼ି ଥିବାର ସାଧାରଣ ବିଶ୍ୱାସ ହୋଇଅଛି ଏବଂ ଏହାଙ୍କ ଅଯୋଗ୍ୟତାରୁ ହେଉ ବା ଅସାଧୁତାରୁ ହେଉ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି କେତେ ବିପଦରେ ପଡ଼ିବାର ସମ୍ଭାବନା ଥିଲା । ପୁରୀରାଜାଙ୍କ ମକଦ୍ଦମାରେ ବାରିଷ୍ଟର ସାହେବ ପୁଲିସର ନିନ୍ଦାକର ଯାହା କହିଥିଲେ ଏମନ୍ତ ଘଟନା ଶୁଣିଲରୁ କିଏ ତାହା ଅବିଶ୍ୱାସ କରିବ ?

---

ପୁରୀରାଜାଙ୍କ ମୋକଦ୍ଦମା ଗତ ସୋମବାରଠାରୁ ହାଇକୋର୍ଟରେ ପେଶ ହୋଇଅଛି ଅବଧି ନିଷ୍ପତ୍ତି ହୋଇ ନାହିଁ । ରାଜାଙ୍କ ପକ୍ଷରୁ ବ୍ରାନସନ ଓ ଇବାନ୍ସ ସାହେବମାନେ ଏବଂ ବାବୁ ମନମୋହନ ଘୋଷ ଏପରି ତିନିଜଣ ବାରିଷ୍ଟର ହୋଇ ଅଛନ୍ତି । ପ୍ରଥମ ଦୁଇଦିନ କେବଳ ବ୍ରାନସନ ସାହେବଙ୍କ ବକ୍ତୃତାରେ ଅତିବାହିତ ହେଲା ତୃତୀୟଦିନ ଇବାନ୍ସ ସାହେବ ବକ୍ତୃତା କଲେ ଓ ସେହିଦିନ ମନମୋହନ ଘୋଷଙ୍କ ବକ୍ତୃତା ଆରମ୍ଭ ହେଲା । ଗୁରୁବାରଦିନ ଏହାଙ୍କ କଥା ଶେଷ ଓ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନରଲଙ୍କ ଉତ୍ତର ଆରମ୍ଭ ହୋଇଥିବ । ବୋଧ ହୁଅଇ ଏ ସପ୍ତାହଟି କେବଳ ସୱାଲ ଜବାବରେ ଶେଷ ହେବ ଓ ଆଗାମି ସୋମବାର ପର୍ଯ୍ୟନ୍ତ ନିଷ୍ପତ୍ତି ଆଶା କାହାର ପାରେ ।

---

ଏ ସପ୍ତାହରେ ପୁଣି ଇଂଲଣ୍ଡ ଓ ରୁସିୟାର ମତାନ୍ତର ବିଷୟରେ କିଛି ନିଶ୍ଚିତ ସଂବାଦ ଆସି ନାହିଁ । ତାରସମ୍ବାଦମାନଙ୍କରୁ ଜଣାଯାଏ ଯେ ଜେନରଲ ଇଗାଟିଫଙ୍କ ବଦଳରେ ପ୍ରିନ୍ସ ଲେବାନଫ କନଷ୍ଟାଣ୍ଟିନୋପଲସ୍ଥ ରୁଷୀୟରାଜଦୂତ ପଦରେ ନିଯୁକ୍ତ ହୋଇ ଅଛନ୍ତି । ଏ ପରିବର୍ତ୍ତନକୁ ଶାନ୍ତିରକ୍ଷାର ସୂଚକ ବୋଲି ସମସ୍ତେ ଜ୍ଞାନ କରୁ ଅଛନ୍ତି । ସାକିର ପାସା ସେଣ୍ଟପିଟର୍ସବର୍ଗରେ ତୁରସ୍କ ରାଜଦୂତ ପଦରେ ନିଯୁକ୍ତ ହୋଇ ଅଛନ୍ତି । କ୍ରସ ସାହେବ ଏକ ବକ୍ତୃତାରେ ଏପରି ମତ ପ୍ରକାଶ କରି ଅଛନ୍ତି କି ଇଂଲଣ୍ଡ ଯୁଦ୍ଧରେ ପ୍ରବୃତ୍ତ ହେବାପୂର୍ବ ଯଥାସାଧ୍ୟ ଶାନ୍ତିରକ୍ଷାର ଚେଷ୍ଟା କରିବ କିନ୍ତୁ କୌଣସି ଏକ ରାଜାର ଇଚ୍ଛାନୁସାରେ ସନ୍ଧିଭଙ୍ଗ କରିବାକୁ କଦାଚ ଦେବେ ନାହିଁ ।

ଚଳିତମାସ ତା ୪ ରିଖରେ ତୁରସ୍କର ମହାସଭାରେ ସଭାପତି ପ୍ରକାଶ କଲେ ଯେ ତୁରସ୍କ ନିରପେକ୍ଷ ଭାବ ଅବଲମ୍ବନ କରିବ ଓ କେବଳ ଆପଣାର ସ୍ୱାର୍ଥରକ୍ଷା କରିବ । କନଷ୍ଟାଣ୍ଟିନୋପଲ୍ସ ନଗର ରକ୍ଷା ସକାଶେ ନିଯୁକ୍ତ ହୋଇଥିବା ସେନାଙ୍କର ସେନାପତି ପଦରେ ବେକର ପାଶା ନିଯୁକ୍ତ ହୋଇ ଅଛନ୍ତି ।

ରୁଷୀୟମାନେ ପ୍ରବାଦୀ ନଗର ଅଧିକାର କରି ଅଛନ୍ତି ଏବଂ ସମଲ ଓ ବର୍ଣ୍ଣା ମଧ୍ୟରେ ଗତାୟାତ ବନ୍ଦ କରି ଦେଇ ଅଛନ୍ତି ।

ତୁରସ୍କମଧ୍ୟରେ ମୁସଲମାନ ପ୍ରଜାଙ୍କର ବିଦ୍ରୋହ ବିଷୟରେ ପୂର୍ବେ ଯେସମସ୍ତ ସମାଚାର ଆସିଥିଲା ତହିଁର ଆଉ କିଛି ବାର୍ତ୍ତା ଆସି ନାହିଁ କଥିତହୁଅଇ ଯେ ବଲଗରିୟାର ଖ୍ରୀଷ୍ଟୀୟାନମାନଙ୍କର ଦୌରାତ୍ମ୍ୟ ହେତୁ ମୁସଲମାନ ପ୍ରଜାମାନେ ବିଗିଡ଼ି ଯାଇଅଛନ୍ତି ଓ ରୁଷୀୟ ସେନାପତିମାନେ ସେମାନଙ୍କୁ ଶାସନ କରୁନାହାନ୍ତି । ଏଥିରେ ମୁସଲମାନମାନେ ବିରକ୍ତ ହୋଇ ବିଦ୍ରୋହିତାଚରଣ କରି ଅଛନ୍ତି ମଧ୍ୟ ସେମାନେ ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀଙ୍କ ନିକଟକୁ ରକ୍ଷା ସକାଶେ ଆବେଦନପତ୍ର ମଧ୍ୟ ପଠାଇଅଛନ୍ତି । ସେମାନେ ଲେଖିଅଛନ୍ତି କି ଶ୍ରୀମତୀ ମହାରାଣୀ ଯେମନ୍ତ ଆପଣାର ଭାରତବର୍ଷୀୟ ମୁସଲମାନ ପ୍ରଜାଙ୍କୁ ରକ୍ଷା କରୁଅଛନ୍ତି ସେହିପରି ତାହାଙ୍କର ସ୍ୱଜାତୀୟ ତୁର୍କି ମୁସଲମାନଙ୍କ ରକ୍ଷା କରିବାକୁ ପ୍ରସ୍ତୁତ ହେଉନ୍ତୁ ।

---

### ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତର

### ନିୟମ ।

ହିନ୍ଦୁପେଟ୍ରିଅଟରେ ଗବର୍ଣ୍ଣମେଣ୍ଟ ବଙ୍ଗାଳାଙ୍କର ଉପର ଲିଖିତ ନିୟମାବଳୀର କେତେକ ବିବରଣ ପ୍ରକାଶିତ ହୋଇଅଛି । ସର୍ବସାଧାରଣଙ୍କ

Digitized by srujanika@gmail.com

Split by PDF Splitter



ଜାଣିବା କାରଣ ଉଲ୍ଲିଖିତ କଥାମାନ ଅମ୍ଭେମାନେ ଇହିଁରୁ ଉଦ୍ଧୃତ କଲୁଁ ଯଥା;—

ଉଲ୍ଲିଖିତ ବ୍ୟକ୍ତିମାନଙ୍କ ଉପରେ ଟାକ୍ସ ବସିବ ନାହିଁ ଯଥା;—(୧) ଯେଉଁ ଲୋକ କେବଳ କୃଷିକାର୍ଯ୍ୟଦ୍ୱାରା ଜୀବକାନିର୍ବାହ କରଇ (୨) ଯେଉଁ କୃଷି ଆପଣା କ୍ଷେତର ଉତ୍ପନ୍ନଦ୍ରବ୍ୟ ବିକ୍ରୟ କରିବାକୁ ଦୋକାନ କରେ ନାହିଁ । (୩) ଯେଉଁ ବ୍ୟକ୍ତି ଜମିର ଖଜଣା ନଗଦ ନ ନେଇ ଫସଲର ଭାଗ ନିଏ ଏବଂ କେବଳ ସେହି ଫସଲକୁ ବିକ୍ରୟ କରଇ । କିନ୍ତୁ ଯେଉଁ କୃଷିକାରୀ ଜମି ଚଷା ଛଡ଼ା ଅନ୍ୟ କିଛି ବାଣିଜ୍ୟ ଅଥବା ବ୍ୟବସାୟ କିମ୍ବା କାରିଗିରୀ କରେ ସେ ଉକ୍ତ ପ୍ରକାର ବ୍ୟବସାୟ ବା ବାଣିଜ୍ୟଦ୍ୱାରା ଯାହା ଅର୍ଜନ କରଇ ଇହିଁର ପରିମାଣ ଅନୁସାରେ ଅବଶ୍ୟ ଟାକ୍ସ ଦେବ । ଅତି ସାବଧାନ ପୂର୍ବକ ଏପ୍ରକାର ଆୟକୁ ଅଲଗା କରିବାକୁ ହେବ ଯେମନ୍ତ କି କୌଣସି ମତେ କୃଷିର ଲାଭ ଉପରେ ଟାକ୍ସ ବସିବ ନାହିଁ ଓ ଜମିଦାର ପ୍ରଭୃତି ଖଜଣା ପାଇବା ବ୍ୟକ୍ତିମାନେ ଉକ୍ତ ଖଜଣା ସକାଶେ ଟାକ୍ସ ଦେବେ ନାହିଁ । ମାତ୍ର ଯେଉଁ ଜମିଦାର ମହାଜନୀ ବ୍ୟବସାୟ କରଇ ତାହାକୁ ଉକ୍ତ ମହାଜନୀର ଲାଭ ସକାଶେ ଟାକ୍ସ ଦେବାକୁ ହେବ ଅଥଚ ଯେଉଁ ଜମିଦାର ସମୟରେ ଆପଣା ପ୍ରଜାଙ୍କ ସାହାଯ୍ୟ ସକାଶେ ଉଧାର ଦିଅଇ ତାହା ଉପରେ ଟାକ୍ସ ହେବ ନାହିଁ । ତାତ୍ପର୍ଯ୍ୟ ଏହି କି ଯେଉଁ ଜମିଦାର ଆପଣା ଲାଭ ସକାଶେ ଧାର୍ମ୍ମତେ ମହାଜନୀ କର୍ମ କରଇ ସେହି ଏକା ଟାକ୍ସ ଦେବ । ଏଥିରୁ ଅନୁମାନ ହୁଅଇ ଯେ ଧାନ ଦେଢି କାରବାର ସକାଶେ ଜମିଦାରଙ୍କୁ ଟାକ୍ସ ଦେବାକୁ ପଡ଼ିବ ନାହିଁ । ଅଧିକାଂଶ ଜମିଦାର ଆପଣାର ପ୍ରଜାଙ୍କୁ ଧାନ ଦେଢି ଦେଇ ତାହାଙ୍କ ଠାରୁ ସୁଧସ୍ୱରୂପ ଚତୁର୍ଥାଂଶ ଅଧିକା ନିଅନ୍ତି ଓ ଯାହା ଅଧିକା ପାନ୍ତି ତାହା ସର୍ବଦା ବିକ୍ରୟ କରିବାର ଧାର୍ ନ ଥାଏ କେବେ୨ ପ୍ରୟୋଜନ ମତେ ବିକ୍ରୟ କରନ୍ତି । ପ୍ରଜାଙ୍କ ଉପକାର ସକାଶେ ଧାନ ରଖିବା ଓ ଦେଢି ଦେବା ଆବଶ୍ୟକ ହୁଅଇ । ଅତଏବ ଧାନ ଦେଢିର ସୁଧକୁ ଏକପ୍ରକାର କୃଷିକାର୍ଯ୍ୟର ଲାଭ ବୋଲି ଜ୍ଞାନ କରିବାକୁ ହେବ । ଏପର ସମସ୍ତ ପ୍ରକାର ଅଶିକ୍ଷିତ ଶ୍ରମଜୀବୀ ଅର୍ଥାତ୍ ଯେଉଁମାନେ କେବଳ ଦେହର ବଳରେ ଜୀବିକା ନିର୍ବାହ କରନ୍ତି ସେମାନଙ୍କ ଟାକ୍ସ ଦେବାକୁ ହେବ ନାହିଁ ଏବଂ ଯେସମସ୍ତ କାରଗର ନିରୂପିତ ମୂଲ୍ ନେଇ କାର୍ଯ୍ୟ କରନ୍ତି ସେମାନଙ୍କୁ ଟାକ୍ସ ଲାଗିବ ନାହିଁ ଆଉ ଯେଉଁମାନେ ଚାକିରି କରନ୍ତି ସେମାନଙ୍କର ବ୍ୟବସାୟ ଟାକ୍ସ ଦେବା ଉଚିତ ହେଲେସୁଦ୍ଧା ତାହାଙ୍କୁ ଟାକ୍ସ ଦେବାକୁ ପଡ଼ିବ ନାହିଁ ।ଯଥା; ବଢେଇ କମାର ଇତ୍ୟାଦି ମାସିକ ବେତନରେ ଅନ୍ୟର ଚାକର ରହି କର୍ମ କଲେ ଟାକ୍ସ ଦେବ ନାହିଁ । ଏତଦ୍ଭିନ୍ନ ଉଲ୍ଲିଖିତ ବ୍ୟବସାୟିମାନେ ଟାକ୍ସରୁ ମୁକ୍ତ ପାଇଅଛନ୍ତି ଯଥା;—

୧ । ସରକାରୀ ମିଉନିସିପାଲିଟି ଅଥବା ଅନ୍ୟ ସ୍ଥାନୀୟ କାର୍ଯ୍ୟମଙ୍କ ଅଧୀନ ଚାକର ।

୨ । ଉଲ୍ଲିଖିତ ବ୍ୟବସାୟିମାନେ ଯଥା; (କ) ଧର୍ମ (ଖ) ଶିକ୍ଷା ( ଗ ) ସାହିତ୍ୟ ।

୩ । ଗୃହସ୍ଥୀୟ ଯଥା; ଘରର ଓ ଅନ୍ୟ ପ୍ରକାର ଚାକର କି ଯେଉଁମାନେ ଆପଣା ମୁନିବର ଘରେ ରହନ୍ତି ଅଥବା କର୍ମ କରନ୍ତି ।

୪ । କୃଷିକାର୍ଯ୍ୟରେ ନିଯୁକ୍ତ ଥିବା ବ୍ୟକ୍ତି ଏବଂ ଯେଉଁମାନେ କେବଳ ପଶୁ ପାଳନ୍ତି ମାତ୍ର ବିକ୍ରୟ କରନ୍ତି ନାହିଁ ଯଥା—ଗୋରୁ ଓ ଛେଳି ରଖୁଆଳ ଘୋଡ଼ା ଦଲାଲ, ମାହୁନ୍ତ ସଇସ ଓ ଘାସିୟା

୫ । ଲୋକସୁମାରି ନକସା ଲିଖିତ ଉଲ୍ଲିଖିତ ବ୍ୟବସାୟିମାନେ ଯଥା;—ଗାଡ଼ିବାନ, ପାଲିକି ବେହେରା, ଶଗଡ଼ବାହକ ବଳଦୟା ଖଲାସି ନାଉରିୟା ମୋହରର, କରାନି, ସରକାର, ପିଆଦା, ଗୁମାସ୍ତା ।

୬ । ବାଜେଲୋକ ଯଥା;— ଘଣ୍ଟବାଲା, ପେନସନଭୋଗୀ, ଜୁଆରୀ, ଭିକାରୀ, ପେସାଦାର ଚୋର, ତାଇଦନଦାସ, ମୂଲିୟା, ବେକାର ପିଲା ।

ଏହି ସମସ୍ତ ଛଡ଼ା ଆଉ ଯେତେପ୍ରକାର ବାଣିଜ୍ୟ ଓ ବ୍ୟବସାୟରେ ଲୋକେ ନିଯୁକ୍ତ ଥିବେ ଇହିଁର ବାର୍ଷିକ ଆୟ ଏକଶତଟଙ୍କା ହେଲେ ଇହିଁ ଉପରେ ଟାକ୍ସ ଲାଗିବ । ଏ ସବୁ ବାଣିଜ୍ୟ ବ୍ୟବସାୟର ଏକ ବୃହତ୍ ତାଲିକା ପ୍ରସ୍ତୁତ ହୋଇ ଅଛି । ସ୍ଥାନାଭାବରୁ ଇହିଁର ବିସ୍ତାରିତ ଉଲ୍ଲେଖ କରିବାରୁ କ୍ଷାନ୍ତ ହେଲୁଁ ।

ଏକ ପରିବାରର ବ୍ୟକ୍ତିମାନେ ସମସ୍ତେ ମିଶି ଗୋଟିଏ ବାଣିଜ୍ୟ ବା ଉପାୟର କର୍ମରେ ନିଯୁକ୍ତ ଥିବା ସ୍ଥଳରେ ପ୍ରତ୍ୟେକ ବ୍ୟକ୍ତି ଉପରେ ପୃଥକ୍‌ରୂପ ଟାକ୍ସ ବସିବ ମାତ୍ର କମିଶ୍ନରମାନଙ୍କ ସଭାପତି ଆବଶ୍ୟକ ବିବେଚନା କଲେ ଉକ୍ତ ପରିବାରର ପ୍ରଧାନବ୍ୟକ୍ତି ଛଡ଼ା ଅବଶିଷ୍ଟ ପ୍ରତ୍ୟେକ ବ୍ୟକ୍ତିର ଦେୟ ଆୟରୁ ଅଧେଲେଖାଏ କାଟିଦେଇ ପାରିବେ ।

ବନ୍ଦୋବସ୍ତ କାର୍ଯ୍ୟ ଚଳିବାର ଉଲ୍ଲିଖିତ ନିୟମ ହୋଇଅଛି ଯଥା; ପ୍ରଥମେ ଏନୁମରେଟରମାନେ ନିଜେ ଅନୁସନ୍ଧାନ କରି ଟାକ୍ସ ଦେବା-ଉଚିତ ବ୍ୟକ୍ତିଙ୍କର ତାଲିକା କରି ଆଣିବେ । ଦ୍ୱିତୀୟରେ ସରକଲ ଇନ୍‌ସ୍ପେକ୍ଟର ସେହିପରି ତଦାରଖ କରି ତାହାଙ୍କ ତାଲିକା ଠିକ କରିବେ ତୃତୀୟରେ କଲେକ୍ଟର ସବଡିବିଜନର ହାକିମ ଅଥବା ଅନ୍ୟ କେହି କର୍ମଚାରୀ ସେ ତାଲିକାକୁ ସଂଶୋଧନ କରିବେ । ଚତୁର୍ଥରେ କଲେକ୍ଟର କିମ୍ବା ଅନ୍ୟ କୌଣସି ବିଶେଷ କର୍ମଚାରୀ କିମ୍ବା କେହିଦ୍ୱାରା ଅପିଲର ବିଚାର ହେବ ।

## ସାପ୍ତାହିକସଂବାଦ ।

କଟକରେ ବାବୁ ନିମାଇଚରଣ ନେଉଗୀ ସରକଲ ଅଫିସର ବୋଲି ମନୋନୀତ ହୋଇ ଥିଲେ କିନ୍ତୁ ବୋର୍ଡ ଏକଶତ ଟଙ୍କାରୁ ଅଧିକ ଦେବାକୁ ଅସ୍ୱୀକାର କରିବାରୁ ନିମାଇ ବାବୁଙ୍କର କର୍ମ ହେଲା ନାହିଁ । ବାବୁ ବେଣୀମାଧବ ବାନୁର୍ଯ୍ୟା ଉକ୍ତ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଗତ ସପ୍ତାହରେ ଗ୍ରୀଷ୍ମ ଅତ୍ୟନ୍ତ ହୋଇଥିବାରୁ ଗତ ସୋମବାରଠାରୁ କଚେରିମାନ ସକାଳୁଆ ହେବାର ଆରମ୍ଭ ହେଲା । କିନ୍ତୁ ଇହିଁ ପୂର୍ବ ରବିବାର ଅପରାହ୍ନ କାଳରେ ଏଠାରେ ଅଳ୍ପମାତ୍ର ବୃଷ୍ଟି ହେଲା ଓ ଏହାପ୍ରାୟ ଯାକ ପ୍ରାୟ ମେଘାଚ୍ଛନ୍ନରହି କେବେ୨ ବର୍ଷା ହୋଇ ନଗରକୁ ଶୀତଳ ରଖିଅଛି । ମୋଫସଲର ପ୍ରାୟ ସମସ୍ତ ସ୍ଥାନରେ ବର୍ଷା ହୋଇ ଚଷର ସୁବିଧା କରି ଦେଇଅଛି । ଅକ୍ଷୟ ତୃତୀୟା ଦିନ ବୃଷ୍ଟି ହେବା ଶୁଭ ଲକ୍ଷଣ ଅଟଇ ଏହା କହି ଲୋକେ ଆନନ୍ଦିତ ଅଛନ୍ତି ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ଗୁରୁବାର ପୁରୀ ମୁକାମରୁ ପିପିଲି ଓ ଭୁବନେଶ୍ୱର ବାଟେ ପ୍ରତ୍ୟାଗମନ କରି ଅଛନ୍ତି ।

ଅମ୍ଭେମାନେ ଅବଗତ ହେଲୁଁ ଯେ ଏଠା ଅବକାରୀ ଦାରୋଗା ବାବୁ ଆଠଗଡ଼ ବଲୀପୁର ମୌଜାରେ ଚୋରା ସରାବ ବିକ୍ରି ହେବାର ସନ୍ଧାନ ପାଇ ଗତ ମାର୍ଚ୍ଚ ମାସରେ ସେଠାକୁ ଯାଇ ସରାବ ବଟେଲା, ସରାବ ଇତ୍ୟାଦି ଗିରଫ୍ତାରକରି କଟକକୁ ଆଣିଥିଲେ । ଏଥିରେ ସେ ଗ୍ରାମର ତହସିଲଦାର ଓ ଗ୍ରାମବାସିମାନେ ମିଶି ଚୋରା ସରାବ ମାଠିଆ ସମସ୍ତ ଭାଙ୍ଗିଦେଇ ଗିରଫ୍ତାରୀ ଅସାମୀକୁ

Digitized by srujanika@gmail.com

Split by PDF Splitter



ଛୁଡାଇ ଘେନିଗଲେ । ଦାରୋଗା ରପୋର୍ଟ କରିବାରେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଉକ୍ତ ଗ୍ରାମବାସିଙ୍କ ନାମରେ ମୋକଦ୍ଦମା ଚଳାଇ ମା ୬ ସ ଲେଖାଁଏ କଏଦ ଓ ଏକଶତ ଟଙ୍କା ଜରିମାନା ଦଣ୍ଡ ବିଧାନ କଲେ । ଜରିମାନା ମଧ୍ୟରୁ ଟ ୫୦ ଙ୍କା ଦାରୋଗା ଓ ଗୋଇନ୍ଦାକୁ ପାରିତୋଷିକ ଦିଆଯାଇଅଛି । ଏ ଦାରୋଗାଙ୍କ ଅମଳରେ ଚୋର୍ ମାଲ ଧରା ଧର୍ ପଡିବାର ଶୁଣା ଯାଉଅଛି ବଡ ସୁଖର ବିଷୟ ଅଟଇ ।

ଏଥର କଟକର ଦୌରା ମିସଲରେ ଅନ୍ୟାନ୍ୟ ମକଦ୍ଦମା ମଧ୍ୟରେ ଗୋଟିଏ ବାଲକୀଳା ହୋଇଗଲା । ଏ ମକଦ୍ଦମାଟି କେନ୍ଦ୍ରାପଡା ସବ୍ଡିଭିଜନରୁ ଆସିଥିଲା । ଅପରାଧ ଘର ପୋଡିଦେବା ଆସାମିର ବୟସ ପ୍ରାୟ ୮।୯ ବର୍ଷ ଓ ସ୍ତ୍ରୀହାର ବୟସ ପ୍ରାୟ ତଦ୍ରୂପ । ମୂଦେଇ ଜଣେ ନଅଅଳ୍ପିଆସ୍ତ୍ରୀ ଗୋଟିଏ ୫।୬ ବର୍ଷର ପିଲା ଘେନି ଆସିଥିଲା । ଏହି ସ୍ତ୍ରୀର କୁଡିଆଘରକୁ ଆସାମୀ ପିଲା ପୋଡିଦେବାର କଥିତ ହୋଇଥିଲା ଓ ତାହା ସଙ୍ଗୀ ପିଲା ତହିଁର ସାକ୍ଷାତସାକ୍ଷି ଥିଲା । କଥିତହୁଅଇ ଯେ କେନ୍ଦ୍ରାପଡା ଜେଲଖାନାରେ ଆସାମୀକୁ ହାଜତରେ ରଖାଯାଇଥିଲା ସେଠାରେ ସେ ହାଣ୍ଡିକୁ ଶ୍ରୀଇ ବାଡେଇ ଭଙ୍ଗିଦେବାରୁ ହାକିମ ତାହାକୁ ଯାମିନରେ ଛାଡିଦେଇଥିଲେ । ଯାହାହେଉ କଟକପର୍ଯ୍ୟନ୍ତ ଆସି କଚେରୀରେ ହୁରିଦନ୍ତ ଉଆଁମାରି ବୁଲି ଖଲାସ ହୋଇ ଚାଲିଗଲା ।

ଆଉଗୋଟିଏ ୮।୯ ବର୍ଷର ମାଇପିଲାପ୍ରତି ଜଣେ ବ ୨୦।୨୨ ର୍ଷର ଟିଙ୍ଗି ବଲତ୍କାରର ଚେଷ୍ଟା କରିବା ଅପରାଧରେ ଧରାହୋଇ ଆସିଥିଲା । ଏଥିରେ ତାହାର ୧୦।୧୧ ବର୍ଷର ଏକ ଭଉଣି ଗୁହା ହୋଇ ଆସିଥିଲା । ଏମୋକଦ୍ଦମା ସୁଦ୍ଧା ପ୍ରମାଣ ନ ହେବାରୁ ଆସାମୀ ଖଲାସ ପାଇଲା । ଆମ୍ଭେମାନେ ଏ ସମସ୍ତଦେଖି ମନେ ଭାଲୁଅଛୁଁ କି ଏଣିକି ପରମାୟୁ ଊଣା ହେଉଅଛି ବୋଲି କି ପିଲାଟେଦିନୁ ଲୋକେ ଅପରାଧ କରୁଅଛନ୍ତି ଅଥବା ହାକିମ ଦଣ୍ଡ ଦେବାକୁ ପ୍ରସ୍ତୁତ ହୋଉଅଛନ୍ତି । ଏପରି ମୋକଦ୍ଦମାମାନତ ଅଗ୍ରେ ଅସୁ ନ ଥିଲା ।

କେନ୍ଦ୍ରାପଡାର କୋର୍ଟ ସବ୍ଇନସ୍ପେକ୍ଟର ଶ୍ରୀ· ରାମଲାଲଙ୍କ ମୋକଦ୍ଦମା ଗତ ଗୁରୁବାର ନିଷ୍ପତ୍ତି ହେଲା । ଆସାମୀ ପ୍ରତି ଦେଢବର୍ଷ କାରାବାସର ଦଣ୍ଡ ହୋଇଅଛି । ଏହାଙ୍କ ଉପରେ ତହବିଲ ଭାଙ୍ଗିବାର ଅଭିଯୋଗ ହୋଇଥିଲା ମାତ୍ର ଯେତେ ଟଙ୍କା ଭାଙ୍ଗିଥିଲେ ତାହା ଆଦାୟ କରିଥିଲେ ସୁତରାଂ ସରକାରଙ୍କର କ୍ଷତି ହୋଇ ନାହିଁ ।

ପୁରୀ ଜିଲ୍ଲାରେ ତିନିଜଣ ଲାଇସେନ୍ସ ଟାକ୍ସ ସରକଲ ଆଫିସର ନିଯୁକ୍ତ ହେବାର ପ୍ରସ୍ତାବ ହୋଇଥିଲା ତହିଁ ମଧ୍ୟରୁ ଦୁଇଜଣ ବୋର୍ଡ଼ ମଞ୍ଜୁର କଲେ । ସଦର ମୁକାମରେ ବାବୁ ନଦୀୟାଚାନ୍ଦ ଦତ୍ତ ନିଯୁକ୍ତ ହୋଇଅଛନ୍ତି ଓ ବାବୁ ହରମୋହନ ରାୟ ଖୋରଧା ସବଡିଭିଜନରେ ରହିଅଛନ୍ତି ।

ବାଲେଶ୍ୱରରେ କଲେକ୍ଟରୀ ହେଡ କିରାନି ବାବୁ ହରେକୃଷ୍ଣ ଦାସ ଲାଇସେନ୍ସଟାକ୍ସ ବନ୍ଦୋବସ୍ତର ସରକଲ ଆଫିସର ହୋଇଅଛନ୍ତି । ଏହାଙ୍କ ବେତନ ଟ ୧୦୦୲ ଙ୍କା ମଞ୍ଜୁର ହୋଇଅଛି । ଭଦରଖରେ ବାବୁ ଦୁର୍ଗାଚରଣ ଦାସ ଉକ୍ତରୂପ ପଦରେ ସେହି ଟ୧୦୦୲ ଙ୍କା ବେତନରେ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱରଠାରୁ ପୁରୀପର୍ଯ୍ୟନ୍ତ ନୌକା ଗତାୟାତର ବାଟ ପ୍ରସ୍ତୁତ କରିବାକାରଣ ଗବର୍ଣ୍ଣମେଣ୍ଟବଙ୍ଗାଲ ଏବର୍ଷ ଅଧଲକ୍ଷ ଟଙ୍କା ବ୍ୟୟ କରିବାର ମଞ୍ଜୁର କରିଅଛନ୍ତି । ଏଥିରେ କି ପରିମାଣରେ ସର୍ବସାଧାରଣଙ୍କର ସୁବିଧା ହେବ ନିକଟରେ ଦେଖିବାରେ ଆସିବ ।

ଗତ ଇୟୁରୋପୀୟ ଯୁଦ୍ଧରେ ଯେ ସମସ୍ତ ରୁସିୟା ସେନାପତିଙ୍କ ନାମ ବାହାରିଅଛି ତହିଁ ମଧ୍ୟରୁ କେବଳ ଏକଜଣ ରୁଷୀୟ ନିବାସୀ ଅଟଇ । ଆଉ ଲୋକମାନେ ଅନ୍ୟାନ୍ୟ ଦେଶର ନିବାସୀ ଓ ରୁସିୟାରେ ଚାକର କରନ୍ତି ।

ଟେନିସନ ସାହେବ ନାମରେ ଏକବ୍ୟକ୍ତି ଏକ ସମ୍ବାଦପତ୍ରରେ ଗୋଟିଏ କବିତା ଲେଖି ତିନି ହଜାର ଟଙ୍କା ଲାଭ କରିଅଛନ୍ତି ଅର୍ଥାତ ଉକ୍ତ କବିତାଟିର ଧାଡି ପ୍ରତି ଟ ୨୦୲ ଙ୍କାରୁ ଅଧିକ ମୂଲ୍ୟ ପଡି ଅଛି । ଯେଉଁଠାରେ ଏପରି ଗ୍ରାହକ ମଣ୍ଡଳୀ ସେଠାରେ ବିଦ୍ୱାନ୍ ଲୋକର ଅଭାବ କିସ?

ଟାକ୍ସ ବିରୁଦ୍ଧରେ ଯେଉଁ ଦରଖାସ୍ତମାନ ବିଲାତକୁ ପଠାଇବାର କଲିକତାରେ ସ୍ଥିର ହୋଇଥିଲା ସେସମସ୍ତ ପ୍ରେରିତ ହୋଇଅଛି । ହାଉସ ଅବ୍କମନସ୍ଙ୍କ ନିକଟରେ ଯେଉଁ ଦରଖାସ୍ତ ଦିଆଯିବ ସେଥିରେ ଦଶ ହଜାର ଏବଂ ହାଉସ ଅବଲର୍ଡସ୍ଙ୍କ ନିକଟରେ ଯେଉଁ ଦରଖାସ୍ତ ଦିଆଯିବ ୫୦୦୦ ଦସ୍ତଖତ ହୋଇଅଛି ଏସମସ୍ତ ଦରଖାସ୍ତରେ ମହା ସଭା କି ବିଚାର କରିବେ ଦେଖାଯିବ ।

କଲିକତା ନିବାସୀ ବାବୁ କାଳିକୃଷ୍ଣ ଠାକୁର ଆପଣା ପୁତ୍ରର ବିବାହ ଉପଲକ୍ଷରେ ଅଧଲକ୍ଷ ଟଙ୍କା ଦାନ କରିବାର ଏଥିପୂର୍ବ ଆମ୍ଭେମାନେ ଲେଖିଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ରୋମାନକାଥଲିକ ପାଦ୍ରୀଙ୍କ ସ୍ଥାପିତ ଅନାଥ ବାଳକ ବାଳିକାଙ୍କ ଆଶ୍ରମକୁ କୋଡିଏ ସହସ୍ର ଟଙ୍କା ଦାନ କରିଅଛନ୍ତି । ସର୍ବସୁଦ୍ଧା ଏ ମହାଶୟ ୭୮ ହଜାର ଟଙ୍କା ଦାନ କରିଅଛନ୍ତି । ଧନ୍ୟ ଏହାଙ୍କର ବଦାନ୍ୟତା ।

ମାନ୍ଦ୍ରାଜଦେଶରେ ଗୋଟିଏ ବଡ ମଜାର ମକଦ୍ଦମା ହୋଇ ଅଛି । ଚାରିଜଣ ବଣିକ ତୁଳାର ବ୍ୟବସାୟ ଆରମ୍ଭ କରିଥିଲେ । ମୂଷାମାନେ ତୁଳା ନଷ୍ଟ କରିବାରୁ ଗୋଟିଏ ବିରାଡୀ ପୋଷିଲେ, ତାହାର ଚାରିଗୋଟି ଗୋଡ ଚାରିଜଣଙ୍କ ଭାଗରେ ରହିଲା । ଦୈବାତ୍ କୌଣସି କାରଣରୁ ତାହାର ଗୋଟିଏ ଗୋଡରେ ଘା ହେବାରେ ସେ ଗୋଡର ଅଧିକାରୀ ତହିଁରେ କନାର ପଟି ବାନ୍ଧିଦେଲେ ବିରାଡୀ ନିଆଁପାଖକୁ ଯିବାରୁ ତାହାର ସେହି ପଟିରେ ନିଆଁ ଲାଗିଥିଲା ଏମନ୍ତ ଅବସ୍ଥାରେ ସେ ତୁଳାଗଦା ମଧ୍ୟକୁ ମୂଷା ଗୋଡ଼ାଇବାକୁ ଯିବାରେ ସେହି ନିଆଁଦ୍ୱାରା ସବୁତୁଳା ପୋଡି ପାଉଁଶ ହୋଇଗଲା । ଅନ୍ୟ ତିନିଜଣ ଅଂଶୀ ସେହି ଘାଆଗୋଡ଼ର ମାଲିକ ଯେ ପଟି ବାନ୍ଧିଥିଲେ ତାଙ୍କ ନାମରେ ଅଦାଲତରେ କ୍ଷତିପୂରଣର ନାଲିଶ କଲେ ହାକିମ ଜଣେ ହିନ୍ଦୁ ଅଟନ୍ତି । ସେ କହିଲେ ବିରାଡୀର ଯେଉଁ ତିନିଗୋଟି ଗୋଡ ସୁସ୍ଥ ଥିଲା ତଦ୍ୱାରା ସେ ଗମନକରି ତୁଳାରେ ନିଆଁ ଲଗାଇ ଅଛି ଅତଏବ ତିନିଗୋଡର ତିନି ଅଧିକାରୀ ଅପରାଧୀ ସେମାନେ ଆସାମୀର ଚତୁର୍ଥାଂଶ କ୍ଷତି ପୂରଣ କରିବେ । ଆସାମୀର ଓଲଟା ଜିତ ହେଲା ।

---

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନଦାନ କରି ଚିରବାଧିତ କରିବା ହେବେ ।

ପ୍ରାୟ ଏକମାସ ହେଲା ଅସଭ୍ୟ ପ୍ରଚଳିତ ଉର୍ଦ୍ଦୂ ଭାଷାର ସଂସ୍କାରାର୍ଥେ ଏକ ସଭା ଇଂଲିଶ ଏକାଡେମିଠାରେ ସଂସ୍ଥାପିତ ହୋଇ ଅଛି । ଏହା ପ୍ରତି ରବିବାରଦିନ ପ୍ରାତଃ ୭ ଟା ସମୟରେ ଆରମ୍ଭ ହୋଇ ୯ ଟା ପର୍ଯ୍ୟନ୍ତ ଭାଷା

Digitized by srujanika@gmail.com

ସମ୍ବନ୍ଧରେ ପ୍ରବନ୍ଧ ପାଠ ଓ ତର୍କବିତର୍କ ହୋଇ ସର୍ବ୍ବ ଭଙ୍ଗ ହବ । ଅତଏବ ଉର୍ଦ୍ଦୁଭାଷାଜ୍ଞ ମହୋଦୟମାନେ ବା ଅନ୍ୟ ଭଦ୍ରଲୋକମାନେ ଉକ୍ତ ସ୍ଥାନକୁ ଆଗମନ କରି ପରମ ଅପ୍ୟାୟିତ କରିବେ ।

୮-୫-୭୮ } ଆପଣଙ୍କ ଅନୁଗତ
କଟକ } ସେଖ ମହମ୍ମଦ ଅତହର
ସମ୍ପାଦକ

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ବାଙ୍କି କିଲ୍ଲା ଗୋପାଳପୁର ଗ୍ରାମରେ ଶ୍ରୀବାବୁ କୃଷ୍ଣଚନ୍ଦ୍ର ପଣ୍ଡା ଗୋଟିଏ ପୁଷ୍କରିଣୀର ପଙ୍କୋଦ୍ଧାର କରାଉଅଛନ୍ତି, ଏହାଙ୍କର ଏହି କାର୍ଯ୍ୟରେ ବର୍ତ୍ତମାନ ଟ ୨୦୦୲ ଙ୍କା ବ୍ୟୟିତ ହୋଇଅଛି । ଆଉର ଟ ୩୦୦୲ ଙ୍କା ବ୍ୟୟ ହେଲେ ଏହାର କାର୍ଯ୍ୟ ଶେଷ ହେବ; କୃଷ୍ଣଚନ୍ଦ୍ରଙ୍କର ଏହି ସଦନୁଷ୍ଠାନ ନିମିତ୍ତ ସର୍ବ୍ବସାଧାରଣ ଆହ୍ଲାଦିତ ଅଛନ୍ତି । ତାହାଙ୍କ ଧନର ପ୍ରକୃତ ସାର୍ଥକତା ହୋଇଅଛି । ଜଗଦୀଶ୍ୱର କରନ୍ତୁ ସେ ଏହିପରି ସାଧାରଣ ହିତକର କାର୍ଯ୍ୟମାନ ସମ୍ପାଦନ କରି ଯେମନ୍ତ ବୈକୁଣ୍ଠବାସୀ ହେବେ । ବାଙ୍କିର ତହସିଲଦାର ମଧ୍ୟ ଏଥିରେ ଯତ୍ନ କରୁଅଛନ୍ତି ଏବଂ ତାହାଙ୍କ ଯତ୍ନରେ ବାଙ୍କିରେ ସାଧାରଣ ରେୟା ଓ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟଦ୍ୱାରା ଅନେକ ଗୁଡ଼ିଏ ପୁଷ୍କରିଣୀ ଓ ବନ୍ଧ ପ୍ରସ୍ତୁତ ହୋଇଅଛି, ଏଥିନିମିତ୍ତ ସେ ଅବଶ୍ୟ ଅଧିକ ପ୍ରଶଂସନୀୟ ଅଟନ୍ତି ।

୨୫-୪-୭୮ } ଶ୍ରୀ—
କଟକ

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ମହାନୁଭବେଷୁ ।

ମହାଶୟ !

ଆପଣ ଉତ୍କଳର ଶୁଭାକାଂକ୍ଷୀ ଥିବାରୁ ଉତ୍କଳର ଭାବଗତିକ ଗୁହାରି ଡାକମାନ ଆପଣଙ୍କର କର୍ଣ୍ଣଗୋଚର ହୋଇଥାଏ ଭଲ ଥିରେ ମୋହର ଏ ଗୁହାରିଟିକୁ ଆପଣଙ୍କ ବିଖ୍ୟାତ ପତ୍ରିକା ପାର୍ଶ୍ୱରେ ସ୍ଥାନଦାନ କଲେ ବୈକୁଣ୍ଠରେ ସ୍ଥାନ ପାଇଲାପରି ବୋଧ କରିବି ଅବଧାନ କରିବେ ଗତ ସିତମ୍ବର ମାସରେ ଅନଗୁଳ କିଲ୍ଲା ଅନ୍ତର୍ଗତ ମହିପଡ଼ା ନାମକ ସ୍ଥାନରେ ଗୋଟିଏ ଖୁନ ଅର୍ଥାତ୍ ଜୀବନୃତ ନରହତ୍ୟା ମକଦ୍ଦମା ହୋଇଥିଲା ତାହା ଯେ ଗ୍ରାମବାସୀ ଅର୍ଥବଶା ମାନବାଃ ଅର୍ଥ ଲୋଭରେ କରିଥିଲେ ଏକଥା ଲେଖିବା ବାହୁଲ୍ୟ ପରେ ଘଟଣାଟି ସ୍ଥାନୀୟ ପୁଲିସର କର୍ଣ୍ଣଗୋଚର ହେଲାରୁ ସେହି ସଜୀବ ଦଫ୍ତାପର ଯମଦୂତ ସ୍ୱାଗ୍ୟନ୍ମେ ପାରଣା ଲୁଟିଲାପରି ବୋଧ କଲେ । ହତ୍ୟାକାରଙ୍କ ସାହାଯ୍ୟରେ ମୃତବ୍ୟକ୍ତିଟି ଆଠମଲ୍ଲିକ ରାଜାଙ୍କ ଜ୍ଞାତରେ ତାଙ୍କ ଉଲକା ବନ୍ଦୀକାସ୍ୱୀ ନାମଧାରୀ ଠାକୁରାଣୀଙ୍କ ନିକଟରେ ବଳି ପ୍ରଦାନ ହୋଇଥିବାର ରଟନା କରି ଚାରିଗୋଟି ନିର୍ଦ୍ଦୋଷୀ ବ୍ୟକ୍ତିଙ୍କୁ ଧୃତକରି ଆପଣାର ମାଦଳା କାଗଜ ଚଳାଇବାକୁ ଲାଗିଲେ । କିନ୍ତୁ ଯେତେବେଳେ ମକଦ୍ଦମାଟି ଅନଗୁଳକିଲ୍ଲା ତହସିଲଦାର ଓ ପୁଲିସର ଇନ୍ସ୍ପେକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ କର୍ତ୍ତୃକ ତଦନ୍ତ ହେବାର ଆରମ୍ଭ ହେଲା ସେତେବେଳେ ବାହାରକୁ ବସି କୋଳଖାଇଲା ପରି ପୁଲିସର ଆଚରିତ କରୁଣୀ ନୀୟମର କଥା ବାହାରି ପଡ଼ିଲା । ସେହି କରୁଣୀ ନୀୟମ ଯେ କେତେଦୂର ସତ୍ୟ ବଡ଼ୀ ଦେଖିବା ପାଇଁ ତହସିଲଦାର ମଧ୍ୟ ସେହି କରୁଣୀ ନୀୟମ କରାଇଥିଲେ । ସମ୍ପାଦକ ମହାଶୟ ! କରୁଣୀ ନୀୟମ ଯେ କାହାକୁ କହନ୍ତି ପାଠକେ କେହୁ୨ ବୁଝି ପାରିବେ ନାହିଁ ତାହା କେବଳ ଏକପ୍ରକାର ଲୋକଭୁଲାଇବା ମାତ୍ର (ଗୋଟାଏ ବାଉଁଶ ଚାରି ଚିରି ଦୁଇଗଣ୍ଡ କରି ବଢାଇ ଦୁଇପାଖ ଦୁଇଜଣ ଧରନ୍ତି ଓ ଜଣେ ଛିଡା ହୋଇ ଗୋଟି୨ କରି ଚାଉଳ ପକାଇଥାଏ ଯାହା ନାମର ଚାଉଳ ପଡ଼ିବା ବେଳେ ବାଉଁଶ ଆକର୍ଷଣ ଗୁଣରୁ ହେଉ କିମ୍ବା ଧରିଥିବା ଲୋକଙ୍କ କୌଶଳରୁ ହେଉ ଲାଗିଯାଏ । ତାହାକୁ ଚୋର କରି ଧରନ୍ତି) ଯେତେବେଳେ ପୁଲିସ ଜାଣିପାରିଲେ ଯେ ତହସିଲଦାର ଏରୂପ କଲେ ତାଙ୍କ ଖାଇଲା ଭାତରେ ଧୂଳି ପଡ଼ିଯିବ ଓ ପୁରୁଣା ପଙ୍କ ବାହାରି ପଡ଼ିବ ଏବଂ ହତ୍ୟାର କାରଣ ହେବେ ଆଶାନୁରୂପ ପେଟପୂରିବ ନାହିଁ ସେହିଠାରୁ ସବୁ କଳାକନା ଏକାଠାରେ ମେଳି ଗଲେ ଓ ଦେଶୀୟ କେତେକ ଗୋଟି ଭଦ୍ରଲୋକଙ୍କ ସାହାଯ୍ୟରେ ତହସିଲଦାରଙ୍କ ବିରୁଦ୍ଧରେ ନାନାପ୍ରକାର ଚକ୍ରାନ୍ତ କଲେ ଅବଶେଷରେ ମକଦ୍ଦମାଟି ଆମ୍ଭମାନଙ୍କର ସୁବିବେଚକ ଭୂତପୂର୍ବ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟଙ୍କ ହସ୍ତରେ ଯାଇ ହେଲାରୁ ଚକ୍ରାନ୍ତକାରୀମାନେ ଯଥାଯୋଗ୍ୟ ପୁରସ୍କୃତ ହେଲେ ଶାନ୍ତି ରକ୍ଷକ ପୁଲିସ ଆଠମଲ୍ଲିକ ମହାରାଜାଙ୍କର ଗ୍ରାସ କରିବାକୁ ଯାଇ ଯେଉଁ ଦକ୍ଷିଣା ଗ୍ରହଣ କରିଥିଲେ ତାହା ତାଙ୍କ ମଧ୍ୟରେ ଗାଲଲଣ୍ଠାଠାରୁ ଟିକିଟି ଯାଏ ପଦ-ଅନୁସାରେ ବଣ୍ଟନ କରିଥିଲେ ତାହା ମଧ୍ୟ କିଛି ଅପ୍ରକାଶ ରହିଲା ନାହିଁ ଦାନପତ୍ରରୁ ସବୁ ପ୍ରକାଶ ପାଇଗଲା ସମ୍ପାଦକ ମହାଶୟ ! ଧର୍ମ ଥିଲାକୁ ସିନା ବୁଢ଼ା ସାହେବ ଆସି ପହଞ୍ଚିଗଲେ ଗୃଢା ପ୍ରଭୃତି କେତେଗୁଡ଼ିଏ ନିର୍ଦ୍ଦୋଷୀ ଭଦ୍ରଲୋକେ ସ୍ୱ୨ ମର୍ଯ୍ୟାଦାର ସହିତ ମୁକ୍ତି ଲାଭ କଲେ ନହିବା ସେମାନଙ୍କ ଦଶା କଣ ହୁଅନ୍ତା ତାହା ଆପଣ ଅନୁମାନ କରିବେ । ଏଥି ପୂର୍ବେ ସଂବାଦଟି ଆପଣଙ୍କ ନିକଟକୁ ପ୍ରେରିତ ହୋଇଥିଲା କିନ୍ତୁ ଡାକର ହରବର ଯୋଗ ବୋଧ କଲୁଁ ସମ୍ବାଦଟି ଅଦ୍ୟାବଧି ଆପଣଙ୍କଠାରେ ପହଞ୍ଚିଲା ନାହିଁ । ଡାକର ଗୁଣ ଅବା କଣ ଗାଇବୁଁ ଲୋକେ ସାଷ ଘ ୫।୧୦ ଣ୍ଟାରେ ଶୋଉଥିଲେ ଅନଗୁଳ ଡାକ ଦିନ ଦୁଇ ପ୍ରହରରୁ ଶୋଇ ପଡ଼ଇ ମଧ୍ୟ କେବେ ଡାକର ଅଣ୍ଡୁକଣ୍ଡି ବ୍ୟଥା କଲେ ଦୁଇ ଏକଦିନ ଏକାଠି ପଡ଼ି ରହଇ ।

ତା୧୧ରଖ ମଇ } କଶମ୍ଭୁଦ
ସନ ୧୮୭୮ ମସିହା } ଗଡ଼ଜାତ

## NOTICE.

## FOR SALE.

No. 1 Bungalow outside of Cantonment and opposite the Telegraph Office now let at Rs. 50. per Month.

Also No. 7 Cantonment Bungalow also let at Rs. 50. per Month.

Apply to Rev. W. Miller Cuttack.

Cuttack April 19th 1878.

## ବିଜ୍ଞାପନ ।

କାନ୍ଟନମେଣ୍ଟର ବାହାର ତରଫରେ ଓ ଟେଲିଗ୍ରାଫ ଅଫିସର ସାମନାରେ ଥିବା ନଂ ୧ ମ୍ବର ବଙ୍ଗଳା ଯ ଯହିଁରେ ମାସିକ ବର୍ତ୍ତମାନ ଭଡ଼ା ଟ ୫୦୲ ଙ୍କା ଅପର ନ ୭ ମ୍ବର କାନ୍ଟନମେଣ୍ଟ ବଙ୍ଗଳା ଯ ଯହିଁର ମାସିକ ବର୍ତ୍ତମାନ ଭଡ଼ା ଟ ୫୦୲ ଙ୍କା ଅଟେ ବିକ୍ରୟ ହେବ । କଟକ ନଗର ନିବାସୀ ପାଦ୍ରୀ ଡବଲିଉ ମିଲର ସାହେବଙ୍କ ନିକଟରେ ତତ୍ତ୍ୱ କରିବାକୁ ହେବ ।

କଟକ
୧୮୭୮ ସାଲ ୧୯ ଅପ୍ରେଲ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀଶ୍ରୀ ରାଜା କଣ୍ଠେ ବଡମ୍ବା | ବକାୟା | ଟ ୭୲ |
| ଶ୍ରୀଶ୍ରୀ ରାଜା କଣ୍ଠେ ଗାଙ୍ଗପୁର | " | ଟ ୨୷ |
| ଶ୍ରୀ ଚୌଧୁରି କାଳୁଚରଣ ମହାପାତ୍ର | " | ଟ ୭୲ |
| ବାବୁ ଅଭୟାନନ୍ଦ ଦାସ କଟକ | " | ଟ ୩୲ |
| " ଜଗନ୍ନାଥ ବୋଷ ବାଲି | " | ଟ ୨୷ |
| " ଦତ୍ତନ ପାଦ୍ରାସ୍ଥିତ ଅନୁଗୁଳ | " | ଟ ୨୷ |

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରିବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସ ୨୦ ଖ୍ୟା

ତା ୧୮ ରଷ ମାହେ ମଇ ସନ ୧୮୭୮ ମସିହା । ମୂ । ଜ୍ୟେଷ୍ଠ ବ ୭ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨୲୦
ମଫସଲପାଇଁ ଡାକମାସୁଲ ଟ ୧୵୦

ଏଥର ଦୌରାରେ କଟକ ଏଲାକାର ଜଣେ ଦାଗୀ ଚୋରର ବିଚାର ହୋଇ ଏକଜଣଙ୍କୁ ବ ୫ ବର୍ଷ ଏକଜଣଙ୍କୁ ବ ୭ ବର୍ଷ ଓ ଏକଜଣଙ୍କୁ ବ ୧୦ ବର୍ଷ କାରାବାସ ଦଣ୍ଡ ହୋଇଅଛି । ଏଥି ମଧ୍ୟରେ ଏକଜଣ ପକେଟ ଚୋର ଥିଲା ଅର୍ଥାତ୍ ଏବ୍ୟକ୍ତି ଲୋକଙ୍କ ଚପକନ ବା କୁର୍ତ୍ତା ଜେବରୁ ଚୋରି କରୁଥିଲା । ଦୁଇଥର ଦଣ୍ଡ ପାଇବାଉତାରୁ ତୃତୀୟ ଥରରେ ଏ ଦଣ୍ଡ ହୋଇଅଛି । ଜେବ ଚୋରି ବଡ ବିଚକ୍ଷଣ ବ୍ୟାପାର ଏଠାଲୋକେ ତାହା ଶିକ୍ଷି ନାହାନ୍ତି କଲିକତା ସହରରେ ବିସ୍ତର ଏପ୍ରକାର ଚୋରି ହୁଏଇ ଏବଂ ଅଧିକ ଜନତା ନ ହେଲେ ସୁଯୋଗ ମିଳଇ ନାହିଁ । ଏହି କାରଣରୁ ଛୋଟ ୨ ସହରରେ ତାହା ବିସ୍ତର ଦେଖା ନ ଯାଏ ।

---

√ ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉ ଅଛୁଁ ଯେ ସ୍ୱଘି ଗୃହାଙ୍କର ଅପିଲ ମୋକଦମା ହାଇକୋର୍ଟରେ ଅଗ୍ରାହ୍ୟ ହେଲା ଓ ଜଜ ସାହେବଙ୍କ ରାୟ ବାହାଲ ରହିଲା । ତାହାଙ୍କ ସଙ୍ଗେ ଅନ୍ୟ ଯେଉଁ ଚାରିଜଣ ଦଣ୍ଡିତ ହୋଇ ଅପିଲ କରିଥିଲେ ସେମାନଙ୍କ ମଧ୍ୟରୁ ସ୍ବରଜନ ଉପାଧ୍ୟା ଏବଂ ନାରାୟଣ ବାହିନୀପତିର ଅପିଲ ଅଗ୍ରାହ୍ୟ ହେଲା କେବଳ ଅନ୍ୟ ଦୁଇଜଣ ଗୋପାଳଦାସ ଓ ଗୋପୀ ଖୁଣ୍ଟିଆ ମୁକ୍ତ ପାଇଲେ । ଏହିପର ସଂବାଦ ତାରଡାକଯୋଗେ ଆସିଅଛି । ହାଇକୋର୍ଟର ରାୟ ଯଥା ସମୟରେ ଅମ୍ଭେମାନେ ପ୍ରାପ୍ତ ନ ହେବାରୁ ତହିଁ ସମ୍ପର୍କରେ କିଛି କହିବାକୁ ଅକ୍ଷମ ହେଲୁଁ । ଆଗାମୀ ସପ୍ତାହରେ ତହିଁର ସବିଶେଷ ପାଠକଙ୍କୁ ଜଣାଇବାର ଅଭିଳାଷ ରହିଲା । ଅନୁମାନ ହୁଏଇ ଜଜ ସାହେବଙ୍କ ରାୟ ଦୃଷ୍ଟିରେ ହାଇକୋର୍ଟ ପ୍ରଥମ ଦୁଇବ୍ୟକ୍ତି ଉପରେ ଅପରାଧ ପ୍ରମାଣ ଏବଂ ଶେଷ ଦୁଇବ୍ୟକ୍ତି ଉପରେ ଅପ୍ରମାଣ କଲେ କାରଣ ଜଜ ସାହେବ ପ୍ରଥମ ଦୁଇବ୍ୟକ୍ତିର ଯେପ୍ରକାର ହୁଲିୟା ଆପଣା ରାୟରେ ଲେଖିଥିଲେ ଶେଷ ଦୁଇବ୍ୟକ୍ତି ସମ୍ପର୍କରେ ସେପ୍ରକାର ଲେଖି ନ ଥିଲେ । ଏଥି ସକାଶେ ହାଇକୋର୍ଟ ତାହାଙ୍କ ଚରିତ ବିଷୟରେ ସନ୍ଦେହ କରି ଛାଡ ଦେଇଥିବାର ଅନୁମାନ ହୁଏଇ । ଯାହା ହେଉ ରାୟ ଦେଖିଲାଠାରୁ ସମସ୍ତ କଥା ଜଣା ପଡିବ ।

---

ବାଲେଶ୍ୱର ଓଡିଶା ଓ ବଙ୍ଗଳାର ସୀମାସ୍ଥଳ ଅଟଇ ସୁତରାଂ ସେଠାରେ ଓଡିଆ ବଙ୍ଗଳାର ବିବାଦ ଅଧିକ ପରିମାଣରେ ଲଗି ରହିବାର ଦେଖା ଯାଏ । ଅଳ୍ପଦିନ ହେଲେ ବାଲେଶ୍ୱର ସ୍କୁଲ କମିଟୀର ଜଣେ ସଭ୍ୟ ବାବୁ ଉମେଶଚନ୍ଦ୍ର ମଣ୍ଡଳ ବଙ୍ଗାଳୀ ଛାତ୍ରଙ୍କର ବଙ୍ଗଳା ଶିକ୍ଷାର ସୁଯୋଗ ନିମନ୍ତେ ଜଣେ ଶିକ୍ଷକ ରଖିବାର ପ୍ରସ୍ତାବ କରିଥିଲେ । ଏପରି ପ୍ରସ୍ତାବ ଶୁଣି ସେଠାର ଉତ୍କଳୀୟମାନେ ସ୍ୱଭାବତଃ ଅସୁଖ ମଣିଲେ ଓ ଭାଳିଲେ ପୁଣି ପରା ବଙ୍ଗଳାଭାଷାର ପ୍ରାଧାନ୍ୟ ଓଡିଶାରେ ସ୍ଥାପିତ ହେଲା । ଏଥିପାଇଁ କମିଟୀ କି ବିଚାର କରନ୍ତି ତାହା ଶୁଣିବାକୁ ଅନେକଲୋକ କମିଟୀର ଗତ ଅଧିବେଶନ କାଳରେ ଉପସ୍ଥିତ ହୋଇଥିଲେ । କମିଟୀ ସୁବିଚାର ପୂର୍ବକ ଏହି କଥା ସ୍ଥିରକଲେ ଯେ ମାସକୁ ଟ ୧୫୲ ଙ୍କା ବେତନ ନ ହେଲେ ଜଣେ ବଙ୍ଗାଳି ଶିକ୍ଷକ ରହି ନ ପାରେ ଅତଏବ ଯେଉଁ ଛାତ୍ରମାନେ ବଙ୍ଗଳାଭାଷା ଶିଖିବେ ସେମାନେ ନିୟମିତ ବେତନ ଛଡା ମାସକୁ ଟ ୦ । ଲେଖାଏ ଅଧିକ ଦେଇ ପାରିବେ କି ନାହିଁ ଓ ସ୍କୁଲ ଫଣ୍ଡରୁ କେତେ ଟଙ୍କା ଦିଆଯାଇ ପାରିବ ହେଡମାଷ୍ଟର ଏ ବିଷୟର ରିପୋର୍ଟ ଦେବେ ଓ ଆଗାମୀ କମିଟୀରେ ଶେଷ ନିଷ୍ପତ୍ତି ହେବ । ଆମ୍ଭମାନଙ୍କ ବିବେଚନାରେ ସାଧାରଣ ବ୍ୟୟରେ ଇଂରାଜୀ ଏବଂ ଦେଶୀୟ ପ୍ରଚଳିତ ଭାଷାର ଶିକ୍ଷା ଦେବାର ଉଚିତ । ଅପର ଭାଷା ଯେଉଁମାନେ ଶିଖିବାକୁ ଇଚ୍ଛା କରନ୍ତି ସେମାନେ ତହିଁର ବ୍ୟୟ ତୁଲାଇବେ ତାହା ହେଲେ କାହାର ଅସନ୍ତୋଷର କାରଣ ହେବ ନାହିଁ ।

---

### ଲାଇସେନ୍ସଟାକ୍ସ ବନ୍ଦୋବସ୍ତ ।

ଅମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ପ୍ରଥମେ ଅତ୍ୟନ୍ତ ଅଳ୍ପ ବେତନଭୋଗୀ ଚାକରଙ୍କଦ୍ୱାରା ଲାଇସେନ୍ସଟାକ୍ସ ବନ୍ଦୋବସ୍ତ ହେବାର ଯାହା ସ୍ଥିର ହୋଇଥିଲା ବୋର୍ଡ ତାହା ରହିତକରି ସରକାର ଅଫିସରଙ୍କ ସଂଖ୍ୟା ଅଧିକକରି ଛୁଆଁ-

Digitized by srujanika@gmail.com

Split by PDF Splitter



ମାସ ମଧ୍ୟରେ ଟାକ୍ସ ବନ୍ଦୋବସ୍ତ କାର୍ଯ୍ୟ ସମାପ୍ତ କରିବାର ଆଜ୍ଞା ଦେଇଅଛନ୍ତି ତଦନୁସାରେ କଟକ ଜିଲ୍ଲାସକାଶେ ଅଉତନିଜଣ ସରକଲ ଅଫିସର କଲେକ୍ଟର ସାହେବ ନିଯୁକ୍ତକରି କାର୍ଯ୍ୟାରମ୍ଭ କରାଇ ଅଛନ୍ତି । ବାଲେଶ୍ୱର ଓ ପୁରୀରେ ଏହିପ୍ରକାର ଅଧିକା ସରକଲ ଅଫିସର ନିଯୁକ୍ତ ହେବାର ପ୍ରସ୍ତାବ ହୋଇଅଛି । ଏ ନିଯୁକ୍ତି ବଡ ସୁନ୍ଦର ହେଲା । ଅଳ୍ପ ବେତନର ଗୁଣ୍ଡରଙ୍କ ହାତରେ ଅଧିକ ଅନ୍ୟାୟ ହେବାର ସମ୍ଭାବନା ଥିଲା ଏଥର ଏକପ୍ରକାର ଉପଯୁକ୍ତ ବେତନରେ ସୁଶିକ୍ଷିତଲୋକମାନେ ରହିଅଛନ୍ତି ଏଥିରେ ସେପ୍ରକାର ହେବାର ଶଙ୍କା ନାହିଁ । ଟାକ୍ସଟି ଅତ୍ୟନ୍ତ ଅପ୍ରୀତିକର କଥା କେହି ତାହା ଦେବାକୁ ସୁଖ ପାନ୍ତି ନାହିଁ । ପୁଣି ସାକ୍ଷାତ୍ ଟାକ୍ସର କଥା ଏଦେଶୀୟ ଲୋକମାନେ ଆଦୌ ଜାଣି ନ ଥିଲେ ଗତ ବ ୨୦ ର୍ଷରୁ ଏତଦ୍ଧ୍ୟାଣ ବାହାରି ଅଛି ତଥାଚ ସର୍ବସାଧାରଣ ଏହାର ତାତ୍ପର୍ଯ୍ୟ ବୁଝି ନାହାନ୍ତି ଓ ଶୀଘ୍ରଯେ ବୁଝିବେ ଏହା ମଧ୍ୟ ଅସମ୍ଭବ । ଲୋକଙ୍କର ଭୟ ଏହି ଯେ ଥରେ ଟାକ୍ସଦେଲେ ସର୍ବଦା ଟାକ୍ସ ଦେବାକୁ ପଡ଼ିଥିବ । ଏଥିପାଇଁ ବରଂ ଟାକ୍ସ ବନ୍ଦୋବସ୍ତ କର୍ତ୍ତାଙ୍କୁ ଗୁଇଟଙ୍କା ଦେଇ ଟାକ୍ସ ବହିରୁ ଆପଣା ନାମ କଟାଇ ଦେବେ ତଥାଚ ଟଙ୍କାଟିଏ ଟାକ୍ସ ଦେବାକୁ ସମ୍ମତ ହେବେନାହିଁ । ଯେସ୍ଥଲେ ଲୋକଙ୍କର ଭାବ ଏପ୍ରକାର ସେସ୍ଥଲେ ଟାକ୍ସ ବନ୍ଦୋବସ୍ତ କର୍ତ୍ତାଙ୍କର ଉପଶ୍ରି ଲାଭର ସୁଯୋଗ ଅଧିକ ଅଛି ଏଥିରେ ସନ୍ଦେହ ନାହିଁ । ଏଥି ସକାଶେ ଅଧିକବେତନ ଦେଇ ସୁଶିକ୍ଷିତ ଲୋକଙ୍କୁ ବନ୍ଦୋବସ୍ତ କର୍ମରେ ନିଯୁକ୍ତ କରିବାର ଉଚିତ । ଏଥରୁ ଆମ୍ଭେମାନେ ଦେଖୁଁଯେ ବୋର୍ଡଙ୍କ ଆଜ୍ଞାକ୍ରମେ ତାହାହିଁ ହୋଇଅଛି ଏବଂ ନିରୂପିତ ବେତନରେ ଯେପର୍ଯ୍ୟନ୍ତ ଉତ୍ତମ କର୍ମଚାରୀ ବାଛିରଖିବାର ସମ୍ଭବ ଆମ୍ଭମାନଙ୍କ କଲେକ୍ଟର ସାହେବ ସୁବିଚାର ପୂର୍ବକ ତାହା କରିଅଛନ୍ତି । ସର୍ବୋପରି ଏକଜଣ ଦୁଇଶତ ଟଙ୍କାରେ ପୂର୍ବକାଳର ଇନ୍‌କମ ଟାକ୍ସ ଅସେସର ପଦ କର୍ମଚାରୀ ରହିଥିଲେ ଆହୁରି ଭଲ ହୋଇଥାନ୍ତା । ତାହା ନ ହେବାସ୍ଥଲେ ଯାହା ହୋଇଅଛି ତାହାକୁ ଏକ ପ୍ରକାର ଭଲ ବୋଲିବାକୁ ହେବ । ସମ୍ପ୍ରତି ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ଏହିକି ଯେଉଁମାନେ ବନ୍ଦୋବସ୍ତ କର୍ମରେ ନିଯୁକ୍ତ ହୋଇଅଛନ୍ତି ସେମାନେ ଆପଣା ଦାୟିର ଗୁରୁତ୍ୱ ଯାଥାର୍ଥ ରୂପେ ହୃଦୟଙ୍ଗମ କରି ଏମନ୍ତ ସୁବିଚାର ଓ ଦୟା ଓ ସରଳତା ସହିତ କର୍ମ କରନ୍ତୁ କି ଯଦ୍ଦ୍ୱାରେ ସେମାନଙ୍କର ସୁଖ୍ୟାତି ଓ ଭବିଷ୍ୟତରେ ଉନ୍ନତିର ଆଶା ହୁଅଇ ଏବଂ ଲୋକମାନେ ଗବର୍ଣ୍ଣମେଣ୍ଟଙ୍କ ନ୍ୟାଯ୍ୟ ପାଉଣା ଦେବା ଭିନ୍ନ ଆଉ କୌଣସି ପ୍ରକାର କଷ୍ଟରେ ନ ପଡନ୍ତି । ଏତେକାଳ ହାକିମମାନେ ଏସବୁ କର୍ମ ସକାଶେ କେବଳ ପୁରୁଣା ଲୋକଙ୍କୁ ଖୋଜୁଥିଲେ ବର୍ତ୍ତମାନ କଲେକ୍ଟର ସାହେବମାନେ ସେ ମାର୍ଗକୁ ଛାଡି ନବ୍ୟ ଶିକ୍ଷିତଦଲରୁ ଉପଯୁକ୍ତ ଲୋକ ବାଛି ନିଯୁକ୍ତ କରୁଅଛନ୍ତି । କେରାନିମାନଙ୍କ କପାଳରେ ଏପରି ଫଳ କେବେ ଫଳି ନ ଥିଲା । କି ବୁଢାଙ୍କୁ ଛାଡି ଯୁବାଙ୍କୁ ଏପରି ଭାର ଦେବାକୁ କେହି ସମ୍ମତ ହେଉ ନ ଥିଲେ । ନବ୍ୟଶିକ୍ଷିତ ବାବୁମାନେ ଏ କାର୍ଯ୍ୟ ସୁନ୍ଦରରୂପେ ନିର୍ବାହ କଲେ ତଦ୍ଦ୍ୱାରା କେବଳ ତାହାଙ୍କର ଭବିଷ୍ୟତ୍ ମଙ୍ଗଳ ହେବ ଏତିକି ନୁହେ ତାହାଙ୍କଯୋଗେ ନବ୍ୟଶିକ୍ଷିତ ସମ୍ପ୍ରଦାୟର ସମ୍ମାନ ବଢିବ । ଅତଏବ ଏସମସ୍ତ ବିଷୟ ମନରେରଖି ଅତ୍ୟନ୍ତ ସାବଧାନ ପୂର୍ବକ କର୍ମକରିବା ପାଇଁ ଆମ୍ଭେମାନେ ସେମାନଙ୍କୁ ପୁନଃ୨ ଅନୁରୋଧ କରୁ ଅଛୁଁ ।

---

### ରୁସିୟାର ଶାସନ ଓ ବିଚାରପ୍ରଣାଳୀ ।

ଯେଉଁ ସମୟରୁ ରୁସିୟା ଏବଂ ତୁରସ୍କ ମଧ୍ୟରେ ଯୁଦ୍ଧ ଆରମ୍ଭହୋଇଅଛି ସେସମୟରୁ ରୁସିୟା ପ୍ରତି ଲୋକଙ୍କର ମନ ବିଶେଷରୂପେ ଆକର୍ଷିତ ହୋଇଅଛି । ଯୁଦ୍ଧ ପୂର୍ବରେ ଲୋକେ ରୁସିୟାକୁ ଅଦ୍ୱିତୀୟ କ୍ଷମତାପନ୍ନ ସମ୍ରାଟ ବୋଲି ମନେ କରୁଥିଲେ ଓ କହୁଥିଲେ ଯେ ତୁରସ୍କ ଏକ ଦିନର ଯୁଦ୍ଧରେ ପରାସ୍ତ ହୋଇଯିବ । କିନ୍ତୁ ପ୍ରାୟ ବର୍ଷେକାଳ ସେ ଯୁଦ୍ଧଲାଗିବା ଓ ତହିଁ ସମ୍ପର୍କୀୟ ଘଟଣାମାନ ପ୍ରଚାର ହେବାରୁ ସେ ଭ୍ରମ ଅନେକାଂଶରେ ଲିଭିଗଲା ଓ ଯଦ୍ୟପିକି ପରଶେଷରେ ରୁଷୀୟା ତୁରସ୍କ ଉପରେ ଜୟଲାଭ କଲା ମାତ୍ର ତାହାର କ୍ଷମତାର କଳନା ହୋଇଗଲା । ସମ୍ପ୍ରତି ରୁସିୟା ଇଂଲଣ୍ଡ ସଙ୍ଗେ ସରି ହେବ କି ନାହିଁ ଏହି କଥା ଲୋକେ କହୁଅଛନ୍ତି କିନ୍ତୁ ସନ୍ଧିର ନିୟମମାନ ଯେତେ ଯେପର୍ଯ୍ୟନ୍ତ ଉଭୟ ରାଜ୍ୟ ମଧ୍ୟରେ ତର୍କବିତର୍କ ହେଲାଣି ତଦ୍ଦୃଷ୍ଟିରେ ସେ କଥା ମଧ୍ୟ ଜଣା ପଡିବାର ବିଳମ୍ବ ନାହିଁ ବରଂ ଏକପ୍ରକାର ଜଣା ଗଲାଣି ଯେ କେହି କାହାକୁ ଊଣା ନୁହନ୍ତି ।

ରୁସିୟାର ଶାସନପ୍ରଣାଳୀ ପକ୍ଷରେ ଲୋକଙ୍କର କେତେକ ଭ୍ରମ ଥିବାର ଦେଖାଯାଏ ଓ କେହି୨ ଅଜ୍ଞଲୋକ କହନ୍ତି ଯେ ରୁସିୟାଙ୍କର ଶାସନ ଇଂରେଜଙ୍କଠାରୁ ଉତ୍କୃଷ୍ଟ ହେବ ପରା । ଏମାନଙ୍କ ଭ୍ରାନ୍ତି ଦୂର କାରଣ ଆମ୍ଭେମାନେ ଡେଲିନ୍ୟୁସରୁ ନିମ୍ନଲିଖିତ ବିବରଣମାନ ସଂକଳନ କଲୁଁ । ଏହା ପଢ଼ିବାକୁ ପାଠକମାନଙ୍କର ଅବଶ୍ୟ କୌତୁକ ଜନ୍ମିବ ।

ଯେମନ୍ତ ଇଂରେଜମାନେ ଭାରତବର୍ଷକୁ ଅଧିକାର କରି ଶାସନ କରୁଅଛନ୍ତି ତେମନ୍ତ ରୁଷୀୟମାନେ ମଧ୍ୟ ଭାରତବର୍ଷରେ ତୁରକ ସ୍ଥାନକୁ ଜୟ କରି ଶାସନ କରୁଅଛନ୍ତି । ସେଠାରେ ଏହାଙ୍କ ଶାସନପ୍ରଣାଳୀ କିରୂପ ତହିଁର ପରିଚୟ ଦେବା କାରଣ ଜଣେ ବହୁଦର୍ଶୀ ଭ୍ରମଣକାରୀ ଏକଖଣ୍ଡ ପୁସ୍ତକ ପ୍ରକାଶ କରିଅଛନ୍ତି । ଏହାଙ୍କର ନାମ ଏସ୍କାଇଲର ସାହେବ । ଏ ମହାଶୟ ଇଂରେଜ ନୁହନ୍ତି ଏବଂ ଦୀର୍ଘକାଳ ରୁଷୀୟଙ୍କ ରାଜଧାନୀରେ ଅବସ୍ଥିତ କରି ସେଠାର ସମସ୍ତ ବିଷୟ ଅବଗତ ହୋଇ ଜନସାଧାରଣଙ୍କୁ ତାହା ପୁସ୍ତକଦ୍ୱାରା ଜଣାଇଅଛନ୍ତି । ଡେଲିନ୍ୟୁସ ଉକ୍ତ ପୁସ୍ତକ ପାଠ କରି କହିଅଛନ୍ତି ଯଥା;—

କୌଣସି ଇଉରୋପୀୟ ଜାତି ଆସିୟାର କୌଣସି ରାଜ୍ୟକୁ ଜୟ କଲେ ତହିଁର ପ୍ରଧାନ ଉପକାର ପ୍ରାଣ ଓ ସମ୍ପତ୍ତି ରକ୍ଷା । ତୁରସ୍କ ସ୍ଥାନ ରୁଷୀୟଙ୍କ ହସ୍ତଗତ ହେବା ପୂର୍ବେ ପ୍ରତିବାସୀ ଜମିଦାରଙ୍କ ମଧ୍ୟରେ ସର୍ବଦା ଯୁଦ୍ଧ ଲାଗିଥିଲା କାରଣ ସେମାନଙ୍କର ମାହାଲର ସୀମା ନିଷ୍ଟସ୍ତ ହୋଇ ନ ଥିଲା ଓ ପ୍ରାୟ ଅର୍ଦ୍ଧେ ଗ୍ରାମ୍ୟରେ ସୀମାର ବିବାଦ ଥିଲା । ଉତ୍ତରାଧିକାରିତ୍ୱର କୌଣସି ନିୟମ ନ ଥିବାରୁ ଜଣେ ରାଜାର ମୃତ୍ୟୁ ହେଲେ ତାହାର ଉତ୍ତରାଧିକାରୀମାନେ ସିଂହାସନ ସକାଶେ ଯୁଦ୍ଧ କରୁଥିଲେ । ବିଦ୍ରୋହ ସର୍ବଦା ଲାଗି ଥିଲା ଓ ଏକରାଜା ଅପର ରାଜାକୁ ଦୁର୍ବଳ ଦେଖିଲେ ଅକାରଣରେ ତାହାର ରାଜ୍ୟ ଲୁଟି ନେଉଥିଲା । ବିଦେଶୀୟ ବେପାରୀମାନଙ୍କ ଧନ ଲୁଟି ନେଇ ତାହାଙ୍କୁ ଦାସ କରୁଥିଲେ ଓ ରୁଷୀୟ ବଣିକମାନେ ମଧ୍ୟ ଏହିପରି ଦୁର୍ଦ୍ଦଶାକୁ ଲଭୁଥିଲେ । ମାତ୍ର ରୁଷୀୟ ସମ୍ରାଟଙ୍କ ଅଧିକାର ଓ ଶାସନରେ ଏସମସ୍ତ ନିବାରିତ ହୋଇଅଛି । ସର୍ବତ୍ର ଶାନ୍ତି ବିରାଜୁଅଛି ଏମନ୍ତ କି ସ୍ତ୍ରୀମାନେ ବାଟରେ ଏକାକୀ ଯିବା ଆସିବା କରିପାରନ୍ତି । ଏହି ବିଷୟରେ ରୁଷୀୟମାନେ ଭଲ କରିଅଛନ୍ତି ଏବଂ ଯେଉଁମାନେ ଭାରତବର୍ଷରେ ଠକାଇ ଓ ଡକାଇତୀ ରହିତ କରିଅଛନ୍ତି ସେମାନେ ସୁଦ୍ଧା ରୁଷୀୟଙ୍କୁ ପ୍ରଶଂସା କରିପାରନ୍ତି ।

Digitized by srujanika@gmail.com

Split by PDF Splitter



ସୁଦକ୍ଷ ପୁଲସ ଉତ୍ତାରୁ ଆଇନ ଅନୁସାରେ ବିଚାର କାର୍ଯ୍ୟ ନିର୍ବାହ କରିବା ଅଶିଆର ମୂଳ ଅଭାବ ଅଟଇ । ବିଚାର ପ୍ରଣାଳୀ ଉତ୍କୃଷ୍ଟ ହେଲେ ଲୋକଙ୍କର ଆତ୍ମରକ୍ଷା ଓ ମହତ୍ତ୍ୱର ଜ୍ଞାନ ହୁଅଇ ଏବଂ ସୁଖବୃଦ୍ଧିର ଅନେକ ସହାୟତା କରଇ । ରୁଷୀୟମାନେ ଦେଶୀୟଲୋକଙ୍କ ମଧ୍ୟରେ ବିବାଦ ନିଷ୍ପତ୍ତି କରିବା କାରଣ ମହମ୍ମଦୀୟ ଅଦାଲତମାନ ରଖି ଅଛନ୍ତି ଓ ରୁଷୀୟଙ୍କ ସମ୍ପର୍କରେ ବିଚାର ନିମନ୍ତେ ଆଉ କେତେ ଅଦାଲତ ବସାଇ ଅଛନ୍ତି । ଏ କଥା ମନ୍ଦ ନୁହଇ ମାତ୍ର ରୁଷୀୟ ବିଚାରକର୍ତ୍ତାମାନେ ଆଇନସଙ୍ଗତ ବିଷୟର ଭାବ ବୁଝିବାକୁ ଅକ୍ଷମ ଥିବାର ଜଣାଯାଏ । ସେମାନେ କଠିନରୂପେ କାର୍ଯ୍ୟବିଧିମାନ ପ୍ରତିପାଳନ କରନ୍ତି କିନ୍ତୁ ଯେତେବେଳେ ସୁବିଧା ମନେ କରନ୍ତି ଅତି ସହଜରେ ତାହା ଅତିକ୍ରମ କରନ୍ତି । ସେମାନେ ବିବେଚନା କରନ୍ତି କି ସାଧାରଣ ବିଷୟରେ ଆଇନକୁ ମାନିବା ଭଲ କଥା କିନ୍ତୁ ଯେତେବେଳେ ଏମନ୍ତ କିଛି ଘଟନା ହୁଅଇ କି ତହିଁରେ କର୍ମଚାରୀଙ୍କର ନିଜର ସମ୍ପର୍କ ଥାଏ ତେତେବେଳେ ଆଇନ ରହିତ ହୋଇ ଯାଏ ଓ ଏକଠା ସ୍ଥାନରେ ଏକଠା ପ୍ରକାର କର୍ମ ହେବାରୁ ଦେଶୀୟ ଲୋକମାନେ ତାହାକୁ ଭୟାନକ ଅତ୍ୟାଚାର ବୋଲି ମଣନ୍ତି । ପୁଣି କଠିନ ଅପରାଧ ଓ ଖ୍ରୀଷ୍ଟିୟାନଙ୍କୁ ଆକ୍ରମଣ କରିବାର ଅପରାଧ ସୈନିକ ବିଚାରାଳୟରେ ବିଚାରିତ ହୁଅଇ ଓ କେହି ଦେଶୀୟଲୋକ ଉପରେ ଅପରାଧ ପ୍ରମାଣ ହେଲେ ତାହାକୁ କୋର୍ଟମାର୍ଶଲ ବିଚାରଦ୍ୱାରା ଗୁଳିଦ୍ୱାରା ମାରିପକାନ୍ତି । ଭାରତବର୍ଷରେ ମାଜିଷ୍ଟ୍ରେଟମାନେ ଏପ୍ରକାର ବିଚାରକୁ କେବେ ମନ ବଳାଇଲେ ସୁଦ୍ଧା ଅପିଲଅଦାଲତଦ୍ୱାରା ସେମାନେ ଶାସିତ ହୁଅନ୍ତି ଏବଂ କୌଣସି ବ୍ୟକ୍ତିର ଗୁହାରି କରିବାକୁ ହେଲେ ତାହାକୁ ଦେଶୀୟ ବିଚାରପତିଙ୍କ ଅଧୀନରେ ଥିବା ଅଦାଲତରେ ନାଲିଶ କରିବାକୁ ପଡ଼ଇ ରାଜବିଦ୍ରୋହ ଅପରାଧର ଅଭିଯୁକ୍ତ ବ୍ୟକ୍ତିମାନଙ୍କର ସୁଦ୍ଧା ବିଚାର ପ୍ରଣାଳୀ ଭିନ୍ନ ନୁହେ ଓ ଇଂରାଜ ବାରିଷ୍ଟରମାନେ ତାହାଙ୍କ ପକ୍ଷରୁ ସଵାଲ ଜବାବ କରନ୍ତି । ଲର୍ଡମେଓ ଏବଂ ବିଚାରପତି ନର୍ମିନସାହେବଙ୍କର ହତ୍ୟାକାରୀଙ୍କର ସୁଦ୍ଧା ଆଇନମତେ ବିଚାର ହୋଇ ଥିଲା ।

ଟାକ୍ସ ନେବା ବିଷୟରେ ରୁଷୀୟମାନେ ବଡ଼ ନିର୍ଦ୍ଦୟ ଅଟନ୍ତି । ଭୂମିର ଖଜଣା ଫସଲର ଦଶମାଂଶ ଅଟଇ ଏବଂ ସେଠାର ଭୂମି ଉର୍ବରା ନ ଥିବାରୁ ଏ ଖଜଣା ବଡ ଭାରି ବୋଧ ହୁଅଇ । ସମସ୍ତପ୍ରକାର ଆମଦାନୀ ଦ୍ରବ୍ୟରେ ଶତକଡ଼ା ଟ ୨୫ ଙ୍କା ଲେଖାଏଁ କଷ୍ଟମ ମାସୁଲ ଲାଗଇ । ଏଠାରେ ଆମ୍ଭେମାନେ ଶତକଡ଼ା ଦୁଇଟଙ୍କାଦରରେ ଲାଇସେନ୍ସଟାକ୍ସ ଦେବାକୁ ଆପତ୍ତି କରୁଅଛୁଁ କିନ୍ତୁ ରୁଷୀୟମାନେ ସମସ୍ତ ମହାଜନଠାରୁ ତାହାଙ୍କ ପାଣ୍ଠି ଉପରେ ଶତକଡ଼ା ଅଢ଼େଇଟଙ୍କା ଦରରେ ଲାଇସେନ୍ସ ଟାକ୍ସ ନେଉ ଅଛନ୍ତି । ଏହି ଟାକ୍ସ ଯୋଗୁଁ ଧନ ଜମା ହୋଇ ପାରୁ ନାହିଁ ଓ ଏହା ଶତକଡ଼ା ପଚାଶଟଙ୍କା ଇନ୍‌କମ ଟାକ୍ସ ସଙ୍ଗେ ସମାନ । ଏହା ଛଡ଼ା ସ୍ଥାନୀୟ କର୍ମଚାରୀ ସଡ଼କ ଓ ସାଧାରଣ କର୍ମ ସକାଶେ ଅନେକ ପ୍ରକାର ସ୍ଥାନୀୟ କର ଅଛି । ଦେଶର ଉନ୍ନତି ସାଧନ ସକାଶେ ରୁଷୀୟମାନେ ଅନେକପ୍ରକାର ଅନୁଷ୍ଠାନ କରି ଅଛନ୍ତି ଯଥା ଜଳସେଚନ ପ୍ରଣାଳୀ କପା ଦ୍ରାକ୍ଷା ଏବଂ ରେଶମର ଚାଷ ଇତ୍ୟାଦି କିନ୍ତୁ ସବୁଥିରେ ସେମାନେ ନିଷ୍ଫଳ ହୋଇ ଅଛନ୍ତି । ସଂକ୍ଷେପରେ ଏହି ବୋଲିଯାଇ ପାରେ ଯେ ରୁଷୀୟଙ୍କ ଶାସନ ଆମ୍ଭମାନଙ୍କ ଶାସନ ପ୍ରଣାଳୀର ଅସୁନ୍ଦରୀ ଭଗ୍ନୀ ଅଟଇ ଭାରତବର୍ଷର ସମସ୍ତ ଦୋଷ ସେଠାରେ ବୃଦ୍ଧି ଓ ସମସ୍ତ ଗୁଣ ସେଠାରେ ଖର୍ବ ହୋଇଅଛି ।

---

# ସାପ୍ତାହିକସଂବାଦ ।

ଏଠାର ଅବକାରୀ ଦାରୋଗାଙ୍କ ନାମରେ ଉତ୍କୋଚନେବାର ଅଭିଯୋଗହେବାରୁ ସେ କର୍ମରୁ ସସପେଣ୍ଡ ହୋଇଅଛନ୍ତି ମକଦ୍ଦମା କଲେକ୍ଟର ସାହେବଙ୍କ ବିଚାରାଧୀନରେ ଅଛି । ସେ ଦିନ କେନ୍ଦ୍ରାପଡ଼ା ଅବକାରୀ ମୋହରର ନାମରେ ଏହିପରି ଅଭିଯୋଗ ହୋଇଥିଲା । ଅବକାରୀ ମହଲମାନରେ ଏକା ଉତ୍କୋଚର କଥା କାହିଁକି ବାହାରୁଅଛି ?

କମିଶ୍ୱନରୀ ମହାଫିଜ ମଧ୍ୟ ସସପେଣ୍ଡ ହୋଇଅଛି । କମିଶ୍ନରୀ ମହଲମାରୁ ଏକଖଣ୍ଡ ଦସ୍ତାବିଜର ଦୁଇପ୍ରସ୍ତ ନକଲରେ ଅମେଳ ବାହାରିବାରୁ ଏପରି ହୋଇଅଛି । କାଲକୁ କେତେ ପ୍ରକାର ନୂଆ କଥା ବାହାରୁଅଛି ।

ଗତ ଦୁଇସପ୍ତାହରୁ ଏ ନଗରରେ ଓଲାଉଠା ଆରମ୍ଭ ହୋଇ କେତେ ଲୋକର ପ୍ରାଣ ନେଇଅଛି । କିନ୍ତୁ ସୁଖର ବିଷୟ ଯେ ପ୍ରଚୁର ବୃଷ୍ଟି ହେବାରୁ ରୋଗର ପ୍ରବଳ ବଢି ନାହିଁ ।

ଆମ୍ଭେମାନେ ଶୁଣୁଅଛୁଁ ଯେ ବାବୁ ହରେକୃଷ୍ଣ ଦାସ ପୁନର୍ବାର ଏ ପ୍ରଦେଶକୁ ବଦଳି ହୋଇ ଆସୁଅଛନ୍ତି ଗଡ଼ଜାତ ପୁଲରେ ସେ ନିଯୁକ୍ତ ହୋଇଅଛନ୍ତି । ହରେକୃଷ୍ଣ ବାବୁ ଜଣେ ସୁଦକ୍ଷ ପୁଲସ କର୍ମଚାରୀ ଅଟନ୍ତି । ଏହାଙ୍କଦ୍ୱାରା ଗଡ଼ଜାତର ଶାସନ କାର୍ଯ୍ୟ ଭଲ ହେବ ।

ଏ ସପ୍ତାହରେ ଏ ନଗରରେ ଅଳ୍ପବୃଷ୍ଟି ହୋଇଅଛି । ମାତ୍ର ମୋଫସଲରେ ବିଶେଷ ବୃଷ୍ଟି ଏମନ୍ତ କି ଅନେକ ସ୍ଥଳରେ ଚାଷକରିବାର ସୁବିଧା ହେଉ ନାହିଁ । ଗତବର୍ଷ ଗ୍ରୀଷ୍ମକାଳରେ ଏହିପରି ବର୍ଷା ହୋଇ ପଛକୁ ହରବର କରି ଥିଲା । ଏବର୍ଷ ସେହି ପରି ହେବ କି ?

ଗତ ଫେବ୍ରୁଅରୀ ମାସରେ ବାଲେଶ୍ୱରକୁ ଟ ୭୧୨୧୦୦୯ ଙ୍କାର ଦ୍ରବ୍ୟ ଆମଦାନୀ ଓ ସେହି ମାସରେ ଉକ୍ତ ବନ୍ଦରରୁ ଟ ୮୦୧୬୭୮ ଙ୍କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା । ଆମଦାନୀ ଦ୍ରବ୍ୟ ମଧ୍ୟରେ ଲୁଗା ଗରମମସଲା ଓ ଧାତୁ ପ୍ରଧାନ ଏବଂ ରପ୍ତାନୀ ଦ୍ରବ୍ୟ ମଧ୍ୟରେ ଧାନ ଚାଉଳର ମୂଲ୍ୟ ପାଞ୍ଚଲକ୍ଷ ଓ ନଗଦ ଏକଲକ୍ଷ ଥିଲା ।

ସଂବାଦବାହକାରୁ ଅବଗତ ହେଲୁଁ ଯେ କଲିକତାର ବିଖ୍ୟାତ ଯାତ୍ରାକାରୀ ନାରାୟଣଦାସର ଦଳ ବାଲେଶ୍ୱରକୁ ଆସିଅଛି । ବାଲେଶ୍ୱରରେ ଏମାନଙ୍କର ଯାତ୍ରା ହୋଇଥିବାର ସଂବାଦ ଆସି ନାହିଁ । ଅନୁମାନ ହୁଅଇ ଏମାନେ ରଥଯାତ୍ରାକୁ ପୁରୁଷୋତ୍ତମ ପର୍ଯ୍ୟନ୍ତ ଯାଇ ପାରନ୍ତି ।

ଉକ୍ତ ପତ୍ରିକାରୁ ଅବଗତ ହେଲୁଁ ଯେ ମୟୂରଭଞ୍ଜର ମହାରାଜା ଖଣ୍ଡିଏ ଧୂଆଁକଳ ଜାହାଜ କିଣିବାର ମନସ୍ଥ କରୁଅଛନ୍ତି । ଉକ୍ତ ଜାହାଜ କଲିକତା ଓ ବାଲେଶ୍ୱର ମଧ୍ୟରେ ପ୍ରତିସପ୍ତାହରେ ଥରେ ଲେଖାଏଁ ଯାତାୟାତ କରିବ । ଏବଂ ଆପଣା ଗଡ଼ ବାରିପଦାଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଗାଡି ଡାକ ବସାଇବେ ତାହା ହେଲେ ମୟୂରଭଞ୍ଜ ଓ କଲିକତା ମଧ୍ୟରେ ମନୁଷ୍ୟ ଓ ଦ୍ରବ୍ୟାଦି ଯିବା ଆସିବାର ସଂପୂର୍ଣ୍ଣ ସୁଯୋଗ ସ୍ଥାପିତ ହେବ । ମହାରାଜାଙ୍କର ଉଦ୍ଦେଶ୍ୟ ମହତ୍ ଅଟଇ ଓ ତାହା କାର୍ଯ୍ୟରେ ପରିଣତ ହେଲେ ଅବଶ୍ୟ ଅନେକ ଉପକାର ହେବ ।

ହିନ୍ଦୁପେଟ୍ରିଅଟରେ ଲେଖା ଅଛି ଯେ କୃଷ୍ଣନଗରର ରେତଶେଷ ଟଙ୍କା ମଧ୍ୟରୁ ଦଶହଜାର ଟଙ୍କା ମିଳୁ ନାହିଁ । ଏ ଟଙ୍କା କେବଳ

Digitized by srujanika@gmail.com

Split by PDF Splitter



ହେସାବର ଭୁଲ ହେମା କେହି ଅନୁସାନ୍ କରୁଅଛି ଠିକଣା ହୋଇ ନାହିଁ । ସରକାରୀ ଟଙ୍କା କ ଏଡେ ସ୍ୱାଦୁପଦାର୍ଥ ଯେ ଏତେ କଟକଣା ହେଲ ଉତ୍ତାରୁ ଲୋକେ ଲୋଭ ସମ୍ଭାଳି ପାରୁ ନାହାନ୍ତି ।

କଥିତ ହୁଅଇ ଯେ ସିବିଲସରବିସ ଅର୍ଥାତ୍ ଛାହିତ କର୍ମଚ୍ଛରଙ୍କ ମଧ୍ୟରେ ଦେଶୀୟ ଲୋକଙ୍କୁ ଅଧିକ ପରିମାଣରେ ନିଯୁକ୍ତ କରିବା ବିଷୟ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏକପକ୍ଷ ଇଂଲଣ୍ଡର ଭାରତବର୍ଷୀୟ ସେକ୍ରେଟରୀଙ୍କ ନିକଟକୁ ପଠାଇ ଅଛନ୍ତି । ଭଲ ଏଥିର ଦେଖାଯିବ କ ପର୍ଯ୍ୟନ୍ତ ଏହା ସଫଳ ହେବ । କଥା ଅନେକଥର ହେଲଣି କିନ୍ତୁ କାର୍ଯ୍ୟରେ ନ ଦେଖିଲେ ମନ ମାନିବ ନାହିଁ ।

ରଙ୍ଗୁନରେ ଅଳ୍ପ କାଳ ଘରି ଘରପୋଡ ହେଉଅଛି ଅଳ୍ପଦିନ ଭଲେ ସେଠା ଧୋବାଙ୍କ ସାହିରେ ଅଗ୍ନି ଲଗି ଅନେକଘର ପୋଡିଗଲା । ପୁଲିସ ପରିଶ୍ରମ କରି କେତେ ଲୁଗା ରକ୍ଷା କଲେ । ଧୋବାଘରେ ନିଆଁ ଲାଗିବା ଅନେକ ଲୋକର ସର୍ବନାଶର ମୂଳ ଅଟଇ ।

ମାନ୍ଦ୍ରାଜ ପ୍ରଦେଶରେ ଉତ୍କଳର ଲାଭ ପୂର୍ବ ପ୍ରାୟ ରହିଅଛି ଜିଲ୍ଲା ବିଶେଷରେ ଟଙ୍କାକୁ ସେ ୭ ୟ ଠାରୁ ସେ ୧୦ ୟ ପର୍ଯ୍ୟନ୍ତ ମିଳୁଅଛି ଏଥିରୁ ଅଧିକ କୌଣସି ସ୍ଥାନରେ ନାହିଁ ।

୧ । ସ୍କୁଲଇନସ୍ପେକ୍ଟରରୁ ଅବଗତ ହେଲୁ ଗଞ୍ଜାମରେ ୬ ଜଣ ଲୋକ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଦଙ୍ଗା କରିବା ଅପରାଧରେ ଦଉରାସୁପୋର୍ଦ୍ଦ ହୋଇ ଥିଲେ, ସେମାନଙ୍କମଧ୍ୟରୁ ଜଣକୁ ଦଶବର୍ଷ ଓ ବାକୀ ପାଞ୍ଚଜଣଙ୍କୁ ସାତବର୍ଷ ଲେଖାଏ ଦ୍ୱୀପାନ୍ତର ଦଣ୍ଡ ହୋଇ ଅଛି । ନିର୍ବୋଧଲୋକମାନେ ରାଗାନ୍ଧ ହୋଇ ହଠାତ୍ ଗୋଟାଏ କାର୍ଯ୍ୟ କରିପକାନ୍ତି କିନ୍ତୁ ଶେଷରେ ମରିପଡନ୍ତି । ପାଣିରେ ବାସକରି କୁମ୍ଭୀରସଙ୍ଗରେ ବିବାଦକଲେ କି ଚଳେ ? କିନ୍ତୁ ଏଥିରୁ ବୁଝାଯାଏ ଯେ ମନୁଷ୍ୟ ସ୍ୱଭାବ ଉପରେ ଥରକୁଥର ଅତ୍ୟାଚାର ହେଲେ ସେ ଥରେ ନ ଗୁଡି ରହି ନ ପାରେ । ଗୋଟିଏ ବେଙ୍ଗକୁ ଟଣାଟଣି କଲେ ସେ ମଧ୍ୟ କାମୁଡିବାକୁ ଆସଇ । ଏ ସବୁ ଦଙ୍ଗା ହଙ୍ଗାମା ଦେଖି ଗବର୍ଣ୍ଣମେଣ୍ଟଙ୍କର ଟିକିଏ ବିବେଚନା କରିବାର ଉଚିତ, ଯେଉଁମାନେ କୌଣସି ରୂପେ ଦୋକାନକରି ଦିନ କଟାନ୍ତି, ସେମାନେ ଟାକ୍ସ ଦେଇ ଉଠି ନ ପାରନ୍ତି । କାଉରେ ଯାଇଁ ଯୋର ପଡେ । ମନୁଷ୍ୟ ସ୍ୱଭାବ ନ ଜାଣିଲେ ଉତ୍ତମରୂପେ କାର୍ଯ୍ୟ ଚଳେ ନାହିଁ ।

୨ । ଯେଉଁ ବୟସରେ ଅମ୍ଭେମାନେ ଲଙ୍ଗଳା ହୋଇ ଧୂଳିରେ ଖେଳଅଛୁଁ ବର୍ତ୍ତମାନର ପିଲାମାନେ ସେହି ବୟସରେ ଷ୍ଟେଟ୍ସ ସମ୍ବନ୍ଧର ବକ୍ତୃତା କରୁ ଅଛନ୍ତି, ଚରିତ୍ର ସଂଶୋଧନର କଥା କହୁ ଅଛନ୍ତି, ସଭା କରିବାର ନିୟମ ପ୍ରଣାଳୀ ଶିଖୁ ଅଛନ୍ତି । ହେୟାରସ୍କୁଲର ଛାତ୍ରମାନଙ୍କ ସଭାରେ ବାବୁ କରୁଣାଚନ୍ଦ୍ରସେନ ସମ୍ରାଟ ସକ୍ରେଟିସଙ୍କ ଜୀବନ ସମ୍ବନ୍ଧରେ ଏକ ଇଂରାଜୀ ବକ୍ତୃତା କରିଅଛନ୍ତି । ଏବୟସରେ ଏରୂପ ନୀତି ବିଷୟକ ପ୍ରସ୍ତାବ ଘେନି ଆଲୋଚନା କରିବାରେ ଅନେକ ଉପକାର ଅଛି । କିନ୍ତୁ ଅନେକଥିଲ ରାଜକୀୟ ବିଷୟରେ ମସ୍ତକ ଗରମ କରି ବଡ଼ ଅସ୍ୱାଭାବିକ ହୋଇ ଉଠି ଅଛନ୍ତି ପିଲାମାନେ ତୁମ୍ଭମାନଙ୍କର ପଇସା କଉଡିକଥାରେ କର୍ମ କଣ ବାପା ! ଏଥିରେ କେବଳ ଅଳ୍ପ ବୟସରେ ଜ୍ୟେଷ୍ଠତାଇ ହେବାକୁ ହୁଏ ।

୩ । ଚଟ୍ଟଗ୍ରାମହାଟରେ ଲବଣ ଅଧିକସୁ ଅଳ୍ପ ଆମଦାନୀ, କୋଡିଏଟଙ୍କା ମହଣ ବିକ୍ରୀ ହୋଇଅଛି । ଏହାକି ଲୁଣଉପରେ ନୂତନ ଟାକ୍ସର ଫଳ ଅଟଇ ।

୪ । ବ୍ରହ୍ମ ଦେଶର ରାଜପରିବାର ମଧ୍ୟରେ ଏକପିତା ଔରସରେ ଦୁଇମାତା ଗର୍ଭରେ ଯେଉଁ ପୁତ୍ରକନ୍ୟା ଜନ୍ମେ ସେ ମାନଙ୍କର ପରସ୍ପରରେ ବିବାହ ଚଳୁଅଛି ସମ୍ପ୍ରତି ଏହିପରି ଗୋଟିଏ ବିବାହ ହୋଇ ଯାଇଅଛି ।

୫ । ଚୀନରାଜ୍ୟରେ ଦୁର୍ଭିକ୍ଷ ଏରୂପ ଭୟଙ୍କର ହୋଇଅଛି ଯେ ଜଣେ ବ୍ୟକ୍ତି ମନୁଷ୍ୟମାଂସର ଦୋକାନ ଫିଟାଇ ଥିଲା । ଦୁଇଦିନ ଉତ୍ତାରେ କର୍ତ୍ତୃପକ୍ଷ ତାହାପ୍ରତି ପ୍ରାଣଦଣ୍ଡର ଆଦେଶ କରିଅଛନ୍ତି ।

ସୈନ୍ୟ ପଠାଇବାର ବନ୍ଦୋବସ୍ତ ଅତ୍ୟନ୍ତ ଭଲ ହୋଇଥିବାରୁ ମହାମାନ୍ୟ ଗବର୍ଣ୍ଣରଜେନରଲ ଆପଣା ମନ୍ତ୍ରୀ ସଭାରେ ସନ୍ତୁଷ୍ଟ ହୋଇ ବମ୍ବେଇର ଗବର୍ଣ୍ଣର ସର ରିଚାର୍ଡ ଟେମ୍ପଲଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

ବାଙ୍କୁଡା ଜିଲ୍ଲା କୋଗ୍ରାମ ନିବାସୀ ବାବୁ ଗ୍ରାବଲ୍ଲଭ ସିଂହ ରାୟବାହାଦୁର ଆପଣା ସ୍ଥାପିତ ବିଦ୍ୟାଳୟର ପରୀକ୍ଷାର ଫଳ ଉତ୍ତମ ହେବାର ଦେଖି ଏକସଙ୍ଗ କରି ଶିକ୍ଷକମାନଙ୍କୁ ଟ୨୫୦ଙ୍କା ପାରିତୋଷିକ ଦାନ କଲେ ଏବଂ ଏଥି ଉପରେ ହେଡମାଷ୍ଟରଙ୍କ ବେତନ ଟ୨୫ଙ୍କା ବୃଦ୍ଧି କରିଅଛନ୍ତି । ଏଥିରେ ତାହାଙ୍କ ବିଦ୍ୟାଳୟର ଫଳ ଅଧିକ ଭଲ ହେବାର ସମ୍ଭାବନା । ଅନ୍ୟାନ୍ୟ ଜମିଦାରମାନେ ଏ କାର୍ଯ୍ୟକୁ ଅନୁକରଣ କରିବାର ଉଚିତ ।

ମାନ୍ଦ୍ରାଜରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ଅତ୍ୟନ୍ତ ଉଚ୍ଚ ଥିବା ଓ ଫସଲ ଅଳ୍ପ ହସ୍ତଗତ ହେବାର ଦେଖି ସେଠା ଗବର୍ଣ୍ଣମେଣ୍ଟ ଲୋକଙ୍କ ସାହାଯ୍ୟ ନିମିତ୍ତ ପଞ୍ଚାଶଲକ୍ଷ ଟଙ୍କାର କର୍ମମାନ ଲଗାଇବାର ସ୍ଥିର କରୁଥିଲେ । ଏଥି ମଧ୍ୟରେ ବର୍ଷା ହେବାରୁ ତହିଁରୁ କେତେ ଟଙ୍କା କାଟି ଦିଆଯାଇଅଛି ।

ପାଟନାର କମିସ୍ନର ମକ୍ଲେଲ ସାହେବ ପେନ୍ସନ ନେଇ ବିଲାତକୁ ଗଲେ ଏ ମହାଶୟ ପୁରୁଣାକାଳର ସିବିଲିୟାନ୍ ଅଟନ୍ତି ଏବଂ ଓଡିଶାରେ ସୁଖ୍ୟାତି ପୂର୍ବକ କର୍ମ କରିଥିଲେ ।

ବମ୍ବେଇରୁ ଯେସବୁ ସୈନ୍ୟ ମାଲଟାକୁ ଯିବା ସକାଶେ ଜାହାଜରେ ଗଲେ ସେମାନଙ୍କୁ ସୁଏଜଠାରେ ରହିବାର ଆଜ୍ଞା ହୋଇଅଛି । ସେଠାରେ ପହୁଞ୍ଚିଲାରୁ ମାଲଟାକୁ ଯିବା ନ ଯିବାର ଆଜ୍ଞା ହେବ ।

ଗବର୍ଣ୍ଣମେଣ୍ଟଇଣ୍ଡିଆ ଆଶା କରନ୍ତି ଯେ ଏବର୍ଷ ଜଙ୍ଗଲମହାଲରୁ ପ୍ରାୟ କୋଡିଏଲକ୍ଷଟଙ୍କା ଲାଭ ପାଇବେ । ଏବର୍ଷର ଆମଦାନୀ ୬୫ଲକ୍ଷ ଏବଂ ବ୍ୟୟ ୪୫ଲକ୍ଷ ଟଙ୍କା ହେବାର ଅନୁମାନ ହୋଇଅଛି । ବର୍ଷକୁବର୍ଷ ଅଧିକ ଲାଭ ଦେଖାଗଲେସିନା ହେବ । ଏକବର୍ଷରେ ଜଙ୍ଗଲର କାଠଯାକ ପଦାକରି ଆରବର୍ଷକୁ ଶୂନ୍ୟ ହୋଇ ବସିବା କଥାକୁ ଅମ୍ଭେମାନେ ଲାଭକର ଜ୍ଞାନ କରୁ ନାହିଁ ।

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ, ଓଡିଶା ମେଡିକଲସ୍କୁଲରେ ଦଶଗୋଟି ବୃତ୍ତି ଖାଲି ଅଛି; ଯେଉଁମାନେ କ ପ୍ରବେଶିକା ମାଇନର ବା ଭର୍ଣ୍ଣାକ୍ୟୁଲର ପାଶ କରିଥିବେ ସେମାନଙ୍କୁ ଗ୍ରହଣ କରାଯିବ । ଏ ଭିନ୍ନ ୧୫ । ୨୦ ଗୋଟି ଅବୈତନିକ ଛାତ୍ର ମଧ୍ୟ ଗ୍ରହଣ କରାଯିବ । ଅତଏବ ଯେଉଁମାନେ ଉକ୍ତ ସ୍କୁଲରେ ଅଧ୍ୟୟନ କରିବାକୁ ମାନସ କରନ୍ତି ସେମାନେ ମେ ମାସ ତା ୨୫ ଦିନ ମଧ୍ୟରେ ସ୍ୱୀୟ ସାର୍ଟିଫିକଟ ସହିତ ଆବେଦନପତ୍ର ପ୍ରେରଣ କରିବେ ପୁଣି ଉକ୍ତ ତାରିଖରେ ସ୍ୱୟଂ କଟକ ଜେନରଲ ହସପିଟଲରେ ଉପସ୍ଥିତ ହେବେ । ଇତି ।

୧୫।୪।୭୮ } W. D. STEWART.
କଟକ } ଓଡିଶା ମେଡିକଲସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ।

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭା ୧୩ ଗ
ସଂ ୨୧ ଖ୍ୟା

ତା ୨୫ ଦଶ ମାହେ ମଇ ସନ ୧୮୭୮ ମସିହା । ମୂ । ଜ୍ୟେଷ୍ଠ ଦି ୧୪ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଁଇ ଡାକମାସୁଲ ଟ୧୪୬


ବୃଷ୍ଟିର ଗତି ଦେଖି ଲୋକେ ହର୍ଷବିଷାଦରେ ପଡିଅଛନ୍ତି । ପ୍ରାୟ ନିତ୍ୟ ୨ ବର୍ଷା ହେବାରୁ ଲୋକେ ଅସହ୍ୟ ଗ୍ରୀଷ୍ମରୁ ଅନେକାଂଶରେ ରକ୍ଷା ପାଇଅଛନ୍ତି ରୋଗର ପ୍ରାଦୁର୍ଭାବ ମଧ୍ୟ ଊଣା ଅଛି ଏବଂ ମୋଫସଲରେ ଗଡ଼ିଆ ପୋଖରୀମାନ ଭରତି ହୋଇଯିବାରୁ ଜଳକଷ୍ଟ ଅନେକାଂଶରେ ନିବାରଣ ହୋଇଅଛି । ସୁତରାଂ ଆପାତତଃ ସବୁ ସୁଖକର ବୋଧ ହେଉଅଛି କିନ୍ତୁ ତହିଁ ସଙ୍ଗେ ୨ ଏପରି ଆଶଙ୍କା ହେଉଅଛି କି ଯଦ୍ୟପି ଗତବର୍ଷ ପରି ଅକାଳରେ ଅଧିକ ବୃଷ୍ଟି ହେଲାଉତ୍ତାରୁ ପ୍ରୟୋଜନ ସମୟରେ ଛାଡି ଯାଏ ତାହା ହେଲେ ଦୁଃଖର ସୀମା ରହିବ ନାହିଁ । ଦୁଇବର୍ଷ କାଳ ଏକପ୍ରକାର ଦୁର୍ଭିକ୍ଷ ଭୋଗ କରି ଲୋକେ ଅସ୍ତବ୍ୟସ୍ତ ହୋଇଅଛନ୍ତି । ଏ ବର୍ଷ ଫସଲ ପ୍ରଚୁର ନ ହେଲେ କି ଆଉ ଦୁଃଖର ସୀମା ରହିବ ? ଆମ୍ଭେମାନେ ଜଗନ୍ନିୟନ୍ତା ଦେବତାଙ୍କୁ ପ୍ରାର୍ଥନା କରୁଅଛୁଁ କି ବର୍ତ୍ତମାନ ଟିକିଏ ସମ୍ଭାଳି ଯାଉନ୍ତୁ । ଆଉ ଥରେ ଭଣ୍ଡାର ଖାଲି କଲେ ପଛକୁ ଲୋକେ ମରି ପଡିବେ ।

---

ଗତ ସପ୍ତାହରେ ଯେଉଁ ସମସ୍ତ ତାରସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ଯେ ଇଂଲଣ୍ଡ ଓ ରୁସିଆ ମଧ୍ୟରେ ସନ୍ଧି ସ୍ଥାପନ ହେବାର ସମ୍ଭାବନା କ୍ରମଶଃ ବଳବତ୍ତର ହେଉଅଛି ଏବଂ ଅନ୍ୟାନ୍ୟ ରାଜାମାନେ ଏଣିକି ବୁଝି ପାରୁଅଛନ୍ତି ଯେ ରୁସିଆ ନ୍ୟାୟ ମାର୍ଗକୁ ଅବଲମ୍ବନ କରି ନାହିଁ ଓ ଇଂଲଣ୍ଡର ଦାବୀ ଯଥାର୍ଥ । ଏଣେ ଯୁଦ୍ଧର ଆୟୋଜନ ପୂର୍ବପ୍ରାୟ ଚାଲୁଅଛି କୌଣସି ଅଂଶରେ ହ୍ରାସ ହୋଇ ନାହିଁ । ରୁସିଆ ସଙ୍ଗେ ଇଂଲଣ୍ଡ ଯୁଦ୍ଧ କଲେ ରୁସିଆ ଭାରତବର୍ଷକୁ ଆକ୍ରମଣ କରିବାର ଅଧିକ ସମ୍ଭାବନା ଏଥିଲାଗି ଭାରତବର୍ଷର ରକ୍ଷାସକାଶେ ଗବର୍ଣ୍ଣମେଣ୍ଟ ନାନା ଉପାୟ କରୁଅଛନ୍ତି ଉତ୍ତର ପଶ୍ଚିମ ସୀମା ସ୍ଥଳରେ ଦୁର୍ଗମାନ ଦୃଢରୂପେ ମରାମତି ହେଉଅଛି । ବମ୍ବେଇକୁ ରକ୍ଷା କରିବା ସକାଶେ ସମୁଦ୍ରରେ ଟରପିଡୋ ନାମକ ଆଗ୍ନେୟଅସ୍ତ୍ର ବୁଡାଇ ରଖିବାର ପ୍ରସ୍ତାବ ମନୋନୀତ ହୋଇଅଛି ଏବଂ ମାନ୍ଦ୍ରାଜ ଉପକୂଳରେ ଗୋଟିଏ ବୃହତ୍ ବନ୍ଧ ନିର୍ମାଣ ହେଉଅଛି ଯେ ସମୁଦ୍ରରୁ ତୋପ ବାଜିଲେ ନଗର ମଧ୍ୟରେ ପ୍ରବେଶ କରି ପାରିବ ନାହିଁ ଏବଂ ସେ ବନ୍ଧ ଉପରେ ତୋପମାନ ରଖା ଯିବ ଯେ ତଦ୍ଦ୍ୱାରା ସମୁଦ୍ରସ୍ଥିତ ଜାହାଜ ଆକ୍ରମିତ ହୋଇ ପାରିବ । ଏହିପରି ନାନା ଉପାୟ ହେଉଅଛି ।

---

ଟେଲିଗ୍ରାଫ ମହକୁମାର ବାର୍ଷିକ ବିଜ୍ଞାପନରୁ ଜଣାଯାଏ ଯେ ଗତ ବର୍ଷ ଏ ବିଭାଗର ଆୟବ୍ୟୟ ସମାନ ହୋଇଥିଲା । ଏଥି ପୂର୍ବ ବର୍ଷମାନଙ୍କରେ କେବଳ କ୍ଷତି ହେଉଥିଲା । ଓ ଶେଷ ବର୍ଷରେ ଆୟଠାରୁ ସାଢ଼େ ଚାରିଶ ଲକ୍ଷ ଟଙ୍କା ବ୍ୟୟ ବଳି ପଡିଥିଲା । କେବଳ ସିଲୋନ ଅର୍ଥାତ୍ ଲଙ୍କାଦ୍ୱୀପର ଟେଲିଗ୍ରାଫ ବିଭାଗରେ ଟ ୨୦୩୫୬୦ ଙ୍କା ନିଅଣ୍ଟ ହୋଇଥିଲା କିନ୍ତୁ ସିଲୋନର ବ୍ୟୟକୁ ଛାଡିଦେଲେ ଭାରତବର୍ଷର ଅନ୍ୟାନ୍ୟ ଅଂଶର ତାରଡାକ କାର୍ଯ୍ୟରେ ଟ ୧୫୫୫୫୦ ଙ୍କା ନିଟ ଲାଭ ହୋଇଅଛି ବୋଲିବାକୁ ହେବ । ଏହି ଲାଭ ସିଲୋନ ଏଲାକାର କ୍ଷତିରେ ଭରଣା ହୋଇ ଯିବାରୁ ଆୟବ୍ୟୟ ସମାନ ପଡିଗଲା । ଯାହା ହେଉ ଆମ୍ଭେମାନେ ଏପରି ଫଳ ଶୁଣି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ କାରଣ ଏଥିରୁ ଦେଶ ଉନ୍ନତିର ଲକ୍ଷଣ ପ୍ରକାଶ ପାଉଅଛି । ଯେପରିମାଣରେ ସଭ୍ୟଦେଶର ନାନାପ୍ରକାର ସାଧାରଣ ହିତକର କାର୍ଯ୍ୟମାନ ଏ ଦେଶରେ ବିନା କ୍ଷତିରେ ଅଥବା ଲାଭସହିତ ପ୍ରଚଳିତ ହୋଇ ପାରିବ ସେପରିମାଣରେ ଦେଶର ଶ୍ରୀବୃଦ୍ଧି ହେବ ସନ୍ଦେହ ନାହିଁ । ପୂର୍ବେ ଡାକରେ ଚିଠୀ ପଠାଇବାକୁ କେତେ ମାସୁଲ ଲାଗୁଥିଲା କ୍ରମଶଃ ଡାକଘରର ଆୟ ବୃଦ୍ଧି ହେବାରୁ ଲୋକଙ୍କର ସୁବିଧା ମଧ୍ୟ ବଢିଲା । ଏହିପରି ଯେବେ ତାରଡାକ ମହକୁମାରେ ଲାଭ ହେବ ତେବେ ସମ୍ବାଦ ପଠାଇବାର ଖର୍ଚ୍ଚ ଊଣା ହୋଇ ପାରିବ ଓ ତହିଁରେ ସର୍ବସାଧାରଣଙ୍କର ଅଦ୍ଭୁତ ସୁବିଧା ହେବ ।

---

### ପୁରୀରାଜାଙ୍କ ମୋକଦ୍ଦମାରେ ହାଇକୋର୍ଟର ନିଷ୍ପତ୍ତି ।

ମୋକଦ୍ଦମାର ସମସ୍ତ ବିବରଣ ଏଥିପୂର୍ବେ

Digitized by srujanika@gmail.com

Split by PDF Splitter



ଲେଖା ଯାଇଅଛି । ବର୍ତ୍ତମାନ କେବଳ ହାଇକୋର୍ଟର ଜଜମାନଙ୍କର ନିଷ୍ପତ୍ତିର ସାରାଂଶ ପ୍ରକାଶ କରୁଅଛୁଁ । ଯଥା;—

ବିଚାରପତି ମରକ୍ରର୍ଡ଼ ସାର୍ଥ—ଆମ୍ଭ ବିବେଚନାରେ ନୈତିକ ଆସାମିଙ୍କ କର୍ମ୍ମରେ ସେସନଜଜଙ୍କ ବିଚାର ବାହାଲ ରହିବାର ଉଚିତ । ଶିବୁଦାସ ପଞ୍ଚାନନ ଗ୍ରାମରେ କେତେବର୍ଷ ହେଲା ବାସ କରୁଥିଲା । ଏ ଲୋକ ଅତି ପବିତ୍ର ଥିଲା ଓ ସବୁବେଳେ ଲୋକ ଆରୋଗ୍ୟ ଲାଭ କରିବା କାରଣ ଏହା ନିକଟକୁ ଯାଉଥିଲେ । ବିଚାରପତି (ଏହିଠାରେ ଶିବୁଦାସ ମଠରୁ ବାହାରିବାଠାରୁ ମରିଯିବା ପର୍ଯ୍ୟନ୍ତ ଯେ ସମସ୍ତ ଘଟଣା ଯୋବାନବନ୍ଦିରୁ ପ୍ରକାଶ ପାଇଅଛି ସେ ସମସ୍ତ ବର୍ଣ୍ଣନ କରି) କହୁଅଛନ୍ତି କି ଶିବୁଦାସର ଯୋବାନବନ୍ଦୀ ତାହାର ମୃତ୍ୟୁଲକ୍ଷଣସଙ୍ଗେ ଓ ସେ ଚିହ୍ନିବାର ସହାଇଦ୍ୱାରା ସମସ୍ତ ପ୍ରଧାନ ବିଷୟରେ ପୋଷକତା ହୋଇଅଛି ଓ ତାହା ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ବ୍ରାନ୍ସନ୍ ସାହେବ ତର୍କ କରନ୍ତି କି ପୂଜାରିଙ୍କ ପରି ଜଣେ ପବିତ୍ର ଓ ମହତ୍ ଲୋକଠାରେ ଏପରି ଅପରାଧ ହେବା ଅସମ୍ଭବ । ଆମ୍ଭେ ଏ କଥରେ ଐକ୍ୟ ଅଛୁଁ ଓ ଆମ୍ଭେ ଏହା ଅସମ୍ଭବ ଜ୍ଞାନ କରନ୍ତୁ ଯଦ୍ୟପି କି ରାଜାଙ୍କର ସ୍ୱଭାବ ଦୟାଶୀଳ ଏବଂ ଧାର୍ମ୍ମିକ ଥିବାର ପ୍ରମାଣ ହୋଇଥାନ୍ତା କିମ୍ବା ସର୍ବସାଧାରଣରେ ଏମନ୍ତ ପ୍ରକାଶ ଥାନ୍ତା ଯେ ପ୍ରମାଣର ଆବଶ୍ୟକ ହୁଅନ୍ତା ନାହିଁ । ଆସାମୀ ପକ୍ଷରୁ ଜଣେ ବଙ୍ଗପ୍ରଦେଶର ବିଖ୍ୟାତ ବାରିଷ୍ଟର ନିଯୁକ୍ତ ହୋଇଥିଲେ ସେ ରାଜାଙ୍କୁ ଅଥବା ଅନ୍ୟମାନଙ୍କୁ ରାଜାଙ୍କ ଚରିତ୍ର ବିଷୟରେ ପ୍ରଶ୍ନ କରିଥାନ୍ତେ ଅଥବା ସ୍ୱତନ୍ତ୍ର ସାକ୍ଷୀ ଦେଇଥାନ୍ତେ । ତାହା ନ କରିବା ବଡ଼ ଭାରି କଥା ଅଟଇ ଓ ଏଥିରୁ ଅନେକ ଅର୍ଥ ହୋଇପାରେ । ରାଜା ପବିତ୍ର ଲୋକ ବୋଲି ଏପରି ଅପରାଧ କରିବା ଅସମ୍ଭବ କାରଣ ଏଥିରେ ଲୋକଙ୍କଠାରେ ତାହାଙ୍କର ମର୍ଯ୍ୟାଦା ନଷ୍ଟ ହୁଅନ୍ତା । କିନ୍ତୁ ଏମନ୍ତ ହୋଇପାରେ ଯେ ରାଜା ଆପଣା ପବିତ୍ରତା ଏବଂ ଲୋକଙ୍କର ବିଶ୍ୱାସର ଗର୍ବରେ ମନେ କରିଥିବେ ଯେ ସେ ଏପରି ଅପରାଧ କଲେ କେହି ତାହା ବିଶ୍ୱାସ କରିବେ ନାହିଁ ସୁତରାଂ ନିର୍ଭୟରେ ଆପଣାର କୁପ୍ରବୃତ୍ତିକୁ ଚରିତାର୍ଥ କରିଥିବେ । ବ୍ରାନ୍ସନ୍ ସାହେବଙ୍କ ଦ୍ୱିତୀୟ ଆପତ୍ତି ଏହି ଯେ ଅପରାଧ ବିଷୟରେ ଏକା ଶିବୁଦାସର ସାକ୍ଷ ଅଛି । ମାତ୍ର ଆମ୍ଭ ବିବେଚନାରେ ତାହା ନୁହେ । ଶିବୁଦାସର ଦେହରେ ଥିବା ଚିହ୍ନମାନ ତାହାର ହାସପାତାଲରେ ମୃତ ରହିବା ଏବଂ ଡାକ୍ତର ଓ ତାହାର ଚଳାଣୀ ଏବଂ ଅନ୍ୟାନ୍ୟ ପ୍ରମାଣରୁ ଶିବୁଦାସର କଥା ସତ୍ୟ ବୋଲି ନିଃସନ୍ଦେହ ଜଣା ଯାଉଅଛି । ରାଜା ତାହାକୁ ପୀଡ଼ା ଦେଇ ନ ଥିଲେ କଦାପି ତାହାଙ୍କ ନାମରେ ଏମନ୍ତ ଅଭିଯୋଗ କରନ୍ତା ନାହିଁ । ବ୍ରାନ୍ସନ୍ ସାହେବ କୋହନ୍ତି ଯେ କାହାଦ୍ୱାରା ହେଉ ଶିବୁଦାସର ଏ ଅବସ୍ଥା ହେଲା ତାହା ଆସାମିମାନେ କହିବାକୁ ବାଧ୍ୟ ନୁହନ୍ତି ମାତ୍ର ବାବାଜୀ ପ୍ରାୟ ଧାର୍ମ୍ମିକ ଲୋକ କାହିଁକି ମୃତ୍ୟୁକାଳରେ ଏପରି କହିବ ତାହାର ହେତୁ କାରଣ ପ୍ରଦର୍ଶିତ ନ ହେବା ସ୍ଥଳେ ଅବଶ୍ୟ ତାହାର କଥାକୁ ବିଶ୍ୱାସ କରିବାକୁ ହେବ । ବାରିଷ୍ଟରମାନେ ଆପତ୍ତି କରନ୍ତି କି ବାବାଜିର ସଙ୍ଗିମାନେ ବିଶ୍ୱାସଯୋଗ୍ୟ ନୁହନ୍ତି କାରଣ ସେମାନେ ଶୋଇଥିବା କାଳରେ ଚୋରି ହେବା କଥାକୁ ଅସ୍ୱୀକାର କରୁଅଛନ୍ତି । ଆମ୍ଭ ବିବେଚନାରେ ଏ ଆପତ୍ତି ଗୁରୁତର ନୁହଇ ଯେହେତୁ ୫୭ ଫୁଟ ଲମ୍ବା ବାରଣ୍ଡାର ଏକ ପାଖରେ ଗୋଟିଏ ସାମାନ୍ୟ ବଟୁଆ ଥିଲାଥିରେ ଚାରି ପାଞ୍ଚ ଟଙ୍କା ଥିଲା ଚୋରି କରିବା ତଥା ଏମନ୍ତ ପ୍ରଧାନ ବ୍ୟାପାର ନୁହଇ ଯେ ତାହା ସମସ୍ତଙ୍କର ମନକୁ ଆକର୍ଷଣ କରିବ । ବିଶେଷ ସେଦିନ ଚୋରି ଘଟି ନ ଥିଲା ଦୂର ଗ୍ରାମରୁ ଲୋକ ଆସି ଥିଲେ ଓ ୪ ଟଙ୍କା ମୋଟରେ ଅଦାୟ ହୋଇଥିଲା ଏଥିପାଇଁ ରାତ୍ର ଘ ୧୧ ଟା ପର୍ଯ୍ୟନ୍ତ ଚୋରି ହେବା ମନକୁ ଆସୁ ନାହିଁ । ଉଇଲସନ୍ ସାହେବ କୋହନ୍ତି କି ପୁଲିସ ଷଡ଼ଯନ୍ତ୍ର କରି ରାଜାଙ୍କ ନାମରେ ଏ ମୋକଦ୍ଦମା କରିଅଛନ୍ତି ମାତ୍ର ଆମ୍ଭ ବିବେଚନାରେ ତାହା ନିତାନ୍ତ ଅମୂଳକ । ପୁଲିସ ସଙ୍ଗେ ରାଜାଙ୍କର ଶତ୍ରୁତା ଥିବାର ପ୍ରକାଶ ନାହିଁ ଓ ରାଜାଙ୍କ ପରି ଦାନଶୀଳ ଲୋକଙ୍କ ନାମରେ ପୁଲିସ ମିଥ୍ୟା ଅଭିଯୋଗ କଲେ ନଗରବାସୀ ସମସ୍ତେ ପୁଲିସ ଉପରେ ଅସନ୍ତୁଷ୍ଟ ହୁଅନ୍ତେ ଏପରି ଶଙ୍କା ଅବଶ୍ୟ ପୁଲିସ କରନ୍ତେ । ଅତଏବ ଆମ୍ଭ ବିବେଚନାରେ ରାଜାଙ୍କ ଉପରେ ଅପରାଧ ପ୍ରମାଣ ହୋଇଅଛି । ନ ୨ ମ୍ବର ଆସାମୀ ସୁରଥନ ଉପାଧ୍ୟା ଉପରେ ମଧ୍ୟ ବଳିଷ୍ଠ ପ୍ରମାଣ ଅଛି । ସେ ଲୋକ ତେଡ଼ା ଓ ଲେବାନ୍ ଏବଂ ତାହାର ଦେହାଗ୍ ଚିହ୍ନିତ ପ୍ରକାର ଅଟଇ । ବାବାଜୀ ନଅର ମଧ୍ୟକୁ ଯିବାବେଳେ ତାହାକୁ ଦେଖି ଥିଲା ପୀଡ଼ା ସମୟରେ ତାହାକୁ ଦେଖିଲା ପୂଜାରୀର ସେହି ସ୍ୱରରେ ବାଡ଼ିକାରେ ସେ ଶୋଇଥିଲା ଓ ସେ ଗଳମାଳ ଶୁଣି ତାହା ବୁଝିବାକୁ ଗଲା ନାହିଁ । ଅତଏବ ଏ ବ୍ୟକ୍ତିକୁ ଚିହ୍ନିବା ବିଷୟରେ କିଛି ସନ୍ଦେହ ନାହିଁ ନ ୬ ମ୍ବର ଆସାମୀ ନାରାୟଣ ବାହାନପତି ବ ୬୧ ବର୍ଷର ବୁଢ଼ା ଦାଢ଼ି ଓ ମୁଣ୍ଡବାଳ ପାଚି ଯାଇଅଛି ଏହାର ଦେହାଗ୍ ମଧ୍ୟ ଚିହ୍ନିତ ପ୍ରକାର ଅଟଇ । ବାବାଜୀ ଏହାକୁ 'ଏହି ବୁଢ଼ା' ବୋଲି ଚିହ୍ନିଲା ଓ ଏହାର ଘୋଡ଼ଇ କିଛି କାର୍ଯ୍ୟର ନୁହଇ ବରଂ ସକାଳେ ନଅର ଭିତରୁ ବାହାରି ଯିବାର ଦେଖା ଯାଇଥିଲା । ଅତଏବ ଏହାର ଚିହ୍ନିତ ବିଷୟରେ ସନ୍ଦେହ ନାହିଁ । ଅନ୍ୟ ପାଞ୍ଚଜଣ ଆସାମିଙ୍କୁ ଅମ୍ଭେ ଦୋଷୀ କରନ୍ତୁ ମାତ୍ର ଆମ୍ଭର ସଙ୍ଗୀ ବିଚାରପତିଙ୍କ ସନ୍ଦେହ ହେବାରୁ ସେମାନଙ୍କୁ ଛାଡ଼ି ଦେଉଅଛୁଁ । ପରିଶେଷରେ ବକ୍ତବ୍ୟ ଏହି ଯେ ଆସାମିମାନେ ଶିବୁଦାସକୁ ବଧ କରିବାର ମନସ୍ଥ କରି ନ ଥିବେ କିନ୍ତୁ ଯେପରି ପୀଡ଼ା ତାହାକୁ ଦେଲେ ସେଥିରେ ମୃତ୍ୟୁ ହେବ ବୋଲି ତାହାଙ୍କୁ ଜଣା ନ ଥିଲେହେଁ ଯଦ୍ୟପି ବାସ୍ତବରେ ମୃତ୍ୟୁ ଘଟନା ହେଲା ଓ ମୃତ୍ୟୁ ଘଟିପାରେ ଏମନ୍ତ ସମ୍ଭାବନା ଥିଲା ତେବେ ସେମାନେ ହତ୍ୟା ଅପରାଧ କରିଅଛନ୍ତି ।

ବିଚାରପତି ଯାକ୍ସନ୍ ସାହେବ—ମୋକଦ୍ଦମାର ପ୍ରଧାନ ଘଟନାମାନ ବର୍ଣ୍ଣନ କରି କହୁଅଛନ୍ତି ଯେ ରାଜାଙ୍କ ଚରିତ୍ର ବିଷୟରେ ଭୁଲ ହେବା ଅସମ୍ଭବ ବିବେଚନା କରି ବାରିଷ୍ଟରମାନେ ସମୁଦାୟ ମୋକଦ୍ଦମାକୁ ମିଥ୍ୟା ଥିବାର ତର୍କ କରିଅଛନ୍ତି । ଏଥିକୁ ମୋକଦ୍ଦମା ମିଥ୍ୟା ହୋଇଥିଲେ ଏହା ପୂର୍ବରୁ ରଚିତ ଏବଂ ସମସ୍ତଙ୍କ ସଙ୍ଗେ ତହିଁର ମନ୍ତ୍ରଣା ହୋଇଥିବ । କାରଣ ପୀଡ଼ା ଉତ୍ତାରୁ ଶିବୁଦାସ ତାହା ରଚନା କରିବାକୁ ଅବକାଶ ପାଇ ନ ଥିବ ଅତଏବ ସେ ପୂର୍ବରୁ ଆପଣା ସଙ୍ଗିମାନଙ୍କୁ ନଅର ଦ୍ୱାରରେ ବସାଇ ରଖିଥିବ କୌଣସି ଲୋକଦ୍ୱାରା ପୀଡ଼ା ପାଇଲା ଉତ୍ତାରୁ ଭଲ୍ଲକଣାକୁ ଆପଣା କର୍ତ୍ତବ୍ୟ ନ ମାନି ରାଜାଙ୍କ ଉପରେ ଅପରାଧ ପକାଇ ଦେବାର କଳୁ କଥା ସ୍ଥିର କରିଥିବ । ମାତ୍ର ବିଂଶବାଣ ସେ ଏହା କରିବ ରାଜାଙ୍କୁ ଲୋକେ ଚଳନ୍ତିବଶ ବୋଲି ମାନନ୍ତି ତାହାଙ୍କସଙ୍ଗେ କିଛି ବିବାଦ କିମ୍ବା ମନାନ୍ତର ଥିବାର ପ୍ରକାଶ ନାହିଁ ଓ ବ ୨୪ ବର୍ଷର ଜଣେ ଯୁବାକୁ ଅପରାଧୀ କଲେ

Digitized by srujanika@gmail.com

ତହିଁରେ ବାବାଙ୍କ ବିନା ଅନ୍ୟ କୌଣସି ବ୍ୟକ୍ତିର କିଛି ଲାଭର ସମ୍ଭାବନା ନ ଥିଲା । ଅତଏବ ଏପରି ଆପତ୍ତି ଅଦାଲତରେ ଆଗତ କରିବା କେବଳ ଅଦାଲତକୁ ଅପମାନ କରିବା ତୁଲ୍ୟ ଅଟଇ । ଆଉ ରାଜାଙ୍କ ମହତ୍ତ୍ୱ ଓ ପବିତ୍ରଚରିତ୍ର ହେତୁ ଏପରି ଅପରାଧ ଅସମ୍ଭବ ଥିବାରୁ ଯେ ଆପତ୍ତି ହୋଇଅଛି ତହିଁର ବକ୍ତବ୍ୟ ଏହି ଯେ କୌଣସି ପ୍ରମାଣ ନ ଦେଇ ଏପରି ଆପତ୍ତି କରିବାର ଦେଖି ଆମ୍ଭେ ଆଶ୍ଚର୍ଯ୍ୟ ହେଲୁଁ । କଥିତ ହୋଇଅଛି ଯେ ମାଜିଷ୍ଟ୍ରେଟସାହେବ ନଅରକୁ ଯିବାରେ ରାଜାଙ୍କର ଖାଦ୍ୟସାମଗ୍ରୀ ମାରୁଗଲା ମାତ୍ର ରାଜା ଏମନ୍ତ ଧର୍ମପରାୟଣ ଯେ ଗୋଟିଏ ଚଢ଼େଇକୁ ସୁଦ୍ଧା ଦୁଃଖ ଦିଅନ୍ତି ନାହିଁ ଏପରି ପ୍ରମାଣ କରିବାର ଚେଷ୍ଟା ହୋଇ ନାହିଁ ଆଉ ଯେମନ୍ତ ରାଜାଙ୍କ ପକ୍ଷରେ ଏପରି ଅପରାଧ କରିବା ଅସମ୍ଭବ ତେମନ୍ତ ଜଣେ ବୃଦ୍ଧ ଧାର୍ମିକ ବୈରାଗୀ ପକ୍ଷରେ ଦେବତୁଲ୍ୟ ପୁରୋହିତଙ୍କ ଉପରେ ଏପରି ମିଥ୍ୟା ଅଭିଯୋଗ କରିବା ଅସମ୍ଭବ । ଅତଏବ ରାଜାଙ୍କର ଅପରାଧ ବିଷୟରେ କିଛି ସନ୍ଦେହ ନାହିଁ । ଅନ୍ୟ ଅପରାଧିଙ୍କ ମଧ୍ୟରୁ ସୁରଜନ ଉପାଧ୍ୟା ଓ ନାରାୟଣ ବାହିନୀପତିର ମୂର୍ତ୍ତି ଯେପରି ଚିହ୍ନିତରୂପେ ଜଜସାହେବ ଲେଖି ଅଛନ୍ତି ଅନ୍ୟ ଦୁଇଜଣଙ୍କର ସେପରି ଲେଖା ନାହିଁ ଓ ଶିବଦାସ ଏହାଙ୍କୁ ପୂର୍ବେ ଦେଖି ଥିଲା ଏମନ୍ତ ସମ୍ଭବ ହେଉ ନାହିଁ ଏବଂ ଏ ଦୁଇଜଣ ବିଷୟରେ ଅନ୍ୟ କୌଣସି ପ୍ରକାର ଗୌଣ ପ୍ରମାଣ ନ ଥିବାରୁ ଆମ୍ଭେ ଏହାଙ୍କୁ ସନ୍ଦେହର ଫଳ ଦେଲୁଁ । ଆମ୍ଭ ବିବେଚନାରେ ମୋକଦ୍ଦମାର ତଦାରଖ ଅଥବା ବିଚାରର ରୀତି ହେତୁରୁ ଏପରି କଷ୍ଟ ଘଟି ଅଛି । ପରିଶେଷରେ ଆସେସରଙ୍କ ବିଷୟରେ ଆମ୍ଭର ବକ୍ତବ୍ୟ ଏହି ଯେ ହିନ୍ଦୁ ଆସେସରଙ୍କ ପକ୍ଷରେ ଏ ମୋକଦ୍ଦମାର ବିଚାର ବଡ ଦାୟ ଅଟଇ ଏବଂ ବିଶେଷରୂପେ ଯୋଗ୍ୟ ଥିବା ଆସେସର ଏଥିପାଇଁ ନିଯୁକ୍ତ ହୋଇ ଥିବାର କୌଣସି ଚିହ୍ନ କାଗଜାତରୁ ପାଯ୍ୟା ଯାଉ ନାହିଁ ।

ବିଚାରପତି ଏନସଲି ସାହେବ—ମୋକଦ୍ଦମାର ବୃତ୍ତାନ୍ତମାନ ପୂର୍ବପ୍ରାୟ ବର୍ଣ୍ଣନ କରି କହି ଅଛନ୍ତି କି ଶିବଦାସର ଇଜାହାର ଯୋବାନବନ୍ଦିରେ ହେତେବେଳେ ଗରୁଭର ଅମେଳ ଅଛି ଓ ସମ୍ଭବ ହୁଅଇ ସେ ସତ୍ୟସଙ୍ଗେ ମିଥ୍ୟା ଯୋଗ କରି ଅତ୍ୟୁକ୍ତିର ଦୋଷରେ ପଡିଅଛି । ମାତ୍ର ଏହା ଆଶ୍ଚର୍ଯ୍ୟ ନୁହେ । ଏ ଦେଶରେ ସତ୍ୟତର ଦେଖାଯାଏ ଯେ କୌଣସି ଘଟନାର ମୂଳ ସତ୍ୟ ଥିଲେହେଁ ଯେତେଥର ତାହା କଥିତ ହୁଅଇ କ୍ରମଶଃ ବୃଦ୍ଧି ହେଉଥାଏ ଏବଂ ବାବାଜିର ଅବସ୍ଥା ବିବେଚନା କଲେ ସେ ପ୍ରକାର ଘଟିବା ଆଶ୍ଚର୍ଯ୍ୟ ନୁହେ । କିନ୍ତୁ ଏକବ୍ୟକ୍ତିର ଇଜାହାରର ଏକକଥା ମିଥ୍ୟା ହେଲେ ତାହାର ସମସ୍ତ କଥା ମିଥ୍ୟା ହେବ ଏପରି ନିୟମ ବିଲାତରେ ପ୍ରଚଳିତ ଅଛି ଏଠାରେ ତାହା ପ୍ରଚଳିତ କରିବାଠାରୁ ସମସ୍ତ ଫଉଜଦାରୀ ଅଦାଲତ ଉଠାଇଦେବା ଭଲ । ଅତଏବ ଆମ୍ଭ ବିବେଚନାରେ ଶିବଦାସର ଅନ୍ୟ ଇଜାହାରମାନ ଅତ୍ୟୁକ୍ତି ହୋଇ ଥିଲେହେଁ ତା ୨୪ ରାତିରେ ସେ ଯାହା ଇଜାହାର ଦେଇଅଛି ତାହା ସତ୍ୟ ଅଟଇ । ଅତଏବ ରାଜାଙ୍କ ଅପରାଧ ବିଷୟରେ କିଛି ସନ୍ଦେହ ନାହିଁ । ଅନ୍ୟ ଆସାମିଙ୍କ ମଧ୍ୟରୁ ଦୁଇଜଣର ଆକୃତି ଚିହ୍ନିତ ପ୍ରକାରର ଅଟଇ ଗଡବାରିଦାର ସେମାନେ ନଅର ମଧ୍ୟରେ ଥିବାର ଅନ୍ୟ ପ୍ରମାଣ ଅଟଇ ଅତଏବ ଏହାଙ୍କ ଉପରେ ଅପରାଧ ପ୍ରମାଣ ହେଲା ଓ ଗୋପୀ ରାଉତ ଓ ଗୋପାଳଦାସ ପକ୍ଷରେ ସନ୍ଦେହ ହେବାରୁ ସେମାନଙ୍କୁ ଛାଡି ଦିଆଗଲା ।

ପାଠକମାନେ ଦେଖିବେ ଯେ ହାଇକୋର୍ଟ ଆସାମିଙ୍କର ସମସ୍ତ କଥା ଶୁଣି ଅତ୍ୟନ୍ତ ଧୀରଭାବରେ ଏ ମୋକଦ୍ଦମାର ବିଚାର କରିଅଛନ୍ତି କିନ୍ତୁ ଆମ୍ଭମାନଙ୍କର ଦୁଇ ତିନି ବିଷୟରେ ସନ୍ଦେହ ରହିଗଲା । ଇଭାନ୍ସ ସାହେବ ରାଜାଙ୍କର ଚରିତ୍ର ବିଷୟରେ କିଛି ପ୍ରମାଣ ଦେଇ ନାହାନ୍ତି ଯେବେ ସେ ଦେଇଥାନ୍ତେ ଓ ସେ ପ୍ରମାଣ ସନ୍ତୋଷଜନକ ହୋଇଥାନ୍ତା ତେବେ କିସ ହୁଅନ୍ତା । ଯେବେ ତହିଁରେ ରାଜା ମୁକ୍ତ ପାଇ ପାରନ୍ତେ ତେବେ କି ବାରିଷ୍ଟରଙ୍କ ଅଜ୍ଞତାରୁ ସେ ଦଣ୍ଡ ପାଇବାର ବୋଲାଯିବ ? ସୁରଜନ ଉପାଧ୍ୟା ଓ ନାରାୟଣ ବାହିନୀପତିଙ୍କର ବିଶେଷ ଚିହ୍ନ କିଛି ଶିବୁ ଦାସର ଯୋବାନବନ୍ଦିରେ ନାହିଁ ଓ ସେପରି ଆଉ କେହି ଲୋକ ଚିହ୍ନିତ ହେବାକୁ ଆନୀତ ହୋଇଥିବା ଲୋକଙ୍କ ମଧ୍ୟରେ ଥିଲା କି ନାହିଁ ତହିଁର ନିଦର୍ଶନ ନାହିଁ । ପୁଲିସ ଇନସ୍ପେକ୍ଟର ଓ ଜଜ ସାହେବ ଏକ ବ୍ୟକ୍ତିକୁ ଡେଙ୍ଗା ଓ ଅନ୍ୟକୁ ବୁଢା ବୋଲି ଚିହ୍ନିତ କରି ଦେବାରୁ କି ଏମାନେ ଧରା ପଡିଲେ ଓ ସେହି ପରି ଅନ୍ୟ ଦୁଇବ୍ୟକ୍ତି ମଧ୍ୟରୁ ଜଣକୁ ବାଙ୍ଗର ଓ ଜଣକୁ ଭେଣ୍ଡା ବୋଲି ଜଜ ସାହେବ ଲେଖିଥିଲେ ସେମାନେ ଦଣ୍ଡ ପାଇବାର କି ଅଟକ ଥିଲା ? ଯେଉଁମାନେ ଆସେସର ନିଯୁକ୍ତ ହୋଇଥିଲେ ସେମାନେ ଯେ ଯୋଗ୍ୟ ନିରପେକ୍ଷ ଏବଂ କୁସଂସ୍କାରବିହୀନ ଲୋକ ଏବଂ ସରଳଭାବରେ ଆପଣା ମତ ଦେଇଥିଲେ ଏଥିରେ ସନ୍ଦେହ ନାହିଁ । ଜଜ ସାହେବ ଯେବେ ତାହାଙ୍କର ପରିଚୟ ଆପଣା ରାୟରେ ଲେଖିଥାନ୍ତେ ତେବେ ବିଚାରପତି ଯାକସନ ସାହେବ କି ଆପଣା ମତର କୌଣସି ଅଂଶ ପରିବର୍ତ୍ତନ କରନ୍ତେ ? ଏହି ସନ୍ଦେହମାନ ଭଞ୍ଜନ ହୋଇଥିଲେ ଆମ୍ଭେମାନେ ବଡ଼ ଆନନ୍ଦିତ ହୋଇଥାନ୍ତୁ ଆଉ ସମସ୍ତ ବିଷୟରେ ମାନ୍ୟବର ବିଚାରପତିମାନେ ଯାହା ବ୍ୟକ୍ତ କରିଅଛନ୍ତି ତାହା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଅଟଇ ସନ୍ଦେହ ନାହିଁ ।

---

## ସାପ୍ତାହିକସଂବାଦ ।

ଏଥର ଶ୍ରୀମତୀ ମହାରାଣୀଙ୍କ ଜନ୍ମଦିନ ଉପଲକ୍ଷରେ ସରକାରୀ କଚେରିମାନ ଦି ୩ ନ ବନ୍ଦ ହୋଇଅଛି । ଭରସା କରୁଁ ଲୋକମାନେ ଅଧିକ ପରିମାଣରେ ଏବର୍ଷ ଉତ୍ସବ କରିବେ ।

ଏଠାର ଲାଟଗିର୍ଜାର ପାଦ୍ରି କୁଇନଲାନ ସାହେବ ବିଲାତକୁ ଯିବାକାରଣ ଛୁଟି ନେଇଅଛନ୍ତି ଓ ଢାକାରୁ ପାଦ୍ରି ଗ୍ରେ ସାହେବ ଏହାଙ୍କ କର୍ମରେ ଆସୁଅଛନ୍ତି ।

ଅଳ୍ପଦିନ ହେଲା ଏକଜଣ ପଶ୍ଚିମା ଲୋକ ଏ ନଗରକୁ ଆସି ଆପଣାକୁ ଲାହୋରର ରାଜା ବୋଲି ପରିଚୟ ଦେଇ ସମ୍ଭ୍ରାନ୍ତ ଲୋକପ୍ରାୟ ରହିଅଛି । ଏଠାର ଜଣେ ଜମିଦାର ଏହାଙ୍କ ଉପରେ ଅଭିଯୋଗ କରିଅଛି ଯେ ତାହାଠାରୁ ଜୁଆଖେଳରେ ଏକହଜାର କେତେଟଙ୍କା ଠକି ନେଇଅଛି । ପୁଲିସ ଏଥିର ଅନୁସନ୍ଧାନ କରୁଅଛନ୍ତି । ପ୍ରକୃତ କଥା ଏପରେ ଜଣା ଯିବ ।

ବଡମ୍ବାର ରାଜା ମଣ୍ଡ୍ରାଲୁ ବିବାହ କରିବା ସକାଶେ ଭାରି ସମାରୋହରେ ଯାତ୍ରା କରିଅଛନ୍ତି ରାଜାମାନେ ବିବାହ ହେବାରେ ଅନର୍ଥକ ଯେତେ ବ୍ୟୟ କରନ୍ତି ତହିଁରେ ଆପଣା ରାଜ୍ୟର ଉନ୍ନତି ସାଧନ କରୁଥିଲେ ରାଜା ଓ ପ୍ରଜା ଉଭୟଙ୍କର କେତେ ଉପକାର ହୁଅନ୍ତା ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି କି ପୁରୀମାଜିଙ୍କ ବିରୁଦ୍ଧରେ କୃତକାର୍ଯ୍ୟତା ସହିତ ମୋକଦ୍ଦମା ଚଳାଇବାର ପ୍ରଶଂସା ବାବୁ ନବୀନଚନ୍ଦ୍ର ସେନ ଡେପୁଟୀ ମାଜିଷ୍ଟ୍ରେଟଙ୍କର ଅଟଇ । ସେହିନ

Digitized by srujanika@gmail.com

Split by PDF Splitter



ଅଦାଲତରେ ପୁଲିସର ଗ୍ରେବସ୍ ସାହେବ ମୋକଦ୍ଦମା ଚଳାଇଥିଲେ କିନ୍ତୁ ସବୁ ଭାର ନବୀନ ବାବୁଙ୍କ ଉପରେ ପଡିଥିଲା । ମାଜିଷ୍ଟ୍ରେଟ ଓ କମିଶନର ସାହେବମାନେ ନବୀନ ବାବୁଙ୍କର ଭାରି ପ୍ରଶଂସା କରିଅଛନ୍ତି । କିନ୍ତୁ ପକ୍ଷାନ୍ତରରେ ଅମ୍ଭେମାନେ ଶୁଣୁଅଛୁଁ ଯେ ଜଜ ସାହେବ ଗ୍ରେବସ୍ ସାହେବଙ୍କର ପ୍ରଶଂସା କରି କହିଅଛନ୍ତି କି ନବୀନ ବାବୁ ଓ ସରକାର ଉକିଲ ସାହାଯ୍ୟ କରିଥିଲେହେଁ ଗ୍ରେବସ୍ ସାହେବଙ୍କ ଯୋଗ୍ୟତା ଓ ଯତ୍ନ ପୂର୍ବକ କର୍ମ କରିବାରୁ ଏ ମୋକଦ୍ଦମାରେ ଗବର୍ଣ୍ଣମେଣ୍ଟ କୃତକାର୍ଯ୍ୟ ହେଲେ । ନାନା ମୁନିର ନାନା ମତ କାହାର ଭାଗ କେତେ ପାଠକମାନେ ବୁଝି ନେଉନ୍ତୁ ।

କଲିକତାର ଉକିଲମାନେ ହାଇକୋର୍ଟର ଜଜ କେମ୍ପ ସାହେବଙ୍କୁ ଏକ ସାଧାରଣ ବିଦାୟୀ ଭୋଜି ଦେଇ ମାନ୍ୟ କରିଥିଲେ । ହିନ୍ଦୁପେଟ୍ରିଅଟ ବୋଲନ୍ତି କି ଅନ୍ୟ କୌଣସି ସିବିଲିୟାନ ଜଜଙ୍କୁ ଏପରି ମାନ୍ୟ ଦିଆଯାଇ ନ ଥିଲା ।

ନୂତନଗିନି ନାମରେ ଏକ ଟାପୁ ଅଛି । ସେଠା ଲୋକେ ଅଦ୍ୟାପି ନରମାଂସ ଭୋଜନ କରନ୍ତି ଯୁଦ୍ଧରେ ମରିବା ଲୋକ ବିଶେଷରେ ଆହାରର ଯୋଗ୍ୟ ହୁଅଇ । ମୁଣ୍ଡ, ହାତ, ଗୋଡ କାଟି ନେଇ ଦେହର ଅବଶିଷ୍ଟ ଅଂଶ ପକାଇ ଦିଅନ୍ତି ଓ ସ୍ତ୍ରୀମାନେ ସେହି ମାଂସକୁ ଖଣ୍ଡ ଖଣ୍ଡ କରି ବାଉଁଶଚୁଙ୍ଗା ଭିତରେ ପୂରାଇ ପାକ କରନ୍ତି । ପ୍ରସ୍ତୁତ ହେଲାରୁ ବଡ଼ ଆନନ୍ଦ ହୋଇ ସମସ୍ତେ ଭୋଜନ କରନ୍ତି ଓ ତହିଁ ସଙ୍ଗେ ବୃକ୍ଷର ତାଳଗଛରୁ ପ୍ରସ୍ତୁତ ହୋଇଥିବା ମଦ ପାନ କରନ୍ତି । ଅସୁରଗଣ ଅଦ୍ୟାପି ପୃଥିବୀରୁ ନିର୍ମୂଳ ହୋଇ ନାହାନ୍ତି ।

ବାବୁ ହେମଚନ୍ଦ୍ର କର ରେଜଷ୍ଟ୍ରି ମହକୁମାର ପ୍ରଥମ ଇନ୍ସ୍ପେକ୍ଟରର ପଦରେ ନିଯୁକ୍ତ ହୋଇଅଛନ୍ତି । ହେମଚନ୍ଦ୍ର ବାବୁ ଦୁର୍ଭିକ୍ଷ ସମୟରେ ଏଠାକୁ ଆସିଥିଲେ । ସେ ଜଣେ ଖ୍ୟାତିମନ୍ତ କର୍ମଚାରୀ ଅଟନ୍ତି ।

ମହାମାନ୍ୟ ମହାରାଜା ହୋଲକାର ଦରକାର ଯୁଦ୍ଧରେ କର୍ମ କରିବା ଲାଗି ଆପଣା ସେନାକୁ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କୁ ଦେବାକୁ ପ୍ରସ୍ତୁତ ହୋଇଅଛନ୍ତି । ଗବର୍ଣ୍ଣମେଣ୍ଟ ଯେବେ ଗ୍ରହଣ କରନ୍ତି ତେବେ ଏହିପରି ଅନେକ ଦେଶୀୟ ରାଜାଙ୍କର ସେନା ପାଇବେ । ତଥାଚ ଭାରତବର୍ଷୀୟଙ୍କର ରାଜଭକ୍ତି ପ୍ରସଙ୍ଗରେ ଅନେକ ଲୋକର ଭ୍ରମ ଛାଡ଼ିଲା ନାହିଁ ।

ଲକ୍ଷ୍ନୌଟାଇମସ୍ ନାମକ ସମ୍ବାଦପତ୍ର ଆକ୍ଷେପ କରି କହିଅଛନ୍ତି କି ଉତ୍ତର ଭାରତବର୍ଷରେ ଖ୍ରୀଷ୍ଟୀୟାନମାନେ କେବେ୨ ମୁସଲମାନ ଧର୍ମକୁ ପ୍ରତ୍ୟାଗମନ କରନ୍ତି । ଏଥିରେ କିଛି ବିଚିତ୍ର ନାହିଁ କାରଣ ସମସ୍ତେ ଧର୍ମରେ ଦୃଢ଼ବିଶ୍ୱାସ କରି ଖ୍ରୀଷ୍ଟୀୟାନ ହୁଅନ୍ତି ନାହିଁ । ଯେବେ ହିନ୍ଦୁମାନେ ପୁନର୍ଗ୍ରହଣ କରୁଥାନ୍ତେ ତେବେ କେତେ ଖ୍ରୀଷ୍ଟୀୟାନ ପୁନର୍ବାର ହିନ୍ଦୁ ଧର୍ମକୁ ଫେରି ଆସିବାର ଦେଖାଯାନ୍ତା ।

କଥିତ ହୁଅଇ ଯେ ଗୋପାଳ ଦାସ ନାମରେ ଜଣେ ପଞ୍ଜାବୀ କାଶ୍ମୀରର ପ୍ରଧାନ ରେବିନ୍ୟୁ ହାକିମ ପଦରେ ନିଯୁକ୍ତ ହୋଇଅଛନ୍ତି । ଏଥିର ବେତନ ମାସକୁ ଟ ୧୬୦୦୯ ଙ୍କା ଅଟଇ ।

ସିମଲାରୁ ଏକବ୍ୟକ୍ତି ଲେଖିଅଛି କି ଡେପୁଟୀ କମିଶନର ବାଟରେ ଚାଲିଯାଉଥିବା ସମୟରେ ଜଣେ ପିଲା ସଡ଼କ ଆଡ଼କୁ ପାଣି ପକାଇ ଦେଲା । ସାହେବଙ୍କ ଦେହରେ ପାଣି ପଡିଗଲା କି ନାହିଁ କୁହାଯାଇ ନ ପାରେ କିନ୍ତୁ ସାହେବ ସେ ପିଲାର ବାପକୁ କଚେରୀକୁ ତଲବ କରି ତାହା ଉପରେ ଟ ୨୦୯ ଙ୍କା ଜରିମାନା କଲେ । ପୁତ୍ରର ଅପରାଧ ସକାଶେ ପିତାର ଦଣ୍ଡ ! ହାକିମଙ୍କୁ ସବୁ ସାଜେ ।

## ପ୍ରେରିତପତ୍ର ।

ପରମପୂଜନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଚଳିତମାସ ଦଶତାରିଖେ ପୁରୀ ଗବର୍ଣ୍ଣମେଣ୍ଟ ସ୍କୁଲର ବାର୍ଷିକ ପାରିତୋଷିକ ଦାନ ବିଧି ବିଶେଷ ସମାରୋହ ପୂର୍ବକ ସମ୍ପନ୍ନ ହୋଇଅଛି ! ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ଦେଶୀୟ ଓ ଇଉରୋପୀୟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ । ପ୍ରଥମତଃ ବାଳକମାନେ ଇଂରାଜୀ ପଦ୍ୟ ଗାନ କରିବାକୁ ଆରମ୍ଭ କଲେ ଓ ସଂସ୍କୃତ ପାଠଶାଳାର ଛାତ୍ରମାନେ ଶ୍ଳୋକମାନ ଆବୃତ୍ତି କଲେ । ଅନ୍ୟାନ୍ୟ ବର୍ଷରେ ବାଳକମାନଙ୍କର ଉଚ୍ଚାରଣ ଓ ଅଭିନୟ ଅତୀବ ମନୋହର ହୋଇଥାଏ କିନ୍ତୁ ଏହିବର୍ଷ ଇଂରାଜୀ ଉଚ୍ଚାରଣ ଅତଗସ୍ତ କଷ୍ଟକର ହୋଇଥିଲା ।

ପୁରସ୍କାରଦାନାନନ୍ତର ଇଂରାଜୀ ସ୍କୁଲର ପଣ୍ଡିତ ଶ୍ରୀ ଜଗନ୍ନାଥମିଶ୍ର ନିଜ ରଚିତ କେତେକ ଶ୍ଳୋକ ପାଠ କଲେ । ତାହାର ଭାବ ଅମ୍ଭେମାନେ ସଂସ୍କୃତ ଭାଷାରେ ଅନଭିଜ୍ଞ ହେବାରୁ ସମୁଦାୟ ବୁଝି ନ ପାରିଲୁଁ କିନ୍ତୁ ମୋଟାମୋଟି ଭାବରୁ ଅବଗତ ହେଲୁଁ ଯେ ତାହା ଶ୍ରୀଯୁକ୍ତ ମାଜିଷ୍ଟ୍ରେଟସାହେବ ମହୋଦୟଙ୍କର ଗୁଣ ବର୍ଣ୍ଣନ ମାତ୍ର । ପରେ ପଣ୍ଡିତ ଶ୍ରୀ ଲୋକନାଥମିଶ୍ର ମହାଶୟ ଦଣ୍ଡାୟମାନ ହୋଇ ଗୋଟିଏ ସୁଦୀର୍ଘ ସଂସ୍କୃତ ଓ ଇଂରାଜୀ ସମ୍ବଳିତ ଲିଖିତ ବକ୍ତୃତା ପାଠ କଲେ । ଇଂରାଜୀଭାଷା ଓ ରଚନା ଏବଂ ଉକ୍ତିର ପାରିପାଟ୍ୟ ଅତିଶୟ ହୃଦୟଗ୍ରାହୀ ହୋଇଥିଲା । ଏହି ବକ୍ତୃତାରେ ସଭାପତି ମହୋଦୟଙ୍କର କିଛି ଗୁଣାନୁବାଦ ଓ ଓଡ଼ିଶାବାସୀ ଆର୍ଯ୍ୟ ବ୍ରାହ୍ମଣମାନଙ୍କର ବର୍ତ୍ତମାନ ଶୋଚନୀୟ ଅବସ୍ଥା ବର୍ଣ୍ଣିତ ଥିଲା ।

ଏପରି ବିଷୟମାନ ସେହି ସଭାରେ କହି ଉଚିତ ହୋଇଅଛି କି ନା ଅମ୍ଭମାନଙ୍କର ବକ୍ତବ୍ୟ ନୁହଇ କିନ୍ତୁ ଦେଶର ଯେ ଗୋଟିଏ ଅଭାବ ଦୂର କରି ତାହାଙ୍କର ଉଦ୍ଦେଶ୍ୟ ତଦର୍ଥେ ଅମ୍ଭେମାନେ ପଣ୍ଡିତମହାଶୟଙ୍କୁ ଧନ୍ୟବାଦ ଦେଉଅଛୁଁ । ସାଦରେ ସାହେବପ୍ରଶଂସିତ ପଦ୍ଧତି ଗ୍ରହଣ କରିଅଛନ୍ତି ବୋଧହୁଏ ତାହାର କିଛି ବିଚାର କରିବେ । ଅନନ୍ତର ନର୍ମାଲସ୍କୁଲ ପଣ୍ଡିତ ଶ୍ରୀ କପିଳେଶ୍ୱରମିଶ୍ରେ ଶାସ୍ତ୍ରୋଥାନ କ[illegible] ଶିକ୍ଷାବିଷୟରେ ଗୋଟିଏ ବକ୍ତୃତା ଦେଲେ । ଯଦ୍ୟପି କିୟଦଂଶ ଭଲ ଥିଲା କିନ୍ତୁ ବକ୍ତୃତାଟି ପୁରାଣ ପାଠ ହୋଇଥିଲା ।

ପରିଶେଷେ ସାହେବପ୍ରଶଂସିତ ବାଳକମାନଙ୍କୁ ସମ୍ବୋଧନ କରି କେତେକ ଉପଦେଶ ପ୍ରଦାନ କଲେ । ଅନନ୍ତର ସଭା ଭଙ୍ଗ ହେଲା ।

କେହି ଉପସ୍ଥିତ ଦର୍ଶକ ।

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ, ଓଡ଼ିଶା ମେଡିକଲସ୍କୁଲରେ ତିନଗୋଟି ବୃତ୍ତି ଖାଲି ଅଛି ଯେଉଁମାନେ କି ପ୍ରବେଶିକା ମାଇନର ବା ଭର୍ଣ୍ଣାକ୍ୟୁଲର ପାଶ କରିଥିବେ ସେମାନଙ୍କୁ ଗ୍ରହଣ କରାଯିବ । ଏ ଭିନ୍ନ ୧୫ । ୨୦ ଗୋଟି ଅବୈତନିକ ଛାତ୍ର ମଧ୍ୟ ଗ୍ରହଣ କରାଯିବ । ଅତଏବ ଯେଉଁମାନେ ଉକ୍ତ ସ୍କୁଲରେ ଅଧ୍ୟୟନ କରିବାକୁ ମାନସ କରନ୍ତି ସେମାନେ ମେ ମାସ ତା ୨୫ ଦିନ ମଧ୍ୟରେ ସୁ୨ ସାର୍ଟିଫିକଟ ସହିତ ଆବେଦନପତ୍ର ପ୍ରେରଣ କରିବେ ପୁଣି ଉକ୍ତ ତାରିଖରେ ସ୍ୱୟଂ କଟକ ଜେନରଲ ହସପିଟଲରେ ଉପସ୍ଥିତ ହେବେ । ଇତି ।

୧୪।୫।୬୮ କଟକ
W. D. Stewart.
ଓଡ଼ିଶା ମେଡିକଲସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ।

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

EGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସଂ ୨୨ ଖ୍ୟା

ତା ୧ ରଖ ମାହେ ଜୁନ ସନ ୧୮୭୮ ମସିହା । ମୁ । ଜ୍ୟେଷ୍ଠ ବ ୨୧ ଜ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୮
ମଫସଲପାଇଁ ଡାକମାସୁଲ ଟ୧।୵

ଏ ନଗର ଜେଲଖାନାରୁ ପୁଲିସ ପହରା ଉଠି ଯାଇ ତହିଁ ପରିବର୍ତ୍ତରେ ପୂର୍ବପ୍ରାୟ ପୃଥକ୍ ପହରାୱାଲା ରହିବାର ସ୍ଥିର ହୋଇଅଛି । ଜ ୧୬ ଣ ପୁଲିସ କନଷ୍ଟବଲ ସ୍ଥଳରେ ଷୋଳଜଣ ବରକନ୍ଦାଜ ପହରାକର୍ମ ନିର୍ବାହ କରିବେ ଏଥିରେ ଜେଲଖାନାର ବ୍ୟୟ ଅନେକ ଊଣା ହେବ ମାତ୍ର ମେଦିନୀପୁର ପ୍ରଭୃତି କେତେ ସ୍ଥାନରେ ଏପରି ସ୍ୱତନ୍ତ୍ର ପହରାୱାଲାଦ୍ୱାରା କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେବାର ଦେଖା ଯାଇଅଛି । ପୁଲିସଠାରୁ ଏହାଙ୍କୁ ଅଧିକା ପରିଶ୍ରମ କରିବାକୁ ହେବ ଏବଂ ଏମାନେ ପୁଲିସପ୍ରାୟ ବାହାରେ ପହରା ନ ଦେଇ ଜେଲଖାନାଭିତରେ କଇଦିଙ୍କ ଦ୍ୱାର ଜଗିବସିବେ ।

---

ଇଉରୋପୀୟ ଯୁଦ୍ଧର ବାର୍ତ୍ତା ପୂର୍ବପ୍ରାୟ ଅନିଶ୍ଚିତ ଅଟଇ । ଏ ସପ୍ତାହରେ ଏତିକି ଜଣା ଯାଇଅଛି ଯେ ଜେନରଲ ଷ୍ଟୁଅଟଲେଫ ସାହେବ ରୁଷୀୟାର ରାଜଧାନୀରେ ପରାମର୍ଶ କରି ଇଂଲଣ୍ଡକୁ ଫେରିଅସି ସେଠାର ବାର୍ତ୍ତା ସବୁ ଜଣାଇ ଅଛନ୍ତି ଓ ଇଂରାଜ ମନ୍ତ୍ରିମାନେ ତାହା ବିବେଚନା କରୁଅଛନ୍ତି । ପ୍ରଶଂସିତ ଜେନରଲ ଯେ କଥା ଘେନି ଯାଇଥିଲେ ଓ ଯେ ବାର୍ତ୍ତା ଆଣିଲେ କିଛି ପ୍ରକାଶ ପାଇ ନାହିଁ । ସୁତରାଂ ରାଜମନ୍ତ୍ରିମାନେ କି ବିଚାର କରୁଅଛନ୍ତି କିଏ କହି ପାରିବ ତେବେ ତାହାଙ୍କରୁ ଏତିକି ଭରସା ମିଳୁଅଛି ଯେ ଯାହା ହେବାର ଥିବ ତାହା ଏଥିର ଶେଷ ନିଷ୍ପତ୍ତି ହେବ । ବାସ୍ତବରେ ଏ ବିଷୟରେ ଅତ୍ୟନ୍ତ ବିଲମ୍ବ ହେବାରୁ ସମସ୍ତଙ୍କ ମନ ବିରକ୍ତ ହୋଇ ଗଲଣି କେତେକାଳ ଲୋକେ ସେହିକଥା ଶୁଣୁଥିବେ ।

---

ଚାନ୍ଦବାଲି ବନ୍ଦରର ଉନ୍ନତି ସାଧନ କିପ୍ରକାରରେ ହେବ ତହିଁର ବିବେଚନା ସକାଶେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାକ୍ରମେ ଗୋଟିଏ ସଭା ସେଠାରେ ବସିବାର ସ୍ଥିର ହୋଇଅଛି । ଗତ ଶୁକ୍ରବାର ସଭା ବସିବାର ଥିଲା ଶ୍ରୀଯୁକ୍ତ ସ୍ମିଥ ସାହେବ କମିଶ୍ନର, ବାଲେଶ୍ୱର କଲେକ୍ଟର ଶ୍ରୀ କର୍ମୀନ ସାହେବ ଏବଂ ସ୍ଥାନୀୟ କର୍ମଚାରୀମାନେ ଏ ସଭାର ସଭ୍ୟ ଅଟନ୍ତି । ଏହି କାର୍ଯ୍ୟ ସକାଶେ ଆମ୍ଭମାନଙ୍କର କମିଶ୍ନର ଚାନ୍ଦବାଲିକୁ ଯାଇଅଛନ୍ତି । ସଭାରେ କି ବିଚାର ହେବ ପଶ୍ଚାତ୍ ଜଣା ଯାଇପାରେ । ଆମ୍ଭମାନଙ୍କ ବିବେଚନାରେ କଟକ ଓ ଚାନ୍ଦବାଲି ମଧ୍ୟରେ ନିୟମିତରୂପେ ଧୂଆଁକଳ ଜାହାଜ ଗତାୟାତ କଲେ ଉକ୍ତ ବନ୍ଦରଦ୍ୱାରା ଅନେକ ଉପକାର ଲାଭ ହେବ ସେଥିର ଚେଷ୍ଟା ଏହିମାସରେ ହୋଇଥିଲା ମାତ୍ର ଶୁଣାଯାଏ ଯେ ବାଟରେ କେତେ ସ୍ଥାନରେ ପ୍ରତିବନ୍ଧକ ଥିବାରୁ ସେ ସମସ୍ତ ପରିଷ୍କାର ହେବାପର୍ଯ୍ୟନ୍ତ କାର୍ଯ୍ୟ ସୁଚାରୁରୂପେ ଚାଲିବାର ସମ୍ଭାବନା ନାହିଁ ।

---

ଗତମାସ ତା ୨୪ ରିଖରେ ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀଙ୍କ ଜନ୍ମଦିନ ଥିଲା । ପ୍ରତିବର୍ଷ ତଦୁପଲକ୍ଷରେ ଏକଦିନ ଲେଖାଏଁ କଚେରୀ ବନ୍ଦ ହେଉଥିଲା । ଏ ବର୍ଷ ବାଙ୍କ ଅବ୍ ବେଙ୍ଗଲ ତିନିଦିନ ଓ ଅଦାଲତ କଚେରୀ ଦୁଇଦିନ ବନ୍ଦ ହେବାର ଘୋଷଣା ଦେଖି ଆମ୍ଭେମାନେ ମନେ କରିଥିଲୁଁ ଯେ କିଛି ସମାରୋହ ସହିତ ଏ ପର୍ବ ପ୍ରତିପାଳନ ହେବ । କିନ୍ତୁ ଏ ନଗରରେ ତହିଁର କିଛି ଚିହ୍ନ ଦେଖାଗଲା ନାହିଁ ବଡ ଦୁଃଖର ବିଷୟ ଅଟଇ । ଅଦାଲତ କଚେରୀତ ସର୍କୁଲର ଅନୁସାରେ ଦୁଇଦିନ ବନ୍ଦ ହେଲା ମାତ୍ର କଲେକ୍ଟରୀ ଓ କମିସନରୀର ଅମଲାମାନେ ତିନିଦିନ ଛୁଟୀ ପାଇବାର ଆଶା କରିଥିଲେ ପ୍ରକୃତପକ୍ଷେ ଦିନେ ସୁଦ୍ଧା ପାଇଲେ ନାହିଁ । ସେ ଯାହା ହେଉ ଆମ୍ଭେମାନେ ଆଶା କରିଥିଲୁଁ ଯେ ସ୍ଥାନୀୟ ହାକିମ ଓ ବଡଲୋକମାନେ ମିଶି କିଛି ଆମୋଦ ପ୍ରମୋଦ କରିବେ ତାହା କିଛି ହେଲା ନାହିଁ ଏ କଥାଟା ଭଲ ହୋଇ ନାହି । ସର୍ବସାଧାରଣଙ୍କ ମନ ଆକର୍ଷଣ କରିବା ଓ ତାହାଙ୍କ ମନରେ ରାଜଭକ୍ତି ଉତ୍ତେଜନା କରିଦେବା କାରଣ କିଛି କରିବାର ଉଚିତ ଥିଲା । ଭାଗ୍ୟକୁ ସେଦିନ ଚନ୍ଦନଯାତ୍ରାର ଶେଷଦିନ ଥିଲା ସେହି ହେତୁରୁ ଏ ନଗରରେ ରାତ୍ର ଶେଷଯାଏ ନାଚ ଯାତ୍ରା ଇତ୍ୟାଦି ଆମୋଦ ପ୍ରମୋଦ ଲାଗି ରହିଥିଲା ଏଥିରେ ନଗରବାସିମାନେ ଏ ରାତିଟା ସୁଖରେ କଟାଇଲେ କିନ୍ତୁ ମହାରାଣୀଙ୍କ

Digitized by srujanika@gmail.com

Split by PDF Splitter 102



ଚନ୍ଦନ ଯତ୍ନ ଜଣା ପଡ଼ିଲା ନାହିଁ । ନଗରବାସୀ ବଡ଼ଲୋକମାନେ ଭବିଷ୍ୟତରେ ଏ ଯତ୍ନ ପ୍ରତିପାଳନ କରିବାର କିଛି ଉପାୟ ସ୍ଥିର କରନ୍ତୁ ତାହା ହେଲେ ବଡ଼ ଶୋଭା ଦିଶିବ ।

---

ଗତ ମାସ ତା ୨୩ ରିଖ ଗୁରୁବାର ଦିନ ଅତି ଗୋପନଭାବରେ ପୁରୀରାଜା କଲିକତାକୁ ପ୍ରେରିତ ହେଲେ । ଉକ୍ତ ଦିନ ପ୍ରାତଃକାଳ ଘ ୪ ଘଣ୍ଟା ସମୟରେ ଏକଖଣ୍ଡ ଘୋଡ଼ାଗାଡ଼ିରେ ରାଜାଙ୍କୁ ବସାଇ ପୁଲିସ ଯୋବଗ୍ରଦାଂଟକୁ ଘେନି ଗଲେ ଓ ସେଠାରେ ଧୂଆଁକଳରେ ବସାଇ ବଣ୍ଣିଘରକୁ ପଠାଇ ଦେଲେ । ତାହାଙ୍କ ସକାଳ ଘ ୬ ଘଣ୍ଟା ସମୟରେ ଘାଟ ଛାଡ଼ିଲା ଓ ପୁଲିସ କନଷ୍ଟବଲ ପହରା ଦେଖି ଅନେକ ଲୋକ ଜାଣିପାରିଲେ ଯେ ଏ ଜାହାଜରେ ରାଜାକୁ ସରକାର ଘେନି ଯାଉଅଛନ୍ତି । ରାଜା କେଉଁ ଟାପୁରେ କିପରି ଭାବରେ ରହିବେ ତାହା କିଛି ଜଣା ପଡ଼ି ନାହିଁ ସମ୍ପ୍ରତି କଲିକତାକୁ ପ୍ରେରିତ ହେବାର କଥିତ ହୁଅଇ । ଏତେ ଗୋପନରେ ରାଜାଙ୍କୁ ଘେନି ଯିବାର କାରଣ କି ବୁଝା ଯାଉ ନାହିଁ । ଲୋକେ କହୁଅଛନ୍ତି କି ରାଜାକୁ କଳାପାଣିକୁ ଘେନି ଯିବାର ସମ୍ବାଦ ପୂର୍ବରୁ ପ୍ରକାଶ ହେଲେ ପଛେ ଲୋକମାନେ ଯାଇ ତାହାଙ୍କୁ ଟଣାଟଣି କରି ସରକାରଙ୍କ ହାତରୁ ଛଡ଼ାଇ ଆଣନ୍ତେ ଅଥବା କୌଣସି ପ୍ରକାର ମେଲି କରି ଗୋଳମାଳ କରନ୍ତେ ଏହି ହେତୁ ସରକାର ସତର୍କତା ସହିତ ତାହାଙ୍କୁ ଗୋପନରେ ଘେନିଗଲେ । ଯେବେ ବାସ୍ତବରେ ଗବର୍ଣ୍ଣମେଣ୍ଟ ଏପରି ଭଲ ଥାନ୍ତି ତେବେ ଅମ୍ଭେମାନେ ଦୁଃଖିତ ହୋଇ କହୁଅଛୁଁ ଯେ ଗବର୍ଣ୍ଣମେଣ୍ଟ ଓଡ଼ିଆଙ୍କ ସ୍ୱଭାବ ଅବଧି ଜାଣି ପାରି ନାହାନ୍ତି । ଓଡ଼ିଆମାନେ ଅତ୍ୟନ୍ତ ଶାନ୍ତ ସହିଷ୍ଣୁ ଏବଂ ରାଜଭକ୍ତ ଏବଂ ଆଇନ ମାନିବା ଓ ହାକିମଙ୍କର ବଶତା ସ୍ୱୀକାର କରିବା ବିଷୟରେ ଭାରତବର୍ଷରେ ଏହାଙ୍କ ପଟାନ୍ତର ନାହିଁ । ପୁରୀରାଜା ସେମାନଙ୍କର ଅତ୍ୟନ୍ତ ଭକ୍ତିଭାଜନ ହେଲେହେଁ ତାହାଙ୍କ ସକାଶେ ସେମାନେ ଅନ୍ୟାଯ୍ୟବଳ ପ୍ରକାଶ ବା ଆଇନଲଙ୍ଘନ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହେବେ ଏ କଥା ହାକିମମାନେ ଚିନ୍ତା କଲେ ଉଦାର ଓଡ଼ିଆଙ୍କର ଅପମାନ ହୁଅଇ । ପୁରୀରାଜା ପ୍ରକୃତରେ ଦୋଷୀ ହେଉନ୍ତୁ ବା ନ ହେଉନ୍ତୁ ଯେତେବେଳେ ସର୍ବୋଚ୍ଚ ଅଦାଲତରେ ଆଇନସଙ୍ଗତ ବିଚାର ପୂର୍ବକ ତାହାଙ୍କର ଦୋଷ ପ୍ରମାଣ ହେଲା ସେଥିରେ ଇହିଁ ବିରୁଦ୍ଧରେ କିଛି କହିବାର ନାହିଁ । ବରଂ ସମସ୍ତେ କହୁଅଛନ୍ତି କି ରାଜା ଅବଶ୍ୟ ଅପରାଧ କରିଥିବେ ନୋହିଲେ ଜଗନ୍ନାଥ ତାହାଙ୍କୁ ଏତେ ଦାରୁଣ ଦଣ୍ଡ କାହିଁକି ଦିଅଇଲେ । ତେବେ ରାଜାଙ୍କର ଦୁଃଖରେ ସମସ୍ତ ଓଡ଼ିଆ ଦୁଃଖିତ ଅଛନ୍ତି ଓ ସମସ୍ତଙ୍କର କାମନା ଏହି ଯେ ଅଦାଲତର ଧର୍ମାବତାରରେ ଯାହା ହେବାର ତାହା ହେଲା ଏଣିକି ଗବର୍ଣ୍ଣମେଣ୍ଟ କ୍ଷମା ଗୁଣକୁ ରାଜାଙ୍କ ପକ୍ଷରେ ପ୍ରକାଶ କରନ୍ତୁ ରାଜା ବାସ୍ତବରେ ମନ୍ଦଲୋକ ନୁହନ୍ତି । କେବଳ ମାତ୍ର ଓ ମନ୍ଦାଶୟ ଚାକରମାନଙ୍କ କୁସଂସର୍ଗରେ ରହିବାରୁ ଏ ଦୁର୍ଦ୍ଦଶାକୁ ଲଭିଲେ । ଯେ ଦଣ୍ଡ ସେ ପାଇଅଛନ୍ତି ତାହା ମୃତ୍ୟୁଠାରୁ ମନ୍ଦ ଅଟଇ କିନ୍ତୁ ଯଦ୍ୟପି ଗବର୍ଣ୍ଣମେଣ୍ଟ ତାହାଙ୍କୁ କ୍ଷମା ଦାନ କରି ପୁନର୍ଗ୍ରହଣ କରନ୍ତି ତାହା ହେଲେ ସେ ଅବଶ୍ୟ ସଚ୍ଚରିତ୍ରରେ ରହିବେ ଏ ଶିକ୍ଷା କଦାଚ ଭୁଲିବେ ନାହିଁ । ଅଥଚ ଓଡ଼ିଶାର ଯାବନ୍ତ ଲୋକ ଶ୍ରୀମତୀ ଭାରତେଶ୍ୱରୀଙ୍କର କେମନ୍ତ ଯଶ ଗାୟନ କରିବେ ଓ କେତେ ଆନନ୍ଦହୃଦୟରେ ଧନ୍ୟବାଦ ଦେବେ ତହିଁର କଳନା କରି ହେବ ନାହିଁ । ଅମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଗବର୍ଣ୍ଣମେଣ୍ଟ ଏଥି ପକ୍ଷରେ ବିଶେଷ ବିବେଚନା କରିବେ ।

---

ଖୋର୍ଦ୍ଧାରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଡଣ୍ଟାରସିଂହ ମୁକାମରେ ଓଲାଉଠା ରୋଗ ବିଶେଷ ପ୍ରବଳ ହେବାରେ ଅନେକଲୋକ ନଷ୍ଟ ହୋଇଅଛନ୍ତି ଶ୍ରୀଠାକୁରାଣୀପୂଜା ଓ ସପ୍ତା ଭାଗବତ ନାମସଂକୀର୍ତ୍ତନ ହେବାରେ ଉକ୍ତ ରୋଗ କିଛି କମ ହୋଇଅଛି । ବନ୍ଦୋବସ୍ତ ଇଲାକାର ସର୍ଭେୟରସାହେବମାନେ ତାଙ୍କ ଅମଲା ଓ ଅମୀନମାନଙ୍କୁ ନେଇ କଟକ ମୁକାମକୁ ରଓ୍ୟାନା ହୋଇଅଛନ୍ତି ଉକ୍ତ ଡଣ୍ଟାରସିଂହ ମୁକାମରେ ସରକାରୀ ହାତୀ ଘ ୪ ର ଥିଲେ ତହିଁ ମଧ୍ୟରୁ ଘ ୨ ର ପୀଡ଼ା ପ୍ରଯୁକ୍ତ ମରି ଯାଇଅଛି । ଏପରେ ଠାକୁରରାଜାଙ୍କଠାରୁ ସରକାର ଏକଘର ହାତୀ ମାଗିଆଣି ରଖିଥିଲେ ସେହାତୀକୁ ପାଣି ଖାଇବାଠାରେ ସରକାରୀ ହାତୀ ଦାନ୍ତମାରି ଜଖମୀ କରିବାରେ ସେ କି ୧୫ ଦିନ ଯାଏ ପଡ଼ି ରହିଲା ଅନେକ ଚିକିତ୍ସାରେ ଆରାମ ନ ହେଲା ତାହାର ଏକକର ପଚିଯାଇ ଦୁର୍ଗନ୍ଧ ହେବାରେ ଲୋକମାନେ ସେ ବାଟେ ଯିବା ଆସିବା କରି ନ ପାରିଲେ ତାହା ଦୁର୍ଗନ୍ଧରେ ଲୋକମାନେ ବେମାର ହେବା ବିବେଚନାରେ ଶ୍ରୀଯୁକ୍ତ ଟେଲରସାହେବ ଗୁଳମାରି ମାରିବାରେ ଉକ୍ତ ହାତୀ ମରିଗଲା । ଠାକୁରରାଜାଙ୍କୁ ଏକାବେଳକେ ଏମନ୍ତ ଆପଦ ହେଲା ଯେ ଆପେ ଯାବଜ୍ଜୀବନ କାରାବାସ ପ୍ରାପ୍ତ ହେଲେ ତାଙ୍କର ପୁରୀ ମୁକାମରେ ଗୋଟାଏ ଘୋଡ଼ା ଓ ଖୋର୍ଦ୍ଧା ମୁକାମରେ ଗୋଟାଏ ହାତୀ ମରିଗଲା ବଥାତା ଅବଲକୁ କାହାର ଅଦୃଷ୍ଟ ଅଛି ଭବିଷ୍ୟତରେ ଅଉ କି ହେବ କିଏ କହିପାରେ ମୀନଗନ୍ଧ ହୋଇଥିବା ଫଳ ରାଜାଙ୍କ ଉପରେ ଫଳିଲା ବୋଲି ଲୋକେ କହୁଅଛନ୍ତି । ଖୋର୍ଦ୍ଧା ଓ ପୁରୀ ମୁକାମରେ ଏହି ଆଠଦିନ ମଧ୍ୟରେ ଦୁଇ ତିନିଅଡ଼ା ପାଣି ବରଷି ବାରୁ ଲୋକମାନେ ଚାଷ କରୁଅଛନ୍ତି ମାତ୍ର ଦୁର୍ଭିକ୍ଷ ଛାଡ଼ିବାର ନାହିଁ ଚାଉଳ ଟଙ୍କାକୁ ସରୁ ସେ ୭।୮ ସେର ମୋଟ ସେ ୯।୧୦ ର ହିସାବ ମିଳୁଅଛି । ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ କର୍ତ୍ତାଙ୍କୁ ଲୋକମାନେ ଦେଖି ଯମପ୍ରାୟ ଭୟ କରି ଅତିଶୟ କାତର ଅଛନ୍ତି । ଖୋର୍ଦ୍ଧାରେ ଆମ୍ବ ମିଳୁ ନାହିଁ ଓ ଜଳ ଅଭାବରେ ଲୋକେ କଷ୍ଟ ପାଉଅଛନ୍ତି ଇତି ।

---

ଅମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି;—ଗତ ଅକ୍ଷୟତୃତୀୟା ଦିନଠାରୁ ପ୍ରତିଦିନ ଏ ଅଞ୍ଚଳରେ ବୃଷ୍ଟି ହେଉଥିବାରୁ ଅସହ୍ୟ ଗ୍ରୀଷ୍ମ ନିବାରଣ ହୋଇଅଛି ଓ କୃଷିକାରମାନେ ଚାଷକର୍ମରେ ନିଯୁକ୍ତ ଓ ଧାନ ଚାଉଳ କିଛି ସୁଲଭମୂଲ୍ୟରେ ପ୍ରାପ୍ତ ହେଉଅଛି ପ୍ରାୟ କଟକ ଜିଲ୍ଲାର ସମସ୍ତ ପ୍ରଗନ୍ନାମାନଙ୍କରେ ଏହିପରି ବୃଷ୍ଟି ହେଉଥିବାର ଶୁଣାଯାଏ ଏଠାରେ ବର୍ତ୍ତମାନ ଟଙ୍କାକୁ ମୋଟଚାଉଳ ସେ ୧୪ ଓ ସରୁ ୧୦ ସେର ହିସାବ ପ୍ରାପ୍ତ ହେଉଅଛି ଓ କୌଣସି ପ୍ରକାର ରୋଗର ପ୍ରାଦୁର୍ଭାବ ନାହିଁ କେବଳ ଚକ୍ଷୁଉଠା ବ୍ୟାଧି ସକଳ ସ୍ଥାନରେ ବ୍ୟାପିଅଛି । କି । କଣ୍ଠାଙ୍ଗର ଇଲାକା ଏକ ଗ୍ରାମରେ ଏକ ପାଣର ଦୁଇ ସ୍ତ୍ରୀ ଅଛନ୍ତି ପାଣମଣ୍ଡଳୀର ଅନ୍ୟ କୌଣସି ସ୍ତ୍ରୀଲୋକକୁ ଧରି ନେଇ ଯିବା ସକାଶେ ପ୍ରଥମ ସ୍ତ୍ରୀ ନିକଟରୁ ବିଦାୟ ହୋଇ ଯିବାରେ ଦ୍ୱିତୀୟ ସ୍ତ୍ରୀର ପ୍ରଥମ ସ୍ତ୍ରୀ ଉପରେ ବିଶେଷ ରାଗ ଜନ୍ମ ହେଲା ଓ ମଧ୍ୟ ତାକୁ କୌଣସି ସମୟେ ମାରିବାର ଅଭିପ୍ରାୟ ପ୍ରକାଶ କରିଥିଲା ସେଦିନ ଉକ୍ତ ବଡ଼ସ୍ତ୍ରୀ ନିଦ୍ରିତ ଅବସ୍ଥାରେ ଥିବା ସମୟେ ଛୋଟସ୍ତ୍ରୀ ଏକଖଣ୍ଡା

Digitized by srujanika@gmail.com

କଟୁରିଦ୍ୱାରା [ ଅର୍ଥାତ୍ ସେ କଟୁରି ତୀକ୍ଷ୍ଣ ନ ଥିଲା ] ତାହା ବେକ ଓ ମୁଣ୍ଡରେ ଆଘାତ କରିବାରୁ ତାହାର ନିଦ୍ରା ଭଙ୍ଗ ହେଲା ଓ ସେ ପଡ଼ୋଶମାନଙ୍କୁ ଡାକ ପକାଇବାରୁ ଆଘାତକାରୀ ସ୍ତ୍ରୀ ଏକଖଣ୍ଡ ଅଗ୍ନି ତାହା ମୁହଁରେ ପୂରାଇ ଦେବାରୁ ତାହା ମୁହଁ ପୋଡ଼ି ଯାଇଅଛି ପ୍ରାୟ ଦଶ ବାର ଜାଗା କଟୁରି ଆଘାତର ଚିହ୍ନ ଅଛି, ପଡ଼ୋଶମାନେ ଉପସ୍ଥିତ ହେବାରୁ ତାହାର ପ୍ରାଣରକ୍ଷା ହେଲା ଉକ୍ତ ଦୁଇ ସ୍ତ୍ରୀଙ୍କର ଦେବପୁର ସେ ଗ୍ରାମର ଚଉକିଦାର ଥିବା ହେତୁ ସେ ଏ ମକଦ୍ଦମାକୁ ଗୋପନ କରିବାର ଚେଷ୍ଟା କରିଥିଲା ପରେ ପ୍ରକାଶ ହେବାରୁ ପୁଲିସଦ୍ୱାରା ଆସାମୀ ଚାଲାଣ ହୋଇଅଛି ବିଚାର ଶେଷ ହେଲାରୁ ତହିଁର ଫଳ ଜଣାଇବୁ । କରୁଆଁ ପ୍ରଗନାରେ ଏକ ବ୍ୟକ୍ତି ଆପଣାର ଖୁଡ଼ୀ ସଙ୍ଗେ ପାପପ୍ରଣୟ କରିଥିଲା ତଦ୍ଦ୍ୱାରା ପାପଗର୍ଭ ହେବାରୁ ପୁରୁଷ ଲଜ୍ଜା ଭୟରେ ଏକଦିନ ସନ୍ଧ୍ୟା ସମୟରେ ଖୁଡ଼ୀକୁ ଗ୍ରାମନିକଟସ୍ଥ ଏକ ବଣ ଜାଗାକୁ ଡାକି ନେଇ ଏକ କଟୁରିଦ୍ୱାରା ଉକ୍ତ ସ୍ତ୍ରୀକୁ ଆଘାତ କରି ମାରି ପକାଇବାରୁ ପୁଲିସ ତଦାରକରେ ଆସାମୀ ଦୋଷ ସ୍ୱୀକାର କରିଥିଲା ଓ ମଧ୍ୟ ଏ ସ୍ଥାନର ଶ୍ରୀଯୁକ୍ତ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ସମ୍ମୁଖେ ସରଜମିନରେ ଅପରାଧ ସ୍ୱୀକାର କରିଥିଲା ପରଶେଷରେ ଦୋଷ ଅସ୍ୱୀକାର କରି ପୁଲିସ ଭୟରେ ପୂର୍ବେ ମିଥ୍ୟାରେ ଦୋଷ ସ୍ୱୀକାର କରିଥିବାର କହିଲା ଯାହା ହେଉ ଶ୍ରୀଯୁକ୍ତ ଜଏଣ୍ଟ ମାଜିଷ୍ଟ୍ରେଟ ସାହେବ ତାକୁ ଦୌରାସୁପର୍ଦ କଲେ ମାତ୍ର ସେଠା ବିଚାରରେ ସେ ଖଲାସ ହେଲା ।

ମହାଶୟ ! ଯାଜପୁର ସବଡିଭିଜନସ୍ଥ ନିବାସିମାନେ ଯେପରି ଦୁଷ୍ଟ ତାହା କାହାରିକୁ ଅବିଦିତ ନାହିଁ ଲଗାଏକମେ ଏଠାକୁ ଉପଯୁକ୍ତ ହାକିମମାନେ ଆସି ସବଡିଭିଜନ କର ଗ୍ରହଣ କରୁଥିବାରୁ ସେମାନଙ୍କ ଦୁଷ୍ଟାମି ସଫଳ ନ ହୋଇ ବରଂ ଦମନ ହୋଇଥାଏ ବର୍ତ୍ତମାନ ଆମ୍ଭମାନଙ୍କ ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫେସର ସାହେବଙ୍କ ସୁବିଚାରଦ୍ୱାରା ଲୋକମାନଙ୍କ ଅତ୍ୟାଚାର ଅଧିକାଂଶ ନିବାରଣ ହୋଇଅଛି । ବର୍ତ୍ତମାନ ଏ ସବଡିଭିଜନରେ ଅଠର ହଜାରରୁ ଊର୍ଦ୍ଧ୍ୱ ଦାଖଲଖାରିଜ ମକଦ୍ଦମା ଦାଏର ଅଛି ଓ ମଧ୍ୟ ଏହିଠାରେ ମକଦ୍ଦମାମାନ ବିଚାର ହୋଇ ନିଷ୍ପତ୍ତି ହେଉଥିବାରୁ ଲୋକମାନଙ୍କର ମକଦ୍ଦମା ଚଳାଇବା ପକ୍ଷେ କିଛିମାତ୍ର କଷ୍ଟ ହେଉ ନାହିଁ ମାତ୍ର ଉକ୍ତ ମକଦ୍ଦମାମାନ କଟକ ସଦରଅଫିସକୁ ଉଠି ଯାଇ ସେଠାରେ ବିଚାର ହେବାର ଜନରବ ହୋଇଥିବାରୁ ଲୋକମାନେ ବିଶେଷ କାତର ଅଛନ୍ତି ବିଶେଷତଃ ବର୍ତ୍ତମାନ ଗିରସ୍ତୀ ଅବସ୍ଥାରେ ମକଦ୍ଦମା ଚଳାଇବା ସକାଶେ ସେମାନେ ସାକ୍ଷିମାନଙ୍କ ସହିତ କଟକ ମୋକାମରେ ହାଜର ରହିବା ବିଶେଷ କଷ୍ଟକର ହେବ ।

ଏଠା ପୋଷ୍ଟଅଫିସର ଜଣେ ରୁରଲ ମେସେଞ୍ଜର ଗତ ମାସ ତା ୯ ରିଖରେ ଫାଶିଦ୍ୱାରା ଆତ୍ମହତ୍ୟା କରିଅଛି କିନ୍ତୁ ତହିଁର କାରଣ କିଛି ଜଣାଯାଉ ନାହିଁ ।

---

# ସାପ୍ତାହିକସଂବାଦ ।

ଏଠାଲେକଲଫଣ୍ଡ କିରାନି ବାବୁ ମଧୁସୂଦନ ମିଶ୍ର କର୍ମରୁ ବରଖାସ୍ତ ହେବାର ଶୁଣି ବଡ଼ ଦୁଃଖିତ ହେଲୁଁ । ମିଉନିସିପାଲଟି ଟଙ୍କା ଗୋଲମାଲ ବା ଅପବ୍ୟୟ କରିବା ଅପରାଧରେ ଏଦଣ୍ଡ ହୋଇଅଛି । ମିଶ୍ରଜୀ ଜଗତସିଂହପୁର ସିରସ୍ତାଦାର ଥିବାସମୟରେ ତାହାଙ୍କ ନାମରେ ଗୋଲମାଲ ଉଠିଥିଲା ତହିଁରୁ ରକ୍ଷାପାଇ ପୁନର୍ବାର ଯେବେ ଈଶ୍ୱରଙ୍କ ଅନୁଗ୍ରହରୁ ଭଲ କର୍ମଟିଏ ପାଇଲେ କିନ୍ତୁ ତାହା ରଖି ପାରିଲେ ନାହିଁ । ନବିସିନ୍ଦାଙ୍କପ୍ରତି ଏହାଠାରୁ କଳଙ୍କ ନାହିଁ ତଥାଚ ଲୋକେ ସାବଧାନ ହେଉ ନାହାନ୍ତି ବଡ଼ ଦୁଃଖର ବିଷୟ ଅଟଇ ।

ଏଠା ଗଞ୍ଜାମ୍ର ବାବୁ କାନ୍ତିଚନ୍ଦ୍ର ଗୁପ୍ତ ଚୌଧୁରୀ ପୁରୀକୁ ସବଡେପୋଟି ହୋଇ ଯାଉ ଅଛନ୍ତି । ଏଥିପୂର୍ବେ ଏ ମହାଶୟ ସର୍କଲ ଅଫିସର୍ ହୋଇ ଥିଲେ ଶ୍ରୀମ୍ୟକୁ ରେବନଶା ସାହେବ ନାହାନ୍ତି ନୋହିଲେ ଓଡ଼ିଆ୨ବୋଲି କେତେ ଡାକ ଛାଡ଼ିଥାନ୍ତେ । ବୋଧହୁଅଇ ତାହାଙ୍କ ସଙ୍ଗେ୨ କଙ୍କ୍ଷାଓଡ଼ିଆଙ୍କ ଆଦର ଗଲା ।

ଶୁଣାଯାଏ ଯେ ପୁରୀର ସବଡେପୁଟି କୁମୁଦନାଥ ବାବୁ ଏଠାକୁ ଡେପୁଟି ହୋଇ ଆସୁଅଛନ୍ତି ଏବଂ ଏଠା ଡେପୁଟି କଲେକ୍ଟର ବାବୁ ଶ୍ରୀନାଥଭଦ୍ର କୋଷ୍ଟକେନାଲ ସକାଶେ ପ୍ରୟୋଜନ ଥିବା ଜମି ନେବା ସକାଶେ ବାଲେଶ୍ୱର ଜିଲ୍ଲାକୁ ଯାଉ ଅଛନ୍ତି ।

ବାବୁ ଗଣେଶ ପ୍ରସାଦ ସିଂହ ବାବୁ କାର୍ତ୍ତିକଚନ୍ଦ୍ର ଗୁପ୍ତ ଚୌଧୁରୀଙ୍କ ପରିବର୍ତ୍ତରେ ଏଜିଲାର ଜଣେ ସରକଲ ଅଫିସର ହୋଇ ଅଛନ୍ତି । ଏହାଙ୍କର ଉନ୍ନତି କିଞ୍ଚିତ୍ ବିଳମ୍ବରେ ହେଲା ।

ଏ ନଗରରେ ପୂର୍ବପ୍ରାୟ ଦୁଇ ଏକଦିନ ଛଡ଼ାରେ ବୃଷ୍ଟି ହେଉଅଛି କିନ୍ତୁ ଜଳକଷ୍ଟ ଯାଇ ନାହିଁ କି ଗ୍ରୀଷ୍ମ ଉଷ୍ଣା ପଡ଼ି ନାହିଁ ଓ ଠାବ୨ ରେ ଓଲାଉଠା ରୋଗ ଲାଗି ରହିଅଛି ।

ଶ୍ରୀଯୁକ୍ତ ବିଡନ୍ ସାହେବ କଲେକ୍ଟର ଗତ ଗୁରୁବାର ଶ୍ରୀଯୁକ୍ତ ହାଣ୍ଡଲୀ ସାହେବଙ୍କୁ ଚାର୍ଯ୍ୟ ଦେଇ ଏକମାସ ବିଦାୟଗ୍ରହଣ କଲେ ।

ଯେଉଁ ପଣ୍ଡିମାନଙ୍କ ନାମରେ ଯୁଆଚୋରିର ଅଭିଯୋଗ ହୋଇ ପୁଲିସ ତଦାରକର କଥା ଆମ୍ଭେମାନେ ଏଥି ପୂର୍ବେ ଲେଖିଲୁଁ ସେ ଆପଣାକୁ ସେରସିଂହର ନାତି ବୋଲି ପରିଚୟ ଦେଉଅଛି ଓ ତାହାର ହୁଲିଆ ଜାରି ହୋଇଅଛି ।

ମହୀସୁରର ମହାରାଜାଙ୍କ ବିବାହରେ ଦୁଇଲକ୍ଷଟଙ୍କା ବ୍ୟୟ ହେବ । ଏହାଙ୍କର ମୃତପିତାଙ୍କ ବିବାହବେଳେ ୭୨ ଲକ୍ଷଟଙ୍କା ବ୍ୟୟ ହୋଇଥିବାର କଥିତ ହୁଅଇ । ବର୍ତ୍ତମାନ ବିବାହରେ ବ୍ୟୟ ଊଣା ହେଲା କିନ୍ତୁ ମହାରାଜା ବଡ଼କନ୍ୟାଟିଏ ପାଇଅଛନ୍ତି କାରଣ କଥିତ ହୁଅଇ ଯେ ବରଠାରୁ କନ୍ୟାର ବୟସ ଅଧିକ ଅଟେ ।

ପଶ୍ଚିମାଞ୍ଚଳରେ ଦୁର୍ଭିକ୍ଷର ଭୟ ଅବଧି ରହିଅଛି । ଝାନ୍ସି ଏବଂ ଲଳିତପୁର ଜିଲାର ପ୍ରଜାମାନଙ୍କୁ ତଗାବି ଦାଦନ ଦେବାକାରଣ ଗବର୍ଣ୍ଣମେଣ୍ଟ ଦଶହଜାର ଟଙ୍କା ମଞ୍ଜୁର କରିଅଛନ୍ତି ।

ହୁଗୁଲି ଜିଲାର କ୍ଷୁଦ୍ର୨ ନଦୀ ଓ ଖାଲ ସମସ୍ତ ଭଲକରି ଖୋଲାଇଦେଇ ଜଳର ସୁବିଧା କରିବା କାରଣ ସେଠାର ମାଜିଷ୍ଟ୍ରେଟ ପିଲୁସାହେବ ଜମିଦାରଙ୍କର ଗୋଟିଏ ସଭା କରିଥିଲେ । ସେ ସଭାରେ ସାତହଜାର ଟଙ୍କା ଚେନ୍ଦା ସଂଗୃହୀତ ହୋଇଅଛି । ଗବର୍ଣ୍ଣମେଣ୍ଟ ଏ କାର୍ଯ୍ୟ ସକାଶେ କୋଡ଼ିଏହଜାର ଟଙ୍କା ଦେବାକୁ ମଞ୍ଜୁର କରିଅଛନ୍ତି ।

ସୁଲଭସମାଚାରରୁ ଅବଗତ ହେଲୁଁ ଯେ ଲିବରପୁଲରେ ଏକ ସାମାନ୍ୟ ବ୍ୟକ୍ତି କୌଣସି ବିଷୟରେ ବାଜି ଜିଣି ଏମନ୍ତ ଆନନ୍ଦିତ ହୋଇଥିଲା ଯେ ହଠାତ୍ ତାହାର ପ୍ରାଣ ବାହାରିଗଲା ।

ରୁଷମାନଙ୍କ ଅବସ୍ଥା ଦିନଦିନରୁ ମନ୍ଦ ହୋଇଅଛି । ରୋମାନୀୟ ସେନାଙ୍କ ସାହାଯ୍ୟରେ ସେମାନେ ପ୍ଲେବନା ଯୁଦ୍ଧରେ ଜୟଲାଭ କଲେ ଏବଂ ବୁଲଗେରିଆ ଦଖଲ କଲେ ସମ୍ପ୍ରତି ସେହି ରୋମାନୀୟଙ୍କ ରାଜ୍ୟ ଦଖଲକରି ନେବାକୁ ବସିଅଛନ୍ତି । ଏଥିରେ ରୋମାନୀୟମାନେ ବିରକ୍ତ ହୋଇ ଅଷ୍ଟ୍ରେଲିଆ ସଙ୍ଗେ ମିଶିବାର ଚେଷ୍ଟା କରୁଅଛନ୍ତି । ଆଉ ଏକ ସଂବାଦରୁ ଜଣାଯାଏ

Digitized by srujanika@gmail.com

ଯେ ଜର୍ମାନୀୟମାନେ ଇଂଲଣ୍ଡ ସହିତ ମିଶି ଯୁଦ୍ଧ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି । ଏର୍ଜିରେମରେ କୋଡିଏ ହଜାର ରୁଷୀୟସେନା ଜ୍ୱରରୋଗରେ ମଗ୍ନ ପଡ଼ିଅଛନ୍ତି ।

ବରୋଦା ରାଜ୍ୟର ଭୂମିକର ଏଥିପୂର୍ବେ ୮୦ ଲକ୍ଷଟଙ୍କା ଥିଲା ସର୍ ମାଧୋରାଓ ଦେୱାନ ହୋଇ ୯୦ ଲକ୍ଷଟଙ୍କା ବନ୍ଦୋବସ୍ତ କରିଅଛନ୍ତି । ଏହାଙ୍କର ପ୍ରସ୍ତୁତ ପ୍ରଥମ ବାର୍ଷିକବିଜ୍ଞାପନୀରୁ ଜଣାଯାଏ ଯେ ଉକ୍ତ ରାଜ୍ୟର ସର୍ବପ୍ରକାର ଆୟ ଏକକୋଟି ପଚାଶଲକ୍ଷ ଟଙ୍କା ଓ ବ୍ୟୟ ମଧ୍ୟ ଏକକୋଟି ଏକଲକ୍ଷ ଟଙ୍କା ଅଟଇ ସୁତରାଂ ପ୍ରତିବର୍ଷ ୪୯ ଲକ୍ଷଟଙ୍କା ଜମା ରହିବାର ବ୍ୟବସ୍ଥା ହୋଇଅଛି । ଏହାଛଡ଼ା ପ୍ରାୟ ଚାରିକୋଟି ଟଙ୍କାର ପ୍ରମିସୋରିନୋଟ ରାଜାଙ୍କ ଭଣ୍ଡାରରେ ରହିଅଛି । ସର୍ ମାଧୋରାଓଙ୍କ ଶାସନକାର୍ଯ୍ୟ ସର୍ବସାଧାରଣଙ୍କ ମତରେ ଭାରି ସନ୍ତୋଷଜନକ ହୋଇ ଅଛି ।

ସୁରତରେ ଯେଉଁମାନେ ଲାଇସେନ୍ସଟାକ୍ସ ବିଷୟରେ ମେଳି ବାନ୍ଧି ଅତ୍ୟାଚାରମାନ କରିଥିଲେ ସେମାନଙ୍କର ବହୁତଦଣ୍ଡ ହୋଇ ଯାଇଅଛି ସମ୍ପ୍ରତି ଦୁଇଜଣ ସଂବାଦପତ୍ରର ସମ୍ପାଦକ ଏବଂ ଏକଜଣ ଓକିଲ ଉକ୍ତ ମେଳରେ ଲିପ୍ତଥିବା ଦୋଷରେ ଧରା ଯାଇ ବିଚାରାଧୀନରେ ଆସିଅଛନ୍ତି । ଏମାନଙ୍କର ନିଜର ବ୍ୟବସାୟ ନ ଥିଲା କି ଲୋକଙ୍କୁ ମତାଇବାକୁ ଅବକାଶ ପାଇଲେ ?

ହିନ୍ଦୁପେଟ୍ରିଅଟଙ୍କୁ କର୍ମାଟାରରୁ ଏକବ୍ୟକ୍ତି ଲେଖିଅଛନ୍ତି କି ସେଠାରେ ଏକଦିନ ଭାରି ଶିଳାବୃଷ୍ଟି ହୋଇଥିଲା । ଗୋଟାଏ୨ ବରକା ବେଲ ଓ ତାଲପ୍ରାୟ ଥିଲା । ଏସବୁ ଆଘାତରେ କେତେ ପଶୁ ତତ୍କ୍ଷଣାତ୍ ପ୍ରାଣତ୍ୟାଗ କଲେ ଓ କେତେ ମନୁଷ୍ୟ ମଧ୍ୟ ଭାରି ପୀଡ଼ା ପାଇଅଛନ୍ତି ।

ଆମେରିକାରେ ଆଉ ଗୋଟିଏ ନୂତନ ଯନ୍ତ୍ର ନିର୍ମାଣ ହୋଇଅଛି । ରେଲଗାଡ଼ି ଉପରେ ଏହାକୁ ରଖି କଳ ମୋଡ଼ି ଦେଲେ ଅବଶ୍ୟକମତେ ଏ ଯନ୍ତ୍ର ଅତ୍ୟନ୍ତ ଉଚ୍ଚସ୍ୱରରେ କହିବ କି 'ଅମ୍ଭେ ଅମୁକ ସ୍ଥଳ ଅଟୁଁ ଓ ଅମୁକ ସ୍ଥାନରେ ଲାଗିବୁଁ' । ଏହାର ଶବ୍ଦ ଅନେକ ମାଇଲ ବାଟ ପର୍ଯ୍ୟନ୍ତ ଶୁଣାଯାଏ ।

ଫରାସିମାନେ ପରୀକ୍ଷା କରି ଦେଖିଅଛନ୍ତି ଯେ ଛଅ ମାଇଲ ବାଟ ପର୍ଯ୍ୟନ୍ତ ଟେଲିଫୋନ ଯନ୍ତ୍ରଦ୍ୱାରା ସ୍ପଷ୍ଟରୂପେ କଥା ବୁଝାଯାଏ । ତହିଁ ଉତ୍ତାରୁ ଏହାର ବଳ ଊଣା ହୁଅଇ ।

ଚୀନବାସିମାନେ ବାସଗାର ରାଜ୍ୟରେ ସମ୍ପୂର୍ଣ୍ଣ ରୂପେ ଜୟଲାଭ କରିଥିବାର ଘୋଷଣାପତ୍ର ସେଠା ଗଜେଟରେ ବାହାର ଅଛି । ସୁତରାଂ ଗତ ଫେବୃଏରୀ ମାସରେ ଏ ବିଷୟରେ ଯାହା ଏଠାରେ ଶୁଣା ଯାଇଥିଲା ତାହା ନିଶ୍ଚୟ ହେଲା ।

ହୁଗ୍ଲିନଦୀ ଉପରେ କଲିକତାରୁ ୩୬ ମାଇଲ ଅନ୍ତରେ ଫଲତା ନାମରେ ଏକସ୍ଥାନ ଅଛି ସେଠାରେ ବରାବର ତୋପ ବସାଇ ରଖିବାର ବନ୍ଦୋବସ୍ତ ହେଉଅଛି ।

ଆମ୍ଭେମାନେ ଦୁଃଖର ସହିତ ଶୁଣିଲୁଁ ଯେ ବଙ୍ଗଲାର ଶିକ୍ଷାବିଭାଗର ଡିରେକ୍ଟର ଇଂଲଣ୍ଡରେ ଅତ୍ୟନ୍ତ ପୀଡ଼ିତ ହୋଇ ସମ୍ପୂର୍ଣ୍ଣରୂପେ ଅନ୍ଧ ହୋଇଅଛନ୍ତି । ଆଉ ଭାରତବର୍ଷକୁ ସେ ଆସିବେ ନାହିଁ ।

ବୋର୍ଡର ମେମ୍ବର ମଲ୍ଲସାହେବ ଗତ ମାସ ଶେଷରୁ କର୍ମ ତ୍ୟାଗ କରି ପେନସନ ନେଲେ ଓ ଡାମ୍ପୀୟର ସାହେବ ମଧ୍ୟ ଛୁଟୀ ନେଇ ବିଲାତକୁ ଗଲେ ।

ପଞ୍ଜାବର ପ୍ରଧାନ କୋର୍ଟରେ ଏକ ନୂତନପ୍ରକାର ଅପିଲ ହୋଇଅଛି । ଏକ ବ୍ୟକ୍ତି ଆପଣାର ସ୍ତ୍ରୀକୁ ଭ୍ରଷ୍ଟା ହେବାର ଦେଖି ଦୁଇଥର ଆତ୍ମହତ୍ୟା କରିବାକୁ ଚେଷ୍ଟା କଲା ତହିଁରେ ସଫଳ ନ ହେବାରୁ ଫାଶୀ ପାଇବା ଆଶାରେ ଆପଣା ସ୍ତ୍ରୀକୁ ହତ୍ୟା କଲା ମାତ୍ର ଜଜ ସାହେବ ଦୌରା ବିଚାରରେ ତାହାର ଯାବଜ୍ଜୀବନ କାରାବାସ ଦଣ୍ଡ ବିଧାନ କଲେ । ଅତଏବ ସେ ଫାଶୀ ପାଇବା ସକାଶେ ଅପିଲ କରିଅଛି ।

ବାବୁ କାଳୀକୃଷ୍ଣ ଠାକୁର ବଙ୍ଗଲାର ବିଜ୍ଞାନସଭାର ବ୍ୟବହାର୍ଯ୍ୟ ଯନ୍ତ୍ରାଦି କ୍ରୟ ସକାଶେ ପଚାଶ ହଜାର ଟଙ୍କା ଦାନ କରିଅଛନ୍ତି ଏବଂ ସେ ସମସ୍ତର ରକ୍ଷଣାବେକ୍ଷଣ ସକାଶେ ବାର୍ଷିକ ୫୦୦୧ ଟଙ୍କା ଦେବାକୁ ଅଙ୍ଗୀକାର କରିଅଛନ୍ତି ବିଜ୍ଞାନସଭାର ଗୋଟିଏ ଭାରି ଅଭାବ ଏହାଦ୍ୱାରା ମୋଚନ ହେଲା । ଧନ୍ୟ ଏହାଙ୍କର ଗୁଣ !

ବ୍ରହ୍ମାର ରାଜା ବୁଧଗୟାଠାରେ ମନ୍ଦିର ଓ ଧର୍ମଶାଳା ନିର୍ମାଣ ସକାଶେ ଚାରିଲକ୍ଷ ଟଙ୍କା ବ୍ୟୟ କରିବାକୁ ମନସ୍ଥ କରିଅଛନ୍ତି ଓ ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଅଛି । ବ୍ରହ୍ମାର ନାନାସ୍ଥାନରୁ ମାଲମସଲାମାନ ସଂଗୃହୀତ ହେଉଅଛି । ବ୍ରହ୍ମଦେଶର ରାଜା ବୌଦ୍ଧମତାବଲମ୍ବୀ ସୁତରାଂ ବୁଦ୍ଧଦେବଙ୍କ ଉଦ୍ଦେଶରେ ଏ କୀର୍ତ୍ତି ସ୍ଥାପନ କରୁଅଛନ୍ତି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

କାର୍ତ୍ତମାନଙ୍କ ବୈଷୟିକ ନିବେଦନ ଏହି ଯେ ଅସ୍ମଦ୍ ପ୍ରଭୁ ଶ୍ରୀଯୁକ୍ତ ମହାରାଜ ସ୍ୱଚଲଦେବ ବାମଣ୍ଡାଧିପତି ବହୁତଗୁଡ଼ିଏ ହସ୍ତୀ ହସ୍ତଗତ ଓ ଏମାନଙ୍କୁ ଉତ୍ତମ ଶିକ୍ଷା ବିତରଣ କରି ଏଥିମଧ୍ୟରୁ କେତେକ ହସ୍ତୀ ଅର୍ଥାତ୍ ଘ ୧୦।୧୨ ର ବିକ୍ରୟ କରିବାର ମନସ୍ଥ କରିଅଛନ୍ତି । ଏହା ଆମ୍ଭେ ଜାଣି ଆପଣଙ୍କୁ ପ୍ରାର୍ଥନା କରୁଁ କି ଯେବେ ଏ ବୃତ୍ତାନ୍ତକୁ ଆପଣ ଅଭ୍ୟନୁକମ୍ପା ପ୍ରଦାନ ପୂର୍ବକ ସ୍ୱୀୟ ସାପ୍ତାହିକ ବିଜ୍ଞାପନୀପତ୍ରିକାର ଏକପ୍ରଦେଶରେ ସ୍ଥାନ ଦାନ କରନ୍ତି ତେବେ ବାଧିତ ହେବୁଁ ଅପର ଯଦି କୌଣସି ମହାତ୍ମାଙ୍କର କ୍ରୟ କରିବାର ମାନସ ହୁଏ ତେବେ ଏଠାକୁ ମନୁଷ୍ୟ ପଠାଇଲେ ହସ୍ତୀମାନଙ୍କ ଦର୍ଶନାନନ୍ତର ମୂଲ୍ୟ ଜାଣି ପାରିବେ ମଧ୍ୟ ବୋଧହୁଏ ଯେ ସୌଦାଗରମାନଙ୍କ ଦାମ ଅପେକ୍ଷାରୁ କିଛି ମୂଲ୍ୟର ନ୍ୟୂନତା ହୋଇ ପାରେ ଇତି ।

ନିବେଦନ
୫।୬।୭୮ ବଳରାମ ବିଦ୍ୟାରତ୍ନ
ବାମଣ୍ଡାରାଜଧାନୀ ପଣ୍ଡିତ ।

## ବିଜ୍ଞାପନ ।

ଇସ୍ତାହାରନାମା କଟକ କଲେକ୍ଟରୀ କଟକ ।

ଖୋରଧା କିଲ୍ଲାର ବନ୍ଦୋବସ୍ତକର୍ତ୍ତା ଡିପୋଟୀ କଲେକ୍ଟର ଶ୍ରୀଯୁତ ଜୀ ଟେଲର ସାହେବ ସୁଜସଲ ନାମକ ସରକାରୀ ହାତୀକୁ ନିଲାମ ନିମନ୍ତେ ଏଠାକୁ ପଠାଇଅଛନ୍ତି ସେ ହାତୀ ସୁନ୍ଦର ଟସକର ଅଟେ ସଂପୂର୍ଣ୍ଣ ଜଓ୍ୱାନ ଓ ଫିଟ ଅଛି ଓ କିଛି ବେଖମି ନାହିଁ କେବଳ ପଛ ବାମଗୋଡ଼ ଅନ୍ୟ ଡାହାଣଗୋଡ଼ ଅପେକ୍ଷା କିଛି ଛୋଟ ଅଟେ ଅତଏବ ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ଆଗାମୀ ଜୁନମାସ ତା ୩ ରିଖ ଧରମୋବାର ଦିବା ୧ ଘଣ୍ଟା ସମୟରେ ଏ କଚେରୀରେ ଉକ୍ତ ହାତୀ ନିଲାମ କରି ଦିଆ ଯିବ ଯେ କେହି ଖରିଦ କରିବାର ଇଚ୍ଛା ରଖିଥିବେ ନିରୂପିତ ତାରିଖରେ ଏ କଚେରୀରେ ହାଜର ହୋଇ ଡାକ କରିବେ ଓ ସର୍ବୋଚ୍ଚ ଡାକକ ବ୍ୟକ୍ତିକୁ ତାହା ବିକ୍ରି କରାଯିବ ତା ୨୯ ରିଖ ମାହେ ମଇ ସନ ୧୮୭୮ ମସିହା ।

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ରାମଗୋବିନ୍ଦ ଜଗଦେବ | କେନ୍ଦ୍ରାପଡ଼ା ବଙ୍କସ୍ଥ | | ଟ ୬।୯/ |
| " ସୁଦର୍ଶନ ଦାସ | କଟକ | " | ଟ ୬।୯ |
| " ଗୋବିନ୍ଦବନ୍ଧୁ ରାମ୍ବ କାଜିପୁର ଥଣ୍ଡିମ | | " | ଟ ୪।୯ |
| " ହରେକୃଷ୍ଣ ଦାସ | କଟକ | " | ଟ ୭।୯/ |
| ଶ୍ରୀମାଧବଦାସ | ଉଦ୍ଧାରପଟଣ ବଙ୍କସ୍ଥ | | ଟ ୮।୯ |
| ଶ୍ରୀଶ୍ରୀ ରଜା କଟକ ନଦ୍ୟାଗଡ଼ | | " | ଟ ୬।୯ |

ଏହି ଉତ୍କଳ ଦୀପିକା ସହରର କଟକ ଦରଗାବଜାର ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ଶ | ସ ୨୩ ଖ୍ୟା

ତା ୮ ରଖ ମାହେ ଜୁନ ସନ ୧୮୭୮ ମସିହା । ମୂ । ଜ୍ୟେଷ୍ଠ ବ ୨୮ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଁଇ ଡାକମାସୁଲ ଟ୧୳୵

ଗବର୍ଣ୍ଣମେଣ୍ଟଇଣ୍ଡିଆ ବର୍ତ୍ତମାନ ଅଡେଇ କୋଟି ଟଙ୍କା ଋଣ କରିବାକାରଣ ବିଜ୍ଞାପନ ଦେଇ ଅଛନ୍ତି । ଏଥିର ସୁଧ ବାର୍ଷିକ ଶତକଡ଼ା ସାଢେଚାରିଟଙ୍କା ଧାର୍ଯ୍ୟ ହୋଇ ଅଛି । ଏ ସୁଧ ଛଅମାସ ଅନ୍ତର ଅର୍ଥାତ୍ ମାର୍ଚ୍ଚ ଓ ସେପ୍ଟେମ୍ବର ମାସ ତା ୧୫ ରିଖରେ ଦିଆ ଯାଉଥିବ ଏବଂ ସନ ୧୮୯୩ ସାଲ ସେପ୍ଟେମ୍ବର ମାସ ତା ୧୫ ରିଖ ପୂର୍ବେ ଏ ଋଣ ପରିଶୋଧ ହେବ ନାହିଁ । ଗତବର୍ଷ ପରି ଏ ଋଣର ପ୍ରମିସରି ନୋଟ ନ୍ୟୂନ ସଂଖ୍ୟା ଏକଶତ ଟଙ୍କା ଅର୍ଥାତ୍ ଏକଶତ ଟଙ୍କାରୁ ଊଣା ଟଙ୍କାର ଋଣ କାହାରିଠାରୁ ଗୃହୀତ ହେବନାହିଁ । ଯେଉଁମାନେ ଋଣ ଦେଇ କମ୍ପାନି କାଗଜ କରିବାକୁ ଇଚ୍ଛା କରନ୍ତି ସେମାନଙ୍କ ପ୍ରାର୍ଥନାପତ୍ର ଚଳିତମାସ ତା ୨୪ ରିଖ ପର୍ଯ୍ୟନ୍ତ ଗୃହୀତ ହେବ ଓ ପ୍ରାର୍ଥନା କାରିମାନେ ତାହା କଲିକତା ଟ୍ରେଜରି ବିଲଡିଂ କଣ୍ଟ୍ରୋଲର ଜେନରଲଙ୍କ ନିକଟକୁ ପଠାଇବେ ।

---

ଲଣ୍ଡନନଗରରୁ ଆସିଥିବା ଚଳିତମାସ ତା ୩ ରିଖର ତାରସମ୍ବାଦରୁ ଜଣାଯାଏ ଯେ ଚଳିତ ମାସ ତା ୧୩ ରିଖରେ କନଗ୍ରେସ ସଭା ବର୍ଲିନ ନଗରଠାରେ ବସିବ ଓ ସେଠାରେ ତୁରସ୍କ ସମ୍ବନ୍ଧ ସମ୍ବନ୍ଧେ ଇଂଲଣ୍ଡ ଓ ରୁସୀୟା ମଧ୍ୟରେ ଯେ ସମସ୍ତ ମତାନ୍ତର ଘଟିଅଛି ତାହା ମୀମାଂସା ହେବ । ଇଂଲଣ୍ଡରୁ ଲର୍ଡ ବିକନ୍ସ ଫିଲ୍ଡ, ମାର୍କୁଇସ ଅବ ସାଲିସବରି ଏବଂ ବର୍ଲିନ ନଗରରେ ଥିବା ଇଂଲଣ୍ଡର ରାଜଦୂତ ଇଂଲଣ୍ଡ ପକ୍ଷରୁ ଉକ୍ତ ସଭାରେ ବସିବେ । ଉଆଡଙ୍ଗ ସାହେବ ଫରାସିଦେଶର ପ୍ରତିନିଧିସ୍ୱରୂପ ସେଠାରେ ଉପସ୍ଥିତ ହେବେ । କାଉଣ୍ଟ ସୁଆବଲଫ ସେଣ୍ଟପିଟର୍ସବର୍ଗକୁ ଯାଇ ଅଛନ୍ତି ସେଠାରୁ ସତ୍ୱରେ ଆସିବେ । ଏମନ୍ତେ ଦେଖାଯାଏ ଯେ ରୁସୀୟା ଓ ଇଂଲଣ୍ଡ ମଧ୍ୟରେ ଆଉ କୌଣସି ମତଭେଦ ରହିବ ନାହିଁ ଓ ଇଂଲଣ୍ଡର ସଂବାଦପତ୍ରମାନେ ଆଶାକରନ୍ତି କି ଏଥିରେ ପୂର୍ବ ଇଉରୋପର ସମସ୍ତ କଥା ନିଷ୍ପତ୍ତି ପାଇବ ଏ ସଂବାଦ ଶୁଣି ସର୍ବସାଧାରଣ ଆନନ୍ଦିତ ହେବେ ସନ୍ଦେହ ନାହିଁ । ଯୁଦ୍ଧଦ୍ୱାରା ମାନବ-ଶୋଣିତ ଏବଂ ଅର୍ଥନଷ୍ଟ ନ କରି ଯେବେ ରାଜାମାନେ ଆପଣା ୨ ମର୍ଯ୍ୟାଦା ରକ୍ଷାକରି ପାରନ୍ତି ତେବେ ଏହାଠାରୁ ସୁଖର ବିଷୟ ଆଉ କି ଅଛି ? ।

---

ହିନ୍ଦୁପେଟ୍ରିଅଟର ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କି ମେଦିନୀପୁର ଜିଲ୍ଲାର କାନ୍ଥି ସବଡିଭିଜନ ବାଲେଶ୍ୱର ସଙ୍ଗରେ ମିଶିବାର ପ୍ରସ୍ତାବ ହେଉଅଛି । ଏକଥା ସତ୍ୟ ହେଲେ ଭଲ ହେବ ନାହିଁ । କାରଣ ଏଥିରେ ସରକାରଙ୍କର କିଛି ଲାଭ ନାହିଁ ଅଥଚ ଲୋକଙ୍କର ଅନର୍ଥକ କ୍ଲେଶ ଓ ବ୍ୟୟ ଅଧିକ ହେବ । କାନ୍ଥି ବାଲେଶ୍ୱର ସଙ୍ଗେ ଯୋଗ ହେଲେ ବାଲେଶ୍ୱରରେ ଜଣେ ସ୍ୱତନ୍ତ୍ର ଜଜ ରହିବାର ପ୍ରୟୋଜନ ହେବ । ଅତଏବ ଉକ୍ତ ପତ୍ରପ୍ରେରକ ପ୍ରସ୍ତାବ କରନ୍ତି ଯେ କାନ୍ଥିକୁ ବାଲେଶ୍ୱର ସଙ୍ଗେ ଯୋଗ ନ କରି ବାଲେଶ୍ୱର ଜିଲାକୁ ମେଦିନୀପୁର ସଙ୍ଗେ ମିଶାଇ ଦେଲେ ଭଲ ହେବ । କାରଣ ଦୁଇଜିଲ୍ଲା ପରସ୍ପରର ନିକଟବର୍ତ୍ତୀ ଅଟଇ । ଏଥିକୁ ହିନ୍ଦୁପେଟ୍ରିଅଟ ବୋଲନ୍ତି କି ବାଲେଶ୍ୱର ଓ ମେଦିନୀପୁରର ରାଜସ୍ୱ ସଂକ୍ରାନ୍ତ ନିୟମମାନ ପୃଥକ ଥିବାରୁ ଏ ଦୁଇ ଜିଲାକୁ ଏକତ୍ର କରିବା ସୁବିଧା ହେବ ନାହିଁ । ଆମ୍ଭେମାନେ ଆଶାକରୁଁ କି ଯେ କୌଣସି ବନ୍ଦୋବସ୍ତରେ ଯେତେ ସ୍ଥାନରେ ଓଡ଼ିଆଙ୍କ ବସତି ଏବଂ ଓଡ଼ିଆଭାଷା ପ୍ରଚଳିତ ଅଛି ସେ ସମସ୍ତକୁ ଓଡ଼ିଶା ଅନ୍ତର୍ଗତ କଲେ ଓଡ଼ିଶାର ଅନେକ ଉପକାର ହେବ ।

---

ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ ପ୍ରଥମେ ଦଶ ପନ୍ଦର ଟଙ୍କିଆ ମୋହରରଙ୍କ ଦ୍ୱାରା ହେବାର କଥା ହୋଇଥିଲା ପରେ ତାହା ରହିତହୋଇ ଉକ୍ତ କାର୍ଯ୍ୟ ପଞ୍ଚାଶଠାରୁ ଶଏଟଙ୍କା ପର୍ଯ୍ୟନ୍ତ ସବଡେପୁଟିଙ୍କ ଦ୍ୱାରା ନିର୍ବାହ ହେବାର ସ୍ଥିର ହୋଇ କର୍ମଚାରୀମାନେ ନିଯୁକ୍ତ ହେଉ ଅଛନ୍ତି । ଏଥି ମଧ୍ୟରେ ପୁଣି ଶୁଣାଯାଏ ଯେ ଚବିଶପରଗନ୍ନାର ତିନିଜଣ ବହୁଦର୍ଶୀ ଡେପୋଟୀ କଲେକ୍ଟର ଅର୍ଥାତ୍ ବାବୁ ଈଶ୍ୱରଚନ୍ଦ୍ର ମିତ୍ର ଶ୍ୟାମଶଙ୍କର ସେନ ଏବଂ କାଳୀଚରଣ ଘୋଷ କମିଟୀ କରି କଲେକ୍ଟରସାହେବଙ୍କ ନିକଟକୁ ଲେଖିଅଛନ୍ତି କି କେବଳ ବହୁଦର୍ଶୀ ଡେପୁଟୀ କଲେକ୍ଟରଙ୍କ

Digitized by srujanika@gmail.com

Split by PDF Splitter



ହସ୍ତରେ ଏ ଆଇନ ଜାରୀକରିବାର ଭାର ଦେବା ଉଚିତ ସମ୍ଭବ ହୁଅଇ ଗବର୍ଣ୍ଣମେଣ୍ଟ ଏତେବେଳକୁ ଜାଣିଥିବେ ଯେ ଟାକ୍ସ ବନ୍ଦୋବସ୍ତ ଅତ୍ୟନ୍ତ କଠିନ କାର୍ଯ୍ୟ ଓ ନାନା ଅତ୍ୟାଚାରର ମୂଳ ଅଟଇ । ଏ କାର୍ଯ୍ୟ କେବଳ ଶସ୍ତାରେ କରି ନେବାପାଇଁ ସାମାନ୍ୟଲୋକ ହାତରେ ଦେବା ବଡ ଦାୟର କଥା । ଏଣୁକରି ଆଶାହୁଅଇ କି ଯେମନ୍ତ ମୋହରର ପରିବର୍ତ୍ତରେ ସବ୍‌ଡେପୁଟୀ ନିଯୁକ୍ତ କରିବାକୁ ସମ୍ମତହେଲେ ସେହିପରି ଆଉଟିକିଏ ଉଚ୍ଚକୁ ବୃଦ୍ଧିକରି ଡେପୁଟୀ ନିଯୁକ୍ତ କରିବେ । ଥରେ ବନ୍ଦୋବସ୍ତ ହୋଇଗଲେ ଆଠଟଙ୍କିଆ ସରକାର ଦ୍ୱାରା ଅନାୟାସରେ ଅସ୍ଥଳ କାର୍ଯ୍ୟ ଚଳିବ ।

---

କେଶବବାବୁ ଆପଣା କନ୍ୟାକୁ କୁଚବିହାରର ମହାରାଜାଙ୍କୁ ବିବାହ ଦେବାରେ କଲିକତାର ଯେଉଁ ବ୍ରାହ୍ମମାନେ ତାହାଁର ପ୍ରତିବାଦ କରିଥିଲେ ସେମାନେ ଏକ ସାଧାରଣ ସଭାକରି ଆଉ ଗୋଟିଏ ବ୍ରାହ୍ମସମାଜ ସ୍ଥାପନ କରି ଅଛନ୍ତି । ଏହାର ନାମ ସାଧାରଣ ବ୍ରାହ୍ମସମାଜ ହୋଇଅଛି । ଯେଉଁମାନଙ୍କର ବୟସ ବ ୧୮ ର୍ଷରୁ ଅଧିକ ଏବ ବାର୍ଷିକ ଆଠଅଣା ଚେନ୍ଦା ଦେବାକୁ ସ୍ୱୀକାର କରିବେ ସେମାନେ ଏ ସମାଜର ସଭ୍ୟ ହେବେ ଓ ମୋଫସଲ ବ୍ରାହ୍ମସମାଜ ମଧ୍ୟରୁ ଯାହାଙ୍କର ଏ ସଭା ସହିତ ସହାନୁଭୂତି ହେବ ଓ ବାର୍ଷିକ ନିରୂପିତ ଚେନ୍ଦା ଦେବେ ସେମାନେ ସାଧାରଣ ବ୍ରାହ୍ମସମାଜର ଶାଖାସ୍ୱରୂପ ଗଣ୍ୟ ହେବେ । ବାବୁ ଶିବଚନ୍ଦ୍ର ଦେବ ଏ ସମାଜର ସେକ୍ରେଟରୀ ହୋଇ ଅଛନ୍ତି । ଆଦି ବ୍ରାହ୍ମସମାଜରୁ ଉନ୍ନତ ବ୍ରାହ୍ମସମାଜ ବାହାରିଥିଲା ଏଥର ଶେଷ ଲିଖିତ ସମାଜରୁ ଆଉ ଗୋଟିଏ ସମାଜ ବାହାରିଲା । ଏପରି ତିନିପ୍ରକାର ବ୍ରାହ୍ମସମାଜ ହେଲା ଏ ଉତ୍ତାରୁ ଆଉ କୌଣସି ବ୍ରାହ୍ମସମାଜ ବାହାରିବ ନାହିଁ ଏ କଥା କିଏ ବୋଲିବ । ଫଳତଃ ଭାରତବର୍ଷର ଅବସ୍ଥା ପୂର୍ବେ ଯେପରି ଥିଲା ବର୍ତ୍ତମାନ ସେହିପରି ଅଛି ଐକ୍ୟତା ଯେ କୌଣସି କାଳରେ ଏଠାରେ ସ୍ଥାପନ ହେବ ଏ ସମସ୍ତ ଘଟନା ଦେଖି ନେତେବେଳେ ମନକୁ ଆସୁ ନାହିଁ ।

---

ଦେଶୀୟ ରାଜାଙ୍କ ସେନା ବିଷୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଏକଖଣ୍ଡ ସର୍କ୍ୟୁଲର ପଠାଇ ଅଛନ୍ତି ଏବ ଇଂଲିସମ୍ୟାନ ସଂବାଦପତ୍ରରେ ତାହାଁର ସାର ମର୍ମ୍ମ ପ୍ରକାଶ ହୋଇ ଅଛି । ଗବର୍ଣ୍ଣମେଣ୍ଟ ବୋଲନ୍ତି କି କୌଣସି ଦେଶୀୟ ରାଜା ଆପଣା ରାଜ୍ୟର ପ୍ରୟୋଜନରୁ ଅଧିକ ସେନା ରଖି ପାରିବ ନାହିଁ । ଏକାଏ ସ୍ଥାନରେ ବ୍ରିଟିସ ଅଧିକାରସ୍ଥ ଭୂମିରେ ପୁଲିସଦ୍ୱାରା ଯେ ସମସ୍ତ କାର୍ଯ୍ୟ ହୁଅଇ ଦେଶୀୟ ରାଜାଙ୍କ ରାଜ୍ୟରେ ତାହା ସିପାହିମାନେ କରନ୍ତି ଏପରି ସ୍ଥଳରେ ସୈନ୍ୟ ସଂଖ୍ୟା ଊଣା ହୋଇ ନ ପାରେ ଏବଂ କେତେ ସ୍ଥଳରେ ଏମାନଙ୍କଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଉତ୍ତମ ସାହାଯ୍ୟ ହୋଇ ଅଛି ଓ ଏମାନେ ନ ଥିଲେ ଗବର୍ଣ୍ଣମେଣ୍ଟଙ୍କୁ କେତେସ୍ଥାନରେ ଶାନ୍ତିରକ୍ଷା ସକାଶେ ପଲଟନ ରଖିବାକୁ ପଡଥାନ୍ତା ଇତ୍ୟାଦି ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଏହି ନିୟମ କରିବାକୁ ହେବ ଯେ ଦେଶୀୟ ରାଜାଙ୍କ ସେନା ସେମାନଙ୍କ ପ୍ରୟୋଜନର ଅତିରିକ୍ତ ହେବ ନାହିଁ ବିଶେଷତଃ ସୁଶିକ୍ଷିତ ଏବ ଅସ୍ତ୍ରାଦିରେ ସୁସଜ୍ଜିତ ସେନା ଦେଶୀୟ ରାଜାମାନେ ରଖି ପାରିବେ ନାହିଁ । ସେପରି ସେନା ରଖିଲେ ଦେଶୀୟ ରାଜା ଏବଂ ଇଂରାଜଙ୍କ ରାଜ୍ୟ ନିରାପଦରେ ରହିବ ନାହିଁ । ଇଉରୋପୀୟ ଲୋକଦ୍ୱାରା ତାହାଙ୍କ ସେନାଙ୍କୁ ଶିକ୍ଷା ଦିଆଯିବ ନାହିଁ ଏବଂ ତୋପଖାନାମାନ ଗବର୍ଣ୍ଣମେଣ୍ଟ କର୍ମ୍ମଚାରୀ ସର୍ବଦା ପରିଦର୍ଶନ କରିବେ । ସେଦିନ କେତେଜଣ ଦେଶୀୟରାଜା ଇଉରୋପର ଭାବି ଯୁଦ୍ଧରେ ଇଂରାଜଙ୍କ ସାହାଯ୍ୟ ସକାଶେ ସୈନ୍ୟ ଦେବାକୁ ଆପଣା ଇଚ୍ଛାରେ ପ୍ରାର୍ଥନା କରିଥିଲେ ଏବଂ ଶ୍ରୀମତୀ ଭାରତେଶ୍ୱରୀ ଏ ସଂବାଦ ଶୁଣି ଲାଟସାହେବଙ୍କ ନିକଟରେ ସନ୍ତୋଷ ପ୍ରକାଶ କରିଥିଲେ । ଆଜି ପୁଣି ତାହାଁର ବିପରୀତ ଏପ୍ରକାର ଆଜ୍ଞା ପ୍ରଚରିତ ହେବାର ଶୁଣାଗଲା ! ଏଥିରେ ଦେଶୀୟରାଜାମାନଙ୍କର ମନ ବଡ଼ ଛୋଟ ପଡିଯିବ ଓ ସେମାନେ କ୍ରମଶଃ ଯେମନ୍ତ ଇଂରାଜ ଗବର୍ଣ୍ଣମେଣ୍ଟ ପ୍ରତି ଗାଢ ସଦ୍ଭାବ ଦେଖାଉ ଅଛନ୍ତି ଓ ବିଦ୍ରୋହ ଇତ୍ୟାଦି କାଳରେ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ କରି ଯେମନ୍ତ ସୁଖ୍ୟାତି ଲାଭ କରିଅଛନ୍ତି ତଦ୍ଦୃଷ୍ଟିରେ ସେମାନଙ୍କପ୍ରତି ଏପରି ବ୍ୟବହାର କରିବା ଶୋଭନୀୟ ନୁହଇ ।

---

ଗତ ସପ୍ତାହରେ ଯେପରି ଗ୍ରୀଷ୍ମ ହୋଇଥିଲା ଏମନ୍ତ ଏବର୍ଷଯାକ କେବେ ଅନୁଭୂତ ହୋଇ ନ ଥିଲା । ଏକେତ ଜ୍ୟେଷ୍ଠମାସର ଶେଷ ତହିଁରେ ପୁଣି ଦିବା ରାତ୍ର ବାୟୁ ଚଳନ ଏକାବେଳକେ ବନ୍ଦ ବର୍ଷାରମ୍ଭ କଥା ନାହିଁ ଓ ନଗରର ଅଧିକାଂଶ ପୁଷ୍କରଣୀ ଓ କୂଅ ଶୁଖିଲା ଏଥିରେ ଲୋକଙ୍କର କଷ୍ଟର ସୀମା ରହିଲା ନାହିଁ । କି କରି କେଉଁଠାରେ ପଡିରହି ପ୍ରାଣ ବଞ୍ଚାଇବେ ସମସ୍ତେ ଦିବା ରାତ୍ର ଏହି ଚିନ୍ତାରେ ରହିଲେ । କେବଳ ନଦୀକୂଳକୁ ଏକମାତ୍ର ରକ୍ଷାର ସ୍ଥାନ ମନେ କରି ସମସ୍ତେ ସେହିଠାକୁ ଧାଇଁଲେ ଓ ରାତ୍ର ଶେଷଠାରୁ ବେଳ ଘ ୯ । ୧୦ ଟା ପର୍ଯ୍ୟନ୍ତ ପ୍ରତିଦିନ ସେଠାରେ ବାରୁଣୀଯାତ୍ରା ବସାଇଦେଲେ । କିନ୍ତୁ ଘରକୁ ଫେରି ଆସିବା କାଳରେ ରୁଡିଗଲେ ପୁନର୍ବାର ଯେଉଁ କଷ୍ଟକୁ ସେହି କଷ୍ଟ । ଦିନମାନ ତକିଜାଗୀ ଅସାମୀ ପ୍ରାୟ ଘରେ କପାଟ ଦେଇ ବସିଲେ ଓ ରାତ୍ରରେ ଘରଛାଡ଼ ଅଗଣାରେ ପଡି ରହିଲେ ସୁଦ୍ଧା ନିଦ୍ରା ହେଲା ନାହିଁ । ପୁରୁଣା ଅଫୀମ ପ୍ରାୟ କଟଣାରେ ପଡି ଛଟପଟ ହେଲେ କେବଳ ଶେଷ ରାତ୍ରରେ ଟିକିଏ ତନ୍ଦ୍ରା ଲାଗିଲା ପ୍ରାୟ ଜଣାଗଲା । ଜେଲଖାନାର କଇଦମାନଙ୍କୁ ସୁଦ୍ଧା ଗୃହରେ ଘରେ ବନ୍ଦ କରି ରଖିବା ଭାର ହେଲା । ଅନେକକ୍ଷଣେ ଜ୍ୱର ହେଲା ପ୍ରାୟ ଦେହ ଜ୍ୱଳା କଲା । ଏହିପରି ଚାରିଦିନ କାଳ ହୋଇଥିଲା । ଏଥିରେ କେତେଲୋକ ବେସ୍ତମ ହୋଇଗଲେ ଓ କେହି ଅକସ୍ମାତ୍ ମୂର୍ଚ୍ଛାଯାଇ କବୃଡି ପଡି ମୂର୍ଚ୍ଛିତ ହେବାର ମଧ୍ୟ ସମ୍ବାଦ ପାଇଅଛୁଁ । କଲେକ୍ଟରୀ କଚେରୀ ଗତ ସୋମବାର ନିୟମିତରୂପେ ଘ ୧୦ ଟିକିଆ ନିୟମରେ ହୋଇଥିଲା କିନ୍ତୁ ଅସହ୍ୟ ଗର୍ମରେ କେହି କର୍ମ କରିବାକୁ ନ ପାରିବାରୁ ତହିଁ ପରଦିନ ପୁନର୍ବାର ସକାଳିଆ ହେଲାଅଛି । ଜ୍ୟେଷ୍ଠମାସ ଶେଷରେ ପ୍ରାୟ ଏହିପରି ଅତ୍ୟନ୍ତ ଗ୍ରୀଷ୍ମ ହୁଅଇ କିନ୍ତୁ ଏ ବର୍ଷ ଏ ନଗରରେ ଭାରି ଜଳକଷ୍ଟ ହୋଇଥିବାରୁ ଏଥର କଷ୍ଟ ଅଧିକ ଜଣାଗଲା । ଅମ୍ଭେମାନେ ଏଥିପୂର୍ବେ କେତେ ଥର ମିଉନିସିପାଲ କମିଶ୍ନରଙ୍କୁ ଏ ନଗରର ପୁଷ୍କରିଣୀମାନଙ୍କର ସଂସ୍କାର ବିଷୟରେ ଅନୁରୋଧ କରିଅଛୁଁ ମାତ୍ର ତହିଁପ୍ରତି କିଛିମାତ୍ର ମନଯୋଗ ହେଲା ନାହିଁ ବରଂ ସଡ଼କରେ ନାମମାତ୍ର ଜଳସେଚନ ଛଳରେ ଏକାଏ ପୁଷ୍କରିଣୀର ଜଳକୁ ଆହୁରି ଶୁଖାଇ ଦେଲେ । ଏଥର କେବଳ ଇନ୍ଦ୍ରଦେବଙ୍କର ଭରସା । ଯାହା ହେଉ ଏପର୍ଯ୍ୟନ୍ତ କୃଷି ନକ୍ଷତ୍ରରେ ଉତ୍ତମ ପାଗ ହୋଇଅଛି ଏବ ଆଷାଢ଼ ମାସରୁ ନିୟମିତ ବୃଷ୍ଟି ହେଲେ ସବୁ କଷ୍ଟ ମନରୁ ପାଶୋରିଯିବ ।

---

Digitized by srujanika@gmail.com

Split by PDF Splitter



## ବାଲ୍ୟବିବାହ ନିବାରଣର ଗୋଟିଏ ଉପାୟ ।

ପ୍ରେସିଡେନ୍‌ସି ସରକଲ ସ୍କୁଲ ସମୂହର ଇନ୍‌ସ୍ପେକ୍ଟର ଏ, ଡବ୍ଲିଉ, ଗାରେଟ ସାହେବ ଶିକ୍ଷାବିଭାଗର ଡିରେକ୍ଟରଙ୍କ ନିକଟରେ ଏହିପରି ଏକ ପ୍ରସ୍ତାବ କରିଅଛନ୍ତି କି କୌଣସି ଛାତ୍ରର ବିବାହ ହୋଇଥିଲେ ସେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଦେଇ ପାରିବ ନାହିଁ ତେବେ ଏ ନିୟମ ପ୍ରଚଳିତ ହେବା ସମୟରେ ଯେଉଁମାନେ ବିବାହ କରିଥିବେ ତାହାଙ୍କୁ ଅବଶ୍ୟ ବର୍ଜିତ ମଧ୍ୟରେ ଧରିବାକୁ ହେବ । ଡିରେକ୍ଟର ସାହେବ ସ୍ଥାନୀୟ ଶିକ୍ଷା କମିଟୀ ସମସ୍ତର ଦେଶୀୟ ମେମ୍ବରଙ୍କଠାରୁ ଏ ବିଷୟର ମତାମତ ପ୍ରାର୍ଥନା କରି ଅଛନ୍ତି । ଶ୍ରୀଯୁକ୍ତ ଗାରେଟ ସାହେବ ଯେଉଁ ଉଦ୍ଦେଶ୍ୟରେ ଏ ନିୟମ ପ୍ରଚଳିତ କରିବାକୁ ପ୍ରସ୍ତାବ କରିଅଛନ୍ତି ତାହା ପାଠକମାନେ ଅନାୟାସରେ ବୁଝି ପାରୁ ଅଛନ୍ତି । ଅର୍ଥାତ୍ ବାଲ୍ୟବିବାହ ନିବାରଣ । ବାଲ୍ୟବିବାହ ଯେ ଅନେକ ଅନିଷ୍ଟ ଓ ଦୁଃଖର ମୂଳ ଏ ବିଷୟରେ ସନ୍ଦେହ ନାହିଁ ଓ ତାହା ନିବାରଣ ପକ୍ଷରେ ଆଧୁନିକ ଶିକ୍ଷିତଲୋକମାନେ ଯେ ଚେଷ୍ଟା କରୁ ନାହାନ୍ତି ଏମନ୍ତ ଆମ୍ଭେମାନେ କହି ନ ପାରୁଁ । ବିଦ୍ୟାଳୟର ଛାତ୍ରଙ୍କ ପକ୍ଷରେ ବାଲ୍ୟବିବାହ ଅତିଶୟ ମନ୍ଦ ଅଟଇ । ଏଥିରେ ଶିକ୍ଷାର ଭାରି ବ୍ୟାଘାତ ହୁଅଇ ଓ ଭବିଷ୍ୟତ୍ ଉନ୍ନତିର ଆଶା ଅନେକାଂଶରେ ଭ୍ରଷ୍ଟ ହୋଇ ଯାଏ । କଥାରେ ଯାହା କହନ୍ତି କି 'ବିଲେଇ ବେକରେ ଘଣ୍ଟା' ବାଲ୍ୟବିବାହ ଛାତ୍ର ପକ୍ଷରେ ଠିକ ସେହିରୂପ ଅଟଇ । ଛାତ୍ର ସଂସାରରେ ରତ ହେବା ପାଇଁ ଉପଯୁକ୍ତ ହେବାକୁ ଚେଷ୍ଟାକରିବା ପୂର୍ବେ ତାହାକୁ ପୂର୍ଣ୍ଣ ସଂସାରୀ କରିଦେଲେ ତାହାର ଉନ୍ନତି ଆଉ କିପ୍ରକାରରେ ସମ୍ଭବ ? ଅତଏବ ଆମ୍ଭେମାନେ ବିବେଚନା କରୁଁ କି ଇଚ୍ଛା ପ୍ରବେଶିକା ପରୀକ୍ଷା ନାହିଁ କି କେହି ବିବାହ କରିଥିବା ଛାତ୍ର କୌଣସି ପରୀକ୍ଷା ଦେବାକୁ ପାରିବ ନାହିଁ ଏପରି ନିୟମ ହେବା ଅତିଶୟ ବାଞ୍ଛନୀୟ ଅଟଇ । କିନ୍ତୁ ଏହାବୋଲି ଆମ୍ଭେମାନେ ଏପରି ନିୟମ କରିବାକୁ ପରାମର୍ଶ ଦେଇ ନ ପାରୁଁ । ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଏହି ଯେ ବାଲ୍ୟବିବାହର ଅନିଷ୍ଟକାରିତା ଦେଶୀୟଲୋକମାନେ ଅନେକାଂଶରେ ବୁଝି ପାରିଲେଣି ତହିଁର ପ୍ରତ୍ୟକ୍ଷ ପ୍ରମାଣ ଏହି ଯେ ଏପରି ବିବାହ ପୂର୍ବଠାରୁ କ୍ରମଶଃ ଅନେକ ଊଣା ପଡ଼ି ଆସିଲାଣି । ଏଥିର ଅନ୍ୟ ପ୍ରମାଣ ଏହି ଯେ ଆଗେ ଯେମନ୍ତ ଲୋକେ ଶିକ୍ଷାପ୍ରତି ଅଧିକ ଦୃଷ୍ଟି ନ କରି ଭଲ ବଂଶ କୁଳ ଓ ଧନ ପ୍ରତି ଦୃଷ୍ଟି କରୁଥିଲେ ଏବେ ସେପରି ନାହିଁ । ପାତ୍ରଟି ଭଲ ଶିକ୍ଷାକରି ଅଛି କି ନାହିଁ ଓ କେତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି ଏବେ ଏହି କଥା ଆଗେ ବୁଝା ଯାଏ । ବଙ୍ଗଳାରେ ଏ ପ୍ରଥା ଏତେଦୂରପର୍ଯ୍ୟନ୍ତ ପ୍ରବଳ ହୋଇଅଛି ଯେ କନ୍ୟାକର୍ତ୍ତା ଅନେକ ଟଙ୍କା ବ୍ୟୟ ନ କଲେ ଶିକ୍ଷିତ ପାତ୍ର ସଙ୍ଗେ ଆପଣା କନ୍ୟାର ବିବାହ ଦେଇ ପାରିବ ନାହିଁ । ଯେ ପ୍ରବେଶିକା ପରୀକ୍ଷା ଦେଇଅଛି ତାହାକୁ ଜାମାତା କରିବାକୁ ହେଲେ ଏତେ ଟଙ୍କାର ଯୌତୁକ, ବି, ଏ, ସକାଶେ ଏତେ ଏବଂ ଏମ, ଏ, ସକାଶେ ଏତେ ଟଙ୍କା ଯୌତୁକ ଦେବାକୁ ହେବ ଏପରି ଏକ ନିରିଖ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ବୋଲି ଆମ୍ଭେମାନେ ଏ ପ୍ରଥାକୁ ପ୍ରଶଂସା କରୁ ନାହୁଁ କିନ୍ତୁ ଏଥିରୁ ବିଲକ୍ଷଣ ଜଣାଯାଉଅଛି ଯେ ବାଲ୍ୟବିବାହପ୍ରିୟ ଲୋକଙ୍କର ପୂର୍ବପ୍ରାୟ ଶ୍ରଦ୍ଧା ନାହିଁ ଓ ଏଣିକି ଶିକ୍ଷିତ ପାତ୍ରର ବିଶେଷ ଆଦର ହୋଉଅଛି । ତେବେ ଯେ ଏକାବେଳକେ ବାଲ୍ୟବିବାହ ରହିତ ହେଉ ନାହିଁ ତହିଁର କାରଣ କେତେଗୁଡ଼ିଏ ସାମାଜିକ ପ୍ରତିବନ୍ଧକ ଅଟଇ । କନ୍ୟାକର୍ତ୍ତା ଯେମନ୍ତ ଶିକ୍ଷିତ ବରକୁ କନ୍ୟା ପ୍ରଦାନ କରିବାକୁ ଚେଷ୍ଟା କରନ୍ତି ସେହିପରି ବରକର୍ତ୍ତା ଆପଣା ସମାନସ୍ଥାନ ଅଥବା ଆପଣାଠାରୁ ଶ୍ରେଷ୍ଠ ଘରେ କୁଟୁମ୍ବିତା କରିବାକୁ ବାଞ୍ଛା କରନ୍ତି । କିନ୍ତୁ କନ୍ୟାର ବିବାହ ୯।୧୦ ବର୍ଷ ମଧ୍ୟରେ ଦେବାର ଶାସ୍ତ୍ରର ଆଜ୍ଞା, ତାହାକୁ ଲଙ୍ଘନ କଲେ ଧର୍ମ ନଷ୍ଟ ହେବ ହିନ୍ଦୁମାନଙ୍କର ବିଶେଷରେ ବଙ୍ଗଦେଶୀୟଙ୍କର ଦୃଢ଼ସଂସ୍କାର ସୁତରାଂ ସେମାନେ କନ୍ୟାକୁ ଅଧିକ ବର୍ଷଯାଏ ଅବିବାହିତା ଅବସ୍ଥାରେ ରଖି ପାରନ୍ତି ନାହିଁ ଓ ବରକର୍ତ୍ତା ଅଧିକ ବୟସ ପର୍ଯ୍ୟନ୍ତ ଆପଣା ପୁତ୍ରକୁ ରଖିଲେ ଉପଯୁକ୍ତ ଘରେ କନ୍ୟା ପାଇବ ନାହିଁ ଏ ହେତୁ ଅଗତ୍ୟା ୧୦ ବର୍ଷ ମଧ୍ୟରେ ପୁତ୍ରର ବିବାହ ଦେବାକୁ ବାଧ୍ୟ ହୁଅଇ । ସମାଜର ଏପରି ଅବସ୍ଥାରେ ଶିକ୍ଷାବିଭାଗର ଉପରଲିଖିତ କଠିନ ନିୟମ ହେଲେ କେତେ ଯୋଗ୍ୟଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବେ । ଏହି କାରଣରୁ ଆମ୍ଭେମାନେ ଉପରଲିଖିତ ପ୍ରସ୍ତାବକୁ ଅନୁମୋଦନ ନ କରୁଁ । ସାମାଜିକ କୁପ୍ରଥାମାନ ସମାଜଦ୍ୱାରା କ୍ରମଶଃ ପରିବର୍ତ୍ତିତ ହେବା ଭଲ ତହିଁ ସକାଶେ ଶାସନକର୍ତ୍ତାଙ୍କର କୌଣସି କଠିନ ନିୟମ କରିବା ଶୋଭା ଦିଶଇ ନାହିଁ ଆଉ ଯେସ୍ଥଳେ ସେପରି କଠିନ ନିୟମ ବିନା ଉକ୍ତ ପ୍ରଥାଟି କ୍ରମଶଃ ଅନ୍ତର୍ଦ୍ଧାନ ହେଉଅଛି ସେସ୍ଥଳେ ଶାସନକର୍ତ୍ତାଙ୍କର ହସ୍ତକ୍ଷେପଣ କରିବା ଅନାବଶ୍ୟକ ଅଟଇ । ଯାହା ହେଉ ଶ୍ରୀଯୁକ୍ତ ଗାରେଟ ସାହେବଙ୍କ ଉଦ୍ଦେଶ୍ୟକୁ ଆମ୍ଭେମାନେ ପ୍ରଶଂସା କରୁଅଛୁଁ ଓ ଦେଶୀୟ ଶିକ୍ଷିତ ଲୋକଙ୍କୁ ଅନୁରୋଧ କରୁଅଛୁଁ ଯେ କେବଳ ବାଲ୍ୟବିବାହ କାହିଁକି ବିବାହ ବିଷୟରେ ଯେତେ ପ୍ରକାର କୁସଂସ୍କାର ଓ ଅସୁବିଧା ଆମ୍ଭମାନଙ୍କ ସମାଜରେ ଦୃଷ୍ଟି ହୁଅଇ ସେ ସମସ୍ତ ନିବାରଣ ପକ୍ଷରେ ଯତ୍ନବାନ୍ ହେଉନ୍ତୁ ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଜଗନ୍ନାଥ ନାମରେ ଖଣ୍ଡିଏ ଇଂରାଜୀ କବିତା ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କଠାରୁ ଉପହାର ପାଇଅଛୁଁ । ଏହାର କଲେବର ୧୮ ପୃଷ୍ଠା ଓ ବାବୁ ନନ୍ଦକିଶୋର ଦାସଙ୍କ ନାମରେ ଏହା ଉତ୍ସର୍ଗିତ ହୋଇଅଛି । ଏଥିରେ ପୁରୁଷୋତ୍ତମର ମନ୍ଦିର ମଠବାଡ଼ି ତୀର୍ଥ ଓ ଯାତ୍ରୀ ଇତ୍ୟାଦି କେତେକ ବିଷୟ ସୁନ୍ଦରରୂପେ ବର୍ଣ୍ଣିତ ହୋଇଅଛି ।

ଅଳ୍ପ ଦିନ ତଳେ ଭୁବନେଶ୍ୱର ନିକଟ ସୁନ୍ଦରଗାଁଠାରେ ଦିନ ଦୁଇପ୍ରହର ସମୟରେ ଅନେକ ଗୁଡ଼ିଏ ଘର ପୋଡ଼ିଗଲା ଓ ତହିଁ ସଙ୍ଗେ ଦ୍ରବ୍ୟାଦି ଅନେକ ନଷ୍ଟ ହୋଇଅଛି । ଘରପୋଡ଼ିଠାରୁ ବିପଦ ନାହିଁ ପୂର୍ବେ ନଗରରେ ଅନେକ ଘର ପୋଡ଼ି ଯାଉଥିଲା କିନ୍ତୁ ବୋଧ ହୁଅଇ ବସ୍ତିର ପକ୍କାଘର ହେବାରୁ ଏବେ ତେମନ୍ତ ନାହିଁ କିନ୍ତୁ ମୋଫସଲର ନାନାସ୍ଥାନରେ ଘରପୋଡ଼ି ହେଉଅଛି ।

ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଶ୍ରୀନାଥଭଦ୍ର ପୀଡ଼ିତ ଥିବାରୁ ଡାକ୍ତର ସାର୍ଟିଫିକେଟ ଦେଇଅଛନ୍ତି କି କୋଷ୍ଟ କେନାଲର କର୍ମରେ ଗଲେ ମୋଫସଲରେ ବୁଲି ଏହାଙ୍କର ପୀଡ଼ା ପ୍ରବଳ ହୋଇ ପାରେ । ଏଥିରୁ ଅନୁମାନ ହୁଅଇ ସେ ଏହିଠାରେ ରହିବେ ।

Digitized by srujanika@gmail.com

Split by PDF Splitter



ଅମ୍ଭେମାନେ ଗତପ୍ରକାଶିତ ଉତ୍କଳଦର୍ପଣରେ ପଢି ଆଶ୍ଚର୍ଯ୍ୟହେଲୁଁ ଯେ ବାଲେଶ୍ୱରର ମାଜିଷ୍ଟ୍ରେଟ ଉକ୍ତ ପତ୍ରିକାର ଅଧିକାରଙ୍କୁ ୯ ଅଙ୍କର ନମ୍ବରାନୁସାରେ ଦୁଇଖଣ୍ଡ ପତ୍ର ଲେଖିଅଛନ୍ତି । ପତ୍ରର ମର୍ମ ତଚ୍ଛ ପତ୍ରିକାରେ ପ୍ରକାଶ ହୋଇନାହିଁ କିନ୍ତୁ ପତ୍ରିକାର ଅଧିକାରୀ ତହିଁରେ ଭୀତହୋଇ କାଗଜ ବନ୍ଦକରିବାକୁ ମନସ୍ଥ କରିଅଛନ୍ତି ବଡ ଦୁଃଖର ବିଷୟ ଅଟଇ !

ବଙ୍ଗଲାର ଏକଜଣ ଭୂତପୂର୍ବ ଲେଫ୍ଟନାଣ୍ଟ-ଗବର୍ଣ୍ଣର ସର୍ଉଲିଅମ୍ ଗ୍ରେସାହେବଙ୍କର କାଳ ହୋଇ ଅଛି । ଏ ସଂବାଦ ଶୁଣି ଅମ୍ଭେମାନେ ଦୁଃଖିତ ହେଲୁଁ । ଏ ମହାଶୟ କାମ୍ବେଲସାହେବଙ୍କ ପୂର୍ବେ ଲେଫ୍ଟନାଣ୍ଟ ଗବର୍ଣ୍ଣର ହୋଇ ଥିଲେ । ଏହାଙ୍କ ସମୟରେ ଅମଲାମାନଙ୍କର ବେତନ ବୃଦ୍ଧି ହୋଇ ଥିଲା ।

ଗୋନ୍ଦଲର ସିରସ୍ତାଦାର ଉତ୍କୋଚ ନେବା ଅପରାଧରେ ଦୋଷୀହୋଇ ୧୫ ମାସ କାରାବାସ ଏବଂ ଏକ ହଜାର ଟଙ୍କା ଅର୍ଥଦଣ୍ଡର ଆଜ୍ଞା ପାଇ ଅଛନ୍ତି । ମୋକଦ୍ଦମାର ବୃତ୍ତାନ୍ତ କିଛି ଜଣା ଯାଇ ନାହିଁ । ଯାହାହେଉ ଉତ୍କୋଚ ନେବା ଅପରାଧ ଥରେଅଧେ ଧରାପଡଇ ବଡ ଆନନ୍ଦର ବିଷୟ ଅଟଇ ।

କଥିତହୁଅଇ କି ଯେପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟଙ୍କର ଟଙ୍କାର ନାଅଣ୍ଟଅଛି ସେ ପର୍ଯ୍ୟନ୍ତ ସିମଲର ଗବର୍ଣ୍ଣମେଣ୍ଟ ହାଉସ ନିର୍ମାଣ ବିଷୟରେ କିଛି ବ୍ୟୟ ହେବନାହିଁ । ବିଲାତର ସେକ୍ରେଟରୀଙ୍କ ନିକଟରୁ ଏପରି ଆଜ୍ଞା ଆସିଅଛି । ସିମଲାବାସର ଆଦ୍ୟପ୍ରାନ୍ତ ସବୁଚର୍ଚ୍ଚାର ବିଷୟ ସେ ସ୍ଥାନକୁ ସରକାରୀ ମହକୁମାମାନ ଯିବାର ଏବାବେଳକେ ବନ୍ଦହେଲେ ଅନେକ ଲାଭ ହୁଅନ୍ତା ।

ବାଏନା ନଗରର ଏକ ସଂବାଦପତ୍ରରେ ଲେଖାଅଛି ଯେ "ସେଣ୍ଟପିଟର୍ସବର୍ଗଠାରୁ କନଷ୍ଟାଣ୍ଟିନୋପଲସ୍ ପର୍ଯ୍ୟନ୍ତ ଅବଚ୍ଛେଦ ରେଲବାଟ ପ୍ରସ୍ତୁତ ରଖିବାକାରଣ ରୁଷୀୟ ଗବର୍ଣ୍ଣମେଣ୍ଟ ବନ୍ଦୋବସ୍ତ କରୁଅଛନ୍ତି ଆଗାମୀ ବର୍ଷାକାଳରେ ଏ ସମ୍ପୂର୍ଣ୍ଣ ହୋଇ ପାରବ ।

ଫରିଦପୁରର ସିଭିଲସର୍ଜନ ବାବୁ ଉଦୟଚନ୍ଦ୍ର ଦତ୍ତ ସେଠାକାର କେତେଜଣ ଦେଶୀୟ କବିରାଜଙ୍କୁ ଆଧୁନିକ ଔଷଧ ଓ ଅସ୍ତ୍ରଚିକିତ୍ସା ବିଷୟରେ ଆପଣା ଚିକିତ୍ସାଳୟରେ ପ୍ରତିଦିନ ଉପଦେଶ ଦେଉ ଅଛନ୍ତି । କବିରାଜମାନେ ମୋଫସଲରୁ ଆସିଅଛନ୍ତି ଏବଂ ସେମାନଙ୍କୁ ଜଣକେ ୧୨ଟଙ୍କା ଲେଖାଁଏ ବହାଖର୍ଚ୍ଚ ଦେଉଅଛନ୍ତି । ଏମନ୍ତ ନିୟମ କରିଅଛନ୍ତି ଯେ ଛଅ ମାସ ମଧ୍ୟରେ ଆବଶ୍ୟକୀୟ ଉପଦେଶମାନ ଦେବା ଶେଷ ହେବ ଏବଂ ଏକପଞ୍ଝା ବିଦାୟ ହୋଇଗଲେ ଆଉ ଏକପଞ୍ଝା ଆସି ଶିକ୍ଷାଗ୍ରହଣ କରିବେ ଏହାଦ୍ୱାରା ଉଭୟ କବିରାଜଙ୍କର ଓ ସର୍ବସାଧାରଣଙ୍କର ବିଶେଷ ଉପକାର ହେବ ଏବଂ ଏଥିପାଇଁ ଅମ୍ଭେମାନେ ଉଦୟ ବାବୁଙ୍କର ବିଶେଷ ପ୍ରଶଂସା କରୁଅଛୁଁ ।

ଶ୍ୟାମଦେଶର ରାଜା ପରିବାରଙ୍କର ଏକ ତାଲିକା ଛପା ହୋଇଅଛି ତହିଁରୁ ହିନ୍ଦୁପେଟ୍ରିଅଟ ଅବଗତ ହୋଇ ଅଛନ୍ତିକି ଶ୍ୟାମର ଗତ ରାଜାଙ୍କର [illegible] ସ୍ତ୍ରୀ ଥିଲା ଓ ସେମାନଙ୍କ ଗର୍ଭରୁ ୮୪ ପିଲା ଜନ୍ମ ହୋଇଥିଲେ । ଏହାଙ୍କ ପୂର୍ବ ରାଜାଙ୍କର ୩୯ ସ୍ତ୍ରୀ ଓ ସେମାନେ ୬୩ ପିଲା ଜନ୍ମ କରି ଥିଲେ । ଏହାଙ୍କ ଲକ୍ଷଦେବାଙ୍କୁ ବୋଧହୁଅଇ ବର୍ତ୍ତମାନ୍ ଓଡଗାର ଆଳର ରାଜା ଅଛନ୍ତି ।

ଅହମଦନଗରରୁ ଗୋଟିଏ ଅତ୍ୟନ୍ତ ଶୋକାବହ ସଂବାଦ ଆସିଅଛି । ଏକଦଳ ଫାରସିନାଟ୍ୟାଭିନୟକାରୀ ଏକ ଗୃହମଧ୍ୟରେ ଅଭିନୟ ଦେଖାଉଥିଲେ । ଶେଷ ହେବା ସମୟରେ ଗୋଟାଏ ଶବ୍ଦ ଶୁଣାଗଲା ତହିଁରେ ଦର୍ଶକମାନେ ଭୀତହୋଇ ସେଦିଗକୁ ଚାହିଁଲାବେଳକୁ ଦେଖିଲେ ଯେ ଗୃହରେ ଅଗ୍ନି ଲାଗିଅଛି । ଗୃହମଧ୍ୟରେ ଅତ୍ୟନ୍ତ ଜନତା ହୋଇଥିଲା । ଲୋକେ ବାହାର ଆସୁ ଦ୍ୱାରଦେଶରୁ ଅଗ୍ନି ବେଢିଯାଇ ସମସ୍ତଘର ଭସ୍ମ କରିଦେଲା । ଦର୍ଶକଙ୍କ ମଧ୍ୟରୁ ୩୬ଜଣ ପୋଡି ମରିଗଲେ ଓ ଆଉ ବହୁତ ଲୋକ ନ୍ୟୂନାଧିକରେ ପୋଡିଯାଇ ଚିକିତ୍ସାଳୟରେ ଅଛନ୍ତି । ଭାଗ୍ୟକ୍ରମେ ଅଭିନେତାଙ୍କର ଦେହରେ ଅଗ୍ନି ଲାଗି ନାହିଁ ଏବଂ କିପରି ଅଗ୍ନି ଜାତ ହେଲା ନିଶ୍ଚୟ ଜଣା ପଡି ନାହିଁ ।

ସୁରଟର ଜମିୟତବସ୍ତ ମୋକଦ୍ଦମା ଅବଧି ଶେଷ ହୋଇ ନାହିଁ ଆଉ ଜ ୧୭ ଣ ଦୌରସୁପର୍ଦ୍ଦ ହୋଇଅଛନ୍ତି ଏବଂ ଦୁଇଜଣ ଦେଶୀୟ ସମ୍ପାଦକ ଏବଂ ଏକଜଣ ଉକିଲ ଓ୍ୱାରଣ୍ଟଦ୍ୱାରା ଗିରଫ୍ତାର ହୋଇଅଛନ୍ତି ଏପରି ଆଉ କେତେକ ଲୋକନାମରେ ଓ୍ୱାରଣ୍ଟ ବାହାରିବାର ଶୁଣାଯାଏ ।

ମଧ୍ୟପ୍ରଦେଶର ସଂବାଦରୁ ଜଣାଯାଏ ଯେ ଏବର୍ଷ ରବିଫସଲ ଭଲ ହୋଇ ନାହିଁ । ନାଗପୁର ଏଲାକାରେ ସର୍ବାପେକ୍ଷା ଊଣା ଫସଲ ହୋଇଅଛି ।

ଗ୍ରଇନାନାମକ ଜାହାଜ ଅଲ୍ପଦିନତଳେ ପୋଡି ଯାଇଅଛି । ସେ ଜାହାଜରେ ଥିବା ପଥିକଙ୍କମଧ୍ୟରୁ ଏକଜଣ କହୁଅଛି ଯେ ସେ ଏଗାରଥର ଇଂଗ୍ଲଣ୍ଡରୁ ଜାହାଜରେ ଯିବା ଆସିବା କରିଅଛି କିନ୍ତୁ ଯେଉଁ ଜାହାଜରେ ସେ ଚଢିଅଛି ସେହି ଜାହାଜ ତାହାର ଓଲ୍ଟାଇ ଯିବା ଉତ୍ତାରୁ ବିପଦରେ ପଡିଅଛି । ଯେସମସ୍ତ ଜାହାଜରେ ସେ ଯିବାଆସିବା କରିଥିଲା ସେ ସମସ୍ତର ନାମ ଓ ଯିବାଆସିବାର ତାରିଖ କହିଦେଲା ଓ ଅନୁସନ୍ଧାନରେ ତାହାର କଥା ଠିକ ହେଲା ଅର୍ଥାତ୍ ଅଧିକାଂଶ ଜାହାଜ ନାନାପ୍ରକାର ବିପଦରେ ପଡିଥିଲା । ଏ ଲୋକର ପୟରକୁ ଅତ୍ୟନ୍ତ ମନ୍ଦ ବୋଲିବାକୁ ହେବ ଅଥଚ ଅନେକଲୋକ ପୟରକୁ ମାନନ୍ତି ନାହିଁ ।

ଜର୍ମାନୀର ସମ୍ରାଟ୍ ଏଥିମଧ୍ୟରେ ଏକଦିନ ଅପରାହ୍ନ କାଳରେ ବାୟୁସେବନ କରିବାକୁ ବାହାରି ଥିଲେ ଏଥିମଧ୍ୟରେ ଏକଜଣ ତାହାଙ୍କୁ ଲକ୍ଷକରି ଗୁଳି ମାରିଲା । ଭାଗ୍ୟକ୍ରମେ ଗୁଳି ଅନ୍ୟଦିଗରେ ବାହାରିଗଲା ଓ ସମ୍ରାଟ୍ ନିରାପଦରେ ଆପଣାର ଘରକୁ ଫେରିଗଲେ । ରାଜପ୍ରାସାଦରେ ଅନେକଲୋକ ତାହାଙ୍କୁ ଧନ୍ୟବାଦ ଦେବା କାରଣ ସମବେତ ହୋଇଥିଲେ । ଯେ ଗୁଳି ମାରିଥିଲା ସେ ଧରାପଡିଅଛି । ସେ ଜଣେ ସୋସିୟାଲିଷ୍ଟ ସମ୍ପ୍ରଦାୟର ଲୋକ ଅଟଇ ଅର୍ଥାତ୍ ଏ ସମ୍ପ୍ରଦାୟର ଲୋକ ସମସ୍ତଲୋକଙ୍କୁ ସମାନ ଜ୍ଞାନ କରନ୍ତି କେହି ରାଜା କେହି ପ୍ରଜା କେହି ଧନୀ କେହି ନିର୍ଦ୍ଧନୀ ହେବା ଏହାଙ୍କମତରେ ଉଚିତ ନୁହଇ ।

NOTICE.

FOR SALE.

Jagannath: a pɔem in English Price with postage 4 annas.

Apply tɔ the Printer of the Utkul Dipica; Cuttack.

## ମୂଲ୍ୟପ୍ରାପ୍ତି

| | | |
|---|---|---|
| ବାବୁ ନମାଇଚରଣ ନେଉଗୀ କଟକ ଅଗ୍ରିମ | | ଟ ୩୲ |
| ଶ୍ରୀ ମହନ୍ତ ରାମକୃଷ୍ଣ ରାମାନୁଜ ଦାସ ଭୂଇଁସିପୁର | ବଳାସ୍ୱା | ଟ ୧୧୲ |
| ବାବୁ ହରେକୃଷ୍ଣ ମିତ୍ର ଵଦକା | " | ଟ ୧୨୲ |
| " ଗଣେଶପ୍ରସାଦ ସିଂହ କଟକ | " | ଟ ୨୲ |
| " କୃପାସିନ୍ଧୁ ମହାନ୍ତି ସୋରୋ | " | ଟ ୮୲ |

ଏହି ଉତ୍କଳ ଦୀପିକା ସହରର କଟକ ଦରଘାବଜାର ଶ୍ରୀଶି-କଣ୍ଟାନଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଶ
ସଂ ୨୪ ଖ୍ୟା

ତା ୧୯ ଶ ମାହେ ଜୁନ ସନ ୧୮୭୮ ମସିହା । ମୁ । ଅଷାଢ ଦ ୩ ନ ସନ ୧୨୮୫ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଇଁ ଡାକମାସୁଲ ଟ୧୲୵


ହନୁପେତ୍ରିଅଟରୁ ଅବଗତହେଲୁଁ ଯେ ବଙ୍ଗଳା ଗବର୍ଣ୍ଣମେଣ୍ଟ ନେଟିବ ଡାକ୍ତରଙ୍କ ପ୍ରତି କିଛି ସଦୟ ହୋଇଅଛନ୍ତି । ପୂର୍ବ ନିୟମ ଅନୁସାରେ ନେଟିବ ଡାକ୍ତରମାନେ ଟ ୨୦୲ ଙ୍କା ବେତନରେ କର୍ମ ଆରମ୍ଭ କର ବ ୧୪ ବର୍ଷ ଚାକରୀ ଉତ୍ତାରୁ ଟ ୩୫୲ ଙ୍କା ବେତନ ପାଉଅଛନ୍ତି । ବର୍ତ୍ତମାନ ବିଧି ହୋଇଅଛି କି ନେଟିବ ଡାକ୍ତରମାନେ ଇଂରେଜୀ ଜାଣିଥିଲେ ଟ ୨୫୲ ଙ୍କା ବେତନରେ ଚାକରୀ ଆରମ୍ଭ କର କ୍ରମଶଃ ଟ ୫୫୲ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବେ ଓ ଅଧିକା କର୍ମ ସହିତେ ଅଧିକା ଖର୍ଚ୍ଚା ମଧ୍ୟ ପାଇବେ । ଗବର୍ଣ୍ଣମେଣ୍ଟଙ୍କର ମାନସ ଯେ ନେଟିବ ଡାକ୍ତରଶ୍ରେଣୀର କର୍ମଚାରମାନେ ସମସ୍ତେ ଇଂରେଜୀ ପଢ଼ିବାକୁ ଉତ୍ସାହିତ ହେବେ, ଏହି ଉଦ୍ଦେଶ୍ୟରେ ବେତନ ବୃଦ୍ଧି ହୋଇଅଛି ।

---

ଚାନ୍ଦବାଲିକୁ କଟକରୁ ପ୍ରତିସପ୍ତାହରେ ଯାହାଜ ଯାଉଅଛି କିନ୍ତୁ ସୁବିଧାରୂପେ କାର୍ଯ୍ୟ ଚଳିବାର ଜଣାଯାଉ ନାହିଁ । ଗତଥର ଯାହାଜ ରବିବାର ଦିନ ସଂ ।୧୧ଣ୍ଟା ବେଳେ କଟକରେ ପହୁଞ୍ଚିଥିଲା । ଯେଉଁମାନେ ସେ ଯାହାଜରେ ଆସିଲେ ସେମାନେ କଲିକତାରୁ ମଙ୍ଗଳବାର ଗୃହରେ ବାହାର ଥିବେ ସୁତରାଂ କଲିକତାରୁ କଟକ ଆସିବାକୁ ପାଞ୍ଚଦିନ ଲାଗିଲା । ଚାନ୍ଦବାଲି ସନ୍ଧକବାଟେ ଆସିଲେ ମଧ୍ୟ ତେତିକି ସମୟ ଲାଗଇ ତେବେ ଯାହାଜଦ୍ୱାରା ଚଞ୍ଚଳତ କିଛି ହେଲା ନାହିଁ । ଅମ୍ଭେମାନେ ଶୁଣୁଅଛୁଁ ଯେ ପଟାମୁଣ୍ଡେଇ ନିକଟ ସାନ ବ୍ରାହ୍ମଣୀ ମୁହଁରେ ବନ୍ତର ବାଲି ଜମାହୋଇ ଯାଇଅଛି । ମୂଲିଅମାନେ ଯେତେ ଖୋଲି ବାଟ ପରିଷ୍କାର କରୁଅଛନ୍ତି ତେତିକି ବାଲି ପୁନର୍ବାର ଆସି ତହିଁରେ ପଡୁଅଛି । ଏହିହେତୁରୁ ଯାହାଜ ଶୀଘ୍ର ଯିବା ଆସିବା କରି ପାରୁ ନାହିଁ ।

---

କଟକ ମେଡିକଲସ୍କୁଲରେ ଛନୋଟିବୃତ୍ତି ଖାଲିଥିଲା । ଗତମାସ ଶେଷଦିନ ତାହା ପୂର୍ଣ୍ଣ ହେଲା ତହିଁର ଲକ୍ଷକର ଜଣେ ପତ୍ରପ୍ରେରକ ଏହି ପ୍ରଶ୍ନ କରୁଅଛନ୍ତି କି " ଯେଉଁମାନେ ପ୍ରାୟ ୧୦।୧୨ ପୁରୁଷରୁ ଅଧିକ ଏହି ଓଡ଼ିଶାରେ ଗତ କଲେଣି ଏବ ଓଡ଼ିଆଙ୍କ ସଙ୍ଗରେ ମିଶିଗଲେଣି ଏବ ଯେଉଁମାନଙ୍କୁ ସ୍ୱଭାବତଃ ଓଡ଼ିଆ ବୋଲି ଜଣାଯାଏ ସେମାନେ କିପରି ଜୀବନ ଧାରଣ କରିବେ " ଶ୍ରୀଯୁକ୍ତ ରେବନ୍‌ସାସାହେବ ଏମାନଙ୍କୁ ଓଡ଼ିଆ ବୋଲି କହୁ ନ ଥିଲେ ବୋଧ ହୁଅଇ ଡାକ୍ତର ଷ୍ଟିଓ୍ୱାର୍ଟସାହେବ ସେହି ମତାବଲମ୍ବୀ ଅଟନ୍ତି । ମାତ୍ର ଆମ୍ଭମାନଙ୍କର ନୂତନ କମିଶ୍ନର ଶ୍ରୀଯୁକ୍ତ ସ୍ମିଥସାହେବ ସେପର ନୁହନ୍ତି ତେମନ୍ତ ହୋଇଥିଲେ ସେ କି ବାବୁ କାର୍ତ୍ତିକଚନ୍ଦ୍ର ଘୋଷ ଚଉଧୁରୀଙ୍କୁ ଏତେ ଶୀଘ୍ର ସବ୍‌ଡେପୁଟୀ କରିଇ ଦିଅନ୍ତେ ? ନୂତନ କମିଶ୍ନରଙ୍କ ମତରେ ଯେଉଁମାନେ ଦୁଇ ଏକ ପୁରୁଷ ଓଡ଼ିଶାରେ ବାସକରି ଅଛନ୍ତି ସେମାନେ ଓଡ଼ିଆ । ସ୍ଥାନୀୟ ସମସ୍ତ ହାକିମ ଏହି ମତକୁ ଅବଲମ୍ବନ କଲେ ଏପକ୍ଷରେ କାହାର କିଛି ଗୁହାରି କରିବାର ବାଟ ଥିବ ନାହିଁ ।

---

ଗତ ସପ୍ତାହରେ ଅତ୍ୟନ୍ତ ଗ୍ରୀଷ୍ମର କଥା ଅମ୍ଭେମାନେ ଲେଖିଥିଲୁଁ । ଏ ସପ୍ତାହରେ ତତୋଧିକ ହୋଇଅଛି । ଲୋକମାନେ ଗରମପାଇଁ ମଲାପରି ଛଟପଟ ହେଉଅଛନ୍ତି । ଜ୍ୱରର ତାପ ଦେହରେ ଅନୁଭବ ହେଉଅଛି ତଣ୍ଟି ଓଠ ସବୁ ଶୁଖି ଯାଉଅଛି ଯେତେ ପାଣି ପିଇଲେ ତୃଷା ନିବାରଣ ହେଉ ନାହିଁ । ଶୀତଳ ପାଇବା ଲୋଭରେ କନ୍ଥଣା ଓଦା କରି ଶୋଉ ଅଛନ୍ତି । ଅପରାହ୍ଣ ପାଞ୍ଚଘଣ୍ଟା ସମୟରେ ତାପମାନଯନ୍ତ୍ର ଅଂ ୧୦୦ ଶରୁ ଅଧିକ ଉତ୍ତାପ ଥିବାର କହୁ ଦେଉଅଛି । ସବୁଠାରେ ଗ୍ରୀଷ୍ମର ଚର୍ଚ୍ଚା ପଡ଼ିଅଛି ଓ ସମସ୍ତେ ତହଳବିକଳ ହେଉଅଛନ୍ତି । ରଜ ହେଲା ତଥାଚ ବୃଷ୍ଟି ସଙ୍ଗେ ଦେଖା ନାହିଁ । କିନ୍ତୁ ଆକାଶର ଗତି ଦେଖି ଅନୁମାନ ହୁଅଇ ଯେ ବର୍ଷାର ମୌସୁମ ଆଗତ ପ୍ରାୟ । ତେବେ ଅସହ୍ୟ ଗ୍ରୀଷ୍ମ ହେତୁ ଦଣ୍ଡକ ଯୁଗ ପ୍ରାୟ ଜଣା ଯାଉଅଛି । ଗ୍ରୀଷ୍ମର ବୃଦ୍ଧି ସଙ୍ଗେ୨ ଓଲାଉଠାରୋଗ ବଢ଼ିବାର ଦେଖା ଯାଉଅଛି ଓ ପୁଣି ଗ୍ରୀଷ୍ମଜନିତ ମସ୍ତିଷ୍କରୋଗରେ ନାନା ସ୍ଥାନରେ ଏକ୨ ଲୋକ ମରିବାର ସମ୍ବାଦ ଆସୁଅଛି । ଯାହା ହେଉ ବର୍ତ୍ତମାନ ଋତୁରେ ଅସ୍ୱାଭାବିକ କିଛି ନାହିଁ ଓ ଯେମନ୍ତ ଗ୍ରୀଷ୍ମ ଯଥାର୍ଥରୂପେ ଜଣାଗଲା

Digitized by srujanika@gmail.com

ସେହିପରି ଯେବେ ବର୍ଷା କାଳରେ ପ୍ରଚୁର ବୃଷ୍ଟି ହେବ ତେବେ ସମସ୍ତ ଦୁଃଖ ପାଶୋର ଯିବ ।

---

ଅମ୍ଭେମାନେ ଗତ ସପ୍ତାହରେ ଦେଶୀୟ ରାଜା ଓ ସରଦାରଙ୍କର ସେନା ସଂଖ୍ୟା ଊଣା କରିବା ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ଅଙ୍ଗୀକାରମର୍ମ୍ମ ପ୍ରକାଶ କରିଥିଲୁଁ । ଏପରି ହେବାର କାରଣ ଏହି ଯେ ପୂର୍ବେ ଦେଶୀୟ ରାଜାଙ୍କ ସହିତ ଗବର୍ଣ୍ଣମେଣ୍ଟଙ୍କର ଯେ ଭିନ୍ନ ସମ୍ପର୍କ ଥିଲା ଗତବର୍ଷ ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ଉପାଧି ଧାରଣ କରିବାରୁ ତାହା ପରିବର୍ତ୍ତିତ ହୋଇ ଅଛି । ଶ୍ରୀମତୀ ଭାରତେଶ୍ୱରୀ ସମୁଦାୟ ଭାରତବର୍ଷର ଅଧୀଶ୍ୱରୀ ହେଲେ । ରାଜ୍ୟରକ୍ଷା କରିବାର ଭାର ସଙ୍ଗେ ଦେଶୀୟରାଜା ଓ ସରଦାରଙ୍କୁ ରକ୍ଷା କରିବାର ଭାର ତାହାଙ୍କ ଉପରେ ପଡ଼ିଲା । ଦେଶୀୟରାଜାମାନେ କେବଳ ଆପଣା ରାଜ୍ୟର ଶାନ୍ତିରକ୍ଷା ନିକଟେ ଦାୟୀ, ଅଧୀଶ୍ୱରୀଙ୍କ ଯୋଗ ବିନା ଅନ୍ୟ ରାଜା ବା ସରଦାର ସଙ୍ଗେ ସେମାନଙ୍କର ଭିନ୍ନ ସମ୍ପର୍କ ନାହିଁ । ଯେବେ ଏହିପରି ଭାରତେଶ୍ୱରୀଙ୍କ ଗବର୍ଣ୍ଣମେଣ୍ଟ ଦେଶୀୟରାଜାଙ୍କୁ ରକ୍ଷାକରିବାର ଭାର ଗ୍ରହଣ କଲେ ତେବେ ସେମାନଙ୍କର ଅଧିକା ଓ ସୁଶିକ୍ଷିତ ସେନା ରଖିବାର ପ୍ରୟୋଜନ କି ? ସେମାନେ ଅଧିକ ପରିମାଣରେ ସୁଶିକ୍ଷିତ ଓ ସୁସଜ୍ଜିତ ସୈନ୍ୟ ରଖିଲେ ତହିଁର ଅର୍ଥ ଏହି ହେବ ଯେ ଗବର୍ଣ୍ଣମେଣ୍ଟଙ୍କର ତାହାଙ୍କୁ ରକ୍ଷା କରିବାର କ୍ଷମତା ଓ ସରଳତା ଉପରେ ସେମାନଙ୍କର ବିଶ୍ୱାସ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଏହି ଯେ ଦେଶୀୟରାଜାମାନେ ସମ୍ପୂର୍ଣ୍ଣରୂପେ ତାହାଙ୍କଠାରେ ବିଶ୍ୱାସ କରି ବାହାର ଭିତର ସମସ୍ତ ଭୟାଶଙ୍କ ନିଶ୍ଚିନ୍ତ ରହିବେ ଓ କେବଳ ଆପଣା ରାଜ୍ୟର ଶାନ୍ତି ଓ ମର୍ଯ୍ୟାଦା ରଖିବା ନିକଟେ ଯେତେ ସୈନ୍ୟର ପ୍ରୟୋଜନ କେବଳ ତେତିକ ରଖିବେ ଏବଂ ସେମାନଙ୍କୁ ସୁଶିକ୍ଷିତ କରିବାର ମଧ୍ୟ ପ୍ରୟୋଜନ ନାହିଁ । ଆଉ ଦେଶୀୟରାଜାମାନେ ଆପଣା ସୈନ୍ୟ ବିଷୟରେ କୌଣସି କଥା ଲୁଚାଇ ରଖିବେ ନାହିଁ । ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଯେତେବେଳେ ଯେ ଅନୁସନ୍ଧାନ ନେବାକୁ ଇଚ୍ଛା କରିବ ତାହା ସେ ଅବାଧରୂପେ କରି ପାରିବ । କୌଣସି କଥା ଲୁଚାଇଲେ ତହିଁରୁ ଜଣାଯିବ ଯେ ଗବର୍ଣ୍ଣମେଣ୍ଟଙ୍କପ୍ରତି ବିଶ୍ୱାସ ନାହିଁ ଓ ଏପରି ଅବସ୍ଥା ବଡ଼ ଅନିଷ୍ଟକର ହେବ । ଏହି ଉଦ୍ଦେଶରେ ଗବର୍ଣ୍ଣମେଣ୍ଟ ଉପରିଲିଖିତ ବିଧାନ କରିବାକୁ ବସି ଅଛନ୍ତି । କିନ୍ତୁ ଏଥିମଧ୍ୟରେ ତାରଡାକ ଯୋଗେ ସମ୍ବାଦ ଆସିଅଛି ଯେ ଅପାତତଃ ଦେଶୀୟ ରାଜାଙ୍କ ସୈନ୍ୟ ସଂଖ୍ୟା ବିଷୟରେ ଗବର୍ଣ୍ଣମେଣ୍ଟ ହସ୍ତକ୍ଷେପ କରିବାକୁ ମନସ୍ଥ କରୁ ନାହାନ୍ତି । ଏଥିର ସବିଶେଷ ବିବରଣ ଅମ୍ଭେମାନେ ଅବଗତ ହୋଇ ନାହୁଁ । ତେବେ ଆଜିକାଲି ଏକଶିତ ହୋଇଅଛି ଯେ ଗବର୍ଣ୍ଣମେଣ୍ଟ ଲୋକଙ୍କ ଦମନ ଉଦ୍ଦେଶ୍ୟରେ ଚଞ୍ଚଳ କରି କେତେଗୁଡ଼ିଏ ନିୟମ ପ୍ରସ୍ତୁତ କରୁ ଅଛନ୍ତି ପୁଣି ତଦନୁସାରେ କାର୍ଯ୍ୟ କରିବା ସ୍ଥଗିତ ରଖିଅଛନ୍ତି ।

---

## ଇଉରୋପୀୟ ସମାଚାର ।

ଚଳିତମାସ ତା ୮ ଋଖରେ ଲର୍ଡ ବିକନସ୍ଫିଲ୍ଡ ବର୍ଲିନନଗରକୁ ଯାତ୍ରା କଲେ ଏପରି ସଂବାଦ ବିଲାତରୁ ତାରଡାକଯୋଗେ ଆସିଅଛି ଓ ଏହା ଶୁଣି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଅଛୁଁ କାରଣ ଲର୍ଡ ବିକନ୍ସଫିଲ୍ଡ ସହଜରେ ବୁଝିବାର ଲୋକ ନୁହନ୍ତି ଯେ ସେ କନଗ୍ରେସ ସଭା ବସିବାର ସମ୍ପୂର୍ଣ୍ଣରୂପେ ସ୍ଥିର ହୋଇ ନ ଥିଲେ ଘରୁ ଗୋଡ଼ କାଢ଼ନ୍ତେ ବରଂ ଆଉକେତେ ଉପାୟ କରି ଆପଣା ମାନସ ପୂର୍ଣ୍ଣ କରିବାର ଚେଷ୍ଟା କରନ୍ତେ । ଅପାତତଃ ତାହାଙ୍କ ଉପାୟମାନ ସଫଳ ହେବାରେ ତାହାଙ୍କର ସୁଖ୍ୟାତି ସମସ୍ତେ ଗାୟନ କରୁ ଅଛନ୍ତି ଓ ଯେତେବେଳେ ସଭାଦ୍ୱାରା ବାଞ୍ଛିତ ଫଳ ପ୍ରାପ୍ତ ହେବ ତେତେବେଳେ ତାହାଙ୍କ ଯଶର ସୀମା ରହିବ ନାହିଁ । ସଭାରେ କି ବିଷୟମାନ ଧାର୍ଯ୍ୟ ହେବ ତାହା ନିଶ୍ଚୟ ବୋଲାଯାଇ ନ ପାରେ ତେବେ କୌଣସି ସଂବାଦପତ୍ରରେ ଲେଖା ଅଛି ଯେ ବଲକାନ ପର୍ବତ ଓ ତଦୁପରି ଥିବା ଦୁର୍ଗମାନ ତୁରସ୍କର ନୂତନ ସୀମା ହେବ ଏବଂ ବଟୋମ ନଗର ଯାହା ରୁଷୀୟା ତୁରସ୍କଠାରୁ ନେବାକୁ ଦାବି କରିଅଛି ତାହା ରହିତ ହେବ । ତୁରସ୍କ ପକ୍ଷରୁ କାରାଥିଓଡୋର ଏଫଣ୍ଡୀ ସଭାରେ ଉପସ୍ଥିତ ରହିବେ । ଏଥିପୂର୍ବେ ସାଦକପାଶାଙ୍କର ଯିବାର ସ୍ଥିର ହୋଇ ଥିଲା ତାହା ରହିତ ହେଲା ।

ଡେଲିନ୍ୟୁସ ଅନୁମାନ କରନ୍ତି କି କନଷ୍ଟାଣ୍ଟିନୋପଲରେ ଭାରି ଗୋଲମାଲ ହେବାର ଲକ୍ଷଣ ସମସ୍ତ ଦେଖା ଯାଉ ଅଛି ।

ଅଷ୍ଟ୍ରିୟା ସମ୍ପର୍କରେ କନଗ୍ରେସ ସଭାରେ ଯାହା ବିଚାର ହେବ ତାହା ଶୀଘ୍ର କାର୍ଯ୍ୟରେ ପରିଣତ କରିବା କାରଣ ସେଠା ଗବର୍ଣ୍ଣମେଣ୍ଟ ଛଅ ପଲଟନ ସୈନ୍ୟ ଶସ୍ତ୍ର ସଂଗ୍ରହ କରିବାର ଉଦ୍ୟମ କରୁ ଅଛନ୍ତି ।

---

## ଇଂରେଜ ଓ ଦେଶୀୟ ଶାସନ ।

ଲଙ୍କାଦ୍ୱୀପରେ ସିଲୋନପେଟ୍ରିଅଟ୍ ନାମରେ ଖଣ୍ଡେ ସମ୍ବାଦପତ୍ର ଅଛି ତହିଁରେ ଦେଶୀୟ ଓ ଇଂରେଜଙ୍କ ଶାସନ ବିଷୟରେ ନିମ୍ନଲିଖିତ କଥା ଲେଖା ଅଛି । ଯଥା;—

" ଜଣେ ବୃଦ୍ଧଲୋକକୁ ପଚରାଗଲା କି ଦେଶୀୟ ଶାସନ ଏବଂ ଇଂରେଜଙ୍କ ଶାସନ ମଧ୍ୟରେ ସେ କାହାକୁ ଭଲ ଜ୍ଞାନ କରେ ସେ ଉତ୍ତର ଦେଲା କି ଦେଶୀୟ ଶାସନ । ତହୁଁ ତାହାକୁ ବୋଲାଗଲା ଯେ ସେ କି ଶିକ୍ଷା ଏବଂ ବିଚାର-ପ୍ରତି ଦୃଷ୍ଟି କରନାହିଁ । ତହିଁରେ ସେ ଉତ୍ତର ଦେଲା ଯେ ଇଂରେଜମାନେ ଶିକ୍ଷାଦାନଦ୍ୱାରା ଅନିଷ୍ଟ କରୁଅଛନ୍ତି କାରଣ ଲୋକେ ଶିକ୍ଷା ପାଇ କେବଳ ଆପଣା ପୂର୍ବପୁରୁଷଙ୍କ ବ୍ୟବସାୟ ତ୍ୟାଗ କରୁଅଛନ୍ତି । ଆଉ ବିଚାରସମ୍ପର୍କରେ ଅଧିକ କି ବୋଲିବା ବାସ୍ତବରେ କେବଳ ଦୁଃଖୀଙ୍କ ହାତପାଖରେ ଜଣେ ଉକିଲ ମୁକ୍ତାର ଖଞ୍ଜା ହୋଇଅଛି । ଦେଶୀୟ ଶାସନ ସ୍ୱେଚ୍ଛାଚାର ପ୍ରଣାଳୀର ଥିଲା ସତ୍ୟ ମାତ୍ର ବର୍ତ୍ତମାନ ଟାକ୍ସ-ଯୋଗୁଁ ଦୁଃଖୀମାନେ ଯେମନ୍ତ କଷ୍ଟ ପାଉଅଛନ୍ତି ସେପରି ପାଉ ନ ଥିଲେ । ରାଜା ଯେମନ୍ତ କର ନେଉଥିଲେ ତେମନ୍ତ ଲୋକମାନେ କଷ୍ଟ ନ ପାଉନ୍ତି ଏହା ଦେଖୁଥିଲେ । ସମ୍ପ୍ରତି ସେପରି ବୋଲାଯାଇ ନ ପାରେ କୃଷିକାରମାନେ ଅତ୍ୟନ୍ତ ଋଣଗ୍ରସ୍ତ ହୋଇ ମହାଜନଙ୍କ ହାତରେ ରହି ଅଛନ୍ତି ସେମାନେ ଇଚ୍ଛା କଲେ ତତ୍କ୍ଷଣାତ୍ ରଇତକୁ ବେଦଖଲ କରନ୍ତେ"

ଏ ବୃଦ୍ଧ ଲୋକଟି ଯାହା କହିଅଛି ନିମ୍ନଶ୍ରେଣୀର ଅଧିକାଂଶ ଲୋକଙ୍କର ସେହି ଭାବ ଅଟଇ ଏହା ଅନାୟାସରେ ବୋଲି ଯାଇ ପାରେ ଇଂରେଜଙ୍କ ଶାସନ ପ୍ରଣାଳୀ ଅତ୍ୟନ୍ତ ଜଟିଳ ତାହାକୁ ହୃଦୟଙ୍ଗମ କରିବାକୁ ଅବଧି ଏଠା ଲୋକେ ସକ୍ଷମ ହୋଇ ନାହାନ୍ତି ଏ ଶାସନ ପ୍ରଣାଳୀର ମହତ୍ତ୍ୱଗୁଣସବୁ ଏବା ଟାକ୍ସ ବୃଦ୍ଧିଦ୍ୱାରା ଲୋପ ହେଉଅଛି । ଦେଶୀୟରାଜାଙ୍କ ଅଥବା ମୁସଲମାନମାନଙ୍କ ଶାସନ ଅପେକ୍ଷା ବର୍ତ୍ତମାନ ଯେତେ ଅଧିକ ସୁଖସ୍ୱଚ୍ଛନ୍ଦତା ଲୋକେ ଭୋଗ କରୁଅଛନ୍ତି ତାହା ପୁଣି ହେବା ପୂର୍ବରୁ ଟାକ୍ସର ଚିନ୍ତା ତାହାକୁ ସାର ଦେଉଅଛି । ସୁଖଲାଲସା ମନୁଷ୍ୟର, ସ୍ୱଭାବସିଦ୍ଧ ଓ ସବୁଙ୍କ

Split by PDF Splitter



ପୃଥିବୀରେ ମିଳିବାର କଠିନ ସୁତରାଂ ଅସନ୍ତୁଷ୍ଟ ଏକପ୍ରକାର ସ୍ୱଭାବସିଦ୍ଧ ହୋଇ ଯାଇଅଛି । ବିଗତ ଦୁଃଖ ମନକୁ ତେତେ ପୀଡ଼ା ଦିଏ ନାହିଁ । ତଦପେକ୍ଷା ଉପସ୍ଥିତ ଦୁଃଖ ଅଳ୍ପ ହେଲେହେଁ ତାହା ଅଧିକ କ୍ଳେଶକର ହୁଏ । ଏହି ହେତୁରୁ ଏବେ ଟାକ୍ସ ଦେବା ଭଳେ ଇଂରାଜ ଗବର୍ଣ୍ଣମେଣ୍ଟର ସବୁସୁଖ ଅଚ୍ଛନ୍ନ ହୋଇ ରହି ଅଛି । ଇଂରାଜ ଗବର୍ଣ୍ଣମେଣ୍ଟ ଯେବେ ଟାକ୍ସ ଭାର ଊଣା କରି ପାରନ୍ତେ ଅଥବା ସାକ୍ଷାତ୍ ଟାକ୍ସ ସ୍ଥଳରେ ଅଧିକ ପରିମାଣରେ ପ୍ରକାରାନ୍ତରରେ କର ନେବାର ନିୟମକୁ ପ୍ରଚଳିତ କରନ୍ତେ ତାହା ହେଲେ ବଡ଼ ଭଲ ହୁଅନ୍ତା ଓ ନିମ୍ନଶ୍ରେଣୀର ଲୋକେ ଯେତେ ଅସୁଖ ବୋଧ କରୁଅଛନ୍ତି ତାହା କରନ୍ତେ ନାହିଁ । ଆଉ ସାମାନ୍ୟ ବୋଧର ଲୋକଙ୍କୁ ଇଂରାଜ ଶାସନ ପ୍ରଣାଳୀର ଉତ୍କୃଷ୍ଟ ନିୟମମାନ ବୁଝାଇବାର କଠିନ । ଯେଉଁମାନେ ପ୍ରତିଦିନ ହାକିମମାନଙ୍କୁ ଧାନ ଚାଉଳର ଦର କରିଦେବା ଓ ବିଦେଶକୁ ରପ୍ତାନି ନିଷେଧ କରିବାକୁ ପ୍ରାର୍ଥନା କରନ୍ତି ସେମାନଙ୍କୁ କିପରି ବୁଝାଇବ । ଶାସନ ପ୍ରଣାଳୀ ସଙ୍ଗେ ୨ ସମାଜର ଅବସ୍ଥା ପରିବର୍ତ୍ତିତ ହେଉଅଛି ଓ ଏହିପରି ପରିବର୍ତ୍ତନ ଲାଗିଥିବ ।

---

ଅମ୍ଭମାନଙ୍କ ଯାଜପୁରସ୍ଥ ସଂବାଦଦାତା ଲେଖିଅଛନ୍ତି ଯଥା;—ଗତସପ୍ତାହଠାରୁ ଏପରି ଗ୍ରୀଷ୍ମ ହେଉଅଛି ଯେ ଲୋକମାନେ ଅତି କଷ୍ଟରେ ଦିନପାତ କରୁ ଅଛନ୍ତି ଜଳପବନ ବ୍ୟତୀତ ଜୀବନଧାରଣର ଅନ୍ୟ କିଛି ଉପାୟ ନାହିଁ ଏବେ ଅଳ୍ପ ବୃଷ୍ଟି ହେଉ ଥିଲେ ବିଶେଷ ସୁବିଧା ହେଉ ଥାନ୍ତା ଯାହାହେଉ ଫସଲପ୍ରତି ଅଦ୍ୟାପି କିଛି ବ୍ୟାଘାତ ହୋଇ ନାହିଁ ଓଲାଉଠା ରୋଗରେ ଗୋଟିଏ ୨ ମନୁଷ୍ୟ ପ୍ରାଣ ହରଉ ଅଛନ୍ତି । ୮ ଦି । ଦର୍ପଣ ବଡଚଣା ନିକଟରେ ଏକ ଗୁନ୍ୟ ଶବ୍ଦ ଶୁଣା ଯାଇଥିବାର ଉକ୍ତ ଦଳ ଦାନଗୋଇ ରପୋର୍ଟ କରିଅଛନ୍ତି । ଏକବ୍ୟକ୍ତି ପ୍ରତିଦିନ ଲୋକଙ୍କ ଛତା ଓ ଯୁତା ଚୋରାଇକରି ଆପଣାର ମଦଭାଙ୍ଗଖର୍ଚ୍ଚା ଓଗେର ନିର୍ବାହ କରୁଥିଲା ଭାଗ୍ୟକ୍ରମେ ଏକଦିନ କଟେରିରେ ଧରା ପଡ଼ିବାରୁ ପୁଲିସଦ୍ୱାରା ଚାଲଣ ହୋଇ ଶ୍ରୀଯୁକ୍ତ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ବିଚାରରେ ଏକବର୍ଷ କାରାବାସର ଦଣ୍ଡାଜ୍ଞା ପାଇ ଅଛି । ଏଠା ବଜାରରେ ଚାଉଳର ଦର ପୂର୍ବପ୍ରାୟ ରହିଅଛି । କୃଷିକାର୍ଯ୍ୟ ଓ ଚାକରଙ୍କ ଭିନ୍ନ ସକଳପ୍ରକାର ବ୍ୟବସାୟିମାନେ ଲାଇସେନ୍ସ ଟାକ୍ସ ଦେବାର ନିୟମ ହୋଇ ଥିବାରୁ ଲୋକମାନେ ବିଶେଷ କାତର ହୋଇ ଅଛନ୍ତି ଓ ଯେଉଁମାନେ ଆଇନରୁ ମୁକ୍ତ ପାଇଅଛନ୍ତି ସେମାନଙ୍କର ବିଶେଷ ହାନିର ସମ୍ଭାବନା ଟାକ୍ସଦାତାମାନେ ଆପଣା ୨ କ୍ଷତି ଏହିମାନଙ୍କଠାରୁ ପୂରଣ କରି ନେବେ ଇତି ।

---

# ସାପ୍ତାହିକସଂବାଦ ।

ଅମ୍ଭେମାନେ ପଦ୍ୟକୌମୁଦୀ ନାମରେ ଗୋଟିଏ ପୁସ୍ତିକା ଉପହାର ପାଇ ଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଏହା ବାବୁ ଶିବନାରାୟଣ ନାୟକ ଓ ରମାନାଥ ଦାସଙ୍କଦ୍ୱାରା ରଚିତ କୁମାର ବୈକୁଣ୍ଠନାଥ ଦେଙ୍କଦ୍ୱାରା ପ୍ରକାଶିତ ପ୍ରଶଂସିତ କୁମାରଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ନମୀନସାହେବଙ୍କ ନାମରେ ଉତ୍ସର୍ଗିତ ହୋଇଅଛି । ବଙ୍ଗଦେଶର ପ୍ରଚଳିତନିୟମରେ ପଦ୍ୟାଦି ଲେଖିବାର ଧାରା ଉତ୍କଳୀୟ ବାଳକଙ୍କୁ ଶିକ୍ଷାଦେବା ଏଥିର ଉଦ୍ଦେଶ୍ୟ ଅଟଇ । ଅମ୍ଭମାନଙ୍କ ବିବେଚନାରେ ପୁସ୍ତକ ଖଣ୍ଡିକ ଅନାବଶ୍ୟକରୂପେ କଟି ଯାଇଅଛି । ଯାହାହେଉ ଏହା ନିତାନ୍ତ ଅପ୍ରୟୋଜନୀୟ ନୁହଇ ।

ଗତଶୁକ୍ରବାର ଅପରାହ୍ନ କାଳରେ ଭାରି ବତାସସହିତ ଏକ ଅଳ୍ପ ଉତ୍ତମ ବୃଷ୍ଟି ହୋଇ ଥିଲା । ବତାସରେ ଅନେକଘରର କୁଟା ଉଡ଼ି ଯାଇ ଅଛି ଓ କେତେ ପ୍ରକାଣ୍ଡ ଗଛମାନ ଭାଙ୍ଗିପଡ଼ି ଅଛି । ପ୍ରାୟ ଅର୍ଦ୍ଧଘଣ୍ଟା ପର୍ଯ୍ୟନ୍ତ ଅତ୍ୟନ୍ତ ବେଗରେ ପଶ୍ଚିମା ଓ ଉତ୍ତରପଶ୍ଚିମା ବତାସ ହେଲା ଓ ତହିଁ ସଙ୍ଗେ ୨ ଦମକା ବୃଷ୍ଟି ହେଲା । ମୌସୁମି ବୃଷ୍ଟି ଆରମ୍ଭ ହେବାର ସମସ୍ତ ଲକ୍ଷଣ ପ୍ରତ୍ୟକ୍ଷ ହେଲା ଓ ତଦବଧି ଆକାଶ ମେଘାଚ୍ଛନ୍ନ ରହିଅଛି ମାତ୍ର ଗ୍ରୀଷ୍ମର ପ୍ରତାପ ଊଣା ପଡ଼ ନାହିଁ ।

ଏଠାରେ ଜନରବ ଉଠିଅଛି କି ବାବୁ ଶ୍ରୀନାଥଭଦ୍ର ଡେପୁଟୀ କଲେକ୍ଟର ପୀଡ଼ିତ ଥିବାର ଆପତ୍ତି କରିବାରୁ କୋଷ୍ଟକେନାଲର ଭୂମି କ୍ରୟ ସକାଶେ ସେ ବାଲେଶ୍ୱରକୁ ଯିବେ ନାହିଁ ଓ ଡେପୁଟୀକଲେକ୍ଟର ବାବୁ ଜଗନ୍ମୋହନରାୟ ତାହାଙ୍କ କର୍ମରେ ଯାଉଅଛନ୍ତି । ବାବୁ ଜଗନ୍ମୋହନ ରାୟଙ୍କ ବଦଲୀ କଥା ଶୁଣି ଏଠା ଲୋକ ଦୁଃଖିତ ଅଛନ୍ତି । କିନ୍ତୁ ସରକାରୀ ପ୍ରୟୋଜନକୁ ଅନ୍ୟଥା କାହାର ! ଯାହାହେଉ ଅମ୍ଭେମାନେ ବିବେଚନା କରୁଁ ଯେ ବର୍ଷାକାଳ ଆଗତପ୍ରାୟ, ଏଥିମଧ୍ୟରେ ମଫସଲ କର୍ମ ହେବାର ଦୁସ୍ତର ତେବେ ଗବର୍ଣ୍ଣମେଣ୍ଟ କାହିଁକି ଏତେ ବ୍ୟସ୍ତହୋଇ ବର୍ତ୍ତମାନ ଜଣେ ହାକିମ ଏ କର୍ମ ସକାଶେ ପଠାଉଅଛନ୍ତି । ଆସନ୍ତା ଶୀତକାଳରେ ଏଥିର ବନ୍ଦୋବସ୍ତ କଲେତ ଭଲ ହୁଅନ୍ତା ।

ପାରିସ ନଗରରେ ଗୋଟିଏ ଭାରି ପ୍ରଦର୍ଶନ ଯାତ୍ରା ହୋଇଅଛି । ଗତ ମାସ ପ୍ରଥମ ଦିନ ଉକ୍ତ ପ୍ରଦର୍ଶନ ଫିଟିଲା । ଯେଉଁ ଘରେ ପ୍ରଦର୍ଶନ ଦ୍ରବ୍ୟାଦି ରଖା ଯାଇଅଛି ସେ ଘରର ଦ୍ୱାର ୪୦୦୦ ଗୋଟା ଏଥିରୁ ପାଠକମାନେ ଦୀର୍ଘ ପ୍ରସ୍ଥ ବିଚାର କରି ନେଉନ୍ତୁ । ଗୋଟାଏ ଅତି ବିସ୍ତୀର୍ଣ୍ଣ ପଡ଼ିଆରେ ସେ ଘର ନିର୍ମିତ ହୋଇଅଛି । ଭାରତବର୍ଷର ଦ୍ରବ୍ୟ ସବୁ ସେ ଘରର ଏକପାର୍ଶ୍ୱରେ ଅତିଶୟ ଶୋଭନୀୟ ହୋଇଅଛି । ସ୍ୱୟଂ ଯୁବରାଜ ପ୍ରିନ୍ସଅବ୍‌ୱେଲ୍ସ ଏ ସବୁ ସଜାଇ ରଖିଅଛନ୍ତି । ଯେସମସ୍ତ ଦ୍ରବ୍ୟ ଆମ୍ଭେମାନେ ଏଠାରେ କେବେ ଦେଖି ନାହୁଁ ସେ ସମସ୍ତ ସେଠାରେ ଏକତ୍ରିତ ହୋଇଅଛି । ଏପରି ପ୍ରଦର୍ଶନ ଯାତ୍ରା ପୃଥିବୀରେ ଆଉ କେବେ ହୋଇ ନାହିଁ ବୋଲି ଲୋକେ କହୁ ଅଛନ୍ତି ।

ଗତମାସର ବର୍ଷା ଭାରତବର୍ଷର ସମସ୍ତ ସ୍ଥାନରେ ହୋଇଥିବାର ସଂବାଦ ଆସିଅଛି । ମାନ୍ଦ୍ରାଜ ବମ୍ବେ ଓ ମଧ୍ୟଭାରତବର୍ଷର ସମସ୍ତ ସ୍ଥାନରେ ଉତ୍ତମ ବୃଷ୍ଟି ହୋଇଅଛି । ମଧ୍ୟପ୍ରଦେଶ ଓ ରାଜପୁତାନାରେ ଏହିପରି । ବଙ୍ଗଳାରେ କେବଳ ପାଟନା ଛଡ଼ା ସମସ୍ତ ଜିଲ୍ଲାରେ ବୃଷ୍ଟି ହୋଇଅଛି । ଆସାମରେ କିଛି ଅଧିକ ବୃଷ୍ଟି ହୋଇ ଅଛି ଏବଂ ଉତ୍ତରପଶ୍ଚିମରେ ପୁନଃ ୨ ବର୍ଷା ହେବାରୁ କିଛି କ୍ଷତି ହୋଇଅଛି । ବ୍ରହ୍ମଦେଶରେ ମଧ୍ୟ ସୁବୃଷ୍ଟି ହୋଇଅଛି ।

ଉତ୍ତରପଶ୍ଚିମ ଏବଂ ଅଯୋଧ୍ୟାରେ ମୃତ୍ୟୁ ସଂଖ୍ୟା ଅଧିକ ହେବାର ଦେଖା ଯାଏ ଗତବର୍ଷ ମାର୍ଚ୍ଚିମାସରେ ୬୧୪୩୯ ଲୋକ ମରିଥିଲେ କିନ୍ତୁ ଏବର୍ଷ ସେହିମାସରେ ୧୪୩୬୬୦ ଲୋକ ମରି ଅଛନ୍ତି ।

ଚୀନର ଦୁର୍ଭିକ୍ଷ ଅଦ୍ୟାପି ପୂର୍ବପ୍ରାୟ ରହିଅଛି । ଏକଜିଲ୍ଲାରେ ପ୍ରତିଦିନ ୨୦୦ ଲେଖାଏ ମୃତ୍ୟୁ ହେଉଅଛି ଅପର ଏକଜିଲ୍ଲାରେ ଏତେମନୁଷ୍ୟ ମରୁଅଛନ୍ତି କି ସେମାନଙ୍କୁ ପୋତିବାକୁ ଅବକାଶ ହେଉ ନାହିଁ ।

Digitized by srujanika@gmail.com

ଫ୍ରେଞ୍ଚରନାମରେ ଏକବ୍ୟକ୍ତି ନଦବାଉଲା ରେ ଆପଣା ପୁତ୍ରକୁ ହତ୍ୟା କରିବା ଅପରାଧରେ ଗ୍ଲାସଗୋଠାରେ କଏଦ ଅଛି । ସେ ଗୃହରେ ଘରେ ଶୋଇ ଥିଲା ହଠାତ୍ ଉଠି ମନେକଲା ଯେମନ୍ତ ଗୋଟିଏ ବଣଜନ୍ତୁ ଘରେ ପଶିଅଛି । ଏହା ଭାଳ ଆପଣାର ନିଦ୍ରିତ ପୁତ୍ରକୁ ଉଠାଇ ଏମନ୍ତ ସବଳରେ କାନ୍ଥରେ କଚାଡିଦେଲା ଯେ ସେ ତତ୍କ୍ଷଣାତ୍ ମରିଗଲା । ଏହିଲୋକ ଆଉ ଏକଥର ନିଦବାଉଲାରେ ଆପଣା ସ୍ତ୍ରୀକୁ ପ୍ରହାର କରିଥିଲା ।

ମାଲବାଅଖବାର ନାମକ ସଂବାଦପତ୍ରର ସମ୍ପାଦକଙ୍କୁ ମହାରାଜା ହୋଲକାର କଏଦ କର ଥିଲେ ସମ୍ପ୍ରତି ତାହାକୁ ସାବଧାନ ହୋଇ ଚାଲିବା ସକାଶେ କହିଦେଇ ମୁକ୍ତ ଦେଇ ଅଛନ୍ତି ।

କୃଷ୍ଣନଗରରେ ଶ୍ରୀ ଯୁକ୍ତ ଉଡନସ୍ସାହେବ ଜଣେ ସ୍ତ୍ରୀ ଓ ତାହାର ଉପପତିକୁ ଉକ୍ତ ସ୍ତ୍ରୀର ଦେଉରଙ୍କୁ ହତ୍ୟା କରିବା ଅପରାଧରେ ଫାଶୀର ଦଣ୍ଡ ଦେଇଥିଲେ କିନ୍ତୁ ହାଇକୋର୍ଟଙ୍କ ବିଚାରରେ ଉଭୟ ଆସାମୀ ଖଲାସ ପାଇଅଛନ୍ତି । ଉଡନସାହେବ ଏଠାରେ ଏକ୍ଟିଂ ଜଜ ହୋଇ ପୁରୀରାଜାଙ୍କୁ ଦଣ୍ଡ ଦେଇ ଥିଲେ । ଏହାଙ୍କ ବିଚାରସବୁ ହାଇକୋର୍ଟରେ ଅନ୍ୟଥା ହୁଅଇ ।

ଗତମାସ ୧୯ ଓ ୨୫ ତାରିଖରେ ଶିବସାଗରରେ ବଡ ତୋଫାନ ହୋଇଥିଲା । ଇଂଲିସମ୍ୟାନ ସଂବାଦ ପାଇଅଛନ୍ତି କି ପୁରୁଣା ଭାରି ଗଛମାନ ମୂଳରୁ ଉପୁଡି ପଡିଲା ଏବଂ ଲୁହାର ଘରସବୁ ଉଡିଗଲା । ଗ୍ରୀଷ୍ମକାଳରେ ଏତେ ପ୍ରବଳ ବତାସ କଦାଚ ପ୍ରତ୍ୟକ୍ଷ ହୁଅଇ ।

ଡେଲିନ୍ୟୁସରେ ଏକବ୍ୟକ୍ତି ଲେଖିଅଛନ୍ତି କି ଅକ୍ଜରକଷ୍ଟେର ଓ ନୈଷାଦରରେ ଅଙ୍ଗାରକୁ ଭଲକରି ଧୋଇଲେ ତହିଁର ନିଆଁ ଦେହକୁ କାଟିବ ନାହିଁ । ଏପ୍ରକାର କୋଇଲା ନିଆଁ ଉପରେ ଅନାୟାସରେ ମନୁଷ୍ୟ ଚାଲି ଯାଇ ପାରେ ଓ ହାତଉପରେ ସେ ନିଆଁ ରଖିଲେ ସୁଦ୍ଧା କ୍ଷତି ହେବ ନାହିଁ । ଯାହାର ଇଚ୍ଛା ହେବ ସାବଧାନ ହୋଇ ପରୀକ୍ଷା କରିବ ।

ମଧ୍ୟପ୍ରଦେଶ ଅନ୍ତର୍ଗତ ଯାମଲକାନ୍ଦର ରାଜାକୁ ଦଶଲକ୍ଷଟଙ୍କା ଋଣ ଦେବାକୁ ଗବର୍ଣ୍ଣମେଣ୍ଟ ସ୍ୱୀକାର କରି ଅଛନ୍ତି । ପ୍ରଧାନ କମିଶ୍ନରଙ୍କ ଅନୁରୋଧରେ ଏହା ହୋଇ ଅଛି ।

୧ । ସୁଲଭସମାଚାର ଲେଖିଅଛନ୍ତି ଯେ ଗ୍ରୀହଟ୍ଟପ୍ରକାଶ କହନ୍ତି ସେଠାରେ ଜଣେ ସନ୍ନ୍ୟାସିନୀ ଆସିଅଛି ତାହାର ଚାରିଅଙ୍ଗୁଳ ପରିମାଣ ଦାଢି ଅଛି ।

୨ । ଏବର୍ଷ ସିଭିଲ ସର୍ବିସ ପରୀକ୍ଷା ହୋଇ ଯାଇଅଛି । ୩୦ ଗୋଟି କର୍ମ ଖାଲିଥିଲା ତହିଁରେ ୩୦୦ ଆବେଦନ ହୋଇଅଛି ଆଜିକାଲି ଚାକିରିର ବଜାର ସବୁଆଡେ ବଡ଼ ମହାର୍ଘ ହୋଇ ପଡିଅଛି ।

୩। ସୋମପ୍ରକାଶର ଚନ୍ଦନନଗରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯେ " ଗତ ଅପ୍ରେଲମାସରେ ଫ୍ରାନ୍ସଠାରୁ ଏଠାକାର ମାନ୍ୟବର ଗବର୍ଣ୍ଣର ଜେନେରଲ ଫେରଯ୍ୟେର ନିକଟକୁ ହୁକୁମ ଆସିଅଛି ଯେ ଚନ୍ଦନନଗରର ପ୍ରଜାବର୍ଗଙ୍କ ମଧ୍ୟରେ କେତେ ଲୋକ ସାଧାରଣ ତନ୍ତ୍ରପକ୍ଷ ଏବଂ କେତେଲୋକ ଅବା ବୋନାପାର୍ଟି ଦଳଭୁକ୍ତ ତହିଁର ରପୋର୍ଟ ଦେବାକୁ ହେବ । ଏଥିପାଇଁ ଗତ ମଇମାସ ତା ୨ ରଖରେ ଗବର୍ଣ୍ଣମେଣ୍ଟ ହାଉସରେ ଗୋଟିଏ ସଭା ହୋଇଥିଲା । ସେହିସ୍ଥଳରେ ଅନେକ ଧନିଲୋକ ଓ ମେମ୍ବରଗଣ ଉପସ୍ଥିତ ହୋଇଥିଲେ ଏବଂ ସଭାରେ ମେମ୍ବରମାନେ କହିଲେ ଯେ ଏସ୍ଥାନର ସମସ୍ତ ପ୍ରଜାବର୍ଗ ବୋନାପାର୍ଟି ଦଳଭୁକ୍ତ, କେବଳ କ ୬ ଣ ମାତ୍ର ସାଧାରଣତନ୍ତ୍ରପକ୍ଷ । ଏଣେ ଗବର୍ଣ୍ଣରଙ୍କର ଏହିପରି ରପୋର୍ଟ ଦେବା ପରେ ସରେ ଗୋଲଯୋଗ ହେବାରୁ ଏଠାର ଗବର୍ଣ୍ଣର ଗୋଲଯୋଗ ନିବୃତ୍ତି ନିମିତ୍ତ ଆଗାମୀ ଫ୍ରାନ୍ସିସଙ୍କ ମେଲରେ ପାରିସକୁ ଯିବେ "।

## CORRESPONDANCE.

To the Editor of the Utkul Dipica.

Dear sir,

And now what are we to do? There's your Lieutenant Governor gone without visiting the Municipal Market. There's your Puri Rajah's case is over and he himself is somewhere potted and become according to the Indian Charivari "Pot Pourie" or Pourie Potted. We have nothing else to do. But do you think of the heat and heat being the topic of the day you cannot but think of it, tho' under your unceasing Punkha you may not feel it nor feel for those who suffer under it. So as an Editor, staunch and sturdy you are tho' in the heat of the moment, as cool as any cocumber ever sowed. And what is coolness after all. But no more, I am treading on grounds reserved only for the higher few not for all. Now what are we to do. Are we to think of the present state of the thermo only, or will you as the guardian and comptroller general of the public thought and the way of thinking, invent some scheme to refill the dried wells. You can certainly draw the attention of the authorities to want of water. The Public Works Department is not the conservator of the public health and therefore pay no attention to the stagnant water of the Katjury. But you are, and although you now and then pay your inspection visits to its sandy bed, you never think of drawing the attention of the authorities to its present state, or how far the public health will be improved by some fresh water being allowed to flow into it. Katjury attracts public attention when he thinks of overflowing but in his quiescent state he is always forgotten. Cannot the authorities be moved to divert sufficient quantity of water from feeding the high level canal to feeding the low level lives of the *Kutkees*. But it is useless to speak to you, for you would not move.

*Yours faithfully*

RIGMAROLE

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ସନ୍ତାନ ଭକ୍ତି ବୃଦ୍ଧ ପତ୍ରିକାଦ୍ୱାରା ଏହିମାସ ତା ୧ ରଖ ଲେଖା ନ ୬୪ ନମ୍ବର ତଣ୍ଡି ମଧ ଲଗରେଖା ବିଜ୍ଞାପନ ପଢ଼ିବା ଜଣାଗଲା ସେ ବାଣିଜ୍ୟଦ୍ରବ୍ୟ ସଦାବ୍ରତ ସକାଶେ ଚଳିବାହୁଦ ଜାଳ ଏହିମାସ ତା ୧୫ ରଖଠାରୁ ଖୁଲିବ । ଏ ବିଷୟ ସର୍ବସାଧାରଣଙ୍କୁ ଜ୍ଞାତ କରଣାର୍ଥ ସାହେବପ୍ରଶଂସିତ ଲେଖି ଅଛନ୍ତି । ତା ୧୨ ରଖ ମାହେ ଜୁନ ସନ ୧୮୭୮ ମସିହା ।

☞ ଏହି ଉତ୍କଳ ଦୀପିକା ସହରର କଟକ ତରସାବକାର ପ୍ରିଣ୍ଟିଂକମ୍ପାନଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ | ତା ୨୨ ରିଖ ମାହେ ଜୁନ ସନ ୧୮୭୮ ମସିହା । ମୁ । ଆଷାଢ଼ ବ ୧୦ ନ ସନ ୧୨୮୫ ସାଲ ଶନିବାର | ଅଗ୍ରିମ ବାର୍ଷିକମୂଲ୍ୟ ଟ୩୧
ଏ ୨୫ ଖ୍ୟା | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୧
ମଫସଲପାଇଁ ଡାକମାସୁଲ ଟ୧୧୬/

ଆଗାମୀ ମାସ ତା ୧ ରିଖରୁ ଯେଉଁମାନେ ଉତ୍କଳଦୀପିକା ନ ପାଇବେ ସେମାନେ ଜାଣିବେ ଯେ ଏକବର୍ଷରୁ ଅଧିକ କାଳର ମୂଲ୍ୟ ତାହାଙ୍କ ଉପରେ ପାଉଣା ହେବା ଓ ବିଲ୍ ଓ ତାକିଦ ଚିଟୀ ଯିବା ପ୍ରତ୍ୟକ୍ଷେ ସେମାନେ ଆପଣା ଦେୟ ମୂଲ୍ୟ ଦେବାକୁ ବିଲମ୍ବ କରିବାରୁ ତାହାଙ୍କ ନାମ ଗ୍ରାହକଶ୍ରେଣୀରୁ ଅପସୃତ ହେଲା । ଏ ପକ୍ଷେ ଟଙ୍କା ଆଦାୟର ଆଇନସଙ୍ଗତ ଉପାୟ ଅବଲମ୍ବିତ ହେବ ।

---

ହିନ୍ଦୁବିଧବା ଉଇଲ କରିପାରେ କି ନାହିଁ ଏଥିର ବିଚାର ଅଳ୍ପଦିନ ତଳେ ହାଇକୋର୍ଟରେ ହୋଇଥିଲା । ଉକ୍ତ ଅଦାଲତ ଏହିପରି ନିଷ୍ପତ୍ତି କରିଅଛନ୍ତି କି "ଯେଉଁ ସମ୍ପତ୍ତିରେ ଏକା କୌଣସି ହିନ୍ଦୁ ବିଧବାର ସ୍ୱତ୍ୱାଧିକାର ଅଛି ତାହାକୁ ସେ ଉଇଲ କରିଦେବା ବିଷୟରେ କୌଣସି ଆଇନରେ ନିଷେଧ ଆଜ୍ଞା ନାହିଁ । କିନ୍ତୁ ବିଶେଷ ପ୍ରୟୋଜନ ଭିନ୍ନ ସେ ଆପଣା ସ୍ୱାମିର ସମ୍ପତ୍ତି ଉଇଲକ୍ରମେ ଅଥବା ଅନ୍ୟ ପ୍ରକାରରେ ହସ୍ତାନ୍ତର କରି ନ ପାରେ କାରଣ ତହିଁରେ ତାହାର କେବଳ ଜୀବନସ୍ୱତ୍ୱ ଅଛି । ଏ ବିଷୟରେ ସେ ଅନ୍ୟ ବ୍ୟକ୍ତିଙ୍କପ୍ରାୟ ଅଟଇ ଏବଂ ଯଦ୍ୟପି ଉଇଲ ଲିଖିତ ସମ୍ପତ୍ତି ତାହାର ନ ଥାଇ ଆପତ୍ତିକାରର ଥାଏ ତେବେ ଯାହା ନାମରେ ଉଇଲ ହୋଇଅଛି ତାହାକୁ ସାର୍ଟିଫିକଟ ଦେବାରେ ଆପତ୍ତିକାରର କିଛି ଅନିଷ୍ଟ ହେବ ନାହିଁ ।"

---

ବଙ୍ଗଳାର ସ୍ୱାସ୍ଥ୍ୟରକ୍ଷାର କମିସନର ଡାକ୍ତର କୋଟସ୍ ସାହେବଙ୍କ ବାର୍ଷିକ ବିଜ୍ଞାପନୀ ବିଲାତକୁ ଯିବାରେ ସେଠାରେ ଥିବା ଭାରତବର୍ଷୀୟ ସେକ୍ରେଟରୀ ବିଜ୍ଞାପନୀ ପାଠ କରି କହିଅଛନ୍ତି କି ଯେମନ୍ତ ନଗର ତେମନ୍ତ ମୋଫସଲର ଲୋକମାନେ ସ୍ୱାସ୍ଥ୍ୟରକ୍ଷାପ୍ରତି ସାଧାରଣରୂପେ ଅବହେଳା ପ୍ରକାଶ କରନ୍ତି । ଗ୍ରାମର ଅଧିକାରୀମାନଙ୍କୁ ଆପଣାର ଗ୍ରାମର ସ୍ୱାସ୍ଥ୍ୟରକ୍ଷା ସକାଶେ ଦାୟୀ କଲେ ଚଳିପାରେ କି ନା ଏ ବିଷୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆର ମତ ଜାଣିବା ସକାଶେ ସେକ୍ରେଟରୀ ପତ୍ର ଲେଖିଅଛନ୍ତି । ସ୍ୱାସ୍ଥ୍ୟରକ୍ଷାର କମିସନର ପ୍ରସ୍ତାବ କରି ଅଛନ୍ତି କି ଲୋକଙ୍କ ଜାଣିବାକାରଣ ସେ ଗେଜେଟରେ ସହଜ ନିୟମ ଓ ଉପଦେଶ ଲେଖି ପ୍ରଚରିତ କରିବେ ଏବଂ ସ୍କୁଲ ଓ କଲେଜମାନଙ୍କରେ ସ୍ୱାସ୍ଥ୍ୟରକ୍ଷା ବିଷୟରେ ଶିକ୍ଷା ଦିଆଯିବ । ଆମ୍ଭମାନଙ୍କ ବିବେଚନାରେ ସ୍ୱାସ୍ଥ୍ୟରକ୍ଷାର ନିୟମାବଳୀ ପ୍ରଚାର କରିବା ଏବଂ ବିଦ୍ୟାଳୟମାନଙ୍କରେ ସେ ବିଷୟର ଶିକ୍ଷା ଦେବାର ପ୍ରସ୍ତାବମାନ ଉତ୍ତମ ଅଟଇ କିନ୍ତୁ ଜମିଦାରମାନଙ୍କୁ ଦାୟଗ୍ରସ୍ତ କରିବା ନିୟମଟି କଠିନ ହେବ । ଆଗେ ଲୋକମାନେ ସ୍ୱାସ୍ଥ୍ୟରକ୍ଷାର ନିୟମମାନ ଶିକ୍ଷା କରନ୍ତୁ ପଛେ ତାହା ପ୍ରତିପାଳନ କରିବା କାରଣ ତାହାଙ୍କୁ ବାଧ୍ୟ କରିବାକୁ ହେବ ଆଉ ଲୋକେ ଯେତେବେଳେ ସ୍ୱାସ୍ଥ୍ୟରକ୍ଷାର ମୂଲ୍ୟ ଜାଣିବେ ସେତେବେଳେ ଆପଣା ହେତୁ ସେମାନେ ତାହା ପାଳନ କରିବେ ।

---

କଟକ ଜେଲଖାନାର କଏଦୀମାନଙ୍କ ଏ ନଗର ଜେଲଖାନାରୁ ପଳାଇବାର କଥା ଅନେକ ପାଠକଙ୍କର ମନରେ ରହିଥିବ । ବର୍ତ୍ତମାନ ଚଳିତମାସ ତା ୨ ରିଖରେ ଏହିପରି ଏକ ଘଟନା ହୋଇଅଛି । ଜଣେ କଏଦୀ ଜେଲ ଦେଉଡ଼ିରେ ପହରା ଦେଉଥିବା କନଷ୍ଟବଲକୁ ହଠାତ୍ ଏମନ୍ତ ଏକ ଘୁସି ମାରିଲା ଯେ ସେ ଶକ୍ତ ପୀଡ଼ିତ ହୋଇ କଚ୍ଛଡ଼ ପଡ଼ିଲା ତହୁଁ ୨୦ ଜଣ ଦାୟେମଲ କଏଦୀ ତତ୍କ୍ଷଣାତ୍ ଜେଲଖାନାରୁ ବାହାର ଆସି ବେଡ଼ି ଭାଙ୍ଗି ପଳାୟନ ଆରମ୍ଭ କଲେ । ଦିବା ଦୁଇପ୍ରହର ଘ ୨ ଣ୍ଟା ସମୟରେ ଏ ଘଟନା ହେଲା । କିନ୍ତୁ ଜଣେ କଏଦୀ କବାଟ ବନ୍ଦ କରିଦେବାରୁ ଆଉ କେହି ବାହାରିଆସି ପାରିଲେ ନାହିଁ । କନଷ୍ଟବଲ ଓ ହେଡକନଷ୍ଟବଲ ସେମାନଙ୍କ ପଛେ ଗୋଡ଼ାଇଲେ ଓ ସେମାନେ ଇଟା ପଥର ଫୋପାଡ଼ିବାଦ୍ୱାରା ତାହାଙ୍କୁ ନିବାରଣର ଚେଷ୍ଟା କଲେ । କିନ୍ତୁ ଗୁଳିଦ୍ୱାରା ସେମାନଙ୍କର ପ୍ରାଣ ଗଲା । ମାଜିଷ୍ଟ୍ରେଟ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସଂବାଦ ପାଇ ଆସିଲା ବେଳକୁ ଅନେକ ପଳାତକ କଏଦୀ ହତ ଅଥବା ଆହତ ହୋଇ ସଡ଼କରେ

Digitized by srujanika@gmail.com

Split by PDF Splitter



ପଡ଼ିଥିଲେ । ଏହା ହେଡ଼କନଷ୍ଟେବଲ ଏମାନଙ୍କ ଗୁଳି ମାରିଲା କନଷ୍ଟେବଲମାନଙ୍କ ମଧ୍ୟ ସେ ଗୁଳି ମାରିବାର ଆଜ୍ଞା ଦେଇଥିଲା ମାତ୍ର ସେମାନେ ମାଜିଷ୍ଟ୍ରେଟଙ୍କ ଆଜ୍ଞା ବିନା ତାହା କରିବାକୁ ସମ୍ମତ ହେଲେ ନାହିଁ । ଗବର୍ଣ୍ଣମେଣ୍ଟ ଏଥିରେ କି ବିଚାର କରିବେ ପଶ୍ଚାତ୍ ଜଣାଯିବ ।

---

ଗତ ସପ୍ତାହରେ ଯେମନ୍ତ ଅସହ୍ୟ ଗ୍ରୀଷ୍ମରେ ଲୋକେ ଛଟପଟ ହୋଇଥିଲେ ଏ ସପ୍ତାହର ପ୍ରଥମ ତିନି ଚାରିଦିନ ପର୍ଯ୍ୟନ୍ତ ସେହିପରି ଥିଲା । ବର୍ଷାକୁ ଚାହିଁ ଆକାଶରୁ ପାଣି ମିଳା କିନ୍ତୁ ବର୍ଷା କାହିଁ ? ତହିଁ ପରବର୍ତ୍ତିରେ କେବଳ କଥଞ୍ଚିତ ଶୀତଳବତାସ ଲଭ ହେବାରୁ ଜଣାଗଲା ଯେ କେଉଁଣସି ଦିଗରେ ଖଣ୍ଡେ ଅଧେ ମେଘ ମଧ୍ୟ ଏ ପାଣି ପକାଇ ଦେଇଗଲା । ପୂର୍ବ ସପ୍ତାହରୁ ଅଧିକ କାଳ ସନ୍ତାପିତ ହୋଇଥିବା ଲୋକଙ୍କର କି ତହିଁରେ କିଛି ଉପକାର ହୁଅଇ । ଆଷାଢ଼ ମାସର ପ୍ରଥମ ସପ୍ତାହ ଗତ ହେଲା ଅବଧି ବର୍ଷା ନାହିଁ । ଏତେ ଦିନକୁ ଚତୁର୍ଦ୍ଦିଗ ବୃଷ୍ଟି ହୋଇ ଯାଇ ଥାନ୍ତା ଆମ୍ଭେମାନେ ଦକ୍ଷିଣପଶ୍ଚିମା ମୌସୁମକୁ ପ୍ରତିମୁହୂର୍ତ୍ତ ଅପେକ୍ଷା କରୁଅଛୁଁ ମାତ୍ର ତାହା ଯଥାବିଧିରେ ପ୍ରବେଶ ହୋଇ ନାହିଁ । ଚଳିତ ମାସ ତା ୩ ରଖରେ କୋଚିନ ଠାରେ ମୌସୁମ ପ୍ରଥମେ ବାହାରିଲା ତା ୯ ୧୦ ରଖ ସୁଦ୍ଧା ବମ୍ବେଇରେ ପହୁଞ୍ଚି ଥାନ୍ତା ତାହା ନ ହୋଇ ସେଠାରେ ତା ୧୪ ରଖରେ ପହୁଞ୍ଚିଲା । ସେହି ପରି ଏଠାରେ ତା ୧୮ ରଖ ମଧ୍ୟରେ ପହୁଞ୍ଚି ଥାନ୍ତା କିନ୍ତୁ ଅବଧି ଆସି ନାହିଁ ତେବେ ବାୟୁର ଗତି ଫେରି ଗଲଣି ଓ ଆକାଶ ମେଘାଚ୍ଛନ୍ନ ଓ ବାୟୁ ଶୀତଳ ଓ ପ୍ରବଳ ବହିବାରୁ ଗ୍ରୀଷ୍ମର ପ୍ରଭା ଏକ ପ୍ରକାର ଊଣା ପଡ଼ିଅଛି । ଯାହା ହେଉ ମୌସୁମ ପହୁଞ୍ଚିବାର ଆଉ ବିଳମ୍ବ ନାହିଁ ଓ ଏମନ୍ତ ହୋଇପାରେ ଯେ ଆସନ୍ତା ସପ୍ତାହରେ ବୃଷ୍ଟି ଓ ନଦୀ ବଢ଼ି ଉଭୟ ପ୍ରତ୍ୟକ୍ଷ ହେବ ଓ ନଗରର ଶୁଷ୍କିଲା କୂଅ ସମସ୍ତ ପୁନର୍ବାର ଜଳଦାନ କରିବାକୁ ସମର୍ଥ ହେବ । ଏହି ଜଳକଷ୍ଟ ନ ଯିବା ପର୍ଯ୍ୟନ୍ତ ଲୋକଙ୍କର ନିଶ୍ଚିନ୍ତ ହେବାର କଥା ନାହିଁ ।

ଯେମନ୍ତ ଗ୍ରୀଷ୍ମରେ ଆମ୍ଭେମାନେ ବ୍ୟାକୁଳିତ ହୋଇଅଛୁଁ ପ୍ରାୟ ବଙ୍ଗଳାର ସର୍ବାଞ୍ଚଳରେ ଏବଂ ଅନ୍ୟାନ୍ୟ ପ୍ରଦେଶରେ ଏହିପରି ଗ୍ରୀଷ୍ମ ଅନୁଭବ କରି ଲୋକମାନେ ଦଗ୍ଧ ହୋଇଥିବାର ସମ୍ବାଦ ଆସିଅଛି କିନ୍ତୁ ସୁଖର ବିଷୟ ଏଠାର ଯେ କୌଣସି ଦିଗରେ ପ୍ରଖର ତାପହେତୁ ଫସଲ ପ୍ରତି କିଛି ଅନିଷ୍ଟ ହେବାର ଶୁଣା ଯାଇ ନାହିଁ ବରଂ କୃଷିକାର୍ଯ୍ୟ ଉତ୍ତମରୂପେ ଚାଲୁ ଥିବାର ସମ୍ବାଦ ସମସ୍ତ ଦିଗରୁ ଶୁଣା ଯାଏ ।

---

ଇଉରୋପୀୟ ସମାଚାର ।

ଚଳିତମାସ ତା ୧୩ ରଖରେ ବର୍ଲିନ ନଗରଠାରେ କନଗ୍ରେସ ସଭା ବସିଲା । ସେଦିନ ପ୍ରିନ୍ସବିସମାର୍କ ଏ ସଭାର ସଭାପତି ପଦରେ ମନୋନୀତ ହେଲେ ଓ ତାହାଙ୍କ ସହିତ ଲର୍ଡ ବିକନ୍ସଫିଲଡରଙ୍କର ପ୍ରାୟ ଦୁଇଘଣ୍ଟା ପରାମର୍ଶ ହୋଇ ତା ୧୭ ରଖ ସୋମବାର ସଭାର ପ୍ରଥମ ଅଧିବେଶନ ହେବାର ଧାର୍ଯ୍ୟ ହେଲା । ପ୍ରଥମେ ସଭାରେ ବଲଗେରିୟା ବିଷୟରେ ତର୍କ ବିତର୍କ ହେବା ଓ ତଦୁତ୍ତାରୁ କନଷ୍ଟାଣ୍ଟିନୋପଲସ ସମ୍ମୁଖରେ ଉପସ୍ଥିତ ଥିବା ସେନାର ବିଚାର ହେବାର ଥିଲା । ବିଚାରର ଫଳ ଅବଧି ତାରଡାକଯୋଗେ ଆସି ନାହିଁ । ଟାଇମସ୍ ସମ୍ବାଦପତ୍ର ବୋଲନ୍ତି କି ଲର୍ଡ ବିକନ୍ସ ଫିଲଡ ଉତ୍ତମରୂପେ ଆପଣା କଥାମାନ ପ୍ରିନସ୍ ବିସମାର୍କଙ୍କ ମନ ମଧ୍ୟରେ ପ୍ରବିଷ୍ଟ କରାଇଅଛନ୍ତି ଓ ସାଧାରଣ ମତ ଏହି ଯେ ଏ ସଭାର ବିଚାରଦ୍ୱାରା ଇଉରୋପରେ ଚିରକାଳ ପର୍ଯ୍ୟନ୍ତ ଶାନ୍ତିସ୍ଥାପନ ହେବ ଓ ସମସ୍ତ ରାଜା ଏହାଦ୍ୱାରା ସନ୍ତୋଷଜନକ ଫଳ ଲାଭ କରିବେ ।

ତୁରସ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ବର୍ଲିନରେ ଉପସ୍ଥିତ ହୋଇଅଛନ୍ତି । ଏମନ୍ତ ସମ୍ଭବ ହୁଅଇ ଯେ କନଗ୍ରେସ ସଭାର କୌଣସି ଅଧିବେଶନରେ ଗ୍ରୀସରାଜା ଉପସ୍ଥିତ ହୋଇ ପାରିବେ । କିନ୍ତୁ ଯଦ୍ୟପି କନଗ୍ରେସ ଇପାଇରସ ଥେସାଲି ବୋସନିୟା ଓ ହର୍ଜଗୋବିନାକୁ ସ୍ୱାଧୀନତା ଦେବେ ତାହାହେଲେ ତୁରସ୍କର ଉଜିରମାନେ ସଭାରୁ ବାହାରି ଆସିବେ ଏପରି ଆଜ୍ଞା ତୁରସ୍କର ସୁଲତାନ ଦେଇଅଛନ୍ତି ତେମନ୍ତ ଅବସ୍ଥା ହେଲେ ତୁରସ୍କ କେବଳ ସାନ ଷ୍ଟିଫେନୋର ସନ୍ଧି ପତ୍ରରେ ସ୍ୱାକ୍ଷର କରିବ । ଯାହାହେଉ ଇପାଇରସ ଓ ଥେସାଲିର ଭବିଷ୍ୟତ କି ହେବ ତାହା ବର୍ତ୍ତମାନ ବୋଲାଯାଇ ନ ପାରେ କିନ୍ତୁ ସୁଲତାନଙ୍କ ହାତରେ ରହିବା ଏ ଦୁଇ ପ୍ରଦେଶ ଏବଂ ଅନ୍ୟାନ୍ୟ ଖ୍ରୀଷ୍ଟୀୟାନ ପ୍ରଦେଶ ପକ୍ଷରେ ଯେ ବିଧାନ ହେବ ତହିଁରେ ଅନ୍ୟାନ୍ୟ ରାଜାଙ୍କର ବିଶେଷରେ ଇଂଲଣ୍ଡର ପରାମର୍ଶ ନେବାକୁ ହେବ ଏମନ୍ତ ପୂର୍ବରୁ ସ୍ଥିର ହୋଇଅଛି । ଏ ଛଡ଼ା ଆଉ ଯେତେ ବିଷୟ ମାରକୁଇସ ଅବ୍ ସାଲିସବରୀ ଏବଂ କାଉଣ୍ଟ ସୁଅଲଫ ମଧ୍ୟରେ ସ୍ଥିର ହୋଇ ଗତମାସ ତା ୩୦ ରଖରେ ଏକ ସ୍ୱୀକାରପତ୍ର ଲେଖାଯାଇଅଛି ତହିଁରେ ଇଂଲଣ୍ଡ ଅନେକ ଅଧିକାର ଆପଣା ହାତରେ ରଖିଅଛି । ଫଳତଃ ଇଂଲଣ୍ଡର ଯେ ଅଭିପ୍ରାୟରେ ଏତେ କୌଶଳ ଓ ଏତେ ଯୁଦ୍ଧର ଆୟୋଜନ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ତାହା ପୂର୍ଣ୍ଣ ହେବାର ସମ୍ପୂର୍ଣ୍ଣ ଲକ୍ଷଣ ଦେଖାଯାଏ ।

---

ପ୍ରଜାର ଦଖଲିସ୍ୱତ୍ୱ ହସ୍ତାନ୍ତରର ନିୟମ ।

ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଯେ ଦଖଲିସ୍ୱତ୍ୱଭୋଗୀ ପ୍ରଜାମାନେ ଆପଣା ଦଖଲିସ୍ୱତ୍ୱ ହସ୍ତାନ୍ତର କରି ପାରିବା ବିଷୟରେ ଗୋଟିଏ ଆଇନ ହେବ । ବ୍ୟବସ୍ଥାପକ ସଭାରେ ଏ ବିଷୟର ଆଇନ ଉପସ୍ଥିତ କରିବା ପୂର୍ବ ଜମିଦାରଙ୍କ ମତ ଜାଣିବା କାରଣ ଗବର୍ଣ୍ଣମେଣ୍ଟ ଏହି ଇଚ୍ଛାକୁ ଭାରତବର୍ଷୀୟ ସଭାକୁ ଜଣାଇଥିଲେ ସଭା ତହିଁର ପ୍ରତିବାଦ କରି ଏକ ଆବେଦନପତ୍ର ପଠାଇଲେ କିନ୍ତୁ ଗବର୍ଣ୍ଣମେଣ୍ଟ ତାହାଙ୍କ ଆପତ୍ତିମାନ ଖଣ୍ଡନ କରି ଆପଣା ମତାମତ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ କରିଅଛନ୍ତି । ଭାରତବର୍ଷୀୟ ସଭାର ପ୍ରଧାନ ଆପତ୍ତି ଏହି ଯେ ସନ ୧୮୫୯ ସାଲର ୧୦ ଆଇନ ପ୍ରଚାରଦ୍ୱାରା ପ୍ରଜାମାନଙ୍କୁ ଦଖଲିସ୍ୱତ୍ୱ ଦିଆଯିବାରେ ଚିରସ୍ଥାୟୀ ବନ୍ଦୋବସ୍ତର ନିୟମ ଲଙ୍ଘନ ହୋଇ ଜମିଦାରଙ୍କର ଅନେକ ଅନିଷ୍ଟ ହୋଇଅଛି ପୁଣି ଉକ୍ତ ଦଖଲିସ୍ୱତ୍ୱ ହସ୍ତାନ୍ତର କରିବାର ଅଧିକାର ପ୍ରଜାକୁ ଦେଲେ ଜମିଦାରର ସମ୍ପତ୍ତି ଉପରେ କିଛିମାତ୍ର ଅଧିକାର ରହିବ ନାହିଁ । ପ୍ରଜାହି ପ୍ରକୃତପକ୍ଷରେ ଜମିଦାର ହେଲା । ଏଥିକୁ ଗବର୍ଣ୍ଣମେଣ୍ଟ ବୋଲନ୍ତି କି ଦଖଲିସ୍ୱତ୍ୱବାନ୍ ପ୍ରଜା ଉପରେ ବର୍ତ୍ତମାନତ ଜମିଦାରର ଅଧିକାର ଅଛି ଓ ସେହି ଅଧିକାର କୌଣସିରୂପେ ପ୍ରସ୍ତାବିତ ହସ୍ତାନ୍ତରଦ୍ୱାରା ହ୍ରାସ ହେବାର ଆଶଙ୍କା ନାହିଁ । ପ୍ରଜାକୁ ଯେ ସ୍ଥଳେ ଦଖଲିସ୍ୱତ୍ୱ ଦିଆ ଯାଇଅଛି ସେ ସ୍ଥଳେ ତାହା ହସ୍ତାନ୍ତର କରିବାର କ୍ଷମତା ତାହାକୁ ଦେବା ଉଚିତ ତାହା ନ ହେଲେ ଜମିଦାର ପ୍ରଜା ଉପରେ ବାକି ଖଜଣାର ଡିକ୍ରୀ କରି ତାହା ଜାରି କଲେ ପ୍ରଜାର ଉକ୍ତ ସ୍ୱତ୍ୱକୁ କ୍ରୟ କରି ନେବ ଓ ସେ ଜମିକୁ ନିଜ ଜୋତ ବା ଖମାର ଜମି କରି ଦଖଲିସ୍ୱତ୍ୱର ଲୋପ ସାଧନ

Digitized by srujanika@gmail.com

କରିବ । ସୁତରାଂ ପ୍ରଜାର ଦଖଲସ୍ୱତ୍ୱ ସ୍ଥିର ରହିବା କଠିନ ହେବ । ଅତଏବ ଦଖଲସ୍ୱତ୍ୱକୁ ପ୍ରବଳ ରଖିବାକୁ ହେଲେ ତାହା ହସ୍ତାନ୍ତର ଯୋଗ୍ୟ କରିବାର ଉଚିତ । ଏଥିରେ ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଅନେକ ବିବାଦର ସୂତ୍ର ଅଦୃଶ୍ୟ ହେବ ଓ ପ୍ରଜାମାନେ ବିସ୍ତର ଅତ୍ୟାଚାର ଓ ବୃଥା ବ୍ୟୟରୁ ରକ୍ଷା ପାଇବେ ।

ଆମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ମହତ୍ ଅଟଇ ଓ ତାହା ପୂର୍ଣ୍ଣ ହେଲେ ସାଧାରଣର ଉପକାର ହେବ ଏମନ୍ତ ଆଶା ହେଉଅଛି । ଭୂମିର ଉତ୍କର୍ଷ ସାଧନ କରିବା ନିମିତ୍ତେ ପ୍ରଜାର ପ୍ରୟୋଜନ । ପ୍ରଜା କୃଷି କରି ଭୂମିରୁ ସାଧ୍ୟାନୁସାରେ ଲାଭ କରିବାକୁ ଚେଷ୍ଟା କରିବ ମାତ୍ର ଭୂମି ଉପରେ ତାହାର କିଛି ଅଧିକାର ନ ଥିଲେ ସେପରି କରିବାକୁ ତାହାର ପ୍ରବୃତ୍ତି ହେବ ନାହିଁ । ଦଖଲସ୍ୱତ୍ୱ ପ୍ରାପ୍ତ ହେବାରେ ପ୍ରଜାର ଜମିପ୍ରତି କେତେକ ମମତା ହୋଇଅଛି । କିନ୍ତୁ ସେ ଜାଣେ ଯେ ଆପଣା କୃଷିଜମିକୁ ଯେତେ ଆବାଦ କରୁ ଥରେ ଖଜଣା ଦେଇ ନ ପାରିଲେ ଅଥବା ପୀଡ଼ା ଇତ୍ୟାଦିଦ୍ୱାରା କୃଷି କରିବାକୁ ଅକ୍ଷମ ହେଲେ ତାହାର ଦଖଲସ୍ୱତ୍ୱକୁ ଜମିଦାର ଲୋପ କରି ପାରିବ ଓ ସେ ଯେତେ ପରିଶ୍ରମ ଓ ଅର୍ଥ ବ୍ୟୟ କରି ଜମିକୁ ଭଲରୂପେ ଆବାଦ କରିଥିବ ତହିଁର ସମସ୍ତ ଫଳରୁ ସେ ବଞ୍ଚିତ ହେବ ହସ୍ତାନ୍ତର କରିବାର ଅଧିକାର ପ୍ରଜାଠାରେ ଥିଲେ ସେ ଅନାୟାସରେ ଆବଶ୍ୟକ ସମୟରେ ଆପଣା ସ୍ୱତ୍ୱ ବିକ୍ରୟ କରି ଦେଇ ଭୂମିର ଯେ କିଛି ଉନ୍ନତି କରିଥିବ ତହିଁର ସମ୍ପୂର୍ଣ୍ଣ ଫଳ ସେ ପାଇବ । ଏପରି ଭରସା ଦୃଢ଼ରୂପେ ତାହା ମନରେ ସ୍ଥାନ ପାଇଲେ ସେ ନିର୍ଭୟରେ ଏବଂ ଉତ୍ସାହ ସହିତ କୃଷିର ଉନ୍ନତି କରିବାକୁ ଚେଷ୍ଟା କରିବ । ଜମିଦାର ଯେତେ ଚେଷ୍ଟା କରୁ ସେ-ପରି ଉନ୍ନତି କରି ପାରିବ ନାହିଁ କାରଣ ଜମିଦାର ନିଜେ କୃଷି କରିବ ନାହିଁ ଓ କେବଳ କୌଡ଼ି ଲାଳସାରେ ପରିଶ୍ରମ ମନ ଲଗାଇ କାର୍ଯ୍ୟ କରିବା ଲୋକ ଅତି ସୁଲଭ ନୁହଇ । ସୁତରାଂ ଆମ୍ଭେମାନେ ଦେଖୁଅଛୁଁ ଯେ ପ୍ରଜାକୁ ଦଖଲସ୍ୱତ୍ୱ ହସ୍ତାନ୍ତର କରିବାର ଅଧିକାର ଦେବାଦ୍ୱାରା କେବଳ ପ୍ରଜାର ସୁସାର ହେବ ଏମନ୍ତ ନୁହେ ତଦ୍ୱାରା ସାଧାରଣ ଉପକାର ହେବ ଏମନ୍ତ ନିଶ୍ଚୟ ଜଣା ଯାଉଅଛି । କିନ୍ତୁ ପ୍ରଜାକୁ ଏପରି ଅଧିକାର ଦେଲେ ଜମିଦାରର କି ଅନିଷ୍ଟ ହେବ ? ଆମ୍ଭମାନଙ୍କ ବିବେଚନାରେ ଏ ପ୍ରଦେଶରେ କିଛି କ୍ଷତି ହେବାର ସମ୍ଭାବନା ନାହିଁ । ପ୍ରଚଳିତ ବନ୍ଦୋବସ୍ତ ଶେଷ ହେବା ପର୍ଯ୍ୟନ୍ତ ଜମିଦାରଙ୍କର ଦଖଲସ୍ୱତ୍ୱବାନ୍ ପ୍ରଜା ଉପରେ ଯେପରି ଅଧିକାର ଅଛି ସେପରି ଅଧିକାର ରହିବ ଓ ନୂତନ ବନ୍ଦୋବସ୍ତରେ ପ୍ରାୟ ସମସ୍ତ ପ୍ରଜା ଥାନିରଇତ ହୋଇଯିବେ ଓ ଜମିଦାର କେବଳ ଏକପ୍ରକାର ତହସିଲଦାର ତୁଲ୍ୟ ହେବ । ସୁତରାଂ ଓଡ଼ିଶାପ୍ରଦେଶ ପରି ସାମୟିକ ବନ୍ଦୋବସ୍ତୀମାହାଲ ବିଷୟରେ ଜମି-ଦାରଙ୍କର ଆପତ୍ତି କରିବାର ବାଟ ନାହିଁ ଓ ତାହାଙ୍କର କ୍ଷତି ହେବାର ଚିନ୍ତା କରିବା ମଧ୍ୟ ଅନାବଶ୍ୟକ କାରଣ ଆଗାମୀ ବନ୍ଦୋବସ୍ତ ସମୟରେ ଗବର୍ଣ୍ଣମେଣ୍ଟ ଯାହା କରିବେ ତହିଁରେ ସେମାନଙ୍କର କିଛି ବୋଲିବାର ନାହିଁ । ମାତ୍ର ଚିରସ୍ଥାୟୀ ବନ୍ଦୋବସ୍ତୀମାହାଲର ଜମିଦାରଙ୍କର ବିଶେଷ କ୍ଷତି ହେବାର ସମ୍ଭାବନା । ପ୍ରଜାଙ୍କର ଦଖଲସ୍ୱତ୍ୱ ହସ୍ତାନ୍ତର କରିବାର ଅଧିକାର ହେଲେ ଜମିଦାରଙ୍କର ତାହାଙ୍କ ଉପରେ ଆଉ କିଛି ବଳ ରହିବ ନାହିଁ କିମ୍ବା ଅଧିକା ଲାଭ ହେବ ନାହିଁ ସୁତରାଂ ସେମାନେ ଏକପ୍ରକାର ପେନସନଭୋଗୀ ହୋଇ ରହିବେ । ମାତ୍ର ଏହା ବୋଲି ସେମାନଙ୍କର ହତାଶ ହେବାର କାରଣ ନାହିଁ । ସକଳ ସମୟରେ ଏକପ୍ରକାର ଅବସ୍ଥା ରହି ନ ପାରେ । ଦିନ ୨ ଯେ ସମସ୍ତ ପରିବର୍ତ୍ତନ ହେଉଅଛି ତହିଁରେ ରଜା ଓ ଜମିଦାରଙ୍କର ପୂର୍ବ ଅଧିକ କ୍ରମଶଃ ହ୍ରାସ ହେଉଅଛି ଓ ଏହି ପରି ହ୍ରାସ ହେଉଥିବ । ଏଣିକି ପ୍ରଜା ଓ ସାମାନ୍ୟଲୋକଙ୍କର ଉନ୍ନତିର ସମୟ ସେମାନେ ଯେମନ୍ତ ଶ୍ରମ କରୁଅଛନ୍ତି ତେମନ୍ତ ଫଳ ଲାଭ କରିବେ କେହି ତାହା ନିବାରଣ କରି ପାରିବ ନାହିଁ । ସୁତରାଂ ଜମିଦାର ଓ ପ୍ରଜା ମଧ୍ୟରେ ଭିନ୍ନ ସମ୍ବନ୍ଧ ସ୍ଥାପନ ନ ହେଲେ ସୁଚାରୁରୂପେ କର୍ମ ଚଳିବ ନାହିଁ ।

---

## ସାପ୍ତାହିକସଂବାଦ ।

ଏ ସପ୍ତାହରେ ଓଲାଉଠା ରୋଗ ଏ ନଗରରେ ଅତ୍ୟନ୍ତ ପ୍ରବଳ ହୋଇଅଛି । ଗତ ଦୁଇ ତିନି ଦିନରେ ଅନେକ ଗୁଡ଼ିଏ ଲୋକ ମରି ଯାଇଅଛନ୍ତି ବଡ଼ ଦୁଃଖର ବିଷୟ ଅଟଇ ।

ଗଡ଼ଜାତ ପୁଲିସସୁପରିଣ୍ଟେଣ୍ଡେଣ୍ଟ ପୁଲସାହେବ ପାବନା ଜିଲ୍ଲାକୁ ବଦଲି ହୋଇଅଛନ୍ତି ଏବଂ ଏହାଙ୍କର ଗଡ଼ଜାତ କାର୍ଯ୍ୟରେ ତ୍ରୁଟି ହେବାରୁ ତହିଁର ଦଣ୍ଡସ୍ୱରୂପ ଏକଶ୍ରେଣୀ ତଳକୁ ଖସି ଆସି ଅଛନ୍ତି ।

କଟକର ଅବକାଶ ଦାରୋଗା ଓ ଜଣେ ଚପରାଶୀ ଉତ୍କୋଚ ନେବା ଅଭିଯୋଗରେ ଫଉଜଦାରୀ ସୁପୋର୍ଦ୍ଦ ହୋଇଅଛନ୍ତି ଓ ବାବୁ ଶିବଚନ୍ଦ୍ର ପଟ୍ଟନାୟକ ଏକ୍ଟିଂ ଦାରୋଗା ନିଯୁକ୍ତ ହୋଇଅଛନ୍ତି ।

ଏତେ ଦିନରେ ଶ୍ରୀଯୁକ୍ତ ରେଭେନସା ସାହେବ ଓଡ଼ିଶାରୁ ପକ୍କା ବଦଲି ହେଲେ । ବୋର୍ଡ଼ର ମେମ୍ବର ମନି ସାହେବ ଉକ୍ତ ପଦରୁ ଚିରକାଳ ନିମିତ୍ତ ବିଦାୟ ଗ୍ରହଣ କରିବାରୁ ଶ୍ରୀଯୁକ୍ତ କର୍କ-ଲଣ୍ଡ ସାହେବ ମେମ୍ବର ପଦରେ ବାହାଲ ହେଲେ ଓ ଶ୍ରୀଯୁକ୍ତ ରେଭେନସା ସାହେବ ବର୍ଦ୍ଧମାନର କମିଶ୍ନର ନିଯୁକ୍ତ ହେଲେ । ଓଡ଼ି-ଶାର କମିଶ୍ନରପଦରେ କେହି ବାହାଲ ହୋଇ ନାହାନ୍ତି । ଅନୁମାନ ହୁଅଇ ଆମ୍ଭମାନଙ୍କର ବର୍ତ୍ତମାନ କମିଶ୍ନର ସ୍ମିଥ ସାହେବ ଏହିଠାରେ ବାହାଲ ହେବେ ।

ଆମ୍ଭେମାନେ ଶୁଣିଲୁଁ ଯେ ବାବୁ ଶ୍ରୀନାଥଭଦ୍ର ଡେପୁଟୀକଲେକ୍ଟର ବାଲେଶ୍ୱରକୁ ଯିବା ବିଷୟରେ ଆପତ୍ତି କରି ଯେଉଁ ଡାକ୍ତରୀ ସାର୍ଟିଫିକଟ ଗବର୍ଣ୍ଣମେଣ୍ଟକୁ ପଠାଇଥିଲେ ତାହା ଗ୍ରାହ୍ୟ ହେଲା ନାହିଁ ଅତଏବ ବାବୁ ଜଗନ୍ମୋହନରାୟ ଉକ୍ତ ଜିଲ୍ଲାକୁ କିଛିକାଳ ନିମିତ୍ତେ ବଦଲି ହେବାର ଜନରବ ସାର୍ଥ ହେବାର ସମ୍ଭାବନା ନାହିଁ ବଡ଼ ସୁଖର ବିଷୟ ଅଟଇ । ଶ୍ରୀନାଥ ବାବୁଙ୍କ ଶାରୀରିକ ଅବସ୍ଥା ଯେପରି ଦେଖା ଯାଏ ତହିଁରେ ଗବର୍ଣ୍ଣମେଣ୍ଟ ତାହାଙ୍କ ପକ୍ଷରେ କିଛି ସୁବିଚାର କଲେ ବଡ଼ ଭଲ ହେବ ।

ଆମ୍ଭମାନଙ୍କ କଲେକ୍ଟର ବିଡନ ସାହେବ ଆଉ ଏକମାସ ଛୁଟୀ ପ୍ରାର୍ଥନା କରିଅଛନ୍ତି । ସେ ଗତ ମଙ୍ଗଳବାର କଲିକତାକୁ ଯାତ୍ରା କଲେ ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ ନିମିତ୍ତେ ନିଯୁକ୍ତ ହୋଇଥିବା ସମସ୍ତ ସର୍କଲ ଅଫିସର ଏଥର କାର୍ଯ୍ୟାରମ୍ଭ କଲେ । ଲୋକଙ୍କଠାରୁ ଟାକ୍ସ ଆଦାୟ କରିବାକୁ ଆଉ ବିଲମ୍ବ ହେବ ନାହିଁ ।

କଦମାଲର ତହସିଲଦାର ଛଅମାସର ଛୁଟୀ ପ୍ରାର୍ଥନା କରିବାରୁ ତାହାଙ୍କ ଏକ୍ଟିଂ ଜଣେ ଖୋଜା ପଡ଼ୁଅଛି । ଏଥି ପୂର୍ବେ ରେଭେନସା ସାହେବ ଏକଥର ଗଞ୍ଜାମରୁ ଏକଜଣ ଏକ୍ଟିଂ ଆଣିଥିଲେ । ବର୍ତ୍ତମାନ କମିଶ୍ନର କି କରିବେ ଦେଖା ଯିବ ।

Digitized by srujanika@gmail.com

୧। ସ୍କୁଲଭ୍ରମାଗ୍ରେର ଲେଖିଅଛନ୍ତି ଯେ ପ୍ରାଚୀନ ଆର୍ଯ୍ୟଗଣ କେବଳ ଯେ ଧର୍ମଶାସ୍ତ୍ର ଲେଖି ତପସ୍ୟା କରି କାଳକ୍ଷୟ କରୁଥିଲେ ତାହା ନୁହେ, କବିରାଜ କାମାଚରଣ କବିରତ୍ନ ଯେଉଁ ଚରକସଂହିତା ଅନୁବାଦ କରୁଅଛନ୍ତି ତହିଁରୁ ଦେଖାଯାଏ, ୮୪ ପ୍ରକାର ମଦର ଉଲ୍ଲେଖ ଅଛି। ପୂର୍ବେ ଏହି ସକଳ ମଦ ପ୍ରଚଳିତ ଥିଲା। ଧାନ୍ୟମଦ ୪ ରକମ, ଫଳରୁ ଉତ୍ପନ୍ନ ୨୬ ପ୍ରକାର, ମୂଳରୁ ୧୧, କ୍ଷୀର ବୃକ୍ଷଗଛରୁ ୨୦, ଫୁଲରୁ ୧୦, ଉଦ୍ଭିଦରୁ ୨, ଗଛବକଲରୁ ୪, ଗୁଡ଼ରୁ ଏକପ୍ରକାର। ଏ ବିଷୟରେ ବୋଧ ହୁଏ ଏମାନେ ଇଂରାଜମାନଙ୍କୁ ହରାଇ ଦେଇଅଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଏତେ ପ୍ରକାର ମଦ ଥାଇ ମଧ୍ୟ ସେମାନଙ୍କର ମଦ୍ୟାସକ୍ତି ନ ଥିଲା। ରୋଗରେ ଏହା ବ୍ୟବହାର ହେଉଥିଲା ଏବଂ ତହିଁରେ ସ୍ୱାସ୍ଥ୍ୟର ଅନେକ ଉପକାର ହେଉଥିଲା। ଆମୋଦ ପାଇଁ କେହି ପ୍ରାୟ ଆଜି କାଲି ପରି ମଦ ଖାଉ ନ ଥିଲେ। ବରଂ ଅଧିକାଂଶ ଲୋକ ଏ ବିଷୟରୁ ନିର୍ଦ୍ଦୋଷ ଥିଲେ। ଇନ୍ଦ୍ରିୟସଂଯମ ବିଷୟରେ ଆର୍ଯ୍ୟମାନଙ୍କର ଅସାଧାରଣ କ୍ଷମତା ଓ ଦୃଢ଼ତା ଥିଲା। ଏହି ମହତ୍ଗୁଣ ଯେବେ ଆମ୍ଭେମାନେ ସେମାନଙ୍କ ନିକଟରୁ ଶିକ୍ଷା ନ କରୁଁ ତେବେ ବିଳାସ ବାସନା ଏବଂ ଭୋଗତୃଷ୍ଣା ହିନ୍ଦୁସମାଜକୁ ନିତାନ୍ତ ସୁଖପ୍ରିୟ ଅଳସ ତେଜୋହୀନ କରି ପକାଇବ। ସେମାନେ ବିଳାସୀ ନ ଥିଲେ ବୋଲି ସେମାନଙ୍କର ମାନସିକ ବଳ ବୀର୍ଯ୍ୟ ଏତେ ଅଧିକ ଥିଲା। ବର୍ତ୍ତମାନ କାଳର ଶିକ୍ଷିତଦଳ ମାନସିକ କ୍ଷମତାରେ ଏବଂ ବୁଦ୍ଧିଶକ୍ତିରେ କି ସେମାନଙ୍କର ସମତୁଲ୍ୟ ହୋଇ ପାରୁଅଛନ୍ତି।

୨। ଆମେରିକାର ଅନ୍ତର୍ଗତ କଲମ୍ବିଆ ନଗରର ଶିକ୍ଷା ବିଷୟକ କର୍ତ୍ତୃପକ୍ଷ—ନୀତିଶିକ୍ଷା ସମ୍ବନ୍ଧରେ ଗୋଟିଏ ଉତ୍କୃଷ୍ଟ ଆଇନର ପ୍ରସ୍ତାବ କରିଅଛନ୍ତି। ପ୍ରତ୍ୟେକ ସ୍କୁଲର ବାଳକମାନଙ୍କୁ ପରିଶ୍ରମ ଶୀଳତା, ନୀୟମ ଓ ସମୟ ରକ୍ଷା, ପରିମିତ ବ୍ୟବହାର, ଧୈର୍ଯ୍ୟ, ତ୍ୟାଗସ୍ୱୀକାର, ସ୍ୱାସ୍ଥ୍ୟ, ପବିତ୍ରତା, ସରଳତା, ସୁଶୃଙ୍ଖଳା, ସତ୍ୟ, ନ୍ୟାୟ, ଭଦ୍ରତା, ଶାନ୍ତି, ଦୟା, ବିଶ୍ୱସ୍ତତା, ଦେଶହିତୈଷଣା, ଆଶା, ଅଭ୍ୟାଦର, ସାହସ, ସ୍ୱାବଲମ୍ବନ, କୃତଜ୍ଞତା, ଚିନ୍ତା, ବିବେକ, ଏହି ସମସ୍ତ ବିଷୟରେ ଶିକ୍ଷାଦେବା ତହିଁର ଉଦ୍ଦେଶ୍ୟ।

ଗତମାସ ତା ୧ ରିଖରେ କଶ୍ମୀର ରାଜା ଏକ ବୃହତ୍ ଦରବାର କରିଥିଲେ ତହିଁରେ ରାଜ୍ୟର ପ୍ରଧାନ ବ୍ୟକ୍ତିମାନେ କେବଳ ଉପସ୍ଥିତ ଥିଲେ ଏମନ୍ତ ନୁହେ ଅନେକ ସାମାନ୍ୟ ପ୍ରଜା ମଧ୍ୟ ଉପସ୍ଥିତ ଥିଲେ। ନାଚ ଭୋଜନ ବକ୍ତୃତା ଇତ୍ୟାଦ ଆମୋଦ ପ୍ରମୋଦ ହୋଇଥିଲା। ପ୍ରଜାମାନେ ଏଥିରେ ଭାରି ଆନନ୍ଦିତ ହୋଇଥିଲେ। ରାଜା ପ୍ରଜାଙ୍କ ମଧ୍ୟରେ ସଦ୍ଭାବ ରକ୍ଷିବା ସକାଶେ ଏ ପ୍ରକାର ଉତ୍ସବ ହିତକର ଅଟଇ।

ପଞ୍ଜାବର ସଟଲେଜ ନଦୀ ଉପରେ ଏକ ଭାରି ସେତୁ ନିର୍ମାଣ ହୋଇଅଛି ଶ୍ରୀମତୀ ଭାରତେଶ୍ୱରୀଙ୍କ ଇଚ୍ଛାନୁସାରେ ତାହାର ନାମ ଭାରତେଶ୍ୱରୀ ସେତୁ ହୋଇଅଛି। ଅତ୍ୟନ୍ତ ସମାରୋହ ସହିତ ଏହି ସେତୁଟି ଗତସପ୍ତାହ ଶନିବାର ଦିନ ପ୍ରତିଷ୍ଠିତ ହେଲା।

ମାନ୍ଦ୍ରାଜରେ ଆଉ ଏକ ବିପଦ ଉପସ୍ଥିତ ହୋଇଅଛି। ସେଠା କ୍ଷେତରେ ଭାରି ପୋକ ଲାଗିଅଛି ଓ ପୋକର ଦଳ ଅତ୍ୟନ୍ତ ବୃଦ୍ଧି ହେଉଅଛି। କଥିତ ହୁଅଇ ଯେ ରେଲସଡ଼କରେ ଏକଦିନ ଏତେ ପୋକ ବସିଥିଲେ ଯେ ଗାଡ଼ି ତାହାଙ୍କୁ ମାଡ଼ିଦେଇ ଯାଉଁ ଅଚଳ ହୋଇଗଲା। ପୋକଦେହର ଅଠାରେ ଗାଡ଼ିର ଚକସବୁ ରେଲ ଦେହରେ ଲାଗି ରହିଲା।

ଗତସପ୍ତାହ ବୁଧବାର କଲିକତା ସିଆଲଦହରେ ଅକସ୍ମାତ୍ ଜଣେ ଦୁଃଖିଲୋକର ଘରେ ଅଗ୍ନି ଲାଗିଲା। ସେ କାଳରେ ବତାସ ତେଜ ଥିଲା ଦେଖୁ ଦେଖୁ ଅଗ୍ନି ଏମନ୍ତ ବିସ୍ତାର ହେଲା ଯେ ଦୀର୍ଘପ୍ରସ୍ଥ ଏକମାଇଲ ଆୟତନରେ ସମସ୍ତଘର ପୋଡ଼ିଗଲା ଅନେକ ଗୋରୁ ଗାଈ ଓ ସମ୍ପତ୍ତି ନଷ୍ଟ ହେଲା ଏବଂ ପାଞ୍ଚୋଟି ପିଲା ପୋଡ଼ି ମରିଗଲେ। ବହୁମନୁଷ୍ୟ କେତେ ଶକ୍ତପୀଡ଼ା ପାଇଅଛନ୍ତି। ଦୁଃଖୀଙ୍କ ସାହାଯ୍ୟ ସକାଶେ ଚାନ୍ଦା ସଂଗୃହୀତ ହେଉଅଛି।

ମେଦିନୀପୁର ଅଞ୍ଚଳର ଗୋଲକେନ୍ଦ୍ରନାରାୟଣ ଗୁପ୍ତ ନାମରେ ଏକଜଣ ରାଜା ଡକାଇତି ମୋକଦ୍ଦମାରେ ଦଶବର୍ଷ କାରାବାସର ଦଣ୍ଡ ପାଇଥିଲେ। ତାହାଙ୍କର ସ୍ତ୍ରୀ ଓ ଏ ଦେଶର ବଡ଼ ଲୋକଙ୍କ ଅନୁରୋଧରେ ଉକ୍ତ କଇଦର ଛଅବର୍ଷ ମିଆଦ ବାକି ଥାଉଁ ଛୋଟଲାଟ ସାହେବ ଏହାଙ୍କୁ ଖଲାସ ଦେଇଅଛନ୍ତି। ପୁଣି ରାଜାଙ୍କ ପକ୍ଷରେ ଏହି ପରି କିଛି ସୁବ୍ୟବସ୍ଥା ହେଲେ ବଡ଼ ଭଲ ହେବ।

ମାଲବାରର ପ୍ରଜାମାନଙ୍କୁ ଗତ ଦୁର୍ଭିକ୍ଷ ସମୟରେ ସରକାର ଯେଉଁ ଟଙ୍କା ଦାଦନ ଦେଇଥିଲେ ତହିଁ ମଧ୍ୟରୁ ୫୧୬୭୮ ଟଙ୍କା ଦୁଃଖୀ ପ୍ରଜାଙ୍କ ଉପରେ ପାଉଣା ହେବାରୁ ଆଦାୟ ହୋଇ ନ ପାରିଲା। ଅତଏବ ଗବର୍ଣ୍ମେଣ୍ଟ ତାହା ଛାଡ଼ି ଦେଲେ।

ପୁନାରେ ଗତ ଅପ୍ରେଲ ମାସ ତା ୨୬ ରିଖରୁ ଆଦୌ ବୃଷ୍ଟି ନ ହେବରୁ ଲୋକେ ବ୍ୟସ୍ତ ହୋଇ ପୂଜା ଇତ୍ୟାଦ କରୁଅଛନ୍ତି। ନଗରବାସୀ ବ୍ରାହ୍ମଣମାନେ ସଭା କରି ବୃଷ୍ଟି ହେବା ପର୍ଯ୍ୟନ୍ତ ଅନୁଷ୍ଠାନ କରିବାର ସ୍ଥିର କରିଅଛନ୍ତି।

ଆମେରିକାର ଏକ ସଂବାଦପତ୍ରରୁ ଜଣାଯାଏ ଯେ ବାୟୁଗାଡ଼ିମାନ ସେଠାରେ ଗତାୟାତ କରିବାର ଆରମ୍ଭ ହେଲାଣି। ଏ ସବୁ ଗାଡ଼ି ଘରଚକିଆ ଉଚ୍ଚ ଛଅଫିଟ ଲେଖାଏଁ ଏଥିରେ ମାସ୍ତୁଲ ଲାଗିଥାଏ ଓ ତହିଁରେ ପାଲ ଟଣା ହୁଅଇ। ଯେମନ୍ତ ପାଲରେ ପବନ ଲାଗିଲେ ସମୁଦ୍ରରେ ଜାହାଜ ଚାଲଇ ସେହିପରି ପବନବଳରେ ଏ ଗାଡ଼ି ଚାଲଇ। ସଚରାଚର ଏକ ଘଣ୍ଟାରେ ୩୦ ମାଇଲ ବାଟ ଚାଲଇ ଓ ପବନ ଟିକିଏ ବଳବତ୍ତର ହେଲେ ୪୦ ମାଇଲ ଚାଲଇ। କାଷ୍ଟିଫୁଗଲଟ ଅର୍ଥାତ୍ ରେଲଗାଡ଼ିଠାରୁ ଏ ଗାଡ଼ି ସସ୍ତାରେ ଯିବାଅସିବା କରୁଥିବ। ଭଲ ଓଡ଼ିଶାରେ ଏହିପରି ଗଣ୍ଡେକେତେ ଗାଡ଼ି ହୁଅନ୍ତା।

ହାଇକୋର୍ଟ ଫଏସଲା କରିଅଛନ୍ତି କି ଏକ ଇଜମାଲ ମାହାଲର ଜଣେ ସରିକଦାରର ଇଚ୍ଛାଦ୍ୱାର କେବଳ ଅପଣା ଅଂଶର ଖଜଣା ବୃଦ୍ଧି କରି ନ ପାରେ। ଖଜଣା ଆଇନରେ ଏକ ରଇତର ଖଜଣାର ଏକଅଂଶ ବୃଦ୍ଧି ହେବାର କିଛି କଥା ନାହିଁ।


ADVERTISEMENT.

Wanted an additional teacher for the Balasore Zillah School on a salary of Rs. 25 a month.

Applications should be received in the office of the District School Committee, Balasore, within a month at the latest.

The applicants should have passed the Entrance Examination of the Calcutta University and should possess qualifications required to make a good teacher.

Balasore, The 17th June 1878. — Kunja Bihari Pal, Secretary D. S. C.


ଏହି ଉତ୍କଳ ଦୀପିକା ସହରର ବଡ଼ ଦରଗାବଜାର-ସ୍ଥିତ କଂପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com